# ଧରିତ୍ରୀ
DHARITRI

ରାୟଗଡ଼ା, ରବିବାର, ସେପ୍ଟେମ୍ବର ୩୦ /୨୦୧୮ (୧୬ ପୃଷ୍ଠା) (ଛୁଟିଦିନ ସହ) Rayagada, Sunday, September 30 / 2018 ★

୮ମ ଭାଗ ୨୩୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




## ବାୱ୍ରେନ୍‌ଙ୍କ ଅପରାଜିତ ଶତକ

ୱେଷ୍ଟଇଣ୍ଡିଜ୍ ବିପକ୍ଷ ଅଭ୍ୟାସ ମ୍ୟାଚ୍‌ରେ ଭାରତୀୟ ବୋର୍ଡ ସଭାପତି ଏକାଦଶର ଅଙ୍କିତ ବାୱ୍ରେ ଅପରାଜିତ ଶତକ ହାସଲ କରିଛନ୍ତି।


୧୫ ୦୨


## ‘ମଣିକର୍ଣ୍ଣିକା’ ପାଇଁ ଗର୍ବ ଅନୁଭବ କରେ: କଙ୍ଗନା

‘ମଣିକର୍ଣ୍ଣିକା: ଦି କୁଇନ୍ ଅଫ୍ ଝାନ୍ସି’ ପାଇଁ ଖୁବ୍ ଗର୍ବ ଅନୁଭବ କରେ ବୋଲି ବଲିଉଡ୍ ଅଭିନେତ୍ରୀ କଙ୍ଗନା ରଣାୱତ୍ ପ୍ରକାଶ କରିଛନ୍ତି।








# ଏନ୍. ରବି ପିଟିଆଇ ମୁଖ୍ୟ

ନୂଆଦିଲ୍ଲୀ,୨୯।୯(ପି.ଟି.) –ଇଂଲିଶ୍ ଦୈନିକ ‘ଦି ହିନ୍ଦୁ’ର ପ୍ରକାଶକ ଏନ୍.ରବି ଶନିବାର ଦେଶର ସର୍ବବୃହତ୍ ନ୍ୟୁଜ୍ ଏଜେନ୍ସି ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ (ପିଟିଆଇ) ଅଧକ୍ଷ ନିର୍ବାଚିତ ହୋଇଛନ୍ତି। ସେହିପରି ‘ପଞ୍ଜାବ କେଶରୀ’ ମୁଖ୍ୟ ସମ୍ପାଦକ ବିଜୟ୍ କୁମାର ଚୋପ୍ରା ସର୍ବସମ୍ମତିକ୍ରମେ ପିଟିଆଇର ନୂଆ ଉପାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି।

୭୦ ବର୍ଷୀୟ ରବି ଏକ୍ସପ୍ରେସ୍ ଗ୍ରୁପ୍‌ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବିବେକ ଗୋଏଙ୍କାଙ୍କ ସ୍ଥାନରେ ଏହି ନୂଆ ଦାୟିତ୍ୱ ନେବେ। ରବି ପୂର୍ବରୁ ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆର ଅଧକ୍ଷ ଦାୟିତ୍ୱ ମଧ ତୁଲାଇ ସାରିଛନ୍ତି। ସେ ୨୦୦୬ରୁ ୨୦୦୮ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ନ୍ୟାଶନାଲ ଇଣ୍ଟିଗ୍ରେଶନ୍ କାଉନ୍‌ସିଲ୍‌ର ସଦସ୍ୟ ଥିଲେ। ଆମେରିକାର ହାର୍ୱାର୍ଡ ଲ ସ୍କୁଲ ଓ ଅକ୍ସଫୋର୍ଡ ୟୁନିଭର୍ସିଟି ଭଳି ପ୍ରତିଷ୍ଠିତ ଉଚ୍ଚ ଶିକ୍ଷାନୁଷ୍ଠାନରେ ମଧ ରବି ଫେଲୋ ଥିଲେ। ନୂଆଦିଲ୍ଲୀରେ ଶନିବାର ଅନୁଷ୍ଠିତ ପିଟିଆଇର ୭୦ତମ ବାର୍ଷିକ ସାଧାରଣ ବୈଠକରେ ବୋର୍ଡ ଅଫ୍ ଡାଇରେକ୍ଟର୍ସ ଏହି ନିର୍ବାଚନରେ ଭାଗନେଇଥିଲେ।

### ଆଜିର ସମ୍ପାଦକୀୟ

**ହିନ୍ଦୁରାଷ୍ଟ୍ର ଅସମ୍ଭବ**

### ଆଜିର ମନ୍ତବ୍ୟ

“ଲକ୍ଷ୍ୟ ବିନା ଶିକ୍ଷାଗ୍ରହଣ କେବଳ ପ୍ରମାଣପତ୍ର ହାସଲ ଲାଗି ଉଦ୍ଦିଷ୍ଟ।

- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

### କିଛି ତଥ୍ୟ

ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୧.୩ବିଲିୟନ ବୃଦ୍ଧି ଘଟି ୪୦୧.୭୯୦ ବିଲିୟନ ଡଲାର ଛୁଇଁଛି। ଏହା ଗତ ସପ୍ତାହରେ ୧.୨୦୭ ବିଲିୟନ ବୃଦ୍ଧି ଘଟି ୪୦୦.୪୮୯ ବିଲିୟନ ଡଲାର ରହିଥିଲା।

–ଭାରତୀୟ ରିଜର୍ଭ ବ୍ୟାଙ୍କ


**BISHANDAYAL JEWELLERS**
BIS: 916
Sriya Square, Bhubaneswar
Deals in : Gold, Diamond & Silver
Gold 24 CT - ₹ 31,400/- 10gm.
Gold 22 CT - ₹ 30,300/- 10gm.
Silver Rate - ₹ 370/- /10gm.
Making Charge - ₹100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE 29.09.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 58 | 103 | 113 |
| CTC | 59 | 105 | 115 |
| DKL | 60 | 106 | 116 |
| BDK | 61 | 107 | 117 |
| BLS | 61 | 107 | 117 |
| ANG | 59 | 105 | 115 |

*Conditions Apply
Eggs Retail Price- 48/-Dozen
Issued in the Interest of Consumers


# ୩ ସ୍ଥାନରେ ବାଘଙ୍କ ସନ୍ଧାନ ମିଳିଲା

- ରାଜ୍ୟରେ ୬୦ରୁ ଊର୍ଦ୍ଧ୍ୱ ବାଘ ଥିବା କହିଲେ ମନ୍ତ୍ରୀ
- ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ଅସ୍ୱୀକାର

ଭୁବନେଶ୍ୱର, ୨୯।୯(ବ୍ୟୁରୋ)

ରାଜ୍ୟରେ ୩ଟି ସ୍ଥାନରେ ମହାବଳ ବାଘ ଥିବାର ସନ୍ଧାନ ମିଳିଛି। ସୁନ୍ଦରଗଡ ଜିଲାର ହେମଗିର ଜଙ୍ଗଲ, ହୀରାକୁଦର ଡେବ୍ରିଗଡ଼ ଜଙ୍ଗଲ ଏବଂ ରାୟଗଡ଼ା ଜିଲାର ମୁନିଗୁଡ଼ା ବନାଞ୍ଚଳରେ ମହାବଳ ବାଘ ଥିବା ସନ୍ଧାନ ମିଳିଛି ବୋଲି ଶନିବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ କହିଛନ୍ତି। ପୂର୍ବରୁ ଏହି ସ୍ଥାନରେ ବାଘ ଥିବା ଜଣାପଡ଼ିଥିଲା। ତେଣୁ ସେଠାରେ କ୍ୟାମେରା ଲଗାଯାଇଥିଲା। ଏସବୁ ଜଙ୍ଗଲରେ ମହାବଳ ବାଘ ଥିବାର ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି। ମନ୍ତ୍ରୀ କହିଛନ୍ତି, ଆମ ରାଜ୍ୟରେ ମହାବଳ ବାଘଙ୍କ ପାଇଁ ଜଙ୍ଗଲରେ ବହୁ ମାତ୍ରାରେ କ୍ଷମତା ରହିଛି। ଆଶା କରୁଛୁ ଆଗକୁ ସଂଖ୍ୟା ବୃଦ୍ଧି ପାଇବ। ବର୍ତ୍ତମାନ ରାଜ୍ୟରେ ୬୦ରୁ ଊର୍ଦ୍ଧ୍ୱ ମହାବଳ ବାଘ ରହିଛନ୍ତି। ଡେବ୍ରିଗଡ଼ ଏବଂ ସୁନାବେଡ଼ାକୁ ବ୍ୟାଘ୍ର ଅଭୟାରଣ୍ୟ କରିବା ପାଇଁ କେନ୍ଦ୍ରକୁ ଚିଠି ଲେଖାଯାଇଥିବା ମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୬ରେ ରାଜ୍ୟରେ ୪୦ ମହାବଳ ବାଘ ଓ ୩୧୮ କଲରାପତରିଆ ବାଘ ଥିବା ସରକାର କହିଥିଲେ। କିନ୍ତୁ ୨୦୧୪ ଏନ୍‌ଟିସିଏ(ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ) ରିପୋର୍ଟ ଅନୁସାରେ ରାଜ୍ୟରେ ୨୮ଟି ବାଘ ଥିବା ଦର୍ଶାଯାଇଥିଲା। ଏହି ରିପୋର୍ଟକୁ ରାଜ୍ୟ ସରକାର ଗ୍ରହଣ କରି ନ ଥିଲେ। ସରକାର ନିଜ ତରଫରୁ ଗଣନା କରି ରାଜ୍ୟରେ ୪୦ଟି ବାଘ ଥିବା କହିଥିଲେ। ଅନ୍ୟପଟେ ରାଜ୍ୟରେ ଏତେ ମାତ୍ରାରେ ବାଘ ସଂଖ୍ୟା ବୃଦ୍ଧି ପାଇବା ଘଟଣାକୁ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ସ୍ୱୀକାର କରିପାରୁନାହାନ୍ତି। ଯଦି ରାଜ୍ୟରେ ଏତେ ସଂଖ୍ୟାରେ ବାଘ ଅଛନ୍ତି ବୋଲି ସରକାର କହୁଛନ୍ତି, ତେବେ ଅନ୍ୟ ରାଜ୍ୟରୁ ବାଘ ଆଣି କୋଟି କୋଟି ଟଙ୍କା କ’ଣ ପାଇଁ ଖର୍ଚ୍ଚ କରାଯାଉଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞ ଡ. ବିଶ୍ୱଜିତ୍ ମହାନ୍ତି କୁହନ୍ତି, ଅନ୍ୟ ରାଜ୍ୟରୁ



ଯଦି ବାଘ ଆମ ରାଜ୍ୟକୁ ଚାଲିଆସିବେ ତେବେ ସଂଖ୍ୟା ବଢ଼ିବାର ☞ପୃଷ୍ଠା–୪


ଆପଣଙ୍କ ଏହି କପି ସହିତ ପାଇବେ **ଛୁଟିଦିନ**




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


## ଜାତିସଂଘରେ ବର୍ଷିଲେ ସୁଷମା

# ଆତଙ୍କବାଦ ପାକିସ୍ତାନର ଜାତୀୟ ନୀତି

ଜାତିସଂଘ,୨୯।୯(ପି.ଟି.)

ଆତଙ୍କବାଦ ପାକିସ୍ତାନର ଜାତୀୟ ନୀତିରେ ପରିଣତ ହୋଇଛି। ପଡ଼ୋଶୀ ଦେଶ ଆତଙ୍କବାଦକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରୁଛି। ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ର ୭୩ତମ ଅଧିବେଶନରେ ଶନିବାର ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଏଭଳି ଭାଷାରେ ଇସ୍‌ଲାମାବାଦ ଉପରେ ବର୍ଷିଛନ୍ତି।

ୟୁଏନ୍‌ଜିଏ ସାଧାରଣ ବିତର୍କରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ସୁଷମା ଉଦ୍‌ବୋଧନ ଦେଇଛନ୍ତି। ସେ ବିଶ୍ୱ ନେତୃବୃନ୍ଦଙ୍କୁ ସମ୍ବୋଧିତ କରି ଆତଙ୍କବାଦକୁ ସମଗ୍ର ମାନବ ଜାତି ପାଇଁ ବିପଦ ଭାବେ ଅଭିହିତ କରିଛନ୍ତି। ସେ କହିଛନ୍ତି, ଆତଙ୍କବାଦ ଓ ଜଳବାୟୁ ପରିବର୍ତ୍ତନ ବିଶ୍ୱ ସମୁଦାୟ ଆଗରେ ସବୁଠୁ ବଡ଼ ଆହ୍ୱାନ ହୋଇ ଛିଡ଼ାହୋଇଛି। ୯/୧୧ ନ୍ୟୁୟର୍କ ଆକ୍ରମଣର ମାଷ୍ଟରମାଇଣ୍ଡ ଓସାମା ବିନ୍ ଲାଡେନ୍‌ଙ୍କୁ ନିପାତ କରାଯାଇଛି। ହେଲେ ୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ଷଡ଼ଯନ୍ତ୍ରକାରୀ ହାଫିଜ୍ ସୟିଦ୍ ଏବେ ବି ପାକିସ୍ତାନର ରାଜରାସ୍ତାରେ ମୁକୁଳା ବୁଲୁଛନ୍ତି। ଆତଙ୍କବାଦକୁ ପାକିସ୍ତାନ ଜାତୀୟ ନୀତି ଭାବେ ଗ୍ରହଣ କରିଛି। ଆତଙ୍କବାଦ ପ୍ରତି ତା’ର ଏହି ପ୍ରତିଶ୍ରୁତିବଦ୍ଧତା ଓ ଛଳନାରେ ବିଶ୍ୱାସ କାଣିଚାଏ ଊଣା ହୋଇନାହିଁ। ଏକବିଂଶ ଶତାବ୍ଦୀ ଆମ ପାଇଁ ଶାନ୍ତି, ସମୃଦ୍ଧି ଓ ସହଯୋଗର ବାଟ ଫିଟାଇଦେବ ବୋଲି ଆଶା କରାଯାଉଥିଲା। ମାତ୍ର ନ୍ୟୁୟର୍କରେ ୯/୧୧ର ଏବଂ ମୁମ୍ବାଇରେ ୨୬/୧୧ର ଭୟଙ୍କର ଆକ୍ରମଣ ସବୁ ସ୍ୱପ୍ନକୁ ଧୂଳିସାତ୍ କରିଦେଲା। ଆତଙ୍କବାଦର ରାକ୍ଷସ ଏବେ ସାରା ବିଶ୍ୱରେ ଭ୍ରମଣ କରୁଛି। ଏହାର ଗତି କେଉଁଠି ତୀବ୍ରତର ତ ଆଉ କେଉଁଠି ଧୀର। ହେଲେ ସବୁଠି ଏହା ଲୋକଙ୍କ ☞ପୃଷ୍ଠା–୪

# ଭୂକମ୍ପ–ସୁନାମିରେ ୪୦୦ ମୃତ

## ଇଣ୍ଡୋନେସିଆରେ ପ୍ରକୃତିର କରାଳ ରୂପ

- ୭.୫ ତୀବ୍ରତା ବିଶିଷ୍ଟ ଭୂକମ୍ପ ପରେ ସୁନାମି
- ମାଡ଼ିଆସିଲା ୧୦ ଫୁଟର ଜୁଆର
- ଧୋଇନେଲା ଘର ଓ ବହୁ ଅଟ୍ଟାଳିକା
- ପାଲୁ ଏବଂ ଦୋଙ୍ଗାଲାରେ ଅଧିକ କ୍ଷୟକ୍ଷତି



ପାଲୁ/ଜାକର୍ତ୍ତା, ୨୯।୯(ଆଇଏଏନ୍‌ଏସ୍)

ଇଣ୍ଡୋନେସିଆରେ ପ୍ରକୃତିରାଣୀର କରାଳ ରୂପ ରଚିଛି ଧ୍ୱଂସଲୀଳା। ୭.୫ ତୀବ୍ରତା ବିଶିଷ୍ଟ ଶକ୍ତିଶାଳୀ ଭୂକମ୍ପ ସାଙ୍ଗକୁ ସୁନାମି ସୁଲାୱେସି ଦ୍ୱୀପକୁ ଧ୍ୱସ୍ତବିଧ୍ୱସ୍ତ କରିଛି। ଏଥିରେ ପାଖାପାଖି ୪୦୦ ଲୋକ ପ୍ରାଣ ହରାଇଛନ୍ତି। ହଜାର ହଜାର ଲୋକ ମଧ ଆହତ ହୋଇଥିବା ସୂଚନା ମିଳିଛି। ଭଗ୍ନାବଶେଷ ତଳେ ଅନେକେ ଚାପିହୋଇଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧିପାଇବା ଆଶଙ୍କା କରାଯାଉଛି। ହସ୍ପିଟାଲଗୁଡ଼ିକରେ ଶହ ଶହ ଆହତ ଭର୍ତ୍ତି ହୋଇଥିବାରୁ ଚିକିତ୍ସା ଯୋଗାଇବାରେ ସମସ୍ୟା ଉପୁଜୁଛି। ସେପଟେ ଫସିରହିଥିବା ଲୋକଙ୍କୁ ଉଦ୍ଧାର କରିବା ଲାଗି ସ୍ୱତନ୍ତ୍ର ଉଦ୍ଧାରକାରୀ ଦଳ ଲାଗିପଡ଼ିଛନ୍ତି। ଶେଷ ଖବର ସୁଦ୍ଧା ସୁନାମି ଯୋଗୁ ପାଲୁ ଏବଂ ଦୋଙ୍ଗାଲାରେ ଅଧିକ କ୍ଷୟକ୍ଷତି ହୋଇଛି। ସର୍ବାଧିକ କ୍ଷତିଗ୍ରସ୍ତ ଅଞ୍ଚଳ ପାଲୁରେ ୩୮୫ ଜଣଙ୍କ ମୃତ୍ୟୁ ହୋଇଥିବା ଶନିବାର ସରକାରୀ କର୍ତ୍ତୃପକ୍ଷ କହିଛନ୍ତି।

ଶୁକ୍ରବାର ସୁଲାୱେସି ଦ୍ୱୀପର କେନ୍ଦ୍ର ଭାଗରେ ଶକ୍ତିଶାଳୀ ଭୂକମ୍ପ ହେବା ପରେ ଇଣ୍ଡୋନେସିଆର ବିଭିନ୍ନ ଅଞ୍ଚଳ ଥରିଉଠିଥିଲା। ଭୂକମ୍ପ ପରେ ଅନେକ ଥର ମଧ ଝଟକା ଅନୁଭୂତ ହୋଇଥିଲା। ଏହାପରେ ୧୦ ଫୁଟ ଉଚ୍ଚର ଜୁଆର ମାଡ଼ିଆସିଥିଲା। ବେଳାଭୂମି ନିକଟରେ ଥିବା ଘର, ହସ୍ପିଟାଲ, ହୋଟେଲ, ଶପିଂ ସେଣ୍ଟର ଏବଂ ଅନ୍ୟାନ୍ୟ ଅଟ୍ଟାଳିକାକୁ ଧୋଇନେଇଥିଲା। ଶୁକ୍ରବାର ରାତିରେ ଧ୍ୱଂସଚିତ୍ର ସେତେଟା ଦୃଶ୍ୟମାନ ହୋଇ ନ ଥିଲେ ସୁଦ୍ଧା ଶନିବାର ସକାଳେ ଚାରିଆଡ଼େ ପ୍ରକୃତିର କୋପ ବାରି ହୋଇପଡୁଥିଲା। ଭୂକମ୍ପ ଯୋଗୁ ଭାଙ୍ଗିଯାଇଥିବା ଘରେ ଏବଂ ବେଳାଭୂମିରେ ଅନେକ ମୃତଦେହ ଦେଖିବାକୁ ମିଳିଥିଲା। ଭୂକମ୍ପର ଉତ୍ପତ୍ତିସ୍ଥଳରୁ ୮୦ କି.ମି. ଦୂରରେ ଅବସ୍ଥିତ ବେଳାଭୂମି ସହର ପାଲୁ ଏବଂ ଦୋଙ୍ଗାଲାରେ ପ୍ରାୟ ୬ ଲକ୍ଷ ଲୋକ ବସବାସ କରନ୍ତି। ପାଲୁରେ ଅନେକ କୋଠା ଭୁଶୁଡ଼ିବା ☞ପୃଷ୍ଠା–୪

# ପିଏମ୍‌ଏୱାଇ-ଜିରେ ମିଳିବନି ଘର

## ଇନ୍ଦିରା ଆବାସ ହିତାଧିକାରୀଙ୍କୁ ଝଟକା

- କେନ୍ଦ୍ର ସାଜିଛି ବାଧକ
- ଟାର୍ଗେଟ ପୂରଣ ନେଇ ଅଡୁଆରେ ରାଜ୍ୟ ସରକାର
- ହିତାଧିକାରୀଙ୍କୁ ମିଳୁନି କିସ୍ତି



ଭୁବନେଶ୍ୱର,୨୯।୯(ବ୍ୟୁରୋ)

ଇନ୍ଦିରା ଆବାସ ଯୋଜନା (ଆଇଏୱାଇ)ରେ ଘର ପାଇଥିବା ହିତାଧିକାରୀଙ୍କ ମୁଣ୍ଡରେ ଚଡ଼କ। ୧୬ ବର୍ଷ ପୂର୍ବରୁ ଯେଉଁ ହିତାଧିକାରୀ ଗୃହ ନିର୍ମାଣ କରିଥିଲେ ତାହା ଏବେ ନଷ୍ଟ ହେବାକୁ ବସିଲାଣି। ପଞ୍ଚାୟତିରାଜ ବିଭାଗ ହିସାବ ଅନୁଯାୟୀ, ପ୍ରାୟ ୫ଲକ୍ଷ ଘର ଏଭଳି ପରିସ୍ଥିତିରେ ରହିଛି। ତେବେ ପକ୍କାଘର ଯୋଜନାରେ ସେମାନଙ୍କୁ ଆଉ ନୂଆଘର ମିଳିବ ନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା– ଗ୍ରାମୀଣ(ପିଏମ୍‌ଏୱାଇ–ଜି) ସହ ବିଜୁ ପକ୍କାଘର, ଖଣି ଅଞ୍ଚଳ ପକ୍କାଘର, ନିର୍ମାଣ ଶ୍ରମିକ ଓ ଅନ୍ୟାନ୍ୟ ଯୋଜନାରୁ ସେହି ହିତାଧିକାରୀଙ୍କୁ ବାଦ୍ ଦିଆଯାଇଛି। ଏଥିସହିତ ଯେଉଁ ହିତାଧିକାରୀମାନେ ଦୁଇ ତିନୋଟି କିସ୍ତି ନେଇ ଅଧା ନିର୍ମାଣ କରି ଘର ପକାଇଛନ୍ତି, ସେମାନେ ମଧ ଏଥିରୁ ବଞ୍ଚିତ ହୋଇଛନ୍ତି। ଘର ଭାଙ୍ଗିଯାଇଥିବା ଗରିବ ଲୋକମାନଙ୍କୁ ପୁଣି ଘର ଯୋଗାଇଦେବା କିମ୍ବା ସହାୟତା କରିବା ପାଇଁ ଉକ୍ତ ଯୋଜନାରେ କୌଣସି ବ୍ୟବସ୍ଥା ନାହିଁ। ଏହାକୁ ନେଇ ଗରିବ ପୁରୁଣା ହିତାଧିକାରୀମାନେ ଚିନ୍ତାରେ ପଡ଼ିଛନ୍ତି। ଏ ନେଇ ପିଏମ୍‌ଏୱାଇ–ଜିରେ କୌଣସି ବ୍ୟବସ୍ଥା ନ ଥିବାରୁ ଆଉ ସେମାନଙ୍କୁ ନୂଆଘର ମିଳିବ ନାହିଁ ବୋଲି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ଘର ନିର୍ମାଣ ପାଇଁ ଅର୍ଥ ଦେଉ ନ ଥିବାରୁ ରାଜ୍ୟରେ ପିଏମ୍‌ଏୱାଇ–ଜି ଟାର୍ଗେଟ ପୂରଣ ନେଇ ମଧ ଆଶଙ୍କା ସୃଷ୍ଟି ହୋଇଛି।

ରାଜ୍ୟରେ କୌଣସି ଗରିବ ଲୋକ କଚ୍ଚାଘରେ ରହିବେ ନାହିଁ। ସମସ୍ତଙ୍କୁ ମିଳିବ ପକ୍କାଘର। ୨୦୨୨ ସୁଦ୍ଧା ସମସ୍ତ ହିତାଧିକାରୀଙ୍କୁ ମୁଣ୍ଡ ଗୁଞ୍ଜିବାକୁ ଖଣ୍ଡେ ପକ୍କାଘର ଯୋଗାଇ ଦେବାକୁ କେନ୍ଦ୍ର ଓ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। କେନ୍ଦ୍ର ସରକାରଙ୍କ ପିଏମ୍‌ଏୱାଇ–ଜି ସହ ବିଜୁ ପକ୍କାଘର, ଖଣି ଅଞ୍ଚଳ ପକ୍କାଘର, ନିର୍ମାଣ ଶ୍ରମିକ ଓ ଅନ୍ୟାନ୍ୟ ଯୋଜନାରେ ଏହି ଲକ୍ଷ୍ୟ ହାସଲ କରିବାକୁ ରାଜ୍ୟ ସରକାର ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି। ପକ୍କାଘର ନିର୍ମାଣ ଗରିବଙ୍କୁ ଆଶ୍ୱସ୍ତ କରିବା ବଦଳରେ ବୋଝ ପାଲଟିଲାଣି। କେନ୍ଦ୍ର ଅଂଶଧନ ମିଳୁ ନ ଥିବାରୁ ରାଜ୍ୟ ସରକାର ହିତାଧିକାରୀଙ୍କୁ କିସ୍ତି ଦେଇପାରୁ ନାହାନ୍ତି। କେନ୍ଦ୍ର ସରକାର ଓଡ଼ିଶାକୁ ନିଜର ଅଂଶଧନ ଦେଉ ନ ଥିବାରୁ ଏଭଳି ଦୟନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟ ସରକାର ନିଜ ଅଂଶଧନ ଭରଣା କରିବା ପରେ ହିତାଧିକାରୀଙ୍କୁ ବାକି କିସ୍ତି ଦେଇପାରୁ ନ ଥିବାରୁ ଗୃହ ନିର୍ମାଣ ଏକପ୍ରକାର ବନ୍ଦ ହେବାକୁ ବସିଲାଣି।

ମିଳିଥିବା ସୂଚନା ଅନୁଯାୟୀ, କେନ୍ଦ୍ର ସରକାର ୨୦୧୮–୧୯ ☞ପୃଷ୍ଠା–୪

## ଭିଜିଲାନ୍ସ କୋର୍ଟରେ ଦଣ୍ଡ

# ପୂର୍ବତନ ବାଣିଜ୍ୟକର ଅଧିକାରୀଙ୍କୁ ବର୍ଷେ ସଶ୍ରମ ଜେଲ୍

ଜୟପୁର,୨୯।୯(ଡି.ଏନ୍.ଏ./ନି.ପ୍ର.)

୩୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ପୂର୍ବତନ ବାଣିଜ୍ୟକର ଅଧିକାରୀ (ସିଟିଓ) ଜୟପୁର ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଦ୍ୱାରା ଜେଲଦଣ୍ଡରେ ଦଣ୍ଡିତ ହୋଇଛନ୍ତି । ଶନିବାର ଏହି ମାମଲାର ବିଚାର କରାଯାଇ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସୋମଶେଖର ଜେନା ନିଜ ରାୟରେ ଅଭିଯୁକ୍ତ ପୂର୍ବତନ ସିଟିଓ ସୁରଜ କୁମାର ମିଶ୍ରଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଏଥିପାଇଁ ତାଙ୍କୁ ଏକ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୪ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଟଙ୍କା ଅନାଦେୟ ହେଲେ ଅଧିକ ଏକ ମାସ ସଶ୍ରମ କାରାଦଣ୍ଡ ନିର୍ଦ୍ଦେଶ ରହିଛି। ମାମଲା ଅନୁଯାୟୀ ୨୦୧୨ରେ ଅଭିଯୁକ୍ତ ସିଟିଓ ମିଶ୍ର ନୂତନ ଚାଉଳ ମିଲ ପାଇଁ ଆବଶ୍ୟକ ହେଉଥିବା ଏନ୍‌ଓସି ପ୍ରଦାନ ପାଇଁ ମିଲ ମାଲିକ ମନୋଜ ପଣ୍ଡାଙ୍କଠାରୁ ୩୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଦାବି ମୁତାବକ ଉକ୍ତ ଲାଞ୍ଚ ଟଙ୍କା ନେଉଥିବା ବେଳେ ପୂର୍ବରୁ ପ୍ରସ୍ତୁତ ରହିଥିବା ଜୟପୁର ଭିଜିଲାନ୍ସ ବିଭାଗ ଚଢ଼ାଉ କରିଥିଲା। ଯାଞ୍ଚ ବେଳେ ତାଙ୍କ ନିକଟରୁ ଲାଞ୍ଚ ଟଙ୍କା ଜବତ କରାଯିବା ସହ ଅନ୍ୟ ପ୍ରମାଣ ମିଳିବା ପରେ ଗିରଫ କରାଯାଇଥିଲା। ଏନେଇ ଏକ ମାମଲା ରୁଜୁ କରିବା ସହିତ ତଦନ୍ତ କରାଯାଇ ଚାର୍ଜସିଟ ପ୍ରଦାନ କରାଯାଇଥିଲା । ସ୍ୱତନ୍ତ୍ର ସରକାରୀ ଆଇନଜୀବୀ ଏମ୍. ବାଲାଜୀ ରାଓ ଏହି ମାମଲା ପରିଚାଳନା କରିଥିଲେ । ଏହି ମାମଲାରେ ଅଭିଯୁକ୍ତ ସିଟିଓଙ୍କୁ ସରକାର ପୂର୍ବରୁ କାର୍ଯ୍ୟରୁ ବହିଷ୍କୃତ କରିଥିଲେ।



ତ୍ରିପଲ ତଲାକ୍‌କୁ ନେଇ ଏନ୍‌ଡିଏ ସରକାର ଆଣିଥିବା ଅଧାଦେଶ ମହିଳା ବିରୋଧୀ । ସମ୍ବିଧାନ ପ୍ରଦାନ କରିଥିବା ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରୁଥିବାରୁ ଏହାକୁ ପ୍ରତ୍ୟାହାର କରିନିଆଯିବା ଉଚିତ ।

- ଅସାଦୁଦ୍ଦିନ୍ ଓ୍ୱାଇସି, ଏଆଇଏମ୍ଆଇଏମ୍ ମୁଖ୍ୟ

# ଜାତିସଂଘର ସଂସ୍କାର ଜରୁରୀ

ମିଳିତ ଜାତିସଂଘ,୨୯।୯(ପି.ଟି.)



ବିଶ୍ୱ ମଞ୍ଚରେ ପୁଣିଥରେ 'ବସୁଧୈବ କୁଟୁମ୍ବକମ୍' ବାର୍ତ୍ତା ଉପସ୍ଥାପନ କରିଛି ଭାରତ। ମିଳିତ ଜାତିସଂଘର ୭୩ତମ ଜେନେରାଲ୍ ଆସେମ୍ବ୍ଲିରେ ଶନିବାର ଉଦ୍‌ବୋଧନ ଦେଇ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ସମଗ୍ର ବିଶ୍ୱକୁ ଗୋଟିଏ ପରିବାର ଦର୍ଶାଇବା ସହ ବିଶ୍ୱ ସଂସ୍ଥାର ଭୂମିକା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି, ମୌଳିକ ସଂସ୍କାର ବିନା ମିଳିତ ଜାତିସଂଘର ପ୍ରାସଙ୍ଗିକତା ବିପଦମୁହାଁ ହେବ। ବିଶ୍ୱ ସଂସ୍ଥା ଯଦି ପ୍ରଭାବହୀନ ହୋଇଯାଏ, ତା'ହେଲେ ଏହାର ବହୁପାକ୍ଷିକ ବ୍ୟବସ୍ଥା ଧ୍ୱଂସ ହୋଇଯିବ। ଅନେକଙ୍କ ସ୍ୱାର୍ଥକୁ ଅଣଦେଖା କରି ଜାତିସଂଘ ଅଳ୍ପ କେତେଜଣଙ୍କ ହାତ ବାରିସି ହୋଇ ନ ରହୁ। ଜାତିସଂଘ ଏକ ପରିବାର ଭଳି। ଏହାକୁ ସ୍ନେହ ଓ ସହଯୋଗପୂର୍ଣ୍ଣ ପାରିବାରିକ ସିଦ୍ଧାନ୍ତରେ ପରିଚାଳନା କରାଯାଉ। ଜାତିସଂଘ ସୁରକ୍ଷା ପରିଷଦ ଏବେ ୫ ବିଶ୍ୱଯୁଦ୍ଧ ବିଜେତାଙ୍କ ମଧ୍ୟରେ ସୀମିତ ହୋଇ ରହିଯାଇଛି। ଫଳରେ ବିଶ୍ୱସଂସ୍ଥାର ଗରିମା ହ୍ରାସ ପାଇବାରେ ଲାଗିଛି। ଏଣୁ ବେଳ ଥାଉ ଥାଉ ସଂସ୍କାର ଅଣାଯିବା ଉଚିତ ବୋଲି ସୁଷମା ସତର୍କ କରାଇଛନ୍ତି। ପ୍ରକାଶ ଯେ, ଜାତିସଂଘ ସୁରକ୍ଷା ପରିଷଦ(ୟୁଏନ୍‌ଏସ୍‌ସି)ରେ ସଂସ୍କାର ଆଣିବା ଲାଗି ଭାରତ ଦୀର୍ଘଦିନ ହେଲା ଦାବି କରି ଆସୁଛି। ଭାରତ ସହ ମିଳିତ ଭାବେ ବ୍ରାଜିଲ, ଜର୍ମାନୀ, ଜାପାନ ୟୁଏନ୍‌ଏସ୍‌ସିର ସ୍ଥାୟୀ ସଦସ୍ୟତା ଲାଗି ଦାବି କରିଆସୁଛନ୍ତି।

ମିଳିତ ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ ପୂରଣ ଦିଗରେ ଭାରତ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଅନେକ ଯୋଜନା ସମ୍ପର୍କରେ ସୁଷମା ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି, ୨୦୩୦ ସୁଦ୍ଧା ଲକ୍ଷ୍ୟ ପୂରଣ କରିବା ଲାଗି ଭାରତ ସମ୍ପୂର୍ଣ୍ଣ ରୂପେ ପ୍ରତିଶ୍ରୁତିବଦ୍ଧ। ଦେଶର ୧୩୦ କୋଟି ଜନତାଙ୍କ ବିକାଶ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଅନେକ ଅର୍ଥନୈତିକ ଓ ସାମାଜିକ ପରିବର୍ତ୍ତନ ଆଣିଛି। ୨୦୩୦ ସୁଦ୍ଧା ଦାରିଦ୍ର୍ୟ ଦୂରୀକରଣ, ପୃଥିବୀ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟର ବିକାଶ, ଏବଂ ଶାନ୍ତି ଓ ସମୃଦ୍ଧି ସୁନିଶ୍ଚିତ କରିବା ଲାଗି ସରକାର ପଦକ୍ଷେପ ନେଇଛନ୍ତି। ଜନଧନ ଯୋଜନା, ଆୟୁଷ୍ମାନ ଭାରତ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, କୌଶଳ ବିକାଶ ଯୋଜନା, ମୁଦ୍ରା ଯୋଜନା, ମାତୃତ୍ୱ ଅବକାଶ ଯୋଜନା କିଭଳି ଭାବେ ଦେଶରୁ ଦାରିଦ୍ର୍ୟ ଦୂର କରିବା ସହ ବିକାଶର ଗତିକୁ ତୀବ୍ର କରିବ ସେ ବିଷୟରେ ସୁଷମା କହିଛନ୍ତି। ଆୟୁଷ୍ମାନ ଭାରତ ଯୋଜନା ସମ୍ପର୍କରେ ଉଲ୍ଲେଖ କରି ସୁଷମା କହିଛନ୍ତି, ଭାରତବାସୀ 'ସର୍ବେ ସନ୍ତୁ ନିରାମୟା' ପ୍ରାର୍ଥନା କରିଥାନ୍ତି। ଏହାର ଅର୍ଥ ହେଲା ସମସ୍ତେ ନୀରୋଗ ରୁହନ୍ତୁ। ବିଶ୍ୱର ସର୍ବବୃହତ୍ ସ୍ୱାସ୍ଥ୍ୟ ଯୋଜନାର ମୂଳ ଲକ୍ଷ୍ୟ ସମସ୍ତଙ୍କୁ ନୀରୋଗ ରଖିବା

## ■ 'ସର୍ବେ ସନ୍ତୁ ନିରାମୟା' ବାର୍ତ୍ତା ଦେଲେ ସୁଷମା
## ■ ନିରନ୍ତର ବିକାଶ ଲକ୍ଷ୍ୟ ପୂରଣ ପାଇଁ ଭାରତର ପଦକ୍ଷେପ ବର୍ଣ୍ଣନା କଲେ ବହିର୍ବ୍ୟାପାରମନ୍ତ୍ରୀ



ଉଦ୍ଦେଶ୍ୟକୁ ପୂରଣ କରିବ ବୋଲି ସୁଷମା କହିଛନ୍ତି। ଭାରତ ସରକାରଙ୍କ ସମସ୍ତ ଯୋଜନା ବିଶେଷକରି ମହିଳାଙ୍କ ଉପରେ କେନ୍ଦ୍ରିତ କରାଯାଇଛି। କାରଣ ଦାରିଦ୍ର୍ୟ ଦୂରୀକରଣ ପାଇଁ ମହିଳାଙ୍କ ସଶକ୍ତୀକରଣ ଜରୁରୀ ବୋଲି ସୁଷମା କହିଛନ୍ତି।

ଜଳବାୟୁ ପରିବର୍ତ୍ତନ ଏବଂ ଆତଙ୍କବାଦ ପ୍ରସଙ୍ଗରେ ମଧ୍ୟ ସେ କହିଛନ୍ତି। ପ୍ରକୃତିର ବିନାଶ କରି ନିଜର ବିକାଶ କରିଥିବା ବିକଶିତ ଦେଶଗୁଡ଼ିକ ବର୍ତ୍ତମାନ ନିଜର ଦାୟିତ୍ୱ ପ୍ରତି ମୁହଁମୋଡ଼ି ପାରିବେ ନାହିଁ। ବିକଶିତ ଦେଶଗୁଡ଼ିକ ଛୋଟ ଦେଶଗୁଡ଼ିକୁ ଉଦ୍ଧାର କରିବାକୁ ହେବ। କାରଣ ଜଳବାୟୁ ପରିବର୍ତ୍ତନର ବିନାଶକାରୀ ପରିଣାମର ମୁକାବିଲା କରିବା ଛୋଟ ଦେଶ ପକ୍ଷେ ସମ୍ଭବ ନୁହେଁ। ଏଣୁ ବିକଶିତ ଦେଶଗୁଡ଼ିକ ଅଣବିକଶିତ ରାଷ୍ଟ୍ରଗୁଡ଼ିକୁ ଆର୍ଥିକ ସହଯୋଗ ସାଙ୍ଗକୁ ଟେକ୍ନୋଲୋଜି ମଧ୍ୟ ପ୍ରଦାନ କରିବା ଉଚିତ ବୋଲି ସୁଷମା ଯୁକ୍ତି ବାଢ଼ିଛନ୍ତି। ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ୟମକୁ ଜାତିସଂଘ ସମ୍ମାନ ଜଣାଇଛି। ଅନ୍ତର୍ଜାତୀୟ ସୌର ମେଣ୍ଟ (ଇଣ୍ଟରନ୍ୟାଶନାଲ୍ ସୋଲାର୍ ଆଲିଆନ୍ସ) ଗଠନ କରି ମୋଦି ଏ ଦିଗରେ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛନ୍ତି। ଫ୍ରାନ୍ସ ରାଷ୍ଟ୍ରପତିଙ୍କ ଦ୍ୱାରା ମିଳିତ ଭାବେ ପ୍ରତିଷ୍ଠା ହୋଇଥିବା ଏହି ମେଣ୍ଟରେ ଏବେ ୬୮ ଦେଶର ସଦସ୍ୟ ହୋଇଥିବା ଖୁସିର ବିଷୟ ବୋଲି ସୁଷମା କହିଛନ୍ତି। ସୌରଶକ୍ତିକୁ ନେଇ ମୋଦିଙ୍କ ଦୃଷ୍ଟିକୋଣ ହେଲା 'ଗୋଟିଏ ସୂର୍ଯ୍ୟ ଗୋଟିଏ ଗ୍ରୀଡ୍' ବ୍ୟବସ୍ଥା। ଏହାଦ୍ୱାରା ନିରନ୍ତର ଶକ୍ତି ଉପଲବ୍ଧ ହୋଇପାରିବ। ଏହି ବିଷୟବସ୍ତୁ ଅନେକ ସମସ୍ୟାର ସମାଧାନ କରିବାରେ ସଫଳ ହେବ ବୋଲି ମୋଦି ଚିନ୍ତା କରୁଥିବା ସୁଷମା କହିଛନ୍ତି। ୨୦୨୨ରେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ମୋଦି 'ନ୍ୟୁ ଇଣ୍ଡିଆ' ଗଠନ ସ୍ୱପ୍ନ ଦେଖିଛନ୍ତି। ନ୍ୟୁ ଇଣ୍ଡିଆର ମୂଳମନ୍ତ୍ର ହେବ 'ସ୍ୱଚ୍ଛ ଭାରତ, ସ୍ୱସ୍ଥ ଭାରତ', 'ସମର୍ଥ ଭାରତ, ସୁରକ୍ଷିତ ଭାରତ', 'ଶିକ୍ଷିତ ଭାରତ, ବିକଶିତ ଭାରତ', 'ଉର୍ଜାବାନ୍ ଭାରତ, ଶକ୍ତିମାନ ଭାରତ' ବୋଲି ସୁଷମା କହିଛନ୍ତି।

## ସଂକ୍ଷେପରେ

### ଆଝାରଙ୍କୁ ଆତଙ୍କବାଦୀ ଘୋଷଣା ଆଭିମୁଖ୍ୟ ଦୋହରାଇଲା ଚାଇନା



ୱାଶିଂଟନ୍,୨୯।୯(ପି.ଟି.): ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦର ମୁଖ୍ୟ ମାସୁଦ୍ ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରିବା ଲାଗି ଭାରତ ଏକାଧିକବାର ମିଳିତ ଜାତିସଂଘରେ ଆବେଦନ କରିଛି। କିନ୍ତୁ ପାକିସ୍ତାନର 'ସୁଖଦୁଃଖର ସାଥୀ' ଚାଇନା ବାରମ୍ବାର ଏହାକୁ ବିରୋଧ କରିଆସୁଛି। ଫଳରେ ଭାରତର ଉଦ୍ୟମ କାଟ୍ ଖାଉଛି। ତେବେ ଆଝାର୍ ପ୍ରସଙ୍ଗରେ ନିଜ ଆଭିମୁଖ୍ୟକୁ ପୁଣିଥରେ ସମର୍ଥନ କରିଛି ଚାଇନା। ମିଳିତ ଜାତିସଂଘ ଜେନେରାଲ୍ ଆସେମ୍ବ୍ଲିରେ ଯୋଗଦେଇ ଶନିବାର ଚାଇନା ବୈଦେଶିକମନ୍ତ୍ରୀ ୱାଙ୍ଗ୍ ୟି କହିଛନ୍ତି, ଏହି ପ୍ରସଙ୍ଗରେ ଭାରତର ଦାବିକୁ ନେଇ ଜାତିସଂଘ ସୁରକ୍ଷା ପରିଷଦର ସମସ୍ତ ସଦସ୍ୟ ଏବଂ ଦୁଇପକ୍ଷ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସହମତିର ଅଭାବ ରହିଛି। ଯଦି ସବୁ ପକ୍ଷ ମଧ୍ୟରେ ସହମତି ପ୍ରକାଶ ପାଏ, ତା'ହେଲେ ଚାଇନା ମଧ୍ୟ ଏହାକୁ ସମର୍ଥନ କରିବ। ସବୁ ପ୍ରକାରର ଆତଙ୍କବାଦୀଙ୍କୁ ବେଜିଂ ସବୁବେଳେ ବିରୋଧ କରି ଆସୁଛି। ଆତଙ୍କବାଦ ନିରୋଧୀ ଲଢ଼େଇରେ ପାକିସ୍ତାନକୁ ଚାଇନା ସହଯୋଗ କରୁଛି ବୋଲି ୟି କହିଛନ୍ତି।

### ଭାଜପା ରାଲିରେ ଓଲଟା ତ୍ରିରଙ୍ଗା

ଜମ୍ମୁ,୨୯।୯(ପି.ଟି.): ଭାଜପା ରାଲିରେ ଜାତୀୟ ପତାକାକୁ ଅସମ୍ମାନ। ଜମ୍ମୁ-କଶ୍ମୀରର କଠୁଆ ଜିଲାରେ ଗୁରୁବାର ଭାଜପାର ଏକ ରାଲି ସମୟରେ ଜାତୀୟ ପତାକାକୁ ଓଲଟା ଲଗାଯାଇଥିବା ଅଭିଯୋଗ ହୋଇଛି। ଶନିବାର ଅଭିଯୋଗ ହେବା ପରେ ପୋଲିସ ଅଜଣା ବ୍ୟକ୍ତିଙ୍କ ବିରୋଧରେ ମାମଲା ଦାଏର କରି ତଦନ୍ତ ଆରମ୍ଭ କରିଛି। ପୌର ନିର୍ବାଚନ ପରିପ୍ରେକ୍ଷୀରେ ଦଳର ବରିଷ୍ଠ ନେତା ତଥା କଠୁଆ ବିଧାୟକ ରାଜୀବ ଜଶ୍‌ରୋଟିଆଙ୍କ ନେତୃତ୍ୱରେ ଜିଲାର ଶିବନଗର ଅଞ୍ଚଳରେ ଗୁରୁବାର ଏକ ରାଲିର ଆୟୋଜନ କରାଯାଇଥିଲା। ଏହି ସମୟରେ ଦଳୀୟ ପତାକା ସହ ଲଗାଯାଇଥିବା ଜାତୀୟ ପତାକା ଓଲଟା ଥିବା ବିନୋଦ ନିଝାୱନ୍ ନାମକ ଜଣେ ସ୍ଥାନୀୟ ବାସିନ୍ଦା କଠୁଆ ଥାନାରେ ମାମଲା ଦାଏର କରିଛନ୍ତି।

### ଫେସ୍‌ବୁକ୍‌ରେ ହ୍ୟାକିଂ ୫ କୋଟି ବ୍ୟବହାରକାରୀଙ୍କ ତଥ୍ୟ ଚୋରି



ସନ୍ ଫ୍ରାନ୍ସିସ୍କୋ, ୨୯।୯(ପି.ଟି.)- ତଥ୍ୟ ସଂଗ୍ରହକାର ସଂସ୍ଥା କେମ୍ବ୍ରିଜ୍ ଆନାଲିଟିକା ପରେ ଏବେ ହ୍ୟାକର୍‌ଙ୍କ ଶିକାର ହୋଇଛନ୍ତି ଫେସ୍‌ବୁକ୍ ବ୍ୟବହାରକାରୀ। ୫ କୋଟି ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ଗୋପନ ତଥ୍ୟ ଏବେ ହ୍ୟାକର୍‌ଙ୍କ ହାତରେ ଲାଗିଥିବା ଶୁକ୍ରବାର ଫେସ୍‌ବୁକ ପକ୍ଷରୁ ସୂଚନା ଦିଆଯାଇଛି। ସୋସିଆଲ୍ ନେଟ୍‌ୱର୍କିଂ ସାଇଟ୍ ପ୍ରଡକ୍ଟ ମ୍ୟାନେଜ୍‌ମେଣ୍ଟ ଉପସଭାପତି ଗେ ରୋଜେନ୍‌ଙ୍କ ସୂଚନା ମୁତାବକ, ବ୍ୟବହାରକାରୀଙ୍କ ତଥ୍ୟ ଚୋରି କରିବା ଲାଗି ଆବଶ୍ୟକ ଡିଜିଟାଲ୍ ଚାବି 'ଆକ୍‌ସେସ୍ ଟୋକନ୍' ହ୍ୟାକର୍‌ଙ୍କ ହାତରେ ଲାଗିଥିବା ଚଳିତ ସପ୍ତାହରେ ଜାଣିବାକୁ ମିଳିଥିଲା। ଏହାଦ୍ୱାରା ସେମାନେ ଫେସ୍‌ବୁକ କୋଡ୍ ହାସଲ କରିଛନ୍ତି। ଏ ବିଷୟରେ ସୂଚନା ଦେଇ ଫେସ୍‌ବୁକ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପ୍ରତିଷ୍ଠାତା ମାର୍କ ଜୁକରବର୍ଗ କହିଛନ୍ତି, ମଙ୍ଗଳବାର ଇଞ୍ଜିନିୟର୍‌ମାନେ ହ୍ୟାକିଂ ବିଷୟରେ ଜାଣିବା ପରେ ତୁରନ୍ତ ସମସ୍ୟାର ସମାଧାନ କରି ନେଇଛନ୍ତି। ଏ ବିଷୟରେ ଲ ଏନ୍‌ଫୋର୍ସମେଣ୍ଟ ବିଭାଗକୁ ସୂଚନା ଦିଆଯାଇଛି। ଏହା ଏକ ଗମ୍ଭୀର ମାମଲା। ତେବେ ସ୍ଥିତିକୁ ଦୃଷ୍ଟିରେ ରଖି ସତର୍କତାମୂଳକ ପଦକ୍ଷେପ ସଦୃଶ ଅସ୍ଥାୟୀ ଭାବେ ଫେସ୍‌ବୁକରୁ 'ଭ୍ୟୁ' ଅପ୍‌ସନ କାଢ଼ି ନିଆଯିବ। ପ୍ରକାଶ ଯେ, ନିଜ ପ୍ରୋଫାଇଲ୍ ଅନ୍ୟମାନେ କିଭଳି ଭାବେ ଦେଖିଥାନ୍ତି ସେବାଲି ଜାଣିବାକୁ ହେଲେ ବ୍ୟବହାରକାରୀଙ୍କୁ ଏହି 'ଭ୍ୟୁ' ଅପ୍‌ସନର ଆବଶ୍ୟକତା ପଡ଼ିଥାଏ।

# ଆପଲ୍ କର୍ମଚାରୀଙ୍କୁ ହତ୍ୟା

ଲକ୍ଷ୍ନୌ,୨୯।୯(ପି.ଟି.)

## ୨ କନ୍‌ଷ୍ଟେବଲ ଗିରଫ



ବିବେକ ତିୱାରୀ

ଉତ୍ତରପ୍ରଦେଶର ରାଜଧାନୀ ଲକ୍ଷ୍ନୌରେ ଆପଲ୍ କମ୍ପାନୀର ଜଣେ କର୍ମଚାରୀଙ୍କୁ ହତ୍ୟା କରାଯାଇଛି। ହତ୍ୟାରେ ସମ୍ପୃକ୍ତି ଅଭିଯୋଗରେ ଶନିବାର ୨ ପୋଲିସ କନ୍‌ଷ୍ଟେବଲ ଗିରଫ ହୋଇଛନ୍ତି। ରାଜ୍ୟ ସରକାର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରି ଏହାର ତଦନ୍ତ ମାଜିଷ୍ଟ୍ରେଟ୍ ସ୍ତରୀୟ ନିର୍ଦ୍ଦେଶ ଦେଇଛନ୍ତି। ଲକ୍ଷ୍ନୌର ଗୋମତୀ ନଗର ଅଞ୍ଚଳରେ ୨ ଜଣ ପୋଲିସ କନ୍‌ଷ୍ଟେବଲ ଶୁକ୍ରବାର ବିଳମ୍ବିତ ରାତି (୧ଟା ୩୦)ରେ ପାଟ୍ରୋଲିଂ କରୁଥିଲେ। ଆପଲ୍ ସେଲ୍ସ ମ୍ୟାନେଜର ବିବେକ ତିୱାରୀ(୩୮) ଜଣେ ମହିଳା ସହକର୍ମୀଙ୍କ ସହ ସେହି ବାଟ ଦେଇ ଏସ୍‌ୟୁଭିରେ ଯାଉଥିବାବେଳେ ଦୁଇ କନ୍‌ଷ୍ଟେବଲ ତାଙ୍କୁ ଯାଞ୍ଚ ପାଇଁ ଅଟକାଇଥିଲେ। ବିବେକ କାର୍ ନ ଅଟକାଇବାରୁ କନ୍‌ଷ୍ଟେବଲ ପ୍ରଶାନ୍ତ ଚୌଧରୀ ତାଙ୍କୁ ଗୁଳି କରିଥିଲେ। ଫଳରେ ବିବେକ ଖୁବ୍ ଜୋର୍‌ରେ କାର୍ ଚଳାଇ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ଏକ ପିଲର୍‌ରେ ଗାଡ଼ି ଧକ୍କା ହୋଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବିବେକଙ୍କର ମୃତ୍ୟୁ ଘଟିଛି। କନ୍‌ଷ୍ଟେବଲ ପ୍ରଶାନ୍ତ ଆତ୍ମରକ୍ଷା ପାଇଁ ତାଙ୍କୁ ଗୁଳି କରିଥିବା ଜଣେ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ବିବାଦ ସୃଷ୍ଟିହେବା ପରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି, ଏହା ଏକ ଏନ୍‌କାଉଣ୍ଟର ନୁହେଁ। ଆବଶ୍ୟକ ହେଲେ ସରକାର ଏହି ହତ୍ୟାକାଣ୍ଡର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେବେ। ଏହି ମନ୍ତବ୍ୟକୁ ନେଇ ଯୋଗୀଙ୍କ ଇସ୍ତଫା ଦାବି କରିଛନ୍ତି ବିରୋଧୀ ଦଳ। ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ମଧ୍ୟ ଯୁପି ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇ ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି।

# ନାନାଙ୍କ ଉପରେ ବର୍ଷିଲେ ତନୁଶ୍ରୀ

ମୁମ୍ବାଇ,୨୯।୯(ପି.ଟି.)



ଅଭିନେତା ନାନା ପାଟେକରଙ୍କ ବିରୋଧରେ ଅଭିନେତ୍ରୀ ତନୁଶ୍ରୀ ଦତ୍ତ ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରେ ବଲିଉଡ୍‌ରେ '#ମି ଟୁ' ଆନ୍ଦୋଳନର ଆରମ୍ଭ ହୋଇଯାଇଥିବା କୁହାଯାଉଛି। ତନୁଶ୍ରୀଙ୍କ ବିରୋଧରେ ନାନା ଓକିଲ ନୋଟିସ ପଠାଇବାକୁ ଯାଉଥିବା ଶନିବାର କହିବା ପରେ ସେଭଳି କିଛି ପତ୍ର ପାଇ ନ ଥିବା ଅଭିନେତ୍ରୀ କହିଛନ୍ତି। ଏହାସହ ନାନାଙ୍କ ଉପରେ ତନୁଶ୍ରୀ ଖୁବ୍ ବର୍ଷିଛନ୍ତି। ଘଟଣାକୁ ନେଇ ନାନା ଫମ୍ପା ଧମକ ଦେଇ ଆସୁଛନ୍ତି ବୋଲି ମଧ୍ୟ କହିଛନ୍ତି। ସେ କହିଛନ୍ତି, ନିଜ ପକ୍ଷ ରଖିବା ଲାଗି ପ୍ରସ୍ତୁତ। ଏଥିପାଇଁ ଏକ ଓକିଲ ଟିମ୍ ମଧ୍ୟ ପ୍ରସ୍ତୁତ ହୋଇ ରହିଛନ୍ତି। ପ୍ରଥମେ ନାନା ନୋଟିସ ପଠାନ୍ତୁ। ପରେ ଏହାର ଉଚିତ ଜବାବ ଦିଆଯିବ। କାହିଁକି ବଲିଉଡ୍‌ର ଜଣେ ବରିଷ୍ଠ ଅଭିନେତାଙ୍କ ବିରୋଧରେ ଏଭଳି ଅଭିଯୋଗ ଆଣୁଛନ୍ତି ତାହା ସେ ନ୍ୟାୟିକ ଢଙ୍ଗରେ ଜଣାଇବେ। ଘଟଣାର ଅନେକ ପ୍ରତ୍ୟକ୍ଷଦର୍ଶୀ ଅଛନ୍ତି। ଏହାସତ୍ତ୍ୱେ ତାଙ୍କୁ ମାନସିକ ନିର୍ଯାତନା ଏବଂ ଧମକ ଦେଉଥିଲେ ବୋଲି ତନୁଶ୍ରୀ କହିଛନ୍ତି। ନାନାଙ୍କୁ ସମର୍ଥନ କରୁଥିବା ଓକିଲଙ୍କର ମଧ୍ୟ ତନୁଶ୍ରୀ ନିନ୍ଦା କରିଛନ୍ତି। ଏଭଳି ଓକିଲଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ଲାଗି ତନୁଶ୍ରୀ ଭାରତୀୟ ଓକିଲ ସଂଘକୁ ନିବେଦନ କରିଛନ୍ତି। ଏଭଳି ଓକିଲ ଏବଂ ଅଭିଯୁକ୍ତ ଆଇନ ଆଳରେ ପୀଡ଼ିତା ଏବଂ ସାକ୍ଷୀଙ୍କୁ ନିର୍ଯାତନା ଦେଇଥାନ୍ତି ବୋଲି ସେ ଅଭିଯୋଗ ଆଣିଛନ୍ତି।

ପ୍ରକାଶ ଯେ, ୨୦୦୮ରେ ଏକ ଫିଲ୍ମର ଶୁଟିଂ ବେଳେ ନାନା ତାଙ୍କୁ ଅଶାଳୀନ ଢଙ୍ଗରେ ସ୍ପର୍ଶ କରିଥିବା ତନୁଶ୍ରୀ ଅଭିଯୋଗ ଆଣିଥିଲେ। ୧୦ ବର୍ଷ ପୁରୁଣା ଅଭିଯୋଗକୁ କିଛିଦିନ ପୂର୍ବେ ପୁଣିଥରେ ଦୋହରାଇ ତନୁଶ୍ରୀ ବଲିଉଡ୍ ଜଗତରେ ବିତର୍କ ସୃଷ୍ଟି କରିଛନ୍ତି। ଅଭିନେତା ଫରହାନ ଅଖ୍‌ତାର, ପ୍ରିୟଙ୍କା ଚୋପ୍ରା, ଟ୍ୱିଙ୍କଲ୍ ଖାନ୍ନା, ସ୍ୱରା ଭାସ୍କର, ଅନୁରାଗ କାଶ୍ୟପ, ରିଚା ଚଢ଼ା, ପରିଣିତି ଚୋପ୍ରା, ହଂସଲ ମେହତା ପ୍ରମୁଖ ତନୁଶ୍ରୀଙ୍କ ସପକ୍ଷରେ ବାହାରି ପଡ଼ିଛନ୍ତି।

# ନବବଧୂଙ୍କୁ ଗଣବଳାତ୍କାର କଲେ ସ୍ୱାମୀଙ୍କ ସମ୍ପର୍କୀୟ

କୁରୁକ୍ଷେତ୍ର, ୨୯।୯(ପି.ଟି.)

## ହରିୟାଣାରେ ପୁଣି ଲଜ୍ଜା




ହରିୟାଣାରେ ପୁଣି ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଯମୁନାନଗର ଅଞ୍ଚଳରେ ଜଣେ ନବବଧୂ ଗଣବଳାତ୍କାରର ଶିକାର ହୋଇଛନ୍ତି। ସ୍ୱାମୀଙ୍କ କେତେଜଣ ସମ୍ପର୍କୀୟ ଏବଂ ଜଣେ ତାନ୍ତ୍ରିକ ମିଶି ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। କୁରୁକ୍ଷେତ୍ରର ଏକ ଥାନାରେ ଶନିବାର ପୀଡ଼ିତା ମହିଳାଙ୍କ ବାପା ଅଭିଯୋଗ ଦାଏର କରିବା ପରେ ଏହି ଘଟଣା ସାମ୍ନାକୁ ଆସିଛି। ଅଭିଯୋଗ ଅନୁଯାୟୀ, ଗତ ସେପ୍ଟେମ୍ବର ୧୨ରେ ଯମୁନାନଗର ନିବାସୀ ଜଣେ ବ୍ୟକ୍ତିଙ୍କ ସହ ଉକ୍ତ ମହିଳାଙ୍କ ବିବାହ ସମ୍ପନ୍ନ ହୋଇଥିଲା। ବିବାହ ପରେ ଶାଶୁଘର ଲୋକେ ତାଙ୍କ ବାପାଙ୍କୁ ଡାକିଲେ ଏବଂ ଝିଅ ମାନସିକ ରୋଗରେ ପୀଡ଼ିତ ଥିବା କହିଲେ। ବାପା ତାଙ୍କ ଘରେ ପହଞ୍ଚିବା ପରେ ଝିଅକୁ ଅଚେତ୍ ଅବସ୍ଥାରେ ଦେଖିବାକୁ ପାଇଲେ। ଚେତା ଫେରିବା ପରେ ମହିଳା ଜଣକ ଯୌନ ଉତ୍ପୀଡ଼ନର ଶିକାର ହୋଇଥିବା ବାପାଙ୍କୁ କହିଲେ। ଏହାପରେ ସେମାନେ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୀଡ଼ିତାଙ୍କ କହିବା ଅନୁଯାୟୀ, ବିବାହର ପ୍ରଥମ ଦିନ ଶାଶୁଘର ଲୋକେ ଜଣେ ତାନ୍ତ୍ରିକଙ୍କୁ ଡାକିଥିଲେ। ନିଶା ଦେଇ ଦେଢ଼ଶୁର ଏବଂ ନଣନ୍ଦେଇ (ନଣନ୍ଦଙ୍କ ସ୍ୱାମୀ) ତାଙ୍କୁ ବଳାତ୍କାର କରିଥିଲେ। ଏହାପରେ ଆଉ ତିନିଦିନ ମଧ୍ୟ ତାନ୍ତ୍ରିକ ଓ ଅନ୍ୟମାନେ ତାଙ୍କୁ ବାରମ୍ବାର ଗଣବଳାତ୍କାର କରିଥିଲେ।

# ଚାଇନା ଦ୍ରବ୍ୟକୁ ପଛରେ ପକାଇବ ଖଦି ଇଣ୍ଡିଆ

ନୂଆଦିଲ୍ଲୀ: ଜମ୍ମୁ-କଶ୍ମୀର୍‌ର ଲେହ ହେଉଛି ଏକ ପର୍ଯ୍ୟଟନ ନଗରୀ। ଏଠାରେ ଚାଇନା ଦ୍ରବ୍ୟ ବହୁଳ ଭାବରେ ବିକ୍ରି କରାଯାଏ। ଚାଇନା ଉତ୍ପାଦିତ ଦ୍ରବ୍ୟକୁ ପଛରେ ପକାଇବା ପାଇଁ ଏଠାରେ ଖଦି ଇଣ୍ଡିଆ ସହାୟତାର ହାତ ବଢ଼ାଇ ଦେଇଛି।

ଖଦି ଆଣ୍ଡ ଭିଲେଜ୍ ଇଣ୍ଡଷ୍ଟ୍ରିଜ୍ କମିଶନ୍ (କେଭିଆଇସି)ର ଜଣେ ବରିଷ୍ଠ ଅଫିସରଙ୍କ କହିବାନୁଯାୟୀ, ଏ ସମ୍ପର୍କରେ ଲଦାଖ ଅଟୋନୋମସ ହିଲ୍ ଡେଭଲପ୍‌ମେଣ୍ଟ କାଉନସିଲ୍ (ଏଲ୍‌ଏଏଚ୍‌ଡିସି) ସହିତ ଆଲୋଚନା ହୋଇଛି। ଲେହ କୁଟୀରଶିଳ୍ପ ଏବଂ ହସ୍ତଶିଳ୍ପର ଉନ୍ନୟନ ଦ୍ୱାରା ଚାଇନା ଦ୍ରବ୍ୟର ଅନୁପ୍ରବେଶକୁ ବନ୍ଦ କରାଯାଇ ପାରିବ। ଖଦି ଇଣ୍ଡିଆ ସହଯୋଗରେ ଲେହ ଅଞ୍ଚଳର ପାରମ୍ପରିକ କଳା ଓ ହସ୍ତଶିଳ୍ପ ଏହାର ହୃତଗୌରବ ଫେରିପାଇବ। କେଭିଆଇସି ଅଧ୍ୟକ୍ଷ ସେପ୍ଟେମ୍ବର ୨୭ରେ ୪ ଦିନିଆ ଜମ୍ମୁ-କଶ୍ମୀର ଗସ୍ତ କରିଛନ୍ତି। ଲେହର ପାହାଡିଆ ଗାଁଗୁଡିକରେ ଖଦି ଉନ୍ନୟନ କାର୍ଯ୍ୟକ୍ରମ ଆରମ୍ଭ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ପ୍ରଥମଥର ପାଇଁ ସେଠାରେ ଜିଲ୍ଲା ସ୍ତରୀୟ ଖଦି ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଛି। ଏଠାରେ ଆତ୍ମନିର୍ଭରଶୀଳ ଭିତ୍ତିକ କୁଟୀରଶିଳ୍ପ ପ୍ରତିଷ୍ଠା ପାଇଁ ଉଦ୍ୟମ ହେଉଛି। ହିତାଧିକାରୀଙ୍କୁ ଯଥାର୍ଥ ତାଲିମ ପ୍ରଦାନ ପରେ ଲେହ ଅଞ୍ଚଳର ଗୋଟିଏ ଗାଁକୁ ୨୫ଟି ଚରଖା ଓ ୫ଟି ତନ୍ତ, ଅନ୍ୟ ଏକ ଗାଁକୁ ୨୦ଟି ଇଲେକ୍‌ଟ୍ରିକ୍ କୁମ୍ଭାର ଚକ ଏବଂ ତୃତୀୟ ଗାଁକୁ ୫୦୦ ମହୁବାକ୍ସ ଯୋଗାଇ ଦିଆଯିବ। ଏହାଦ୍ୱାରା ହିତାଧିକାରୀମାନେ ରୋଜଗାରକ୍ଷମ ହେବା ସହିତ ବିଦେଶୀ ଦ୍ରବ୍ୟକୁ ବର୍ଜନ କରିବାର ବାଟ ଫିଟିବ ବୋଲି ଖଦି ଇଣ୍ଡିଆ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି।

## କେମିତି ରହିବ ଆଜିର ପାଗ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଳ୍ପ କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୫ | ୨୫.୫ |
| ଚାନ୍ଦବାଲି | ୩୫.୩ | ୨୫.୮ |
| କଟକ | ୩୪.୪ | ୨୪.୮ |
| ପାରାଦ୍ୱୀପ | ୩୨.୯ | ୨୭.୬ |
| ଭୁବନେଶ୍ୱର | ୩୪.୮ | ୨୫.୦ |
| ଗୋପାଳପୁର | ୩୩.୦ | ୨୭.୧ |
| ପୁରୀ | ୩୪.୫ | ୨୭.୬ |
| ଅନୁଗୋଳ | ୩୪.୪ | ୨୬.୦ |
| ବାରିପଦା | ୩୪.୪ | ୨୬.୦ |
| ଝାରସୁଗୁଡ଼ା | ୩୫.୪ | ୨୫.୪ |
| କେନ୍ଦୁଝର | ୩୨.୪ | ୨୨.୯ |
| ସମ୍ବଲପୁର | ୩୫.୯ | ୨୫.୧ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୫.୮ | ୨୫.୭ |
| ତାଳଚେର | ୩୬.୧ | ୨୫.୨ |
| ଭବାନୀପାଟଣା | ୩୩.୦ | ୨୪.୦ |
| ବଲାଙ୍ଗୀର | --- | ୨୫.୨ |
| କୋରାପୁଟ | ୨୯.୬ | ୧୮.୬ |
| ଫୁଲବାଣୀ | --- | ୨୦.୫ |
| ଟିଟିଲାଗଡ଼ | ୩୪.୫ | ୨୩.୦ |
| ମାଲକାନଗିରି | ୩୪.୫ | --- |
| ସୋନପୁର | ୩୫.୨ | ୨୩.୬ |
| ଦାରିଙ୍ଗିବାଡ଼ି | ୨୭.୦ | ୧୯.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଇତିହାସର ଆଇନାରେ
### ସେପ୍ଟେମ୍ବର ୩୦ର ପ୍ରମୁଖ ଘଟଣା

୧୯୯୩ ସେପ୍ଟେମ୍ବର ୩୦ରେ ମହାରାଷ୍ଟ୍ରର ଲାଟୁରରେ ୬.୨ ତୀବ୍ରତା ବିଶିଷ୍ଟ ଭୂକମ୍ପ ହୋଇଥିଲା। ଏଥିରେ ୧୦ ହଜାର ଲୋକଙ୍କ ମୃତ୍ୟୁ ଘଟିଥିଲା।

୨୦୦୫ ସେପ୍ଟେମ୍ବର ୩୦ରେ ମହମ୍ମଦଙ୍କ ବିବାଦୀୟ ଚିତ୍ର ଡାନିସ ଖବରକାଗଜ 'ଜାଏଲାଣ୍ଡସ୍-ପୋଷ୍ଟେସନ୍'ରେ ପ୍ରକାଶିତ ହୋଇଥିଲା। ଏହାକୁନେଇ ବିବାଦ ଉପୁଜିଥିଲା।

# ମହାମାରୀ ରୂପ ନେଉଛି 'ଏବୋଲା'

**ଜୋହାନ୍ସବର୍ଗ:** କଙ୍ଗୋରେ ଏବୋଲା ଭୂତାଣୁ ମହାମାରୀ ରୂପ ନେଇଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ସତର୍କ କରିଦିଆଯାଇଛି। କଙ୍ଗୋର ଉତ୍ତରପଶ୍ଚିମ ଅପେକ୍ଷା ଉତ୍ତରପୂର୍ବାଞ୍ଚଳରେ ଏହି ରୋଗ ଅତି ମାରାତ୍ମକ ରୂପ ଧାରଣ କରିଛି। ଉକ୍ତ ଅଞ୍ଚଳରେ ବିଦ୍ରୋହୀ ଗୋଷ୍ଠୀର ଆକ୍ରମଣ ଯୋଗୁ ଗତ ସପ୍ତାହରେ ଚିକିତ୍ସା କାର୍ଯ୍ୟ କେତେକାଂଶରେ ବାଧାପ୍ରାପ୍ତ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଜରୁରିକାଳୀନ ମୁଖ୍ୟଙ୍କ କହିବାନୁଯାୟୀ ଏହି ଅଞ୍ଚଳରେ ଟିକାନେବାକୁ ଜନସାଧାରଣ ମନାକରିବାରୁ ଏଠାରେ ଏବୋଲା ବ୍ୟାପିବା ଆଶଙ୍କା କରାଯାଉଛି। ଶୁକ୍ରବାର ସୁଦ୍ଧା ଏଠାରେ ୧୨୪ଜଣ ବ୍ୟକ୍ତି ଏବୋଲା ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି।

# 'ମଣିକର୍ଣ୍ଣିକା' ପାଇଁ ଗର୍ବିତ




ମୁମ୍ବାଇ: 'ମଣିକର୍ଣ୍ଣିକା: ଦି କୁଇନ୍ ଅଫ୍ ଝାନ୍ସି' ପାଇଁ ଖୁବ୍ ଗର୍ବ ଅନୁଭବ କରିବା ସହିତ ଏହାର ରିଲିଜ୍ ପାଇଁ ଅପେକ୍ଷା କରାଯାଇଥିବା ବଲିଉଡ ଅଭିନେତ୍ରୀ କଙ୍ଗନା ରଣାୱତ୍ ପ୍ରକାଶ କରିଛନ୍ତି। ଏକ ବିବୃତିରେ ସେ କହନ୍ତି, ମୁଁ ଏହି ଫିଲ୍ମ ପାଇଁ ଖୁବ୍ ଗର୍ବିତ। ଏଥିରେ ଅଭିନୀତ ଚରିତ୍ର ଆମକୁ ଦେଶପ୍ରେମର ପ୍ରେରଣା ଦେବା ସହିତ ଶକ୍ତିସମ୍ପନ୍ନ କରାଏ। ଏହି ଫିଲ୍ମ ନିର୍ମାଣରେ ବହୁ କଷ୍ଟସ୍ୱୀକାର କରିବାକୁ ପଡିଛି। ଏଥିପାଇଁ ମନ ଓ ହୃଦୟକୁ ଏକାକାର କରିବାକୁ ପଡିଛି। ରାଣୀ ଲକ୍ଷ୍ମୀବାଈଙ୍କ ଜୀବନୀ ଉପରେ ଆଧାରିତ ଏହି ଫିଲ୍ମର ଟିଜର ଅକ୍ଟୋବର ୨ରେ ରିଲିଜ୍ ହେବାକୁ ଯାଉଛି। ଏଥିରେ ରାଣୀ ଲକ୍ଷ୍ମୀବାଈ ଭୂମିକାରେ ଅଭିନୟ କରିଥିବା କଙ୍ଗନା କହନ୍ତି, ଏହି ଫିଲ୍ମ ପାଇଁ ପ୍ରତ୍ୟେକ ଭାରତୀୟ ଗର୍ବ ଅନୁଭବ କରିବେ। ଉକ୍ତ ଫିଲ୍ମରେ ରାଣୀ ଲକ୍ଷ୍ମୀବାଈଙ୍କ ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଛି। ସେ କେବଳ ଜଣେ ବୀରାଙ୍ଗନା ନ ଥିଲେ ଜଣେ ବିରଳ ବ୍ୟକ୍ତିତ୍ୱ ଥିଲେ ଯାହାଙ୍କ ଅଦମ୍ୟ ସାହସ ଏବଂ ରଣହୁଙ୍କାର ଏବେ ବି ଭାରତୀୟଙ୍କ ମନରେ ପ୍ରତିଧ୍ୱନିତ ହୁଏ। ଜି ଷ୍ଟୁଡିଓ ଏବଂ କମଲ ଜୈନଙ୍କ ଦ୍ୱାରା ପ୍ରସ୍ତୁତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ରାଧାକ୍ରିଷ୍ଣ ଜାଗର୍ଲାମୁଡି। ଏହା ୨୦୧୯ ଜାନୁୟାରୀ ୨୫ରେ ରିଲିଜ୍ ହେବାର ଅଛି।



ମଧ୍ୟପ୍ରଦେଶର ଗ୍ବାଲିଅର ଦର୍ପଣ କଲୋନୀରେ ଶନିବାର ସକାଳୁ ଏକ ରେଫ୍ରିଜରେଟର କମ୍ପ୍ରେସର ଫାଟିଯିବା ଫଳରେ ୪ ଜଣଙ୍କ ମୃତ୍ୟୁ ହେବା ସହ ୨ ଜଣ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଏଥିରେ ଘରର ଗୋଟିଏ ପଟ କାନ୍ଥ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।






## ସଂକ୍ଷେପରେ

### କୂଅରୁ ଦୁଇଭଉଣୀଙ୍କ ମୃତଦେହ ଉଦ୍ଧାର

ଆର.ଉଦୟଗିରି, ୨୯।୯(ଡି.ଏନ.ଏ.) ଗଜପତି ଜିଲା ଆର.ଉଦୟଗିରି ଥାନା ଛେଳିଗଡ଼ ଗ୍ରାମରେ ଘର ଅଗଣା ମଧରେ ଥିବା କୂଅରୁ ଶନିବାର ୨ ଭଉଣୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେମାନେ ହେଲେ ପ୍ରମୋଦ ଆଚାରୀଙ୍କ ଝିଅ ସ୍ୱପ୍ନାରାଣୀ ଓ କିରଣ। ପୋଲିସ ମୃତଦେହ ଜବତ କରି ପାରଳାଖେମୁଣ୍ଡି ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ବଡ ଜ୍ୱାଇଁ ଓ ତାଙ୍କ ଭାଇ ମିଶି ମୋ ଝିଅର ବିବାହ ପ୍ରସ୍ତାବ ଭାଙ୍ଗି ଦେଇଥିବାରୁ ସେମାନେ ଆତ୍ମହତ୍ୟା କରିଛନ୍ତି ବୋଲି ବାପା ପ୍ରମୋଦ ଥାନାରେ ଏତଲା ଦେଇଛନ୍ତି। ଏନେଇ ପୋଲିସ ନଂ.୬୪/୧୮ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଶୁକ୍ରବାର ରାତିରେ ପ୍ରମୋଦଙ୍କ ପରିବାର ସଦସ୍ୟମାନେ ଖାଇପିଇ ଶୋଇଥିଲେ। ବିଳମ୍ବିତ ରାତିରେ ପ୍ରମୋଦ ଶୌଚ ପାଇଁ ଉଠିଥିବାବେଳେ ୨ ଝିଅଙ୍କୁ ବିଛଣାରେ ଦେଖିବାକୁ ପାଇ ନ ଥିଲେ। ବହୁ ଖୋଜାଖୋଜି ପରେ ସନ୍ଦେହ ହେବାରୁ ଅଗଣା ମଧରେ ଥିବା କୂଅ ନିକଟକୁ ଯାଇ ମୃତଦେହ ଭାସୁଥିବା ଦେଖିଥିଲେ। ଏନେଇ ପ୍ରମୋଦ ଶନିବାର ସକାଳୁ ଆର.ଉଦୟଗିରି ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ଦମକଳ ବାହିନୀ କର୍ମଚାରୀଙ୍କ ସହାୟତାରେ କୂଅରୁ ୨ ଭଉଣୀଙ୍କ ମୃତଦେହ ଉଦ୍ଧାର କରିଥିଲେ। ପଞ୍ଚନାମା ପରେ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ଚିକିତ୍ସାଳୟକୁ ପଠାଯାଇଛି। ଏହା ହତ୍ୟା ନା ଆତ୍ମହତ୍ୟା ସେ ନେଇ ପୋଲିସ ଅଧିକ ତଦନ୍ତ ଚଳାଇଥିବାବେଳେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି।

### ଜରି ଗୋଟାଳି ମହିଳାଙ୍କୁ ପଥରରେ ଛେଚି ହତ୍ୟା

କେନ୍ଦୁଝର, ୨୯।୯ (ସ୍ୱ.ପ୍ର.)-ଜରି ଗୋଟାଇ ପେଟ ପୋଷୁଥିବା ଜଣେ ଅସହାୟ ମହିଳାଙ୍କୁ ପଥରରେ ଛେଚି ହତ୍ୟା କରାଯିବା ଘଟଣା ସହରରେ ଆଲୋଡ଼ନ ସୃଷ୍ଟି କରିଛି। ସ୍ଥାନୀୟ ଧର୍ମଶାଳା ପରିସରରୁ ଶନିବାର ସକାଳେ କେନ୍ଦୁଝର ଟାଉନ ଥାନା ପୋଲିସ ଏହି ମହିଳାଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତଦନ୍ତ ପରେ ମୃତା ମହିଳାଙ୍କ ନାମ ମୀନା ନାଏକ ଏବଂ ଘର ମଣ୍ଡୁଆରେ ବୋଲି ପୋଲିସ ଜାଣିବାକୁ ପାଇଛି। କେହି ତାଙ୍କୁ ପଥରରେ ଛେଚି ହତ୍ୟା କରିବା ପରେ ଧର୍ମଶାଳା ପାଚେରି ଭିତରକୁ ଫୋପାଡି ଦେଇଥିବା ସନ୍ଦେହ କରାଯାଉଛି। ଶନିବାର ସକାଳେ ସ୍ଥାନୀୟ ଲୋକେ ଧର୍ମଶାଳା ପାଚେରି ବାହାରେ ଏକ ରକ୍ତଭିଜା ପଥର ପଡିଥିବା ପ୍ରଥମେ ଦେଖିବାକୁ ମିଳିଥିଲା। ଆଖପାଖରେ ରକ୍ତ ଛିଟା ପଡି ରହିଥିଲା। ସେମାନେ ସନ୍ଦେହ ପ୍ରକାଶ କରି ଦେଖିବାରୁ ପାଚେରି ସେପଟେ ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ସନ୍ଦେହ କରି ଲୋକେ ଟାଉନ ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବିଶେଷଜ୍ଞ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ଘଟଣାସ୍ଥଳରେ ବହୁ ସ୍ଥାନୀୟ ଲୋକଙ୍କ ଭିଡ ଜମିଥିଲା । ଟାଉନ ଥାନା ଅଧିକାରୀ ସୂର୍ଯ୍ୟକାନ୍ତି ଦାଶ କହିଛନ୍ତି, ଘଟଣାର ତଦନ୍ତ ଜାରି ରହିଛି। ମୃତା ମହିଳାଙ୍କୁ ଚିହ୍ନଟ କରାଯାଇଛି।




# ଘୋଡ଼ାହାଡ଼ ନଦୀରେ ବୁଡ଼ି ମା' ପୁଅଙ୍କ ମୃତ୍ୟୁ

ଦିଗପହଣ୍ଡି,୨୯।୯(ଡି.ଏନ.ଏ.)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ନିମଖଣ୍ଡିପେଣ୍ଠ ପନାଡ଼ ଗ୍ରାମ ଘୋଡ଼ାହାଡ଼ ନଦୀ ଗଣ୍ଡରେ ଗାଧୋଇବାବେଳେ ବୁଡ଼ିଯାଇ ଶନିବାର ମା' ଓ ପୁଅ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ଦୁର୍ଯ୍ୟୋଧନ ମହାରଣାଙ୍କ ସ୍ତ୍ରୀ ସୁଷମା (୩୪) ଏବଂ ତାଙ୍କ ପୁଅ ବିଷ୍ଣୁପ୍ରସାଦ ଓରଫ ସୁଧାଂଶୁ (୮)। ଶନିବାର ସକାଳ ପ୍ରାୟ ୭ଟାରେ ପନାଡ଼ ଗ୍ରାମ ମଠପଛ ସାହିର ସୁଷମା ପୁଅ ସୁଧାଂଶୁଙ୍କୁ ସାଙ୍ଗରେ ନେଇ ଘୋଡାହାଡ ନଦୀକଡ଼ରେ ଥିବା ଗଣ୍ଡକୁ ଗାଧୋଇ ଯାଇଥିଲେ। ଗାଧୋଉଥିବାବେଳେ ଅସାବଧାନତା କାରଣରୁ ସୁଧାଂଶୁଙ୍କ ଗୋଡ଼ ଖସି ଯିବାରୁ ସେ ଗଭୀର ଜଳରେ ବୁଡ଼ି ଯାଇଥିଲେ। ପୁଅଙ୍କୁ ଉଦ୍ଧାର କରିବାକୁ ଯାଇ ମା' ସୁଷମା ମଧ୍ୟ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ଏହାଦେଖି ସେଠାରେ ଗାଧୋଉଥିବା ଲୋକେ ଗାଁକୁ ଆସି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଦିଗପହଣ୍ଡି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଭୟ ମା' ଓ ପୁଅଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡ଼ାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଦିଗପହଣ୍ଡି ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇବା ସହ ଏନେଇ ନଂ.୮/୧୮ରେ ମାମଲା ରୁଜୁ କରିଛି।

ପ୍ରକାଶ ଯେ, ଶ୍ରବଣ ବାଧିତ ଦୁର୍ଯ୍ୟୋଧନ ବଢ଼େଇ କାମ କରି ପରିବାର ଚଳାଉଥିବାବେଳେ ପୁଅ ସୁଧାଂଶୁ ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ୩ୟ ଶ୍ରେଣୀରେ ପଢୁଥିଲେ। ସୁଧାଂଶୁଙ୍କ ମୃତ୍ୟୁ ଖବର ପାଇ ବିଦ୍ୟାଳୟରେ ଶୋକସଭା ଆୟୋଜନ କରାଯାଇ ଛୁଟି ଘୋଷଣା କରାଯାଇଛି। ସରପଞ୍ଚ ବିଭୂତି ଭୂଷଣ ମହାପାତ୍ର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଡ଼ାକ୍ତର ଓ ଉପସ୍ଥିତ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ସରକାରୀ ସହାୟତା ପାଇଁ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି।

## ୬୬ତମ ରାଜ୍ୟ ପୋଲିସ ବୃତ୍ତିଗତ ପ୍ରତିଯୋଗିତା ଉଦ୍‌ଯାପିତ

# ଖୋଲାଯିବ ସାଇବର କ୍ରାଇମ୍ ଲ୍ୟାବ, ପ୍ରଶିକ୍ଷଣ କେନ୍ଦ୍ର

କଟକ ଅଫିସ,୨୯।୯

- ବୈଜ୍ଞାନିକ ପ୍ରଣାଳୀ ଅନୁସନ୍ଧାନରେ ଭୁବନେଶ୍ୱର ଶ୍ରେଷ୍ଠ
- ପାଟଣାଗଡ଼ ପାର୍ସଲ ବୋମା ମାମଲାରେ କ୍ରାଇମବ୍ରାଞ୍ଚକୁ ପ୍ରଶଂସା

ଦିନକୁ ଦିନ ସାଇବର ଅପରାଧ ବଢ଼ିବାରେ ଲାଗିଛି। ବିଶେଷ କରି ମହିଳା ଓ ଶିଶୁମାନଙ୍କ ଉପରେ ସାଇବର ଅପରାଧ ବୃଦ୍ଧି ପାଉଛି। ଏହାକୁ ରୋକିବା ପାଇଁ ରାଜ୍ୟରେ ସ୍ୱତନ୍ତ୍ର ସାଇବର କ୍ରାଇମ ଲ୍ୟାବ ଏବଂ ପ୍ରଶିକ୍ଷଣ କେନ୍ଦ୍ର ଖୋଲିବାକୁ ଯୋଜନା କରାଯାଇଥିବା ଶନିବାର ପୋଲିସ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା କହିଛନ୍ତି। ଏଥିପାଇଁ ସାଢ଼େ ୩ କୋଟି ଟଙ୍କା ବ୍ୟୟ ହେବାକୁ ଥିବାବେଳେ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି କେନ୍ଦ୍ରରେ ତଦନ୍ତକାରୀ ପୋଲିସ ଅଧିକାରୀ ଏବଂ ପବ୍ଲିକ୍ ପ୍ରସିକ୍ୟୁଟରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଡିଜିପି କହିଛନ୍ତି।

ଶନିବାର ୬୬ତମ ରାଜ୍ୟ ପୋଲିସ ବୃତ୍ତିଗତ ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡିଜିପି ଏହି କଥା କହିଛନ୍ତି। କୃତୀ ପ୍ରତିଯୋଗୀମାନଙ୍କୁ ଡିଜିପି ପୁରସ୍କୃତ କରି କହିଥିଲେ, ଏବେ ଅନେକ ଶିକ୍ଷିତ ଅପରାଧୀ ସତର୍କତାର ସହ ଅପରାଧ ଘଟାଉଥିବାରୁ ମାମଲାର ତଦନ୍ତ ଜଟିଳ ହେଉଛି। ଏଭଳି ମାମଲାର ତଦନ୍ତ ସମୟରେ ବୈଜ୍ଞାନିକ ଜ୍ଞାନକୌଶଳ ଓ ଉପକରଣ ମାଧ୍ୟମରେ ପ୍ରାମାଣିକ ତଥ୍ୟ ସଂଗ୍ରହ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ବଲାଙ୍ଗୀର ଜିଲା ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାର ସଫଳ ଅନୁସନ୍ଧାନ ପାଇଁ ଡିଜିପି କ୍ରାଇମବ୍ରାଞ୍ଚର ଅଧିକାରୀମାନଙ୍କୁ ପ୍ରଶଂସା କରିଥିଲେ। ସେହିପରି ଗ୍ୟାଙ୍ଗଷ୍ଟରମାନଙ୍କୁ ଧରିବା ସହ ସେମାନଙ୍କ ଆପରାଧିକ କାର୍ଯ୍ୟକଳାପର ପର୍ଦ୍ଦାଫାଶ କରିଥିବାରୁ କ୍ରାଇମ୍ ବ୍ରାଞ୍ଚର ଏସ୍‌ଟିଏଫ୍, କମିଶନରେଟ ପୋଲିସ, ଜଗତ୍‌ସିଂହପୁର ପୋଲିସକୁ ସେ ପ୍ରଶଂସା କରିଥିଲେ।

ଏହି ପ୍ରତିଯୋଗିତାରେ ସହରାଞ୍ଚଳ ପୋଲିସ ଜିଲା ଭୁବନେଶ୍ୱରକୁ ବୈଜ୍ଞାନିକ ପ୍ରଣାଳୀରେ ଅନୁସନ୍ଧାନ ପାଇଁ ଶ୍ରେଷ୍ଠ ଦଳ ଘୋଷଣା କରାଯାଇଥିଲା। ଏଥିପାଇଁ ଭୁବନେଶ୍ୱର ପୋଲିସକୁ କ୍ଷେତ୍ରମୋହନ ବିଶ୍ୱାଳ ଟ୍ରଫି ସହ ଏସ୍.କେ. ଘୋଷ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ବିଭାଗରେ ସହରାଞ୍ଚଳ ପୋଲିସ କଟକକୁ ରନର୍ସଅପ୍ ଟ୍ରଫି ଦିଆଯାଇଥିଲା। ସହରାଞ୍ଚଳ ପୋଲିସ ଜିଲା ଭୁବନେଶ୍ୱରର ଇନ୍ସପେକ୍ଟର ତଥା ଇନ୍‌ଫୋସିଟି ଥାନା ଅଧିକାରୀ ବନିତା ମହାରଣାଙ୍କୁ ବୈଜ୍ଞାନିକ ପ୍ରଣାଳୀରେ ଅନୁସନ୍ଧାନରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ କ୍ଷେତ୍ରମୋହନ ବିଶ୍ୱାଳ ଟ୍ରଫି ସହ ୧୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସେହିପରି କମ୍ପ୍ୟୁଟର ଦକ୍ଷତା ଓ ସଚେତନତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କ୍ରାଇମବ୍ରାଞ୍ଚର ଇନ୍ସପେକ୍ଟର ଅବନ୍ତିମଣି ନାୟକଙ୍କୁ ରାଜ୍ୟ ଅପରାଧ ନଥି ସଂସ୍ଥାର ନିର୍ଦ୍ଦେଶକଙ୍କ ପ୍ରଦତ୍ତ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ପୋଲିସ ଶ୍ୱାନ ପ୍ରଶିକ୍ଷକ ଭାବେ କନଷ୍ଟେବଲ ଚିତ୍ତରଞ୍ଜନ ଲେଙ୍କାଙ୍କୁ ଗୋବର୍ଦ୍ଧନ ପଟ୍ଟନାୟକଙ୍କ ପ୍ରଦତ୍ତ ଅର୍ଥ ରାଶି ପୁରସ୍କାର ଦିଆଯାଇଥିଲା। କାର୍ଯ୍ୟକ୍ରମରେ କ୍ରାଇମବ୍ରାଞ୍ଚର ଅତିରିକ୍ତ ଡିଜି ସନ୍ତୋଷ ଉପାଧ୍ୟାୟ, ଆଇଜି ଅରୁଣ ବୋଥ୍ରାଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୨୭ରେ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିବାବେଳେ ଓଡ଼ିଶାର ବିଭିନ୍ନ ଅଞ୍ଚଳର ପୋଲିସ ଅଫିସର ଏବଂ କର୍ମଚାରୀମାନେ ଏଥିରେ ଯୋଗଦେଇଥିଲେ।



ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଇନ୍ସପେକ୍ଟର ବନିତା ମହାରଣା।

# ଲିଙ୍ଗ୍‌ଡୋ କମିଶନ ଗାଇଡ୍‌ଲାଇନ୍ ପାଳନ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୯।୯ (ବ୍ୟୁରୋ)

ରାଜ୍ୟରେ ଥିବା ସରକାରୀ, ବେସରକାରୀ କଲେଜ ସହିତ ବିଶ୍ୱବିଦ୍ୟାଳୟଗୁଡିକରେ ଛାତ୍ର ସଂସଦ ନିର୍ବାଚନ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ତାରିଖ ଘୋଷଣା କରାଯାଇଛି। ନିର୍ବାଚନ ବେଳେ ଯେଉଁ କଲେଜ ଓ ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି ଦେଖାଦେବ ତେବେ ସେଠାରେ ପରିସ୍ଥିତି ଦେଖି କଲେଜ ଅଧକ୍ଷ ଏବଂ ବିଶ୍ୱବିଦ୍ୟାଳୟ କୁଳପତି ନିର୍ବାଚନ ହେବ କି ନ ହେବ ତାହା ଉପରେ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କ୍ଷମତା ଦିଆଯାଇଥିବା ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ କହିଛନ୍ତି। ନିର୍ବାଚନ ତାରିଖ ଘୋଷଣା ହେବା ପରେ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡିକରେ ନିର୍ବାଚନ ମାହୋଲ ଦେଖିବାକୁ ମିଳିଲାଣି ଛାତ୍ର ସଂସଦ ନିର୍ବାଚନର ବିଭିନ୍ନ ପଦବୀ ପାଇଁ ନାମାଙ୍କନ କରିବାକୁ ଥିବା ଆଶାୟୀ ପ୍ରାର୍ଥୀ କଲେଜ ଏବଂ ବିଶ୍ୱବିଦ୍ୟାଳୟଗୁଡିକରେ ନିଜ ସମର୍ଥକଙ୍କୁ ଧରି କ୍ୟାମ୍ପେନିଂ ଆରମ୍ଭ କରିଦେଲେଣି। ଏନେଇ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ପାର୍ଥସାରଥି ମିଶ୍ର କୁହନ୍ତି, ଛାତ୍ର ସଂସଦ ନିର୍ବାଚନ ବେଳେ ଯେପରି କଲେଜ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ବିଶୃଙ୍ଖଳା ସୃଷ୍ଟି ନ ହେବ ସେଥିପାଇଁ ବିଭାଗ ପକ୍ଷରୁ ଲିଙ୍ଗ୍‌ଡୋ କମିଶନରଙ୍କ ଗାଇଡ୍‌ଲାଇନକୁ ପାଳନ କରିବାକୁ କୁହାଯାଇଛି। ଗାଇଡ୍‌ଲାଇନ ଯେପରି ସୁଚାରୁପେ ପାଳନ କରାଯିବ ସେଥିପାଇଁ ବିଭାଗ ସମସ୍ତ ଜିଲାପାଳ, ଉଚ୍ଚଶିକ୍ଷା ନିର୍ଦ୍ଦେଶକ, ସମସ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ, ସରକାରୀ ଏବଂ ବେସରକାରୀ କଲେଜ ଅଧକ୍ଷା ଅଧକ୍ଷ ଏବଂ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କୁ ଚିଠି କରାଯାଇଛି। ଯଦି ଛାତ୍ର ସଂସଦ ନିର୍ବାଚନ ବେଳେ କୌଣସି ପରିସ୍ଥିତିରେ କଲେଜ କିମ୍ବା ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ର ଅଶାନ୍ତି ଦେଖାଦିଏ ତେବେ ପରିସ୍ଥିତିକୁ ଅନୁଧ୍ୟାନ କରି ନିର୍ବାଚନ କରାଯିବା କି ନ କରାଯିବା ସେ ସଂକ୍ରାନ୍ତରେ କଲେଜ ଅଧକ୍ଷ ଏବଂ କୁଳପତି ନିଷ୍ପତ୍ତି ଗ୍ରହଣ କରିବେ। ନିର୍ବାଚନ ବେଳେ ପ୍ରାର୍ଥୀ ଏବଂ ସମର୍ଥକ କୌଣସି ପ୍ରକାର ବିଶୃଙ୍ଖଳା ସୃଷ୍ଟି ନ ଉପୁଜାଇବାକୁ ଅତିରିକ୍ତ ଶାସନ ସଚିବ ଛାତ୍ରୀଛାତ୍ରମାନଙ୍କୁ କହିଛନ୍ତି। ଶାନ୍ତିଶୃଙ୍ଖଳାର ସହିତ କ୍ୟାମ୍ପେନିଂ କରିବା ସହିତ ଲିଙ୍ଗ୍‌ଡୋ କମିଶନ ଗାଇଡ୍‌ଲାଇନକୁ ପାଳନ କରିବାକୁ ଅତିରିକ୍ତ ଶାସନ ସଚିବ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି।


ଓଡ଼ିଶାର ଘରେ ଘରେ ପରିଚିତ ।
ହାଇପାୱାର ®
ମଲମ ଓ ଲୋସନ୍
ଯାଦୁ, ପାଣିକନ୍ଦା ଓ ଗୋଡ଼ଫଟା ପାଇଁ ଫଳପ୍ରଦ


# 'କେନ୍ଦ୍ର-ରାଜ୍ୟ ତୈଳଦର ବୃଦ୍ଧି ନେଇ ରାଜନୀତି ବନ୍ଦ କରନ୍ତୁ'

ଭୁବନେଶ୍ୱର,୨୯।୯(ବ୍ୟୁରୋ)

ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧି ନେଇ ବିଜେଡି କାନ୍ଦୁଛି ସତ, ହେଲେ ତା' ଆଖିରେ ଲୁହ ନାହିଁ। ରାଜ୍ୟବାସୀ ଉତ୍କଟ ବେକାରି ସମସ୍ୟା, ଦରଦାମ୍ ବୃଦ୍ଧି, ମୌଳିକ ସୁବିଧା ସୁଯୋଗ ନ ମିଳିବା, ମାତ୍ରାଧିକ ଟିକସ ବୋଝ ଭଳି ସମସ୍ୟାରୁ ନଜର ହଟାଇବା ପାଇଁ ତୈଳଦର ବୃଦ୍ଧିପ୍ରତିବାଦର ଆନ୍ଦୋଳନ କରୁଛି। ରାଜଭବନ ସମ୍ମୁଖରେ ବିକ୍ଷୋଭ କଲେ ତୈଳଦର କମିବ ନାହିଁ, ଏ କଥା ବିଜେଡି ଜାଣିଛି। ତଥାପି ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଇବାକୁ ବିଜେଡି ବିକ୍ଷୋଭ ନାଟକ କରୁଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି।

ପିସିସି ଗଣମାଧ୍ୟମ ପ୍ରମୁଖ ସତ୍ୟପ୍ରକାଶ ନାୟକ କହିଛନ୍ତିଯେ, ପେଟ୍ରୋଲରେ ଲିଟର ପିଛା ରାଜ୍ୟ ସରକାର ୧୩.୨୬ ଏବଂ ଡିଜେଲରେ ଲିଟର ପିଛା ୧୨.୫୦ ଟଙ୍କା ଟ୍ୟାକ୍ସ ଆକାରରେ ପାଉଛନ୍ତି। ସେହିଭଳି କେନ୍ଦ୍ର ପେଟ୍ରୋଲରେ ୧୯.୪୮ ଏବଂ ଡିଜେଲରେ ଲିଟର ପିଛା ୧୫.୩୩ ଟଙ୍କା ଉତ୍ପାଦନ ଶୁଳ୍କ ଆକାରରେ ସଂଗ୍ରହ କରୁଛନ୍ତି। ତେଣୁ ସାଧାରଣ ଖାଉଟି ପକେଟରୁ ଉଭୟ କେନ୍ଦ୍ର-ରାଜ୍ୟ ଲୁଟୁଛନ୍ତି। କେହି ଜଣେ ବି କର ହ୍ରାସ କରୁନାହାନ୍ତି। ବରଂ ଆରୋପ-ପ୍ରତ୍ୟାରୋପର ରାଜନୀତି କରୁଥିବା ସତ୍ୟପ୍ରକାଶ ଅଭିଯୋଗ କରିଛନ୍ତି।

କେନ୍ଦ୍ର ଓ ରାଜ୍ୟ ଏଥିରୁ ପ୍ରବଳ ରାଜସ୍ୱ ସଂଗ୍ରହ କରୁଥିବା ତଥ୍ୟ ରଖିଛି କଂଗ୍ରେସ। ୨୦୧୪ରେ ଓଡ଼ିଶା ସରକାର ଭାଟ୍ ବାବଦରେ ୨୮୬୫ କୋଟି ଆଦାୟ କରିଥିବା ବେଳେ ୨୦୧୭-୧୮ରେ ଏହି ପରିମାଣ ୧୪୦ ପ୍ରତିଶତ ବୃଦ୍ଧି ପାଇ ୬୯୦୦ କୋଟି ଟଙ୍କାରେ ପହଞ୍ଚିଛି । ସେହିପରି କେନ୍ଦ୍ର ସରକାରଙ୍କ ଟିକସ ଆଦାୟ ବାବଦରେ ୨୦୧୪ ତୁଳନାରେ ୨୧୧ ପ୍ରତିଶତ ବୃଦ୍ଧି ହୋଇ ୨,୨୨,୦୦୦ କୋଟି ଟଙ୍କାରେ ପହଞ୍ଚିଛି। କେବଳ ମୋଦି ସରକାର ବିଗତ ସାଢ଼େ ୪ ବର୍ଷରେ ୧୧ ଲକ୍ଷ କୋଟି ଟିକସ ଶୋଷିଥିବା ବେଳେ ରାଜ୍ୟ ସରକାର ପ୍ରାୟ ୧୫ ହଜାର କୋଟି ଟଙ୍କା ଆଦାୟ କରିଥିବା କଂଗ୍ରେସ ପକ୍ଷରୁ କୁହାଯାଇଛି।

# ପୌର ନିର୍ବାଚନ: ସ୍ଥାନ ସଂରକ୍ଷଣ ସାଜିଲା କଣ୍ଟା

ଭୁବନେଶ୍ୱର,୨୯।୯(ବ୍ୟୁରୋ)

- ୬୫ ମ୍ୟୁନିସିପାଲିଟି/ଏନ୍‌ଏସିରେ ନିଯୁକ୍ତ ହେଲେ ପ୍ରଶାସକ
- ଜିଲାପାଳ ବ୍ରହ୍ମପୁର ମହାନଗର ନିଗମ ପ୍ରଶାସକ

ଅଧିକ ସ୍ଥାନ ସଂରକ୍ଷଣ ସାଜିଲା କଣ୍ଟା। ସୁପ୍ରିମକୋର୍ଟଙ୍କ ରାୟ ପରେ ନିର୍ଦ୍ଧାରିତ ସମୟରେ ରାଜ୍ୟ ସରକାର ପୌରସଂସ୍ଥାଗୁଡ଼ିକର ନିର୍ବାଚନ କରିବାରେ ଫେଲ୍ ମାରିଲେ। ଶନିବାର ଅର୍ଥାତ ସେପ୍ଟେମ୍ବର ୨୯ ତାରିଖରେ ରାଜ୍ୟର ୬୫ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ମ୍ୟୁନିସିପାଲିଟି ଏବଂ ବ୍ରହ୍ମପୁର ମହାନଗର ନିଗମର କାର୍ଯ୍ୟକାଳ ଶେଷ ହୋଇଛି। ନିର୍ବାଚନ ହୋଇ ନ ପାରିବାରୁ ରାଜ୍ୟ ସରକାର ମହାନଗର ନିଗମ ଓ ପୌର ସଂସ୍ଥାଗୁଡ଼ିକରେ ପ୍ରଶାସକମାନଙ୍କୁ ଦାୟିତ୍ୱ ଦେଇଛନ୍ତି। ନିର୍ବାଚନ ହୋଇ ନୂଆ ପରିଷଦ ଗଠନ ହେବା ପର୍ଯ୍ୟନ୍ତ ସେହି ପ୍ରଶାସକମାନେ ଦାୟିତ୍ୱରେ ରହିବେ। ଏ ନେଇ ଶନିବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି ଯେ, ରାଜ୍ୟର ୨୦ଟି ଜିଲାର ୬୫ଟି ମ୍ୟୁନିସିପାଲିଟି ଓ ପୌରସଂସ୍ଥାରେ ୨୦୧୩ ସେପ୍ଟେମ୍ବର ୩୦ ତାରିଖରେ ପୌର ପରିଷଦ ପାଇଁ ୫ ବର୍ଷିଆ କାର୍ଯ୍ୟକାଳ ହିସାବରେ ନିର୍ବାଚନ ହୋଇଥିଲା, ଯାହାର କାର୍ଯ୍ୟକାଳ ସେପ୍ଟେମ୍ବର ୨୯ ତାରିଖରେ ଶେଷ ହୋଇଛି। ନିର୍ବାଚନ ନିର୍ଦ୍ଧାରିତ ସମୟରେ ହୋଇପାରି ନ ଥିବାରୁ ଓଡ଼ିଶା ମ୍ୟୁନିସିପାଲିଟି ଆକ୍ଟ ୧୯୫୦ର ସେକ୍ସନ-୪୦୧ର ସବ୍‌ସେକ୍ସନ ୫(ଏ) ଅନୁଯାୟୀ ରାଜ୍ୟ ସରକାର ଜିଲାପାଳ, ଏଡିଏମ୍, ଉପଜିଲାପାଳ, ପିଡି ଡିଆର୍‌ଡିଏ, ଏପିଡି ଡିଆର୍‌ଡିଏଙ୍କୁ ମ୍ୟୁନିସିପାଲିଟି/ଏନ୍‌ଏସିରେ ପ୍ରଶାସକ ଭାବେ ନିଯୁକ୍ତି ଦେଇଛନ୍ତି। ଅନୁଗୋଳ ଜିଲାର ୩ଟି ପୌରସଂସ୍ଥାରେ ଜିଲାପାଳ ଏବଂ ଉପଜିଲାପାଳଙ୍କୁ, ବାଲେଶ୍ୱର ଜିଲାର ୪ଟିରେ ଜିଲାପାଳ, ଉପଜିଲାପାଳ ଏବଂ ଏଡିଏମ୍‌ଙ୍କୁ ପ୍ରଶାସକ ଭାବେ ନିଯୁକ୍ତ କରାଯାଇଛି। ସେହିପରି ଭଦ୍ରକ ଜିଲାର ୨, ବୌଦ୍ଧର ୧, କଟକ ୩, ଢେଙ୍କାନାଳ ୩, ଗଜପତି ୨, ଗଞ୍ଜାମ ୧୭, ଜଗତ୍‌ସିଂହପୁର ୨, ଯାଜପୁର ୨, କେନ୍ଦ୍ରାପଡ଼ା ୧, କେନ୍ଦୁଝର ୪, ଖୋର୍ଦ୍ଧା ୪, କୋରାପୁଟ ୩, ମାଲକାନଗିରି ୧, ମୟୂରଭଞ୍ଜ ୩, ନୟାଗଡ଼ ୨, ନବରଙ୍ଗପୁର ୨, ପୁରୀ ୪, ରାୟଗଡ଼ା ଜିଲାର ୩ଟି ପୌରସଂସ୍ଥାରେ ଜିଲାପାଳ, ଉପଜିଲାପାଳ, ଏଡିଏମ୍, ଏପିଡି ଡିଆର୍‌ଡିଏ, ଆସ୍କା ଚିନିକଳର ପରିଚାଳନା ନିର୍ଦ୍ଦେଶକଙ୍କୁ ପୌରସଂସ୍ଥାଗୁଡିକର ପ୍ରଶାସକ ଭାବେ ନିଯୁକ୍ତି ଦେଇଛନ୍ତି। ଲୋକପ୍ରତିନିଧିଙ୍କ ପରେ ସମସ୍ତ କ୍ଷମତା ଏବେ ପ୍ରଶାସକଙ୍କ ହାତରେ ରହିବ। ସେହିପରି ବ୍ରହ୍ମପୁର ମହାନଗର ନିଗମର ପ୍ରଶାସକ ଭାବେ ଗଞ୍ଜାମ ଜିଲାପାଳଙ୍କୁ ରାଜ୍ୟ ସରକାର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି। ସେହିପରି ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ପାରଳାଖେମୁଣ୍ଡି, ଜଗତ୍‌ସିଂହପୁର, ଯାଜପୁର, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ପୁରୀ, ରାୟଗଡା, ନୟାଗଡ, ମାଲକାନଗିରିରେ ଜିଲାପାଳଙ୍କୁ ପ୍ରଶାସକ ଭାବେ ନିଯୁକ୍ତ କରାଯାଇଛି।

କୌଣସି ପରିସ୍ଥିତିରେ ପୌର ପରିଷଦ ଓ ମହାନଗର ନିଗମଗୁଡିକରେ ଏସ୍‌ସି,ଏସ୍‌ଟି ଏବଂ ଓବିସିଙ୍କ ପାଇଁ ସ୍ଥାନ ସଂରକ୍ଷଣ ୫୦ ପ୍ରତିଶତ ଡେଇଁବ ନାହିଁ ବୋଲି ହାଇକୋର୍ଟ ରାୟ ଶୁଣାଇଥିବା ବେଳେ ସୁପ୍ରିମକୋର୍ଟ ଏହି ରାୟକୁ ଶୁକ୍ରବାର କାଏମ ରଖିଥିଲେ। ଏହି ରାୟ ପରେ ରାଜ୍ୟରେ ହେବାକୁଥିବା ପୌର ନିର୍ବାଚନ ଅନିଶ୍ଚିତତା ଭିତରକୁ ଚାଲିଯାଇଛି। ନିର୍ବାଚନ ନେଇ ରାଜ୍ୟ ସରକାର ଚଳାଇଥିବା ସମସ୍ତ ପ୍ରସ୍ତୁତି ବେକାର ହୋଇଯାଇଛି।

ରାଜ୍ୟ ସରକାର ୩ଟି ମହାନଗର ନିଗମକୁ ମିଶାଇ ୯୩ଟି ଏନ୍‌ଏସି, ମ୍ୟୁନିସିପାଲିଟିର ନିର୍ବାଚନ କରିବାକୁ ପ୍ରସ୍ତୁତ ହୋଇଥିଲେ। ପ୍ରଥମ ପର୍ଯ୍ୟାୟରେ ୬୬ଟି ପୌରସଂସ୍ଥାରେ ନିର୍ବାଚନ ହୋଇଥାଆନ୍ତା। ଏ ନେଇ ସ୍ଥାନ ସଂରକ୍ଷଣ, ୱାର୍ଡ ପୁନର୍ଗଠନ ଓ ସୀମା ପୁନଃନିର୍ଦ୍ଧାରଣ କାର୍ଯ୍ୟ ଶେଷ ହୋଇଥିଲା। ମାତ୍ର ସ୍ଥାନ ସଂରକ୍ଷଣକୁ ନେଇ ବିବାଦ ହୋଇଥିଲା। ନୂଆପଡ଼ା ଏନ୍‌ଏସିରେ ସ୍ଥାନ ସଂରକ୍ଷଣ ୫୦ ପ୍ରତିଶତକୁ ନ ଟପିବାକୁ ହାଇକୋର୍ଟ ରାୟରେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ରାୟକୁ ସୁପ୍ରିମକୋର୍ଟ କାଏମ ରଖିବା ପରେ ରାଜ୍ୟ ସରକାର ଏବେ ହରଡ଼ଘଣାରେ ପଡ଼ିଯାଇଛନ୍ତି।


ଆଶାର କିରଣ ! ୧୯୯୧ଠାରୁ !! ନିଃସନ୍ତାନ ଦମ୍ପତିଙ୍କ ପାଇଁ !!!
ଡ. ରାମାସ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଫର୍ଟିଲିଟି
ଆଇଏସ୍‌ଓ ୯୦୦୧:୨୦୦୮ ପ୍ରମାଣିତ ଆଇଭିଏଫ୍ କେନ୍ଦ୍ର
ଆଜି ନିଃସନ୍ତାନ ଦମ୍ପତିଙ୍କ ପାଇଁ ଆଇୟୁଆଇ- ଆଇଭିଏଫ୍- ଆଇସିଏସ୍‌ଆଇ, ସରୋଗେସି, ଲେଜର୍, ଟିଇଏସ୍‌ଏ/ ଏମ୍‌ଇଏସ୍‌ଏ ମାଧ୍ୟମରେ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ପରାମର୍ଶ, ନିଦାନ ସେବା ଓ ଚିକିତ୍ସା ଏବଂ ଶୁକ୍ରାଣୁ/ ଡିମ୍ବାଣୁ/ ଭ୍ରୂଣ ଫ୍ରିଜିଂ/ଦାନ ସୁବିଧା ସହଜରେ ଉପଲବ୍ଧ।
ବର୍ତ୍ତମାନ ଆମ ସେବା ବେଙ୍ଗାଲୁରୁଠାରେ "ଡ. ରାମାସ୍ ଟେଷ୍ଟ ଟ୍ୟୁବ୍ ବେବି ସେଣ୍ଟର" ନାମରେ ଡି ସି ଚାମ୍ବର୍ସ, ୪୨୧/ଏମ୍, କ୍ରିଷ୍ଣା ଦେବସ୍ଥାନମ୍ ରୋଡ୍, ଇନ୍ଦିରା ନଗର ଷ୍ଟେଜ୍ ୧ରୁ ପ୍ରଦାନ କରାଯାଉଛି
ଫୋନ୍ ନଂ.: ୦୨୨୬୨୧୮୧୬୧୯୧ (ନିଃଶୁଳ୍କ), ୦୭୦୨୨୯୮୬୩୦୦
E-mail: ramafertility@yahoo.com www.fertilityindia.com
FERTILITY INDIA RESEARCH INSTITUTE & HOSPITAL
ଚନ୍ଦନା ବ୍ରଦର୍ସ ସମ୍ମୁଖ, ଅମୀରପେଟ, ହାଇଦ୍ରାବାଦ ।
TOLL FREE NO : 1800 425 3255
ଆମର ସମସ୍ତ କେନ୍ଦ୍ର ୩୬୫ ଦିନ ଖୋଲା।







ଦାୟିତ୍ୱ ସମ୍ପାଦନ କଲେ ଶାନ୍ତି ଏବଂ ଅନ୍ୟର ସେବା କଲେ ସୁଖ ଆପେ ଆପେ ମିଳିଥାଏ।

-ଉତ୍କଳଗୌରବ ମଧୁସୂଦନ

## ସଂକ୍ଷେପରେ

### କଳାକେନ୍ଦ୍ରର ନୂତନ କର୍ମକର୍ତ୍ତା ମନୋନୀତ

ଜୟପୁର,୨୯।୯(ଡି.ଏନ୍.ଏ.): ଜୟପୁର ଶାରଦା ବିହାରସ୍ଥିତ ସାଂସ୍କୃତିକ, ନୃତ୍ୟ ଓ ସଂଗୀତ ପ୍ରଶିକ୍ଷଣ କଳାକେନ୍ଦ୍ରର ଏକ ସାଧାରଣ ପରିଷଦ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ସର୍ବସମ୍ମତି କ୍ରମେ ଅଧକ୍ଷା ଭାବେ ସୁଭଦ୍ରା ପ୍ରଧାନ, ସଭାପତି ପରେଶ ରଥ, ଉପସଭାପତି ଡ. ସୁରେଶ ଦାଶ, ସଂପାଦକ ଗୁରୁ କାହ୍ନୁଚରଣ ପ୍ରଧାନ, ଯୁଗ୍ମ ସଂପାଦକ ଅଶୋକ ମହାରଣା, କୋଷାଧକ୍ଷ ସୀତାକାନ୍ତ ପ୍ରଧାନ, କାର୍ଯ୍ୟକ୍ରମ ନିଷ୍ପାଦକ ଉମାକାନ୍ତ ପ୍ରଧାନ, ପରାମର୍ଶଦାତା ଭାବେ ଇଂ. କେଦାରନାଥ ବେହେରା, ପ୍ରକାଶ ନାୟକ, ଶ୍ରୀନାଥ ମିଶ୍ର, ୧୧ ଜଣ କାର୍ଯ୍ୟକାରୀ ପରିଷଦ ସଦସ୍ୟ ରଘୁନାଥ ବେହେରା, ଉଷାରାଣୀ ପ୍ରଧାନ, ଗୀତାଞ୍ଜଳି ରଥ, ପ୍ରଭାତ ରଥ, ରତ୍ନାକର ଚୌଧୁରୀ, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ସୁରେନ୍ଦ୍ର ପଟ୍ଟନାୟକ, ସୁଶାନ୍ତ ପ୍ରଧାନ, ମଧୁସୂଦନ ଦାସ, ଉମାକାନ୍ତ ପ୍ରଧାନ ମନୋନୀତ ହୋଇଛନ୍ତି।

### ଆମ ପୋଲିସ ସମିତି ବୈଠକ



ନନ୍ଦପୁର,୨୯।୯(ଡି.ଏନ୍.ଏ.): ନନ୍ଦପୁର ଥାନା ପକ୍ଷରୁ ଶନିବାର ଆମ ପୋଲିସ ସମିତି ମାସିକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଏସ୍‌ଡିପିଓ ତପନ ମହାନନ୍ଦ, ଆଇଆଇସି ଚନ୍ଦ୍ରଶେଖର ଶବର, ଜଳନ୍ଧର ସେଠୀ, ଏସ୍‌ଆଇ ବିଘ୍ନରାଜ ଭତ୍ରା, ଏଏସ୍‌ଆଇ ଜେ.କେ. ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଏହି ବୈଠକରେ ଉପସ୍ଥିତ ସଭ୍ୟମାନେ ବୁଧବାର ସାପ୍ତାହିକ ହାଟରେ ଟ୍ରାଫିକ ନିୟନ୍ତ୍ରଣ ଦଶହରା ସମୟରେ ଜୁଆଖେଳ ଉପରେ ଅଙ୍କୁଶ ଲଗାଇବା, କଲେଜ ଛାତ୍ରମାନେ ବିନା ହେଲମେଟ୍‌ରେ ବାଇକ ଚଳାଇବା ଉପରେ ପଦକ୍ଷେପ, ନନ୍ଦପୁରଠାରୁ ପାଲିବା ରାସ୍ତା ମରାମତି କରିବା, ସାତସିମିଳି ଗ୍ରାମଛକରେ ସ୍ପିଡ୍ ବ୍ରେକର ନିର୍ମାଣ ପାଇଁ ପଦକ୍ଷେପ, ନନ୍ଦପୁର ବସ୍‌ଷ୍ଟାଣ୍ଡରେ ଅଧା ନିର୍ମାଣ ଗତିରୋଧକୁ ସମ୍ପୂର୍ଣ୍ଣ କରିବା, ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା କରିବା ସହ ଜରୁରୀ ନହେଲେ ଅନ୍ୟ ଡାକ୍ତରଖାନାକୁ ରୋଗୀଙ୍କୁ ସ୍ଥାନାନ୍ତର ନ କରିବା ଉପରେ ପଦକ୍ଷେପ ନେବା ପାଇଁ ମତ ପ୍ରକାଶ କରିଥିଲେ। ଏହି ବୈଠକରେ ସଭ୍ୟ ଜଗନ୍ନାଥ ପାଙ୍ଗି, ଗୋପାଳକୃଷ୍ଣ ବେବର୍ତ୍ତା, ଦିବାକର ହିଆଲ, କମୁ ପାଙ୍ଗି, ଟଙ୍କଧର ଖରା, ତୁଷାରକାନ୍ତ ମହାନ୍ତି, ଗଣେଶ ପାଙ୍ଗି ଉପସ୍ଥିତ ଥିଲେ।

### ୧୦ରେ ୟୁନାଇଟେଡ୍ ଠିକାଦାର ମହାସଂଘ ନିର୍ବାଚନ

ଜୟପୁର,୨୯।୯(ଡି.ଏନ୍.ଏ.): ଅବିଭକ୍ତ କୋରାପୁଟ ଜିଲାର ୟୁନାଇଟେଡ ଠିକାଦାର ମହାସଂଘର କର୍ମକର୍ତ୍ତାଙ୍କ ନିର୍ବାଚନ ଅକ୍ଟୋବର ୧୦ରେ ଜୟପୁରସ୍ଥିତ ପୁରୁଣାଗଡ଼ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଏନେଇ ସେପ୍ଟେମ୍ବର ୩୦ରେ ନାମାଙ୍କନପତ୍ର ଦାଖଲ, ଅକ୍ଟୋବର ୧ରେ ନାମାଙ୍କନ ପ୍ରତ୍ୟାହାର ଏବଂ ୧୦ ତାରିଖ ସକାଳ ୯ଟାରୁ ନିର୍ବାଚନ ଅନୁଷ୍ଠିତ ହେବ। ୧୯୯୪-୯୫ରେ ଗଠିତ ଏହି ସଂଘ ପୁରାତନ ହୋଇଥିବା ଯୋଗୁଁ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ କରାଯାଇ କର୍ମକର୍ତ୍ତା ଚୟନ କରାଯାଉଥିବା ସଭାପତି କାଳୀ ପ୍ରସାଦ ମିଶ୍ର କହିଛନ୍ତି।

### ଏନ୍‌ଏସ୍‌ଏସ୍ ଦିବସ ପାଇଁ ପଦଯାତ୍ରା

ସେମିଳିଗୁଡ଼ା,୨୯।୯(ସ୍ୱ.ପ୍ର.): ସୁନାବେଡ଼ା ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ଉପଲକ୍ଷେ ସ୍ୱେଚ୍ଛାସେବୀମାନେ ଅନୁଷ୍ଠାନ ପରିସର ସଫେଇ କରିବା ସହ ଏକ ପଦଯାତ୍ରା କରିଛନ୍ତି। ମହାବିଦ୍ୟାଳୟରୁ ପଦଯାତ୍ରା ବାହାରି ସୁନାବେଡ଼ା ମ୍ୟୁନିସିପାଲଟି, ଡିପି କ୍ୟାମ୍ପ, ହନୁମାନ ବଜାର, ବାପୁଜୀ କଲୋନି, ଗଞ୍ଜାମ କଲୋନି ପରିକ୍ରମା କରିବା ସହ ସ୍ୱଚ୍ଛତା ବିଷୟରେ ସାଧାରଣ ଲୋକଙ୍କୁ ସଚେତନ କରାଯାଇଥିଲା। ଏହାସହ ଭୋଟର ତାଲିକା ସଂଶୋଧନ ଏବଂ ପଞ୍ଜିକରଣ କାର୍ଯ୍ୟକ୍ରମ ହୋଇଥିଲା। ସୁନାବେଡ଼ା ମ୍ୟୁନିସିପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର ଏବଂ ଚିତ୍ତରଞ୍ଜନ ସାହୁ ଏଥିରେ ଛାତ୍ରୀଙ୍କୁ ଭୋଟ୍ ପଞ୍ଜିକରଣ ପଦ୍ଧତି ଓ ଆବଶ୍ୟକତା ଉପରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକୁ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ସରିତା ପରିଡ଼ା, ୱାଇଆର୍‌ସି କାଉନସିଲର କୁମାରୀ ଶୁଭଶ୍ରୀ ପରିଡ଼ା ପରିଚାଳନା କରିଥିଲେ।

■ କୋରାପୁଟ ପୌର ପରିଷଦ ଶେଷ କାଉନସିଲ ବୈଠକ

# ପ୍ରତିନିଧିତ୍ୱ ସରିଲା, ଏବେ ନେତୃତ୍ୱ ନେବା ପାଳି

କୋରାପୁଟ,୨୯।୯(ସ୍ୱ.ପ୍ର.)



ଶେଷ ବୈଠକରେ ଉପସ୍ଥିତ କାଉନସିଲରମାନେ।

ରବିବାରଠାରୁ କୋରାପୁଟ ପୌର ପରିଷଦର କାଉନସିଲରମାନଙ୍କ କାର୍ଯ୍ୟ ଶେଷ ହେଉଥିବାବେଳେ ଶନିବାର ଅପରାହ୍ନରେ କାଉନସିଲର ଶେଷ ବୈଠକ ଅନୁଷ୍ଠିତ ହୋଇଛି। କୋରାପୁଟ ମ୍ୟୁନିସପାଲିଟିର ଅଧକ୍ଷ ଭଗବାନ ବାହିନୀପତିଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ ଯୋଗଦେଇ ସମସ୍ତ କାଉନସିଲରମାନଙ୍କ ସହଯୋଗରେ ପରିଷଦର କାର୍ଯ୍ୟ ସୁରୁଖୁରରେ ଶେଷ କରାଯାଇଥିବାରୁ ସମସ୍ତଙ୍କୁ ସାଧୁବାଦ ଦେଇଥିଲେ। ଏହି ବୈଠକରେ କୋରାପୁଟ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ଯୋଗଦେଇ ପୌରପରିଷଦର କାଉନସିଲରମାନଙ୍କ ପ୍ରତିନିଧିତ୍ୱର ସମୟ ସରିଥିବାବେଳେ ବର୍ତ୍ତମାନ ନେତୃତ୍ୱ ପାଳି ଆରମ୍ଭ ହେବ ବୋଲି ବୈଠକରେ ସୂଚାଇଥିଲେ। ତେଣୁ କାଉନସିଲରମାନେ ନିଜ ୱାର୍ଡ଼ର ସମସ୍ତ ସମସ୍ୟା ସମାଧାନ କରି ୱାର୍ଡ଼ବାସୀଙ୍କ ବିଶ୍ୱାସଭାଜନ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ଏମ୍‌ପିଙ୍କ ପ୍ରତିନିଧି ସୁରେଶ ପଟ୍ଟନାୟକ, ପୌରପରିଷଦର ଉପାଧକ୍ଷା ସଂଜୁଲତା ରାଉତ, ପୌରପରିଷଦ ଯନ୍ତ୍ରୀ ରମେଶ କୁମାର ମହାରଣା, ସହକାରୀ ଯନ୍ତ୍ରୀ ମନୋଜ କୁମାର ପାତ୍ର, ଅଶୋକ କୁମାର ଶାହାଙ୍କ ସମେତ କାଉନସିଲର ନମିତା ମିଶ୍ର, ରାମଚନ୍ଦ୍ର ମାଝି, ଅମ୍ବିକା ଷଣ୍ଢ, ମନିଷା ବିଶ୍ୱାସୀ, ପ୍ରତିମା ମୁଦୁଲି, ଲିଲି ବୁରାଡ଼ି, ଲକ୍ଷ୍ମୀ ମୁଦୁଲି, ଟୁନି ଖରା, ଲକ୍ଷ୍ମୀ କୁମାରୀ ଖୋସ୍ଲା, ନୀଳା ପୂଜାରୀ, ସୋମନାଥ ପୂଜାରୀ, ମନୋଜ କୁମାର ପଣ୍ଡା, ସତ୍ୟଜିତ ଦାସ, ମହେଶ୍ୱର ବାଘ, ସୁନ୍ଦର ବଡ଼ନାୟକ, ଜି. ବିଜୟ କୁମାର ରାଓ, ପଦଲାମ ଜାନି ଉପସ୍ଥିତ ଥିଲେ।



ବିଜେଡିର ପଞ୍ଚାୟତ କର୍ମଶାଳାକୁ ସମ୍ବୋଧିତ କରୁଛନ୍ତି ଏମ୍‌ପି ଝିନ୍ନ ହିକ୍କା।

# ୮ ଲକ୍ଷର ପ୍ରକଳ୍ପ ପାଇଁ ଭୂମିପୂଜା କଲେ ଏମ୍‌ପି

■ ୩ ପଞ୍ଚାୟତରେ ବିଜେଡିର କର୍ମଶାଳା

ଦଶମନ୍ତପୁର,୨୯।୯(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ଅଧୀନସ୍ଥ ପାଇକ ଫୁଲବେଡ଼ା, ଏ. ମାଲକାନଗିରି ଏବଂ ନନ୍ଦିଗାଁ ପଞ୍ଚାୟତ ସଦର ମହକୁମାରେ ଶନିବାର ବିଜେଡିର ବୁଥ୍‌ସ୍ତରୀୟ କର୍ମଶାଳା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କୋରାପୁଟ ଏମ୍‌ପି ଝିନ୍ନ ହିକ୍କା ଏବଂ କୋରାପୁଟ ଜିଲା ପରିଷଦ ଅଧକ୍ଷ ପ୍ରଭୁ ଜାନି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେଡିର କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ପ୍ରଥମେ ଏମ୍‌ପି ହିକ୍କା ପାଇକ ଫୁଲବେଡ଼ା ପଞ୍ଚାୟତରେ ବୁଥ୍‌ସ୍ତରୀୟ କର୍ମଶାଳାରେ ଯୋଗଦେଇ ଫୁଲବେଡ଼ା ଗାଁ ଓ ମଇନାମାଳ ଗ୍ରାମର ନିଶାଣିମୁଣ୍ଡ ଗୃହ ନିର୍ମାଣ ପାଇଁ ଉନ୍ନୟନ ଆଦିବାସୀ ବିକାଶ ପକ୍ଷରୁ ୮ ଲକ୍ଷ ଟଙ୍କା ବ୍ୟୟବରାଦରେ ହେବାକୁ ଥିବା ପ୍ରକଳ୍ପର ଭୂମିପୂଜା କରିଛନ୍ତି। ସେହିପରି ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିକାଶ ପାଇଁ ନିଶାଣିମୁଣ୍ଡା, ଜାନି ଝାକର ଭଳି ଧର୍ମାନୁଷ୍ଠାନ ଗୃହ ନିର୍ମାଣ ପାଇଁ ୧୮ ଲକ୍ଷ ଟଙ୍କା ଲେଖାଏଁ ବ୍ୟୟବରାଦରେ ପ୍ରକଳ୍ପ ବିଜେଡି ଦେଇଥିବା କର୍ମଶାଳାରେ କୁହାଯାଇଥିଲା। ଏହି କର୍ମଶାଳାରେ ସମ୍ମାନିତ ଅତିଥି ଭାବେ ଏସ୍‌ସିଏସ୍‌ଟି କାଉନସିଲ ସଦସ୍ୟ ପଦ୍ମନାଭ ଜାନି, ଜିଲା ପରିଷଦ ସଭ୍ୟା ମମତା କୁଳଦୀପ, ବ୍ଲକ କାର୍ଯ୍ୟକାରୀ ସଭାପତି ରଘୁପତି ବିଶୋଇ, ଜିଲା ପର୍ଯ୍ୟବେକ୍ଷକ ବିସ୍ମୟ ଚୌଧୁରୀ, ବ୍ଲକ ବିଜେଡି ସଭାପତି ମହେନ୍ଦ୍ର କୁଳଦୀପ, ଜିଲା ସରପଞ୍ଚ ସଂଘ ସଭାପତି ଭଗବାନ ମୁଦୁଲି ଉପସ୍ଥିତ ଥିଲେ।

■ ଗାଡ଼ି ସହ ୫୦ ଶାଗୁଆନ ପଟା ଜବତ

# ୨ ଗିରଫ, କଷ୍ଟୋଡ଼ିରୁ ଜଣେ ଚମ୍ପଟ

ବୈପାରୀଗୁଡ଼ା,୨୯।୯(ଡି.ଏନ୍.ଏ.)

ବୈପାରୀଗୁଡା ବ୍ଲକ ରାମଗିରି ବନାଞ୍ଚଳ ପକ୍ଷରୁ ଶନିବାର ଏକ ପଟା ବୋଝେଇ ପିକ୍‌ଅପ୍ (ଓଡି୧୦ ଜେ ୧୮୧୭) ଉପରେ ଚଢ଼ାଉ କରାଯାଇ ୫୦ ଖଣ୍ଡ ଶାଗୁଆନ ପଟା ଜବତ କରାଯାଇଛି। ତେବେ ଏଥିରେ ୨ ଅଭିଯୁକ୍ତଙ୍କୁ ବନ ବିଭାଗ ଗିରଫ କରିଥିବା ବେଳେ ପରେ ସେଥିରୁ ଜଣେ କଷ୍ଟଡିରୁ ଚମ୍ପଟ ମାରିଛି।

ପ୍ରକାଶ ଯେ, ବନ ବିଭାଗ ଭାଲୁଗୁଡ଼ାରେ ଉପରୋକ୍ତ ପିକ୍‌ଅପ୍ ଉପରେ ଚଢ଼ାଉ କରିଥିଲା। ଏ ସଂପର୍କରେ ପ୍ରଥମେ ବନାଞ୍ଚଳ ଅଧିକାରୀ ସୁରେଶ ମଲ୍ଲିକ ସୂଚନା ଦେଇ କହିଥିଲେ ଯେ, ସଂପୃକ୍ତ ଗାଡ଼ି ମାଲିକ ତଥା ଚାଳକ କବିରାଜ ମାଟିଲିଆ ଓ ତାଙ୍କ ସହଯୋଗୀ କୁନ୍ଦନ ଗୌଡ଼ଙ୍କୁ ଗିରଫ କରାଯାଇଛି। ଉଭୟଙ୍କ ଘର ଭାଲୁଗୁଡ଼ାରେ। ଏହାର କିଛି ସମୟ ପରେ ସେ ପୁଣିଥରେ ସୂଚନା ଦେଇ କୁନ୍ଦନଙ୍କ ନାମକୁ ବାଦ ଦେବାକୁ କହିଥିଲେ। କୁନ୍ଦନ ଉକ୍ତ ସ୍ଥାନରେ ଛିଡ଼ା ହୋଇଥିଲେ ଓ ଏଥିରେ ତାଙ୍କର ସଂପୃକ୍ତି ନ ଥିବା ସେ କହିଥିଲେ। ଏଭଳି ଦୋମୁହାଁ ସୂଚନା ସଂପର୍କରେ ଅଧିକ ତଦନ୍ତରୁ କରିବାରୁ ଜଣାପଡ଼ିଲା ଯେ, ସଂପୃକ୍ତ ଅଭିଯୁକ୍ତ ପରିସ୍ରା ଯିବା ଆଳରେ ବାହାରକୁ ଯାଇଥିଲେ। ସାଥିରେ ୨ କର୍ମଚାରୀ ଥିଲେ ମଧ୍ୟ ସେ ସେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପୁନଶ୍ଚ ଏ ସଂପର୍କରେ ବନାଞ୍ଚଳ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ଘଟଣା ସଂପର୍କରେ ସେ ପଚାରି ବୁଝିବେ ବୋଲି କହିଥିଲେ। ଚଢ଼ାଉରେ ଅନ୍ୟ କର୍ମଚାରୀଙ୍କ ମଧ୍ୟରେ ଫରେଷ୍ଟର ଝାଡ଼େଶ୍ୱର ପଟ୍ଟନାୟକ, ଫରେଷ୍ଟର ଚୈତନ୍ୟ ତନ୍ତି, ଫରେଷ୍ଟର ଦେବେନ୍ଦ୍ର ନାୟକ ଓ ଫରେଷ୍ଟର ପି.କେ. ସାହୁଙ୍କ ସମେତ ପାରାଷ୍ଟାଫ୍ ଅଂଶଗ୍ରହଣ କରିଥିଲେ।

### ମନ୍ଦିର ହୁଣ୍ଡିରୁ ଚୋରି

କୁନ୍ଦୁରା,୨୯।୯(ଡି.ଏନ୍.ଏ.):

କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ କୋଲାବ ନଦୀର ବିଭିନ୍ନ ସ୍ଥାନରେ ପୋଲଗୁଡ଼ିକ ନିର୍ମାଣ ହେବା ପରେ ଗମନାଗମନ ବାଟ ସହଜ ହେବା ପରେ ଏବେ ଦିନକୁ ଦିନ ଚୋରି ଡକାୟତି ବଢ଼ୁଛି। କୁନ୍ଦୁରା ଥାନା ଅଧିକାରୀ ଭବାନୀ ମୁଦୁଲି ଏବଂ ଏସ୍‌ଆଇ ଶୁଭ୍ରାନ୍ତ ପଣ୍ଡା ଜୁଆ ଓ ଗଞ୍ଜେଇ ବ୍ୟବସାୟ ଉପରେ ଲଗାମ ଲଗାଇବା ଫଳରେ ବର୍ତ୍ତମାନ ଡକାୟତି କରିବା ପନ୍ଥା ଆପଣାଇଛନ୍ତି ଦୁର୍ବୃତ୍ତ। କୁନ୍ଦୁରା ବ୍ଲକ ସଦର ମହକୁମା ସ୍ଥିତ ନବନିର୍ମିତ ଜଗନ୍ନାଥ ମନ୍ଦିରରେ ଥିବା ହୁଣ୍ଡିର ଏବେ ଚୋରି ହୋଇଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି। ଏହି ଘଟଣା ଏବେ ପୋଲିସ ପାଇଁ ଏକ ପ୍ରକାର ମୁଣ୍ଡବ୍ୟଥା ପାଲଟିଛି। ଏନେଇ କେସ୍ ନଂ ୮୪/୧୮ରେ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି ପୋଲିସ।

### ନଦୀରେ ଭାସୁଛି ମୃତଦେହ

କୁନ୍ଦୁରା,୨୯।୯(ଡି.ଏନ୍.ଏ.)

କୁନ୍ଦୁରା ବ୍ଲକ ଡଙ୍ଗରପାଉଞ୍ଜି ଗ୍ରାମପଞ୍ଚାୟତ ନିକଟସ୍ଥ କୋଲାବ ନଦୀରେ ଜଣେ ଯୁବତୀଙ୍କ ମୃତଦେହ ଭାସୁଛି। ନଦୀ ପାର୍ଶ୍ୱଦେଇ ଯାଆସ କରୁଥିବା ଲୋକେ ମୃତଦେହ ଦେଖି ଉଠାଇଥିବା ଫଟୋ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ନଦୀରେ ମୃତଦେହ ଭାସୁଥିବାର ଚିତ୍ର ଅସ୍ପଷ୍ଟ ହୋଇଥିଲେ ମଧ୍ୟ ମୁଣ୍ଡ ଦେଖାଯାଉଛି। ଏଥିରେ ଅଧିକ ଚୁଟି ଥିବା ଯୋଗୁ ତାହା ଜଣେ ଯୁବତୀ ବୋଲି ଅନୁମାନ କରାଯାଉଛି। କିନ୍ତୁ କେଉଁ କାରଣରୁ ମୃତ୍ୟୁ ଘଟିଛି, ସେନେଇ ନିକଟସ୍ଥ କୁନ୍ଦୁରା, ଗାଗନାପୁର ଫାଣ୍ଡି କିମ୍ବା ବୈପାରୀଗୁଡ଼ା ଥାନାରେ ଏଯାବତ୍ କୌଣସି ନିଖୋଜ ଖବର ଦାୟର ହୋଇନାହିଁ।

# ୩୦୦ ନିର୍ମାଣ ଶ୍ରମିକଙ୍କୁ ମିଳିଲା ସାଇକେଲ



ନିର୍ମାଣ ଶ୍ରମିକଙ୍କୁ ସାଇକେଲ ପ୍ରଦାନ କରୁଛନ୍ତି ବିଧାୟକ।

ଲମତାପୁଟ,୨୯।୯(ଡି.ଏନ୍.ଏ.)

ଲମତାପୁଟ ବ୍ଲକ କାର୍ଯ୍ୟାଳୟରେ ଶନିବାର ରାଜ୍ୟ ସରକାରଙ୍କ ଦ୍ୱାରା ତିନିଶହ ନିର୍ମାଣ ଶ୍ରମିକଙ୍କୁ ସାଇକେଲ ସହ ଅନ୍ୟ ଉପକରଣ ବିତରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କୋରାପୁଟ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ଓ ଏମ୍‌ପି ଝିନ୍ନ ହିକ୍କା ଯୋଗଦେଇ ଶ୍ରମିକଙ୍କୁ ଉପକରଣ ବିତରଣ କରିଥିଲେ। ନିର୍ମାଣ ଶ୍ରମିକଙ୍କ ପାଇଁ ସାଇକେଲ, ହେଲମେଟ, ଶାବଳ, ଫିକାଶି, ବେଲଚା, ଜୋତା, ଗାମଲା, ବଣ୍ଟନ କରାଯାଇଛି। ଏହି ଅବସରରେ ଲମତାପୁଟ ବିଡିଓ ସୌମ୍ୟସାର୍ଥକ ବେହେରା, ଅଧକ୍ଷା ଲକ୍ଷ୍ମୀ ହନ୍ତାଳ, ଲବ ଖେମୁଣ୍ଡୁ, ସୁନା ଅଡ଼ାରୀ, ପି.ଏସ୍.ଏନ୍. ମୂର୍ତ୍ତି ଉପସ୍ଥିତ ଥିଲେ।

■ ମହାରଥୀଙ୍କ ମନ୍ତବ୍ୟର ପ୍ରତିବାଦ

# ଦାବିପତ୍ର ଦେଲା ଭାଜପା ମହିଳା ମୋର୍ଚ୍ଚା




ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ଭାଜପା କର୍ମକର୍ତ୍ତା।

କୋରାପୁଟ,୨୯।୯(ସ୍ୱ.ପ୍ର.)

ମହିଳାଙ୍କ ପ୍ରସଙ୍ଗରେ କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ ଦେଇଥିବା ମନ୍ତବ୍ୟର ପ୍ରତିବାଦ କରି ଶନିବାର ଜିଲା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ କୋରାପୁଟରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ରକୁ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଜିଲା ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ମନ୍ଦାକିନୀ ପାଇକଙ୍କ ନେତୃତ୍ୱରେ ଉପସଭାପତି ପୂର୍ଣ୍ଣିମା ନାୟକଙ୍କ ସମେତ ଶତାଧିକ କର୍ମକର୍ତ୍ତା ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କୃଷିମନ୍ତ୍ରୀଙ୍କ ମନ୍ତବ୍ୟ ଦ୍ୱାରା ରାଜ୍ୟର ମା' ଓ ଭଉଣୀମାନଙ୍କ ସମ୍ମାନକୁ ଭୁଲୁଣ୍ଠିତ କରିଛି ବୋଲି ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ତାଙ୍କୁ ମନ୍ତ୍ରୀପଦରୁ ବହିଷ୍କାର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବି ହୋଇଛି। ନଚେତ ଆଗାମୀ ଦିନରେ ଭାଜପା ଆନ୍ଦୋଳନ ତୀବ୍ର କରିବ ବୋଲି କହିଛି। ଏହି ଅବସରରେ ଭାଜପା ଜିଲା ସଭାପତି ବିଜୟ କୁମାର ମିଶ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପୋଲିସର ଗାଁ ଅପରାଧମୁକ୍ତ କାର୍ଯ୍ୟକ୍ରମ

ଲକ୍ଷ୍ମୀପୁର,୨୯।୯

ଲକ୍ଷ୍ମୀପୁର ବ୍ଲକ କାକିରିଗୁମ୍ମା ଥାନା କାର୍ଯ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଥାନା ଅଧିକାରୀ ସୂର୍ଯ୍ୟପ୍ରକାଶ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। 'ମୋ ଗାଁ କିପରି ଅପରାଧମୁକ୍ତ ହେବ' ସେ ବିଷୟ ଉପରେ ଆଲୋଚନା ହୋଇଥିଲା। ପୋଲିସ-ଜନତା ସୁସମ୍ପର୍କ, ନାବାଳିକାଙ୍କ ପ୍ରତି ଅସଦ୍ ବ୍ୟବହାର ବନ୍ଦ, ଯୌନ ନିର୍ଯାତନା ରୋକିବା, ଶିଶୁ ଶ୍ରମିକ, ଯୌତୁକ ପ୍ରଥା, ଦାଦନ ଚାଲାଣ ବନ୍ଦ କରିବା, ଗାଡ଼ି ଚାଳନା ବେଳେ ହେଲମେଟ୍ ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କୋଡିଙ୍ଗାମାଳିରୁ ଖଣି ପରିବହନ କରୁଥିବା କମ୍ପାନି ଟ୍ରକ୍ ଦ୍ୱାରା ପରିବେଶ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା, ଖଣି ପ୍ରଭାବିତ ଅଞ୍ଚଳର ପାରିପାର୍ଶ୍ୱିକ ଉନ୍ନତି ପାଇଁ ଜନଶୁଣାଣି, କାକିରିଗୁମ୍ମା ବଜାରରୁ ମଦ ଦୋକାନ ହଟାଇବା ଭଳି ଦାବି ହୋଇଥିଲା।

## କେରଳ ବନ୍ୟାବିପନ୍ନଙ୍କୁ ସହାୟତା ଦେଲା ଭି.ଏସ୍. ବିଦ୍ୟାଳୟ

ସେମିଳିଗୁଡ଼ା,୨୯।୯(ସ୍ୱ.ପ୍ର.)

କୋରାପୁଟ ଜିଲା ସୁନାବେଡ଼ା ମିଗ୍ ନଗରୀସ୍ଥିତ ଭି.ଏସ୍. ବିଦ୍ୟାଳୟ ପକ୍ଷରୁ କେରଳ ବନ୍ୟା ବିପନ୍ନଙ୍କ ଉଦ୍ଦେଶ୍ୟରେ ୯୮ ହଜାର ୪୯୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ଏହି ସହାୟତା ରାଶିକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପଠାଇଛନ୍ତି। ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କଠାରୁ ଉକ୍ତ ଅର୍ଥ ସଂଗ୍ରହ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ ହେମନ୍ତ କୁମାର ସେଠ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଏଭଳି ଉଦ୍ୟମକୁ ପ୍ରଶଂସା କରିବା ସହ ସେମାନଙ୍କୁ ସମାଜସେବାରେ ଜଡ଼ିତ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଶେଖ୍ ଇବ୍ରାହିମ ସଞ୍ଚାଳନ କରିଥିଲେ।



ସହାୟତା ପ୍ରଦାନ କରିଥିବା ଭିଏସ୍ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷକମାନେ।

# ଫୁଟବଲ ଟୁର୍ଣ୍ଣାମେଣ୍ଟ: କୋରାପୁଟ ବିଜୟୀ

ଲମତାପୁଟ,୨୯।୯(ଡି.ଏନ୍.ଏ.)

ଲମତାପୁଟ ବ୍ଲକ ପିଏଚ୍‌ଡି ପଡ଼ିଆରେ ଦୀର୍ଘଦିନ ଧରି ଚାଲିଥିବା ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଛି। ଭଞ୍ଜନଗର ଓ କୋରାପୁଟ ମଧ୍ୟରେ ଅନୁଷ୍ଠିତ ଫାଇନାଲରେ ପେନାଲ୍ଟି ଗୋଲରେ କୋରାପୁଟ ବିଜୟୀ ହୋଇଥିଲା। ବର୍ଷା ସତ୍ତ୍ୱେ ଦଶହଜାରରୁ ଉର୍ଦ୍ଧ୍ୱ ଦର୍ଶକ ମ୍ୟାଚ୍‌ର ମଜା ଉଠାଇଥିଲେ। ରେଫ୍‌ରି ଭାବେ ଏସ୍.ଡି. ରାଓ, କେଦାରନାଥ ରାଉତ, ଜହନ ହରିଜନ ଓ ଦୀପକ ଟାକ୍ରି ମ୍ୟାଚ୍ ପରିଚାଳନା କରିଥିଲେ। ବିଜୟୀ ଦଳକୁ ଟ୍ରଫି ସହ ୨୫ ହଜାର ୫୫୧ ଟଙ୍କା ଓ ରନର୍ସଅପ୍ ଦଳକୁ ୧୫ ହଜାର ୫୫୧ ଟଙ୍କା ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ସ୍କୋରର ଭାବେ କୋରାପୁଟ ଦଳର ଲକ୍ଷ୍ମୀଧର ନାୟକ, ଗୋଲକିପର ରାଜେଶ ସାହୁ, ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଭଞ୍ଜନଗର ଦଳର ସୁନା ମାଳି, ଶୃଙ୍ଖଳିତ ଦଳ ଭାବେ ଛତିଶଗଡ଼ର ଜଗଦଲପୁର ଦଳକୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଜ୍ୟୋତି ମେମୋରିଆଲ ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ସଭାପତି ମୁକୁନ୍ଦ ହନ୍ତାଳ, ସମ୍ପାଦକ ନବୀନ ପାଲକା, କୋଷାଧକ୍ଷ ଦାଶ ଖେମୁଣ୍ଡୁ, ଜଗଦୀଶ ପୂଜାରୀ, ସନୁ ପୂଜାରୀ, କୃପା ମୁଦୁଲି, ସୁନାଧର ଅଡ଼ାରୀ ଉପସ୍ଥିତ ଥିଲେ। ଜଗନ୍ନାଥ ଖେମୁଣ୍ଡୁ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ।



ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଚାମ୍ପିୟନ ଟିମ୍‌ର ଖେଳାଳିମାନେ।

ହେ ଭଗବାନ ! ସକଳ ଆଖିରୁ ଲୁହ ଶୁଖିଯାଉ। ସକଳ ବେଦନା ଦୂର ହୋଇଯାଉ। ସକଳ ଯନ୍ତ୍ରଣା ମିଳାଇ ଯାଉ। ସକଳ ହୃଦୟରେ ବିରାଜିତ ହେଉ ସ୍ଥିର ପ୍ରଶାନ୍ତି। ଏବଂ ସକଳ ମସ୍ତିଷ୍କ ସୁଦୃଢ ହୋଇଉଠୁ ଏକ ଶକ୍ତିଶାଳୀ ସଂଶୟ-ହୀନତାରେ। -ଶ୍ରୀମା

# ହିନ୍ଦୁରାଷ୍ଟ୍ର ଅସମ୍ଭବ



ଆକାର ପଟେଲ

ଯେଉଁମାନେ ୨୦୧୯ରେ ହେବାକୁ ଥିବା ନିର୍ବାଚନ ବିଷୟରେ ଚିନ୍ତା କରୁଛନ୍ତି, ସେମାନଙ୍କ ମନରେ 'ହିନ୍ଦୁରାଷ୍ଟ୍ର'ର ଆଶଙ୍କା ଘାରୁଛି। ଏହା ଏପରି ଏକ ଚିନ୍ତାଧାରା, ଯେଉଁଥିରେ ଭାରତରେ ବର୍ତ୍ତମାନ ପ୍ରଚଳିତ ଥିବା ସମ୍ବିଧାନ ଆଉ ଚଳିବ ନାହିଁ, କାରଣ ଏ ସମ୍ବିଧାନ ଧାର୍ମିକ ନୁହେଁ, ଧର୍ମନିରପେକ୍ଷ। ଉକ୍ତ ଚିନ୍ତାଧାରା ଅନୁସାରେ ଭାରତ ଅଧିକ ବା ସମ୍ପୂର୍ଣ୍ଣ ହିନ୍ଦୁରାଷ୍ଟ୍ରରେ ପରିଣତ ହୋଇଯିବ। ତଦ୍ଧ ଅନୁସାରେ ଭାରତୀୟ ଜନତା ପାର୍ଟି (ଭାଜପା) ଯଦି ଦ୍ୱିତୀୟ ବାର ସମ୍ଭାବ୍ୟ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ନେଇ କ୍ଷମତାକୁ ଆସେ, ତେବେ ସେମାନେ ସମ୍ବିଧାନରେ ଏପରି ନୂଆ ନୂଆ କଥା ସବୁ ଭର୍ତ୍ତି କରିବେ, ଯାହା ଭାରତକୁ ହିନ୍ଦୁରାଷ୍ଟ୍ର ଆଡ଼କୁ ଅଗ୍ରସର କରାଇବ। ତେବେ ଏହା ସମ୍ଭବ ହେବ ବୋଲି ମୁଁ ଭାବୁନାହିଁ। କାରଣ ଯେଉଁ ଦଳ ସରକାର ଗଢ଼ୁ ନା କାହିଁକି ବ୍ୟକ୍ତି ଅଧିକାର ଦୃଷ୍ଟିରୁ କିଛି ବି ପ୍ରଭେଦ ପଡ଼ିବ ନାହିଁ।

ମୁଁ ଯେଉଁ ସଂସ୍ଥାରେ କାମ କରୁଛି, ତାହା ଅନେକ ଦଶନ୍ଧି ଧରି ଜମ୍ମୁ-କଶ୍ମୀର ଉପରେ କାମ କରିଛି। ସେଠାରେ ମାତ୍ରାଧିକ ସେନା ମୁତୟନ ଓ ସେନାକୁ ମାତ୍ରାଧିକ ସ୍ୱାଧୀନତା ଦିଆଯିବା ନେଇ ଯେଉଁ ଅଭିଯୋଗ ରହିଛି, ତାହା ନୂଆ ନୁହେଁ ଏବଂ କେବଳ ଏ ସରକାରରେ ତାହା ଘଟୁନାହିଁ। ସେହିପରି ଆଫ୍‌ସ୍ପା ଆଇନ ମଧ୍ୟ ଏ ସରକାର ଅମଳରେ ସୃଷ୍ଟି ହୋଇନାହିଁ। ନାଗରିକ ଅଧିକାର ବା ସଂଖ୍ୟାଲଘୁ ଓ ସାମାଜିକ ଦୁର୍ବଳ ଶ୍ରେଣୀର ଅଧିକାର ନେଇ ଯେଉଁ ସମସ୍ୟା ସବୁ ରହିଛି, ତାହା ବହୁ ପୁରୁଣା। କେବଳ ଏବେ ଗୋଟିଏ ନୂଆ କଥା ଦେଖିବାକୁ ମିଳୁଛି- ଗୋସୁରକ୍ଷା ନାମରେ ହିଂସା। ଏତିକି ଛଡ଼ା ଏ ସରକାର ଓ ପୂର୍ବ ସରକାର ଭିତରେ ବେଶି କିଛି ଫରକ ନାହିଁ। ଦ୍ୱିତୀୟତଃ ଏକ ଧାର୍ମିକ ଦେଶ (ପାକିସ୍ତାନ) ଓ ଏକ ଧର୍ମନିରପେକ୍ଷ ଦେଶ (ଭାରତ)ର ନାଗରିକମାନଙ୍କ ଜୀବନଚଳନାରେ ବେଶି କିଛି ଭିନ୍ନତା ନାହିଁ। ତେବେ ଏହା ସତ ଯେ, ପାକିସ୍ତାନରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କୁ ପାତରଅନ୍ତର କରିବା ପାଇଁ ଜାଣିଶୁଣି କେତେକ ଆଇନ କରାଯାଇଛି। ଉଦାହରଣସ୍ୱରୂପ, ଦେଶର ସମ୍ବିଧାନ ଅନୁସାରେ କୌଣସି ଅଣମୁସଲମାନ ଦେଶର ରାଷ୍ଟ୍ରପତି ବା ପ୍ରଧାନମନ୍ତ୍ରୀ ହୋଇପାରିବ ନାହିଁ। ପୁଣି ସେ ଦେଶରେ ଏକ ମୁସଲମାନ ସମ୍ପ୍ରଦାୟ ଅହମ୍ମଦିଆମାନେ ବି ମୁକ୍ତଭାବରେ ନିଜର ଧର୍ମ ପାଳନ କରିପାରନ୍ତି ନାହିଁ। ଏତିକି ଛଡ଼ା ପାକିସ୍ତାନ ଓ ଭାରତ ମଧ୍ୟରେ ଅଳ୍ପବହୁତେ ଆଉ ସବୁକିଛି ସମାନ। ପାକିସ୍ତାନରେ ସଂଖ୍ୟାଲଘୁମାନେ ଯେମିତି ନିଜକୁ ଅସୁରକ୍ଷିତ ମନେ କରନ୍ତି, ଭାରତରେ ବି ସେମିତି ସେମାନଙ୍କ ଭିତରେ ଅସୁରକ୍ଷାର ଭାବ ରହିଛି।

ଏବେ ଆଲୋଚନା କରିବା ହିନ୍ଦୁରାଷ୍ଟ୍ର କ'ଣ ହୋଇପାରେ। ଏଥିରେ ଦୁଇଟି ଜିନିଷ ଦେଖିବାକୁ ମିଳେ। ଗୋଟିଏ ହେଉଛି ଧାର୍ମିକ ମୂଲ୍ୟବୋଧ ଓ ସଂସ୍କୃତିକୁ ଆଇନର ଅନ୍ତର୍ଭୁକ୍ତ କରିବା। ଉଦାହରଣସ୍ୱରୂପ କେତେକ ମୁସଲମାନ ଦେଶରେ ମଦ ପିଇବା ମନା ଏବଂ ରମଜାନ ମାସରେ ଦିନବେଳା ହୋଟେଲଗୁଡ଼ିକୁ ବନ୍ଦ ରଖିବାକୁ ବାଧ୍ୟ କରାଯାଏ। ଭାରତରେ ବି ଏମିତି କେତେକ ଜିନିଷ ଅଛି। ମଦ ଓ ଗୋହତ୍ୟା ନିଷେଧ ଆଇନ ବିଭିନ୍ନ ରୂପରେ ଓ ଅନେକ ରାଜ୍ୟରେ ରହିଛି। ଦ୍ୱିତୀୟଟି ହେଉଛି ଧର୍ମ ଓ ଲିଙ୍ଗ ଅନୁସାରେ ମଣିଷମାନଙ୍କୁ ବିଭାଜିତ କରିବା। ଧାର୍ମିକ ଦେଶରେ ଏଇ କଥାଟାକୁ ଲୋକେ ଡରନ୍ତି। ତେବେ ହିନ୍ଦୁରାଷ୍ଟ୍ରର ସମସ୍ୟା ହେଉଛି, ଏହାର ଏପରି କୌଣସି ଲିଖିତ ରୂପ ନାହିଁ, ଯାହାକୁ ଆଧୁନିକ ସମାଜରେ ସମସ୍ତେ ଆପଣେଇପାରିବେ। ହିନ୍ଦୁଧର୍ମରେ ସମାଜକୁ ସଂଗଠିତ କରିବାର ପ୍ରମୁଖ ଅବଲମ୍ବନ ହେଉଛି ଜାତି ଓ ବର୍ଣ୍ଣ। ବର୍ତ୍ତମାନ ଅଧିକାଂଶ ହିନ୍ଦୁ ଏହାକୁ ଗ୍ରହଣ କରୁନାହାନ୍ତି। ଉତ୍ତରରୁ ଦକ୍ଷିଣ ପର୍ଯ୍ୟନ୍ତ ଦେଶର ପ୍ରମୁଖ ରାଜନୈତିକ ଗୋଷ୍ଠୀ ହେଉଛନ୍ତି ଶୂଦ୍ର କୃଷିଜୀବୀ, ଯେଉଁମାନଙ୍କ ଭିତରେ ଅଛନ୍ତି ପଟିଦାର, ଭୋକାଲିଗା, ଜାଠ, ଯାଦବ, ରେଡ୍ଡୀ ଇତ୍ୟାଦି। ଅଧିକାଂଶ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ଏହି ଜାତିଗୁଡ଼ିକରୁ ଆସିଛନ୍ତି। ଏହି ଗୋଷ୍ଠୀମାନେ ନିଜର ରାଜନୈତିକ କ୍ଷମତା କେବେହେଲେ ବ୍ରାହ୍ମଣମାନଙ୍କ ପାଇଁ ଛାଡ଼ିଦେବେ ନାହିଁ। ହିନ୍ଦୁରାଷ୍ଟ୍ର ସେମାନଙ୍କୁ ନୂଆ କିଛି ଦେଇପାରିବ ନାହିଁ, ଯାହା ସେମାନେ ପାଇନାହାନ୍ତି। ସେହିପରି ଆମ ଜନସଂଖ୍ୟାର ପ୍ରାୟ ଏକଚତୁର୍ଥାଂଶ ହେଉଛନ୍ତି ଦଳିତ ଓ ଆଦିବାସୀ। ହିନ୍ଦୁରାଷ୍ଟ୍ର ହେଲେ ସେମାନଙ୍କୁ କିଛି ବି ଲାଭ ମିଳିବ ନାହିଁ ଏବଂ ସେମାନେ କେବେ ହିନ୍ଦୁରାଷ୍ଟ୍ର ଚାହାନ୍ତି ନାହିଁ।

୨୦୦୮ ପର୍ଯ୍ୟନ୍ତ ନେପାଳ ଥିଲା ପୃଥିବୀର ଏକମାତ୍ର ହିନ୍ଦୁରାଷ୍ଟ୍ର। ୨୦୦୮ରେ ଏହାର ଛେତ୍ରୀ (କ୍ଷତ୍ରିୟ) ରାଜବଂଶର ପତନ ଘଟିଲା। ଏହା କାହିଁକି ହିନ୍ଦୁରାଷ୍ଟ୍ର ଥିଲା ? କାରଣ ଦେଶର ଶାସନ କ୍ଷମତା ଜଣେ କ୍ଷତ୍ରିୟ ରାଜାଙ୍କ ହାତରେ ଥିଲା। ଏହାର ହିନ୍ଦୁରାଷ୍ଟ୍ରତ୍ୱ କେବଳ ସେତିକିରେ ସୀମିତ ଥିଲା। ହିନ୍ଦୁରାଷ୍ଟ୍ର କରିବା ପାଇଁ ଆମ ସମ୍ବିଧାନରେ କି କି ପରିବର୍ତ୍ତନ କରାଯାଇପାରିବ ? ଆମେ ଅଣହିନ୍ଦୁଙ୍କ ପ୍ରତି ପାତରଅନ୍ତର କରିପାରିବା ଏବଂ ସେମାନଙ୍କୁ ତାଙ୍କ ଅଧିକାରରୁ ବଞ୍ଚିତ କରିପାରିବା। ଏଥିରୁ କେତୋଟି ତ ଆମେ ଏବେ ବି କରୁଛୁ। ଗୁଜରାଟ ଓ ବିହାରରେ ଖ୍ରୀଷ୍ଟିଆନମାନେ ତାଙ୍କର ଧାର୍ମିକ ପର୍ବ ପାଳନ ବେଳେ ମଦ ପିଇପାରିବେ ନାହିଁ ଏବଂ ଅନେକ ରାଜ୍ୟରେ ମୁସଲମାନମାନେ ଗୋବଧ କରିପାରିବେ ନାହିଁ। ମୁସଲମାନମାନେ ପ୍ରଧାନମନ୍ତ୍ରୀ ହୋଇପାରିବେ ନାହିଁ ବୋଲି ନିୟମ ନାହିଁ, ମାତ୍ର ବାସ୍ତବରେ ତାହା ସମ୍ଭବ ନୁହେଁ। ଭାରତରେ ମୁସଲମାନଙ୍କ ପ୍ରତିନିଧିତ୍ୱ ଅତି ନଗଣ୍ୟ ଏବଂ ଏହା ବି ଏକ ପ୍ରସଙ୍ଗ ନୁହେଁ। ଆମେ ହିନ୍ଦୁରାଷ୍ଟ୍ରରେ ଆଉ ପାଦେ ଆଗକୁ ଯାଇ ଅଣହିନ୍ଦୁଙ୍କୁ ସେମାନଙ୍କ ରାଜନୈତିକ ଅଧିକାରରୁ ବଞ୍ଚିତ କରିପାରିବା। ତେବେ ଯେହେତୁ ହିନ୍ଦୁରାଷ୍ଟ୍ର ହେଲେ ସଂଖ୍ୟାଧିକ ହିନ୍ଦୁଙ୍କର ମଧ୍ୟ କ୍ଷମତା ଓ ଅଧିକାର କ୍ଷୁଣ୍ଣ ହେବାର ସମ୍ଭାବନା ଅଛି, ତେଣୁ ଭାଜପା ହେଉ ବା ଅନ୍ୟ କୌଣସି ଶକ୍ତି ଭାରତରେ କେବେହେଲେ ହିନ୍ଦୁରାଷ୍ଟ୍ର ପ୍ରତିଷ୍ଠା କରିପାରିବ ନାହିଁ। ତେଣୁ ହିନ୍ଦୁରାଷ୍ଟ୍ରର ଚିନ୍ତାଧାରା ଏବଂ ପ୍ରକୃତରେ ଏହା କାହାକୁ ବୁଝାଏ, ତାହା ସବୁବେଳେ ଅସ୍ପଷ୍ଟ ରହିଛି ଓ ରହିଥିବ ମଧ୍ୟ।

Email: aakar.patel@gmail.com

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | | 4 | | 0 | C | 3 | | 5 |
| 5 | E | | | | | | | B | 3 | 8 | | | | |
| | | | 4 | | | 7 | | 6 | | | | 8 | | D |
| | 7 | | | | 6 | | 8 | | | | E | | | |
| 0 | | B | | | D | 1 | 2 | | | | | | | 4 |
| | | | | | B | 8 | | | | 3 | | | 2 | 1 |
| B | | | | E | | | 9 | | | | 4 | | 5 | C |
| | | | | 1 | | | 4 | D | | | 6 | | | |
| D | | | | 6 | 2 | | | | 7 | E | 9 | 4 | | A |
| A | | | 0 | | | | | | | 1 | | | D | |
| 4 | | 5 | | | 1 | B | | E | | 2 | | 9 | | |
| 1 | | | 6 | | | | A | 5 | B | D | | | C | 0 |
| | | D | 2 | | 3 | | | | A | | | | 1 | 6 |
| | | 2 | | | | 4 | | | | | 7 | | | |
| | | | | 7 | A | 2 | | 0 | | 5 | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 5 | 0 | C | A | B | 3 | 7 | D | 1 | 8 | E | 9 | 2 | 4 |
| D | 9 | 8 | 5 | E | 1 | 2 | 6 | B | 4 | 3 | 7 | 0 | A | C |
| A | B | 3 | 4 | 2 | 8 | 1 | 9 | 5 | C | 6 | 0 | 7 | E | D |
| 1 | 4 | 7 | 9 | D | 3 | 0 | C | E | A | 2 | B | 8 | 5 | 6 |
| E | 2 | C | 6 | 0 | 7 | 4 | A | 8 | D | 9 | 5 | 3 | B | 1 |
| 4 | 1 | 2 | B | 6 | C | D | 5 | 0 | 7 | E | 8 | A | 9 | 3 |
| 7 | 0 | E | 3 | 9 | 5 | C | 8 | 4 | 6 | 1 | A | B | D | 2 |
| 3 | 6 | A | 2 | 8 | 4 | 7 | E | 1 | B | D | 9 | C | 0 | 5 |
| 8 | C | B | D | 7 | 0 | 9 | 3 | A | 5 | 4 | 2 | 1 | 6 | E |
| 9 | D | 5 | A | 1 | E | 6 | B | 2 | 0 | C | 3 | 4 | 7 | 8 |
| 2 | E | 4 | 0 | 3 | D | A | 1 | 7 | 8 | B | 6 | 5 | C | 9 |
| C | 8 | 6 | 7 | 5 | 9 | B | 2 | 3 | E | 0 | 4 | D | 1 | A |
| 0 | A | 1 | 8 | 4 | 6 | 5 | D | 9 | 2 | 7 | C | E | 3 | B |
| 5 | 7 | 9 | 1 | B | 2 | E | 4 | C | 3 | A | D | 6 | 8 | 0 |
| B | 3 | D | E | C | A | 8 | 0 | 6 | 9 | 5 | 1 | 2 | 4 | 7 |

ଗତକାଲିର ଉତ୍ତର

# ଧାନ ସାଉଁଟା ଝିଅର ଦୁଃଖ

ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ

ଗତ ଧାନ ଅମଳ ବେଳର କଥା। ଧାନ ବିଲ ମଝିରେ ସାଇକେଲ ଗଡାଇ ଚାଲିଥିଲି ଅଦୂରରେ ବିଲ ଭିତରେ ଅମଳ କରାଯାଉଥିବା ଧାନ ସଂଗ୍ରହ ପାଇଁ। ମେଶିନରେ ଧାନ ଅମଳ ଚାଲିଛି। ବିଲଗୁଡିକ ଭିତରେ ଖାଲି ଛୋଟ ଛୋଟ କଟାନଡାର ଗଦା। କାଁ ଭାଁ ଜଣେଅଧେ ହାତରେ କାଟିଥିବା ଧାନ କଳେଇକୁ ଭାରରେ ନେବାକୁ ସଜାଡୁଥାନ୍ତି। ହଠାତ୍ ମୋ ଦୃଷ୍ଟିରେ ପଡିଲା ଦଶ କି ବାରବର୍ଷର ଝିଅଟିଏ। କାଖରେ ଧରିଛି ବାଉଁଶରେ ତିଆରି ପାଛିଆଟିଏ। ପୁରୁଣା, ମଇଳା ଫ୍ରକ୍ ଖଣ୍ଡେ ପିନ୍ଧିଛି। ମୁଣ୍ଡର ଚାଖଣ୍ଡକିଆ କେଶକୁ ବାନ୍ଧିଦେଇଛି ଘୋଡାଲାଞ୍ଜର ଅଗଭାଗ ଭଳି। ସେଥିରେ ଖୋସିଦେଇଛି ଅନାବନା ଫୁଲ ପେନ୍ଥାଏ। ଏ ବିଲରୁ ସେ ବିଲକୁ ବୁଲି ସଂଗ୍ରହ କରୁଛି ଛୋଟ ଛୋଟ ଧାନ ଛିଞ୍ଚାମାନ। ବେଳେ ବେଳେ ଗୀତ ବି ଗାଇଦେଉଛି। ତା'ର ଏ ଅବସ୍ଥା ଦେଖି ମନେପଡିଯାଉଥାଏ ଇଂରେଜ କବି ୱାର୍ଡସୱାର୍ଥଙ୍କ କବିତା 'ଦ ସଲିଟାରୀ ରିପର' କଥା। କବିଙ୍କ ଧାନକଟାଳି ଝିଅ କୁଆଡେ ଦୁଃଖର ସଙ୍ଗୀତ ଗାଉଥିଲା, ମାତ୍ର ଏ ଝିଅ ଓଡ଼ିଆ ସିନେମା ଗୀତ ଗାଉଥିବା ମୁଁ ଶୁଣିଲି।

ତା' ଚେହେରାକୁ ଦେଖି ମୋର ମନେପଡିଗଲା କବି ହୃଷୀକେଶ ମଲ୍ଲିକଙ୍କର 'ଧାନ ସାଉଁଟା ଝିଅ' କବିତାର ଅଳ୍ପ କେତୋଟି ପଦ। ଯେଉଁଦିନ କବି ଏମିତି ଝିଅକୁ ଦେଖିଥିଲେ, ସେ ତା' ନୂଆ କୈଶୋରକୁ ଉପଲକ୍ଷ୍ୟ କରି ଲେଖିଥିଲେ, ''ଗୁମାନ ଚାଲିବା ଝିଅ ଶିଖିଲୁ କୋଉଠୁ!/ ଖରାବେଳ ଶିଖେଇଦେଲା କି?/ ମୁରୁକି ହସିବା ଝିଅ ଶିଖିଲୁ କୋଉଠୁ! / ଧାନ ଖେତ ଶିଖେଇ ଦେଲା କି?/ମୁହଁ ଥମ ଥମ ଝିଅ ଶିଖିଲୁ କୋଉଠୁ! / ନୂଆ ମେଘ ଶିଖେଇ ଦେଲା କି?'' ଏ କଥା ଭାବିଲା ବେଳେ ଦେଖିଲି ଝିଅ ମୋତେ ଦେଖି ନା ମୁରୁକି ହସିଲା ନା ଗୁମାନରେ ଚାଲିଲା। ବରଂ ମୁହଁ ଥମ ଥମ କରି ତଳକୁ ମୁହଁପୋତି ଠିଆହେଲା। ମନେହେଲା ସେ ଦୁଃଖରେ ଅଛି। ପଚାରି ବୁଝିବା ପାଇଁ ଆଗ୍ରହ ବଢ଼ିଲା। ପଚାରିଲି, ''ବିଲରେ ଝିଅ କ'ଣ କରୁଛୁ?'' ସେ କହିଲା- ''ମୋ ପାଛିଆକୁ ଦେଖ ବାବୁ! ମୁଁ ଧାନ ଖୁଣ୍ଟୁଛି।'' ଦେଖିଲି ଝିଅଟି ମୋତେ କିଛି କହିବାକୁ ସଂକୋଚ ରଖୁଛି। ତା' ମନରେ ଆଶ୍ୱସ୍ତି ଜଗାଇ ତା' ପରିଚୟ ପଚାରି ବୁଝିଲି ଯେ, ସେ ଆମ ଗାଁ ଭାବ ମଳିକ ଝିଅ। ଭାବ ମଳିକ ନାଁ ଶୁଣି ମୋ ମନରେ ଦୁଃଖ ଆସିଲା। ଅଭାବୀ ପରିବାର ଚଳାଇବା ଲାଗି ସେ ଦଶବର୍ଷ ହେଲା ଦାଦନ ଖଟିବାକୁ ଯାଇଛି ଯେ ଆଉ ଫେରିନାହିଁ।

ଏଯାବତ୍ ଆମେ ଯୋଜନା ଉପରେ ଯୋଜନା କରିଚାଲିଛୁ। ଗରିବୀ ହଟାଇଛୁ ବୋଲି ବାହୁସ୍ଫୋଟ ମାରୁଛୁ। ଟଙ୍କିକିଆ ଚାଉଳ ଓ ପାଞ୍ଚ ଟଙ୍କିଆ ଖାଦ୍ୟ ଦେଉଛୁ। ହେଲେ ଭାବ ମଳିକ ଝିଅ ଧାନ ସାଉଁଟୁଛି କାହିଁକି ଜାଣିନାହୁଁ। ମୁଁ ତାକୁ ପଚାରିଲି, ''ଝିଅ! ସ୍କୁଲ ଯାଉଛୁ?'' ସେ ତା' ଗମ୍ଭୀର ଭାବ ଦୂରେଇଦେଇ କେମିତିକା ତାଚ୍ଛଲ୍ୟ ହସଟିଏ ହସି କହିଲା, ''ସ୍କୁଲ କାହିଁକି ଯିବି? ନା ପାଠପଢ଼ା ହେଉଛି, ନା କିଛି ଘରକରଣା କି ବଗିଚା କାମ କିଏ ଶିଖଉଛି? ଖାଲି ଯାହା ମଧ୍ୟାହ୍ନଭୋଜନ, ଡ୍ରେସ ମିଳୁଛି। ପଢ଼ାବହି ତ ପୂରା ମିଳୁନି। ଜାଣିଛ ବାବୁ! ଆମ ଗାଁ ସ୍କୁଲରେ ସାତଟା ଶ୍ରେଣୀ। ଜଣେ ଦିଦି ଓ ଜଣେ ସାର୍ ଅଛନ୍ତି। ଜେଜେମା କହିଲା, ମଧ୍ୟାହ୍ନଭୋଜନ ଖାଇ ପଳେଇ ଆସିବୁ। ଦି କେରା ଧାନ ସାଉଁଟିଲେ ଲାଭ ଅଛି।'' ତା'ର ଏ ଅନର୍ଗଳ କଥା ଶୁଣି ମୋ ଅଜାଣତରେ ପାଟିରୁ ବାହାରିଆସିଲା, ''ଆରେ ଆମ ଗାଁ ଅବସ୍ଥା ତେବେ ଏତେ ଖରାପ ହେଲାଣି?''

ତା' କଥା ଶୁଣୁଥିବା ବେଳେ ମୋ ଆଖିଆଗରେ ଭାସି ଉଠୁଥିଲା ମୋ ପିଲାବେଳ ଗାଁର ଚିତ୍ର। ଗାଁ ମୁଣ୍ଡରେ ମଙ୍ଗଳା ଠାକୁରାଣୀ ମନ୍ଦିର। ମନ୍ଦିରକୁ ଲାଗି ହରିହାଟ ଘର। ପ୍ରତିଦିନ ସନ୍ଧ୍ୟାରେ ଭାଗବତ ଅଧ୍ୟାୟେ ପଢାହୁଏ। ଗାଁର ସବୁ ନ ହେଲେ ବି ଜାଣିବା ଶୁଣିବା ଲୋକେ ଏକାଠି ହୁଅନ୍ତି। ଗାଁର ଛୋଟ, ବଡ କନ୍ଦଳ ସେଠି ମୀମାଂସା ହୁଏ। ଗାଁର ମୁରବିମାନେ ବର୍ଷରେ ଥରେ ହରିହାଟ ପଡିଆରେ ପାଲା ଦଳ ଡାକି ବାଦୀପାଲା କରାନ୍ତି। ହଜାର ହଜାର ଦର୍ଶକ ରହନ୍ତି। ଏବେ ସେଠି ଏକ ରିକ୍ରିଏଶନ ସେଣ୍ଟର ଠିଆ ହୋଇଛି। ଅଧାପଢ଼ା, ମଦ୍ୟପ୍ରେମୀ ଟୋକାଙ୍କ ଭିଡ଼। ଝିଅଟିକୁ ପଚାରିଲି, ''ଆଚ୍ଛା ଝିଅ! ଗାଁରେ ଏବେ ପାଲା ହେଉଛି?'' ସେ ମୋତେ ଡିମା ଡିମା ଆଖିରେ ଚାହିଁ କହିଲା, ''ନାଇଁ ବାବୁ! କିଛି ହେଉନି। ଗତବର୍ଷ ଗାଁ ପିଲା ସହରରୁ ଗୋଟେ ଅର୍କେଷ୍ଟ୍ରା ଦଳ ଆଣିଥିଲେ। ଗୀତ, ନାଚ ଚାଲିଥିବା ବେଳେ ମଦ ପିଇ ପିଲାଏ ସେ ଗୀତ ଗାଇବା ଝିଅକୁ ଟାଣିଲେ। ଗଣ୍ଡଗୋଳ ହେଲା। ସବୁ ବନ୍ଦ। ଜାଣିଛ ବାବୁ। ସବୁ କେବଳ ସେଇ ବିହାରୀ ମଦ ଭାଟିଆର କାଣ୍ଡ। ଗାଁର ସବୁ ମହିଳା ଘେରିଯାଇ ତା' ଭାଟି ବନ୍ଦ କରିବାକୁ ଆସିଲେ। ଦୋକାନ ବନ୍ଦ କରି ପଳେଇଲା। ଏବେ ପୁଣି ଖୋଲିଲାଣି। କହୁଛି, ପୋଲିସ ବାବୁମାନେ ତାକୁ ଅନୁମତି ଦେଇଛନ୍ତି। ଏଥର ପରା ମଦରେ କି ଟାବଲେଟ୍ ପକାଇ ମଦନା ପାଳ ପିଇ ମରିଗଲା। ବିଚରା ସୁଲି ଭାଉଜ ଦି'ଟା କୁନି ଛୁଆଙ୍କୁ କାଖରେ ଜାକି ପର ଘରେ ଖଟୁଛି। ମନ୍ତ୍ରୀ ଆସିଥିଲେ ଯେ, ତାଙ୍କ ଗସ୍ତ ପାଇଁ ଭାଟିବାଲା ଖର୍ଚ୍ଚ କରିଛି ବୋଲି, ସେ କହିଲେ ଗାଁଠାରୁ ଦୂରେଇ ଭାଟି ରହିବ। ହେଲେ ମଦ ତ ବିକ୍ରି ହେବ ନା?

ଧାନ ସାଉଁଟା ଝିଅଟି ମୋ ସହିତ ଭାରି ମିଶିଗଲା। ଅନର୍ଗଳ କହି ଚାଲିଲା ଗାଁ କଥା। ସତେଯେପରି ତା' କଥାର ଉତ୍ତମ ଶ୍ରୋତାଟିଏ ପାଇଗଲା। ମୁଁ ବି ତା' କଥା ଶୁଣିବାକୁ ଆଗ୍ରହୀ ହୋଇଉଠିଲି। ମୋ ମନରେ ପଡିଯାଉଥାଏ କବି ମଲ୍ଲିକଙ୍କର ସେ କବିତା କଥା, ଯେଉଁଥିରେ ଥିଲା ବଢ଼ି ଛାଡିବା ପରେ ନେତାମାନେ ଇସ୍ତ୍ରିଦିଆ ସେରୱାନି, କାମିଜ ପିନ୍ଧି, ଚକଚକିଆ ବୁଟ୍ ମାଡି, ରିଲିଫ ଦେଇ, ଫଟୋ ଉଠାଇ, ଖବରକାଗଜରେ ସହାୟତା ଦେଲେ ବୋଲି ପ୍ରଚାର କରନ୍ତି। ବାଃ! କ'ଣ ଥିଲା ଏ ଗାଁ, କ'ଣ ହେଇଗଲା? ଆଉ ନାହିଁ ବିନୋଦ ନାୟକଙ୍କ 'କଇଁର ଗାଧୁଆ ତୁଠ', ଯେଉଁଠି ଚତୁରୀ ନଣନ୍ଦ ଗାଲରେ ହଳଦୀ ମାଖି ହଲିଲା ପାଣିରେ ମୁହଁ ଦେଖିବ। ଧନ୍ୟ ଏ ପରିବର୍ତ୍ତନ! ମୋ ଭାବନାକୁ ଭାଙ୍ଗି ଦେଇ ଝିଅଟି ପଚାରିଲା, ''ଗାଁ କଥା ଆଉ ଶୁଣିବ?'' ମୁଁ ବାଧ୍ୟ ସାଙ୍ଗଟିଏ ପରି ହଁ ମାରିଲି। ସେ କହିଲା, ''ଗାଁରେ ଆଉ ରଜଦୋଳି ଲାଗୁନାହିଁ। ଲଗେଇବ କିଏ? ଭାଇମାନେ ତ ସବୁ ବାହାରେ ଚାକିରି କଲେ। ଗାଁରେ ପାଞ୍ଚଟା ଦଳ। ଗଲା ଇଲେକଶନଠାରୁ ଉପର ସାହି ଲୋକ ରଜ ପାଇଁ ଚାନ୍ଦା ଦେଲେ ନାହିଁ। ସେମାନେ ମାଇଚିଆ ନଚାଇ ଡିଜେ ବାଜା ବଜେଇଲେ। ଆମ ସାହି ଲୋକେ ତାସ ଖେଳି ରଜ କାଟିଦେଲେ। ଆମେ ଝିଅମାନେ ଟିଭିରେ ରଜ ମଉଜ ଦେଖିଲୁ।''

ଏତିକି ବେଳେ ତା' ଧାନପାଛିଆ ଭିତରୁ ମୋବାଇଲ ବାଜିଉଠିଲା। ସେ ମୋତେ ପଛ କରି ଠିଆହେଲା ଓ ମୋବାଇଲ ଅନ୍ କରି କହିଲା, ''ହଁ! ମୁଁ ବିଲରେ ଧାନ ଖୁଣ୍ଟୁଛି। ଆମ ଗାଁ ପଣ୍ଡିତେ, ଯିଏ ଗତବର୍ଷ ମହିଳା ବିକାଶ କଥା କହି ଭାଷଣ ଦେଉଥିଲେ ଏଇଠି ଅଛନ୍ତି। ମୁଁ ପରେ କଥା ହେବି।'' ମୋବାଇଲ ବନ୍ଦ କରି ସେ ମୋତେ ଚାହିଁବା ବେଳକୁ ମୁଁ ପଚାରିଲି, ''ତୁ ଧାନ ଖୁଣ୍ଟିବା ବେଳେ ବି ମୋବାଇଲ ଧରିଛୁ? ଆଚ୍ଛା, କିଏ ଫୋନ୍ କରିଥିଲା।'' ସେ ତଳକୁ ମୁହଁ ପୋତିଦେଲା। ଗମ୍ଭୀର ହୋଇ କହିଲା, ''ବାଘ ଭାଇ ଫୋନ୍ କରିଥିଲା।'' ମୁଁ ଜାଣେ ତା'ର ଭାଇ ନାହିଁ। ପଚାରିଲି, ''ଏ ବାଘ ଭାଇ କିଏ?'' ଝିଅଟା ଗମ୍ଭୀର ହୋଇ କହିଲା, ''ବାଘ ଭାଇ ଆମ ସରପଞ୍ଚ ଦିଦିଙ୍କର ଧରମ ଭାଇ। ସେ ଗୋଟେ ଦଲାଲ। ସେ ଗାଁରୁ ଝିଅମାନଙ୍କୁ ଚାକିରି ଦବା ନାଁରେ କୋଉ ବାହାର ଜାଗାରେ ନେଇ ବିକି ଦେଉଛି। କଥା କଥାକେ ହାଣି ପକେଇବ। ସବୁ ବଡଲୋକ ତା' ହାତରେ। ମୋତେ ବି ଟିଭିରେ ରଜକୁଇନ କରାଇଦେବ ବୋଲି କହି ଭୁବନେଶ୍ୱର ନେଇଥିଲା। ଏବେ ମୋତେ ମଝିରେ ମଝିରେ ଫୋନ୍ କରୁଛି। କହିଲ ବାବୁ! ଆମେ ଗରିବ ଲୋକ ହେଲେ ବି ଆମର ତ ମାନମହତ ଅଛି। ମୋ ରାଣ ବାବୁ ! ଏ କଥା କାହାକୁ କହିବ ନାହିଁ। ନ ହେଲେ ସେ ଆମକୁ ମାରିଦେବ।''

ଉଅାଁର, କେନ୍ଦୁଝର, ମୋ-୯୯୩୮୧୧୨୭୧୭

# ପିଟିଆଇ ମାର୍ଗଦର୍ଶକ

## ବ୍ୟକ୍ତିତ୍ୱ



ଏନ୍. ରବି

ଭାରତର ସର୍ବବୃହତ୍ ଖବର ସରବରାହ ସଂସ୍ଥା ହେଉଛି ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ (ପିଟିଆଇ)। ଏହାର ମୁଖ୍ୟାଳୟ ନୂଆଦିଲ୍ଲୀ। ୫୦୦ ଭାରତୀୟ ଖବରକାଗଜକୁ ସହଯୋଗ କରିଆସୁଥିବା ଏହି ଅଣଲାଭଦାୟକ ସଂସ୍ଥାରେ ୧୦୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଅଛନ୍ତି। ଦେଶର ଅଧିକାଂଶ ଜିଲା ମୁଖ୍ୟାଳୟରେ ୪୦୦ ସମ୍ବାଦଦାତା ଓ ୫୦୦ ସାମୟିକ ଖବରଦାତା କାର୍ଯ୍ୟ କରୁଛନ୍ତି। ଏପରିକି ବିଶ୍ୱର ବୃହତ୍ ରାଷ୍ଟ୍ରଗୁଡ଼ିକର ରାଜଧାନୀରେ ମଧ୍ୟ ଏହାର କାର୍ଯ୍ୟାଳୟ ରହିଛି। ଇତିହାସ ଦେଖିଲେ, ଆସୋସିଏଟେଡ୍ ପ୍ରେସ୍ ଅଫ୍ ଇଣ୍ଡିଆ (ଏପିଆଇ) ୧୯୦୫ରେ ଗଠିତ ହୋଇଥିଲା। ୧୯୧୯ରେ ରଏଟର ଏହାର ପରିଚାଳନା ଭାର ଗ୍ରହଣ କରିଥିଲା। କିନ୍ତୁ ସ୍ୱାଧୀନତା ପରେ ୧୯୪୭ ଅଗଷ୍ଟ ୨୭ରେ ପିଟିଆଇ ମାଡ୍ରାସ (ବର୍ତ୍ତମାନ ଚେନ୍ନାଇ)ଠାରେ କାର୍ଯ୍ୟ ଆରମ୍ଭ କରିଥିଲା। ୧୯୪୯ ଫେବୃୟାରୀ ୧ରେ ଏପିଆଇର ପରିଚାଳନା ଦାୟିତ୍ୱ ପିଟିଆଇ ନେବା ସହ ରଏଟର ସହ ଯୋଗାଯୋଗ ରକ୍ଷା କରି କାର୍ଯ୍ୟ କରିଚାଲିଛି। ଦେଶ ବାହାରେ ଥିବା ଆସୋସିଏଟେଡ୍ ପ୍ରେସ୍, ଦି ନ୍ୟୁୟର୍କ ଟାଇମ୍ସ, ବ୍ଲୁମ୍‌ବର୍ଗ ସମେତ ୧୦୦ ବିଶ୍ୱସ୍ତରୀୟ ଖବର ସରବରାହ ସଂସ୍ଥା ସହ ପିଟିଆଇ ଖବର ଓ ସୂଚନା ଆଦାନପ୍ରଦାନ କରୁଛି। ଭାରତରେ ଦି ହିନ୍ଦୁ, ଟାଇମ୍ସ ଅଫ୍ ଇଣ୍ଡିଆ, ଦି ଇଣ୍ଡିଆନ୍ ଏକ୍ସପ୍ରେସ୍, ଦି ହିନ୍ଦୁସ୍ତାନ ଟାଇମ୍ସ, ଦି ଷ୍ଟେଟ୍ସମ୍ୟାନ୍, ଦି ଟ୍ରିବ୍ୟୁନ୍, ଆକାଶବାଣୀ ଓ ଦୂରଦର୍ଶନ ଭଳି ଜଣାଶୁଣା ଗଣମାଧ୍ୟମ ସହ ଅସଂଖ୍ୟ ଆଞ୍ଚଳିକ ଖବରକାଗଜ ସଂସ୍ଥା ପିଟିଆଇର ଗ୍ରାହକ ଅଛନ୍ତି। ଖବର ଓ ସୂଚନା ଦେବା ଦିଗରେ ଦକ୍ଷିଣ ଏସିଆର ଏକମାତ୍ର ଖବର ସରବରାହ ସଂସ୍ଥା ଭାବେ ଏହାର ନିଜସ୍ୱ ଯୋଗାଯୋଗ ଉପଗ୍ରହ ରହିବା ଉଲ୍ଲେଖଯୋଗ୍ୟ। ତେଣୁ ଏହାର ବିଶ୍ୱସନୀୟତାକୁ ବଜାୟ ରଖିବା ଦିଗରେ ଅନୁଷ୍ଠାନର ମୁଖ୍ୟଙ୍କ ରହିଛି ଗୁରୁଦାୟିତ୍ୱ। ୨୦୧୮ ସେପ୍ଟେମ୍ବର ୨୯ରେ ଏଭଳି ଏକ ମର୍ଯ୍ୟାଦାଜନକ ତଥା ନିର୍ଭରଯୋଗ୍ୟ ସଂସ୍ଥାର ଅଧ୍ୟକ୍ଷ ଭାବେ ବିଶିଷ୍ଟ ସାମ୍ବାଦିକ ଏନ୍. ରବି ନିର୍ବାଚିତ ହୋଇଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିବା ସ୍ୱାଭାବିକ।

ରବି ୧୯୪୮ ଜାନୁୟାରୀ ୧ରେ ମାଡ୍ରାସଠାରେ ଜନ୍ମଗ୍ରହଣ କରିଥିଲେ। ସେ ନାମକରା ସାମ୍ବାଦିକ ଜି. ନରସିଂହଙ୍କ କନିଷ୍ଠ ପୁତ୍ର। ଅନ୍ୟ ଦୁଇ ଭାଇ ହେଲେ ଏନ୍. ରାମ (ଦି ହିନ୍ଦୁ ଖବରକାଗଜ ପ୍ରକାଶ କରୁଥିବା କସ୍ତୁରି ଆଣ୍ଡ ସନ୍ସ ଲିମିଟେଡ୍‌ର ଅଧ୍ୟକ୍ଷ) ଓ ଏନ୍. ମୁରଲୀ (ସଂସ୍ଥାର ସହ-ଅଧ୍ୟକ୍ଷ)। ରବି ଅର୍ଥନୀତିରେ ସ୍ନାତକୋତ୍ତର କରିବା ସହ ଆଇନ ବିଦ୍ୟାରେ ଡିଗ୍ରୀ ଅର୍ଜନ କରିଛନ୍ତି। ସାମ୍ବିଧାନିକ ଓ ଅନ୍ତର୍ଜାତୀୟ ଆଇନରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ୨୦୦୦ ମସିହାରେ ହାର୍ଭାର୍ଡ ଲ' ସ୍କୁଲ ଫେଲୋ, ୨୦୦୪ରେ ହାର୍ଭାର୍ଡ ୟୁନିଭର୍ସିଟି ଫେଲୋ ରହିଥିବା ରବି ୨୦୧୩ରେ ରଏଟର୍ସ ଇନ୍‌ଷ୍ଟିଚ୍ୟୁଟ ଏବଂ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଅଧୀନ ସେଣ୍ଟ ଆଣ୍ଟୋନୀ କଲେଜରେ ଭିଜିଟିଂ ଫେଲୋ ହେବାରେ ଗୌରବ ଅର୍ଜନ କରିଥିଲେ। ତାଙ୍କ ସାମ୍ବାଦିକତା କ୍ୟାରିୟର ୧୯୭୨ରେ 'ଦି ହିନ୍ଦୁ'ରୁ ଆରମ୍ଭ ହୋଇଥିଲା। ସେଥିରେ ସେ ଖବରଦାତା, ସମ୍ପାଦକୀୟ ଲେଖକ, ୱାଶିଂଟନ ସମ୍ବାଦଦାତା, ଡେପୁଟୀ ଏଡିଟର, ଆସୋସିଏଟ୍ ଏଡିଟର ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିଲେ। ପରବର୍ତ୍ତୀ ସମୟରେ ସେ ଏହାର ସମ୍ପାଦକ ଏବଂ ମୁଖ୍ୟ ସମ୍ପାଦକ ପଦକୁ ଉନ୍ନୀତ ହୋଇଥିଲେ।

ରବି ସାମ୍ବାଦିକତାର ପ୍ରତ୍ୟେକ କ୍ଷେତ୍ରରେ କିଭଳି ଉତ୍କର୍ଷ ପ୍ରତିପାଦନ କରିହେବ ସେହି ଦିଗରେ କାର୍ଯ୍ୟ କରିଚାଲିଛନ୍ତି। ବିଭିନ୍ନ ଅନ୍ତର୍ଜାତୀୟ ସମ୍ମିଳନୀ ବିଶେଷକରି ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ସହ ଗସ୍ତ କରି ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ସାମ୍ବିଧାନିକ, ରାଜନୈତିକ, ଅର୍ଥନୈତିକ, ବାକ୍‌ସ୍ୱାଧୀନତା, ମାନବ ଅଧିକାର ପ୍ରସଙ୍ଗ ସହ ଭାରତ-ଆମେରିକା ସମ୍ପର୍କ ଉପରେ ଲେଖିବାରେ ସେ ଅଧିକ ପସନ୍ଦ କରିଥାନ୍ତି। ତାଙ୍କ ଲେଖାଗୁଡ଼ିକ ପାଠକାଦୃତ ହୋଇ ବହୁ ପ୍ରଶଂସା ସାଉଁଟିଛି। ସେଥିପାଇଁ ସେ ସାମ୍ବାଦିକତା ବୃତ୍ତିରେ ଜି. କେ. ରେଡ୍ଡୀ ମେମୋରିଆଲ ଆୱାର୍ଡଠାରୁ ଆରମ୍ଭ କରି ତିରୁପତିସ୍ଥିତ ଶ୍ରୀ ଭେଙ୍କଟେଶ୍ୱର ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡକ୍ଟରେଟ୍ ପାଇଛନ୍ତି। ଆଜିର ସୋସିଆଲ ମିଡିଆର ପ୍ରାବଲ୍ୟ ଯୋଗୁ ମିଛ ଖବର ଓ ବିଭିନ୍ନ ଗଣମାଧ୍ୟମରେ ପେଡ୍ ନ୍ୟୁଜ୍ ସ୍ଥାନ ଜମାଇ ସାରିଲାଣି ବୋଲି ବାରମ୍ବାର ଅଭିଯୋଗ ହେଉଛି। ଏଭଳି ସ୍ଥଳେ ଅଭିଜ୍ଞ ତଥା ଅନୁଭବୀ ସମ୍ପାଦକ ରବିଙ୍କ ମାର୍ଗଦର୍ଶନରେ ପିଟିଆଇ ତା'ର ବିଶ୍ୱସନୀୟତା ବଜାୟ ରଖି ଅଗ୍ରସର ହେବ ବୋଲି ଆଶା କରାଯାଏ।

-ଜିତେନ୍ଦ୍ର

## ପାଠକ ଶ୍ରେଷ୍ଠ ବିଚାରକ

### ପିତୃଦେବୋ ଭବ, ମାତୃଦେବୋ ଭବ

ମହାଶୟ,

ଆଗ କାଳରେ ଯୌଥ ପରିବାର ଯୋଗୁ ବାପା, ମା, ଭାଇ, ଭଉଣୀ, ପୁଅ, ବୋହୂ ସମସ୍ତେ ଏକାଠି ରହି ପରିବାରର ସୁଖଦୁଃଖରେ ନିଜକୁ ସାମିଲ କରୁଥିଲେ। ଏବେ କିନ୍ତୁ ପୁଅବୋହୂମାନେ ବୃଦ୍ଧ ମାତାର ପ୍ରେମ, ପିତାର ବାତ୍ସଲ୍ୟ, ଗୁରୁଜନଙ୍କ ଶିକ୍ଷାକୁ ପଛରେ ପକାଇଦେଇ ରୋଜଗାର ଲକ୍ଷ୍ୟରେ ସେମାନଙ୍କୁ ଏକୁଟିଆ ଘରେ ଛାଡି ବାହାରକୁ ଚାଲିଯାଉଛନ୍ତି। ଫଳରେ ସେମାନଙ୍କ ଆଖିରୁ ସବୁଦିନ ଲୁହ ଝରୁଛି। ଏ ପରିପ୍ରେକ୍ଷୀରେ ଅଧ୍ୟାପକ ଡ. ଭାରତଭୂଷଣ ରଥଙ୍କ ଲେଖା 'ପିତୃଦେବୋ ଭବ, ମାତୃଦେବୋ ଭବ' (ଧରିତ୍ରୀ, ୨୯।୮) ଅତି ଶିକ୍ଷଣୀୟ। ସମସ୍ତ ପଥହରା ପୁଅବୋହୂଙ୍କୁ ଅନୁରୋଧ ଏହା ପାଠ କରନ୍ତୁ ଏବଂ ବେଳ ଥାଉ ଥାଉ ସୁଧୁରିଯାଆନ୍ତୁ, ମଙ୍ଗଳ ହେବ।

କାହ୍ନୁଚରଣ ସାହୁ, ରାମଚନ୍ଦ୍ରପୁର ବଜାର, ଜଟଣୀ, ଖୋର୍ଦ୍ଧା

### ଫାଷ୍ଟଫୁଡ୍ ବନାମ ପଖାଳ

ମୋ ଝିଅ ପ୍ରଚୁର ପରିମାଣରେ ଫାଷ୍ଟଫୁଡ୍ ଖାଏ- ଚାଓମିନ, ଗୁପ୍‌ଚୁପ୍, ଚିକେନ ପକୋଡା, ଏଗ୍‌ରୋଲ, କୁର୍‌କୁରି, ଲେଜ୍, ମାଗି ନୁଡୁଲ୍ସ ଇତ୍ୟାଦି। ଫଳରେ ମୋଟା ହୋଇଗଲା। ଦେହ ବିନ୍ଧିଲା। ଡାକ୍ତରଙ୍କ ପାଖକୁ ନେଲୁ। ଡାକ୍ତର କହିଲେ, ଏହିସବୁ ଖାଦ୍ୟ ଖାଇବା ପୂରାପୂରି ବନ୍ଦ କରିଦିଅ। ସେଥିପାଇଁ ବୋଧହୁଏ ମୋ ମା' ବର୍ତ୍ତମାନ ଅଶୀବର୍ଷ ବୟସରେ ସକାଳେ ଠାକୁର ପୂଜା ସାରି ପଖାଳ ଖାଏ ଓ ରାତିରେ ମଧ୍ୟ ପଖାଳ ଖାଏ। ଭୋର ପାଞ୍ଚଟାରେ ଉଠି ବାଡିବଗିଚାରେ ଥିବା ଗଛରୁ ଫୁଲ ତୋଳେ ଠାକୁରଙ୍କ ପୂଜା ପାଇଁ। ଅଗଣାରେ ଗୋବର ପାଣି ଛିଞ୍ଚି ଝାଡୁ (ପହଁରା)ରେ ଓଳାଇଥାଏ। ସେତେପର୍ଯ୍ୟନ୍ତ ଆମ ଘରର ଅନ୍ୟ ମହିଳା ସଦସ୍ୟା ଶଯ୍ୟା ତ୍ୟାଗ କରି ନ ଥାନ୍ତି। ମୋ ମା' ଏ ବୁଢ଼ୀ ବୟସରେ ବି ଯେମିତି ସୁସ୍ଥ ଓ କର୍ମଠ ଅଛି, ଆଜିକାଲିକା ମାଆମାନଙ୍କଠାରେ ତାହା ଦେଖିବାକୁ ମିଳୁଛି କି?

କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ହାଇଦ୍ରାବାଦରେ ଅନେକ ଐତିହାସିକ ସ୍ମାରକୀ ସ୍ଥଳ ଏବଂ ମସ୍‌ଜିଦ୍ ରହିଛି। ଐତିହ୍ୟସ୍ଥଳ ବିଶେଷଜ୍ଞଙ୍କ କହିବାନୁଯାୟୀ, ଏଠାରେ ବିଶ୍ୱର ସବୁଠୁ ଛୋଟ ମସ୍‌ଜିଦ୍‌ଟିଏ ରହିଛି। ଏହା ଜିନ୍ ମସ୍‌ଜିଦ୍ ନାମରେ ପରିଚିତ। ପ୍ରାୟତଃ ୪୦୦ବର୍ଷ ତଳେ ଏହା ନିର୍ମାଣ କରାଯାଇଥିଲା ବୋଲି ଅନୁମାନ କରାଯାଏ। କିଶାନ୍ ବାଗ୍‌ସ୍ଥିତ ଏହି ମସ୍‌ଜିଦ୍‌ଟି ଅବହେଳିତ ଅବସ୍ଥାରେ ପଡିରହିଛି। ଏଥିପ୍ରତି ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ଶୁଭଦୃଷ୍ଟି ପଡିନାହିଁ। ଏହି ମସ୍‌ଜିଦ୍‌ର କ୍ଷେତ୍ରଫଳ ୧୦ ବର୍ଗମିଟରଠୁ ବି କମ୍ ବୋଲି ଡେକାନ୍ ହେରିଟେଜ୍‌ର ମ୍ୟାନେଜିଂ ଟ୍ରଷ୍ଟି ଡକ୍ଟର ମହମ୍ମଦ ସଫିଉଲ୍ଲା ପ୍ରକାଶ କରିଛନ୍ତି। ଏକ ପର୍ବତ ଉପରେ ପ୍ରତିଷ୍ଠିତ ହୋଇଥିବାରୁ ଏହା ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ଖୁବ୍ କମ୍ ସଂଖ୍ୟକ ଭକ୍ତ ଏଠାକୁ ପରିଦର୍ଶନ ଉଦ୍ଦେଶ୍ୟରେ ଯାଇଥାନ୍ତି। ଏହି ଐତିହାସିକ ସ୍ମାରକୀ ସ୍ଥଳର ସୁରକ୍ଷା ପାଇଁ ଏଥିସହ ଜଡିତ ଗୋଟିଏ ଗୋଷ୍ଠୀ ପଦକ୍ଷେପ ନେଇଛି। ସଫିଉଲ୍ଲାଙ୍କ କହିବାନୁଯାୟୀ, ଭୋପାଳ ମସ୍‌ଜିଦ୍ ଅପେକ୍ଷା ଜିନ୍ ମସ୍‌ଜିଦ୍‌ର ଆକୃତି ଛୋଟ। କାରଣ ଭୋପାଳ ମସ୍‌ଜିଦ୍ ୧୬ ବର୍ଗମିଟର ବିଶିଷ୍ଟ ହୋଇଥିବା ବେଳେ ଏହାର କ୍ଷେତ୍ରଫଳ ୧୦ ବର୍ଗମିଟରରୁ ବି କମ୍। ଏହାକୁ ବିଶ୍ୱର ସବୁଠୁ ଛୋଟ ମସ୍‌ଜିଦ୍‌ର ମାନ୍ୟତା ଦେବାକୁ ଅପେକ୍ଷା କରାଯାଇଥିବା ସଫିଉଲ୍ଲା ପ୍ରକାଶ କରିଛନ୍ତି। ଏଠାରେ ମାତ୍ର ୮ରୁ ୧୦ଜଣ ବ୍ୟକ୍ତି ପ୍ରାର୍ଥନା କରିପାରିବେ। ବାସ୍ତବରେ ଏହି ମସ୍‌ଜିଦ୍ ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନ ପାଇଲେ ଏଠାକୁ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇପାରନ୍ତା।

## ଚିରନ୍ତନୀ

ଅନ୍ତରେ ଲହୁ ବାହାରେ ରକ୍ତରାଶି,
ରକତର ଶିଶୁ କାହିଁ ଯିବି ମୁଁ ଗୋ ଭାସି!
କି ବାରତା ଆସେ କାହିଁ ସେ ଉଚ୍ଚରେ,
କ୍ଷୀଣତର ହୋଇ ମରମେ ସଞ୍ଚରେ,
କି ପୁଲକ ବ୍ୟଥା ପରାଣେ ଲାଗେ ପରାସି
ରଙ୍ଗାଏ ମୋର ସଞ୍ଚିତ ବ୍ୟଥାରାଶି।
ସେ କିବା ମୋହର ପ୍ରଥମ ଆଲୋକ-କଥା
ଅନନ୍ତ ଯୁଗର ଆଦିମ ଏକ ବାରତା
ପ୍ରାଚୀନତମ ସେ ପ୍ରାଣର ପରାସ
ଅସୀମ କାଳର ଏକ ଇତିହାସ,
ଅତଳୁଁ ଅତଳେ ଲୁଚିଛି କାହିଁ ସେ ବ୍ୟଥା
ସଞ୍ଜ ଆକାଶେ ଶୁଣିଲି ଆଜି ଯେ କଥା!
(ଲୋହିତ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

### ୩୦ ସେପ୍ଟେମ୍ବର ୧୯୯୩

- ଜାତୀୟ ଓ ରାଜ୍ୟସ୍ତରରେ ମାନବିକ ଅଧିକାର ସୁରକ୍ଷା ପାଇଁ ଏକ ଜାତୀୟ ମାନବିକ ଅଧିକାର କମିଶନ ଗଠନ ଲାଗି ରାଷ୍ଟ୍ରପତିଙ୍କ ଅଧ୍ୟାଦେଶ।
- ଯୁକ୍ତରାଷ୍ଟ୍ର ଆମେରିକା ସୋମାଲିଆରୁ ତା'ର ୨୫ଶହ ସେନା ଫେରାଇଆଣିବା ନେଇ ଘୋଷଣା।
- ଜନତା ଦଳ, ଜନତା ଦଳ ଅଜିତ ଗୋଷ୍ଠୀ ଓ ସମାଜବାଦୀ ଜନତା ପାର୍ଟିର ଆଜି ଆନୁଷ୍ଠାନିକ ଭାବେ ମିଶ୍ରଣ ଘଟିଛି।

## ସଂକ୍ଷେପରେ

### କଂଗ୍ରେସ ସମାବେଶ ପାଇଁ ପ୍ରସ୍ତୁତି ବୈଠକ

**ଦଶମନ୍ତପୁର,୨୯।୯(ଡି.ଏନ୍.ଏ.):** ଦଶମନ୍ତପୁର ବ୍ଲକ ସ୍ଥିତ ଜୋନ୍-୨ରେ ବ୍ଲକ କଂଗ୍ରେସ ପକ୍ଷରୁ ସମାବେଶ ଆୟୋଜନ ପାଇଁ ଶନିବାର ଏ. ମାଲକାନଗିରି ପଞ୍ଚାୟତ ଅଧୀନସ୍ଥ ଆଡ଼ମଣ୍ଡା ଗ୍ରାମଛକ ପଡ଼ିଆରେ ମୋ' ବୁଥ୍ ମୋ' ଗୌରବ ତଥା କର୍ମୀଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ ଏସ୍‌ସି ସେଲ୍ ସଭାପତି ରମେଶ ଖରାଙ୍କ ତତ୍ତ୍ୱାବଧାନରେ ବୈଠକର ହୋଇଥିଲା। ଜିଲା କାର୍ଯ୍ୟକାରୀ ସଭାପତି ରୂପକ ତୁରୁକ, ପୂର୍ବତନ ସରପଞ୍ଚ ବୈଦ୍ୟନାଥ କୁଳଦୀପ, ତ୍ରିନାଥ ବିଶୋଇ, ନନ୍ଦିଗାଁ ପଞ୍ଚାୟତ ସଭାପତି ସେବକ କନ୍ଧପାନ, ଦୁର୍ଜନ କୁଳଦୀପଙ୍କ ସମେତ ୮ଟି ପଞ୍ଚାୟତର ୨ ଶହରୁ ଅଧିକ କର୍ମୀ ବୈଠକରେ ଯୋଗ ଦେଇଥିଲେ। ଆସନ୍ତା ୧୦ ତାରିଖ ଜୋନ୍-୨ର ସମସ୍ତ କର୍ମୀ ସମାବେଶରେ ଏକାଠି ହେବେ। ଏଥିରେ ଜିଲା କଂଗ୍ରେସର ୪ ଜଣ ବିଧାୟକ, ଜିଲା ସଭାନେତ୍ରୀ ଯୋଗଦେବେ। ଶନିବାର ବୈଠକରେ ଲୁଲା, ଫୁଲବେଡ଼ା, ଏ. ମାଲକାନଗିରି, ପୋଡ଼ାଗଡ଼ ଭଳି ବିଭିନ୍ନ ପଞ୍ଚାୟତର କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ବିଜୟ ଦିବସ ପାଳିଲା ଭାଜପା

**କୋରାପୁଟ,୨୯।୯(ସ୍ୱ.ପ୍ର.):** କୋରାପୁଟସ୍ଥିତ ଅତିଥି ଭବନରେ ଶନିବାର ଜିଲା ଭାଜପା ପକ୍ଷରୁ ସର୍ଜିକାଲ ଷ୍ଟ୍ରାଇକର ଦୁଇ ବର୍ଷ ପୂର୍ତ୍ତି ଦିବସ ଉପଲକ୍ଷେ ଏକ ସଭା ଅନୁଷ୍ଠିତ ହୋଇଛି । ଜିଲା ସଭାପତି ବିଜୟ କୁମାର ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ଲିଉଟ୍‌ନାଣ୍ଟ ଜେନେରାଲ ନାରାୟଣ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତୀୟ ସେନାର ଏହି ପଦକ୍ଷେପକୁ ପ୍ରଶଂସା କରିବା ସହିତ ବିରୋଧୀ ଦେଶକୁ ଉଚିତ ଜବାବ ଦେଇଥିବା ଦର୍ଶାଇଥିଲେ । ଏଥିରେ ଅନ୍ୟମାନଙ୍କ ମଧରେ ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗି, ଲିଉଟ୍‌ନାଣ୍ଟ କର୍ଣ୍ଣେଲ ଏ.ଭି.ଆର୍. ମୂର୍ତ୍ତି ଯୋଗଦେଇ ସର୍ଜିକାଲ ଷ୍ଟ୍ରାଇକ ଉପରେ ଆଲୋକପାତ କରିଥିଲେ। ଭାଜପାର ଶୁଭେନ୍ଦୁ ବ୍ରହ୍ମା, ଜି. ସଞ୍ଜୀବ କୁମାର ରାଓ, ସନ୍ତୋଷ ଦାସ, ଏନ୍.ଏନ୍. ବାଘ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

### ମହାବିଦ୍ୟାଳୟ ପରିସର ସଫେଇ

**କୋରାପୁଟ,୨୯।୯(ସ୍ୱ.ପ୍ର.):** କୋରାପୁଟ ସରକାରୀ ମହାବିଦ୍ୟାଳୟର ଯୁବ ରେଡକ୍ରସ ପକ୍ଷରୁ ସ୍ୱଚ୍ଛତା ପକ୍ଷ ଅବସରରେ ଯୁବ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଅଧକ୍ଷ ଡ. ଶୁଭେନ୍ଦୁ ଶେଖର ପାଢ଼ୀ ସର୍ବପ୍ରଥମେ ମହାବିଦ୍ୟାଳୟ ପରିସରରେ ଥିବା ଶହୀଦ ଲକ୍ଷ୍ମଣ ନାୟକ ପ୍ରତିମୂର୍ତ୍ତିଠାରୁ ନିଜେ ସଫେଇ କାର୍ଯ୍ୟ ଆରମ୍ଭ କରି ଏହି ସ୍ୱଚ୍ଛତା ପକ୍ଷର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସ୍ମିତା ନାୟକ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧରେ ଏନ୍‌ଏସଏସର ଡ. ଶିବରାମ ବଡରାଇତ, ଅର୍ଜୁନ ଚନ୍ଦ୍ର ବେହେରା, କେଶବ ଭୋଇ, ପ୍ରଭାତି ଝୋଡିଆ, ଡ. କୈବଲ୍ୟ ବେହେରା, ଦୀପକ ପଟ୍ଟନାୟକ, ମାମା ରାଜଲକ୍ଷ୍ମୀ ନାୟକ, ତପସ୍ୱିନୀ ପ୍ରିୟଦର୍ଶିନୀ, ଆଦିତ୍ୟ ସାହୁଙ୍କ ସମେତ ଅନ୍ୟ ଅଧାପିକା ଅଧାପକ ସାମିଲ ଥିଲେ। ବିଭିନ୍ନ ବିଭାଗ ସମେତ ମୁଖ୍ୟ ଫାଟକନିକଟରେ ପଡ଼ିଥିବା ବର୍ଜ୍ୟବସ୍ତୁ ଏକାଠି କରି ସ୍ଥାନୀୟ ଡମ୍ପିଂୟାର୍ଡରେ ପକାଯାଇଥିଲା। ଡ. ପ୍ରକାଶ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଯୁବତୀଙ୍କ ଆତ୍ମହତ୍ୟା

**କୋରାପୁଟ/ନାରାୟଣପାଟଣା, ୨୯।୯ (ସ୍ୱ.ପ୍ର./ଡି.ଏନ.ଏ.):** କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ ପୋଡାପଦର ପଞ୍ଚାୟତର ଡୁମସିଲ ଗ୍ରାମରେ ଶନିବାର ଅପରାହ୍ନରେ ଜଣେ ୧୮ ବର୍ଷୀୟ ଯୁବତୀ ଆତ୍ମହତ୍ୟା କରିଛନ୍ତି। ସୂଚନା ଅନୁଯାୟୀ ଡୁମସିଲ ଗ୍ରାମର ବଉଦ ମେଲକାଙ୍କ ଝିଅ ରଶ୍ମୀ(୧୮) ଶନିବାର ଅପରାହ୍ନରେ ଗ୍ରାମଠାରୁ ଅଧକିମି ଦୂରରେ ଥିବା ଏକ ଗଛରେ ନିଜର ଓଢ଼ଣୀ ଦେଇ ଆତ୍ମହତ୍ୟା କରିଛନ୍ତି। ଖବର ପାଇ ନାରାୟଣପାଟଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିବା ସହ ଏନେଇ ଥାନାରେ ୧୪/୨୦୧୮ରେ ଏକ ଅପମୃତ୍ୟୁ ମାମାଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି । ବର୍ତ୍ତମାନ ମୃତଦେହ ନାରାୟଣପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପାଇଁ ରଖାଯାଇଛି। ଏହି ଘଟଣା କେଉଁ କାରଣରୁ ହେଲା ଏବଂ ଏହା ଆତ୍ମହତ୍ୟା ନା ହତ୍ୟା ସେ ନେଇ ପୋଲିସ ତଦନ୍ତ କରୁଛି।

# ଦୋଛକିରେ ଇଚ୍ଛାପୁର ପଞ୍ଚାୟତ ଗୃହ ନିର୍ମାଣ କାର୍ଯ୍ୟ

**ଝରିଗାଁ ତହସିଲଦାର, ବିଡିଓଙ୍କୁ ପକ୍ଷଭୁକ୍ତ କଲେ ଜିଲା ଆଦିବାସୀ ଅଧିକାର ମଞ୍ଚ ସମ୍ପାଦକ**

**ନବରଙ୍ଗପୁର,୨୯।୯(ବି.ପ୍ର.)**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଇଚ୍ଛାପୁର ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ନେଇ ଲାଗିଥିବା ଆନ୍ଦୋଳନ ଓ ଦାବୀ ଥମିବାର ନାଁ ଧରୁନାହିଁ। ପ୍ରଶାସନ ପକ୍ଷରୁ ସମାଧାନ ପାଇଁ ଉଦ୍ୟମ କରାଯାଉଥିଲେ ମଧ ସ୍ଥାନୀୟ ଲୋକ ନିଜ ଜିଦରେ ଅଟଳ ରହିଛନ୍ତି । ଦାବୀ ହେଉଥିବା ସ୍ଥାନ ଓ ଜମି ଚିହ୍ନଟ ସ୍ଥାନରେ ତୁରନ୍ତ ପଞ୍ଚାୟତ ଗୃହ ନିର୍ମାଣ ଦାବୀ କରିଛନ୍ତି । ଏନେଇ ଆଦିବାସୀ ଅଧିକାର ମଞ୍ଚର ଜିଲା ସମ୍ପାଦକ ରାଜେସ ଜାନୀଙ୍କ ନେତୃତ୍ୱରେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩ଟି ଦାବି ନେଇ ଧାରଣା ଦିଆଯାଇଥିଲା । ଜିଲାପାଳଙ୍କ ସହ ଆଲୋଚନା ପରେ ଶନିବାର ଧାରଣାରୁ ହଟିଛନ୍ତି । ଧାରଣା ସ୍ଥଳକୁ ପୂର୍ବତନ ଏମପି ପ୍ରଦୀପ ମାଝୀ, ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ ଯାଇ ସମର୍ଥନ ଜଣାଇଥିଲେ । ପରେ ସମ୍ପାଦକ ରାଜେସ, ଜଗଦିଶ ମାଝୀ, ସୁଦର ମାଝୀ, ପରମେଶ୍ୱର ଶବର, ଲୁଦୁ ପୂଜାରୀ , ପୂର୍ବତନ ଏମପି ଓ ଜିଲା କଂଗ୍ରେସ ସଭାପତି ଜିଲାପାଳଙ୍କ ସହ ଆଲୋଚନା କରିଥିଲେ । ଅସ୍ଥାୟୀ ପଞ୍ଚାୟତ କାର୍ଯ୍ୟାଳୟରେ ଯଥାଶୀଘ୍ର ସାଧାରଣ ବଣ୍ଟନ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଇଚ୍ଛାପୁରର ୭୨ ଜଣଙ୍କ ବ୍ୟକ୍ତିଗତ ଜଙ୍ଗଲ ଜମି ପଟ୍ଟା ପାଇଁ ଆବେଦନ କରାଯାଇଥିବା ଆଦିବାସୀଙ୍କୁ ତୁରନ୍ତ ଦଖଲ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଉ ବୋଲି ଦାବି କରିଥିଲେ। ଏନେଇ ରାଜସ୍ୱ ନିରିକ୍ଷକ ନିକଟରେ ଥିବା ଆବେଦନ ପତ୍ର ଓ ଆବଶ୍ୟକ କାଗଜ ପାତ୍ର ତୁରନ୍ତ ଦେଲେ ଜିଲା ମଙ୍ଗଳ ଅଧିକାରୀଙ୍କୁ ପଠାଇ ତହାର ତଦନ୍ତ କରାଯିବ ଓ ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ । ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ ନେଇ ଆଦିବାସୀ ଅଧିକାର ମଞ୍ଚ ଜିଲା ସମ୍ପାଦକ ରାଜେସ ଜାନୀ ଝରିଗାଁ ତହସିଲଦାର ଓ ବିଡିଓଙ୍କୁ ପକ୍ଷଭୁକ୍ତ କରି ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ କୋର୍ଟ ନିକଟରେ ଏକ ମାମଲା ରୁଜୁ କରିଛନ୍ତି । ଏନେଇ ଆରଏମସି(ଜିପି)୨୫/୧୮ ମାମଲା ରୁଜୁ ହୋଇଛି । ମଙ୍ଗଳବାର ଦୁଇ ପକ୍ଷଙ୍କୁ ନୋଟିସ ଜାରି କରାଗଲେ ପକ୍ଷଭୁକ୍ତ ରଖିବେ । ପରେ ଏହାର ବିଚାରଣା ହେବ ବୋଲି ଜଣାପଡିଛି । ଅନ୍ୟ ପକ୍ଷେ କର୍ଲାମାଲ ଛକ ଠାରେ ପଞ୍ଚାୟତ ନିର୍ମାଣ କାର୍ଯ୍ୟ ଚାଲିଥିବା ସମୟରେ ଭଙ୍ଗାରୁଜା କରାଯିବା ପରେ ଠିକାଦାର ତାହାର ଖର୍ଚ୍ଚ ହୋଇଥିବା ପ୍ରାପ୍ୟ ପାଉନଥିବା ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।



ମନ୍ତ୍ରୀ ପ୍ରଦୀପ ମହାରଥୀ ମହିଳାଙ୍କ ସମ୍ପର୍କରେ ଦେଇଥିବା ଅଶାଳୀନ ମନ୍ତବ୍ୟ ପ୍ରତିବାଦରେ ଶନିବାର ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ।

# ମଦ ବନ୍ଦ, ରୋଡ୍ ରୋମିଓଙ୍କୁ ସାବାଡ଼ କରିବାକୁ ଦାବି

**ଜୟପୁର,୨୯।୯(ଡି.ଏନ୍.ଏ./ନି.ପ୍ର.)**

ଜୟପୁର ସଦରଥାନା ପକ୍ଷରୁ ବାରିଣୀପୁଟ ସ୍ଥିତ ଓଏଚପିସି ଡାକବଙ୍ଗଳାରେ ଶନିବାର ଆମ ପୋଲିସ ବୈଠକ ଅନୁଷ୍ଠିତ ହୋଇଛି। ସଦରଥାନା ଅଧିକାରୀ କୈଳାସ ଚନ୍ଦ୍ର ସେଠୀଙ୍କ ଅଧକ୍ଷତାରେ ଅତିଥି ଭାବେ ଏସ୍‌ଡିପିଓ ପ୍ରତ୍ୟୁଷ ଦିବାକର ଯୋଗଦେଇ ବାଲିଆ ଗ୍ରାମର ଆମ ପୋଲିସ ସମିତି ସଦସ୍ୟ ବଲ୍ଲଭ ନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ । କିଛି ଦିନ ତଳେ ଜୟପୁର ସହରର ଜଣେ ଯୁବତୀ ସ୍ଥାନୀୟ ସତୀନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ତାଙ୍କୁ ଉଦ୍ଧାର କରିବା ସହ ସେ ପୋଲିକକୁ ସୂଚନା ଦେଇଥିଲେ। ବୈଠକରେ ବେଆଇନ ମଦ ବ୍ୟବସାୟ ଉପରେ ଚଢ଼ାଉ, ରୋଡ ରୋମିଓଙ୍କୁ ସାବାଡ କରିବା ଏବଂ ନାବାଳିକା ନାବାଳକ ବିବାହ ଭଳି ବେଆଇନ କାର୍ଯ୍ୟ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ଗ୍ରାମବାସୀ। ସେହିପରି ଟ୍ରାଫିକ ବ୍ୟବସ୍ଥା ସୁଧୁରିଥିବା ନେଇ ମତପ୍ରକାଶ ପାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଆଇ ମୁକୁନ୍ଦଦେବ ନାୟକ, ସିମି ପ୍ରଧାନ ଏବଂ ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସର୍ଜିକାଲ ଷ୍ଟ୍ରାଇକ ଦିବସ ପାଳିଲା ଭାଜପା

**ଉମରକୋଟ, ୨୯।୯(ଡି.ଏନ.ଏ)**

ସେପ୍ଟେମ୍ବର ୨୯କୁ ଭାଜପା ସାରା ଦେଶରେ ସର୍ଜିକାଲ ଷ୍ଟ୍ରାଇକକୁ ଏକ ଐତିହାସିକ ଦିବସ ରୂପେ ପାଳନ କରୁଥିବାବେଳେ ଉମରକୋଟ ଭାଜପା କାର୍ଯ୍ୟାଳୟଠାରେ ନବରଙ୍ଗପୁର ଜିଲା ତରଫରୁ ଏହା ପାଳନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେରା ଯୋଗଦେଇ ଥିଲେ। ଏହି ଅବସରରେ ପୂର୍ବତନ ସୈନିକ ଦୁର୍ଗାପ୍ରସାଦ ମହାନ୍ତି, ହରିଶ ଚନ୍ଦ୍ର ଗଣ୍ଡ ଏବଂ ପ୍ରକାଶ ଚନ୍ଦ୍ର ଗୌଡ, ଲୋଚନ ସ୍ୱାଇଁ ଏବଂ ଚନ୍ଦନ କୁମାର ସରକାରଙ୍କୁ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ପୂର୍ବତନ ସୈନିକମାନେ ଚାକିରି କ୍ଷେତ୍ରରେ ଥିବାବେଳେ ନିଜର ଅନୁଭୂତି ଉପସ୍ଥାପନ କରିଥିଲେ। ଭାଜପା ଜିଲା ସଭାପତି ଗୋବିନ୍ଦ ଜୈନ, ଜିଲା ସମ୍ପାଦକ ଅଶୋକ ପାଢି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ଜିଲା ଉପସଭାପତି ପି. ଚନ୍ଦ୍ର ରାଓ, ନିତ୍ୟାନନ୍ଦ ଗଣ୍ଡ, ଜୁନାଗଡ ବ୍ଲକର ଭାଇସ ଚେୟାରମ୍ୟାନ ଯୋଗଦେଇଥିଲେ। ଏହି ସଭାରେ ରମେଶ ଦାସ, ସାନ ନାୟକ, ଚନ୍ଦ୍ରଭାନୁ ନାୟକ, ପେଣ୍ଠୁ ସାହୁ, ଶଙ୍କର ମଣ୍ଡଳ ସହ ଦଳୀୟ କର୍ମୀ ଯୋଗ ଦେଇଥିଲେ। ସୁରେଶ କୁମାର ଆଚାର୍ଯ୍ୟ ଏହି ସଭାକୁ ପରିଚାଳନା କରିଥିଲେ।


ସର୍ଜିକାଲ ଷ୍ଟ୍ରାଇକ୍ ଦିବସ ପାଳନ ଅବସରରେ ଉପସ୍ଥିତ ଭାଜପା ନେତାମାନେ।

# ପୌର କାର୍ଯ୍ୟାଳୟ ଘେରିଲେ ଜୟନଗରବାସୀ

**ଜୟପୁର,୨୯।୯(ନି.ପ୍ର.)**

ସ୍ଥାନୀୟ ଜୟନଗର ବାସିନ୍ଦା ଶନିବାର ପୌର କାର୍ଯ୍ୟାଳୟ ଘେରାଉ କରି ଦାବିପତ୍ର ଦେଇଛନ୍ତି । ପୌରାଞ୍ଚଳର ୧ନଂ ୱାର୍ଡ଼ରେ ଦୀର୍ଘ ୧୦ ଦିନ ହେବ ଷ୍ଟ୍ରିଟ ଲାଇଟ ଜଳୁନାହିଁ। ଅଞ୍ଚଳବାସୀ ଅନ୍ଧାରରେ ରହୁଥିବା ବେଳେ ବାରମ୍ବାର ପୌରପରିଷଦରେ ଅଭିଯୋଗ କଲେ ମଧ କିଛି ପଦକ୍ଷେପ ହେଉନାହିଁ। ଏନେଇ ଶନିବାର ମନୋଜ ମିଶ୍ରଙ୍କ ନେତୃତ୍ୱରେ ଏକ ବାଇକ ଶୋଭାଯାତ୍ରା ବାହାରି ପୌରପରିଷଦ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହାପରେ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ ଆଚାର୍ଯ୍ୟଙ୍କୁ ଦାବିପତ୍ର ଦିଆଯାଇଥିଲା। ଷ୍ଟ୍ରିଟ ଲାଇଟ ତୁରନ୍ତ କାର୍ଯ୍ୟକ୍ଷମ କରିବା, ଭୂତନାଥ ଶ୍ମଶାନର ବିକାଶ ଭଳି ଦାବି ରହିଛି ।


ଜୟପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଉଛି।

# ପାଇଖାନା ପାଇଁ ସରକାରୀ ସୁଯୋଗ ନେବାକୁ ପରାମର୍ଶ

**କାଲିମେଲା,୨୯।୯(ଡି.ଏନ.ଏ)**

ମାଲକାନଗିରି ଜିଲା କାଲିମେଲା ପଞ୍ଚାୟତରେ ଡିଆରଡିଏ ପକ୍ଷରୁ ସ୍ୱତନ୍ତ୍ର ଗ୍ରାମସଭା ଶନିବାର ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । କାଲିମେଲା ସରପଞ୍ଚ କବିତା ମାଡିଙ୍କ ଅଧକ୍ଷତାରେ ହୋଇଥିବା ଏହି ସଭାରେ ବ୍ଲକ ଅଧକ୍ଷ ମାଲା ମାଢି ମୁଖ୍ୟଅତିଥି, ଆରଡବ୍ଲ୍ୟୁଏସଏସର ଆର.କେ. ଶତପଥୀ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଲୋକମାନେ ପାଇଖାନା ବ୍ୟବହାର କରୁ ନ ଥିବାରୁ ଏହାର ପ୍ରଭାବ ପରିବେଶ ଉପରେ ପଡୁଛି। ଫଳରେ ବିଭିନ୍ନ ରୋଗ ବ୍ୟାପିବାର ଆଶଙ୍କା ରହିଛି । ସରକାରଙ୍କ ପକ୍ଷରୁ ଘରେ ପାଇଖାନା ତିଆରି ଲାଗି ରହିଥିବା ଆର୍ଥିକ ସହାୟତାର ସୁଯୋଗ ନେବାକୁ ବ୍ଲକ ଅଧକ୍ଷ ପ୍ରକାଶ କରିଥିଲେ। ସିଆରସିସି ରଞ୍ଜିତ ସରକାର ଗ୍ରାମସଭାକୁ ପରିଚାଳନା କରିଥିଲେ। ସ୍ୱଚ୍ଛ ରହିଲେ ହିଁ ରୋଗମୁକ୍ତ ହୋଇପାରିବା ସମସ୍ତେ ମିଶି ସ୍ୱଚ୍ଛଭାରତ କାର୍ଯ୍ୟକ୍ରମକୁ ଆଗେଇନେବା ବୋଲି ସମ୍ମାନିତ ଅତିଥି ଶତପଥୀ କହିଥିଲେ । ଏଥିରେ କଟାଗୁଡା, ଆମ୍ବାଗୁଡା, ହାଟପଦା ସାହି, ବୁଦୁଗୁଡା, ଫାର୍ମ କଲୋନୀ, ତୁମ୍ବାଗୁଡା ଓ ଇପିଡିପି କଲୋନୀ ଗ୍ରାମର ୱାର୍ଡମେମ୍ବର, ଗ୍ରାମ ମୁଖିଆଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ସ୍ୱଚ୍ଛତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଚିଟ୍ ଫଣ୍ଡ ଜମାକାରୀଙ୍କ ବୈଠକ

**ମାଲକାନଗିରି, ୨୯।୯(ଡି.ଏନ.ଏ.)**

ମାଲକାନଗିରି ଜିଲା ସଦର ବ୍ଲକ ଏମ.ଭି-୪୩ ଗ୍ରାମ କାଳିମନ୍ଦିର ପ୍ରାଙ୍ଗଣରେ କ୍ଷତିଗ୍ରସ୍ତ ଚିଟ୍‌ଫଣ୍ଡ ଜମାକାରୀଙ୍କ ଏକ ବୈଠକ ଶନିବାର ଅନଷ୍ଠିତ ହୋଇଛି। ଏଥିରେ ଏମ.ଭି-୪୩ ଗ୍ରାମ ସହ ଆଖପାଖ ୧୦ଟି ଗ୍ରାମର ଜମାକାରୀ ଯୋଗ ଦେଇଥିଲେ। ଚିଟ୍‌ଫଣ୍ଡରେ ଜମା କରିଥିବା ଟଙ୍କା କିପରି ଫେରସ୍ତ ପାଇବେ ସେ ନେଇ ଆଲୋଚନା କରିଥିଲେ। ସରକାର ଏହି ଜମାକାରୀମାନଙ୍କ ଅର୍ଥ ଫେରସ୍ତ ପାଇଁ ନିଷ୍ପତ୍ତି ନେଇଥିଲେ ମଧ ସେଥିରୁ ମାଲକାନଗିରି ଜିଲାର ଜମାକାରୀମାନେ ଉପକୃତ ହୋଇ ନ ଥିବା ବୈଠକରେ ମତ ପ୍ରକାଶ ପାଇଥିଲା । ଏହି ଜମାକାରୀମାନେ କିପରି ସେମାନଙ୍କ ଅର୍ଥ ଫେରି ପାଇବେ ସେଥିପାଇଁ ସରକାର ତୁରନ୍ତ ପଦକ୍ଷେପ ନେବା ପାଇଁ ବୈଠକରେ ଦାବି କରାଯାଇଥିଲା। ନିର୍ବାଚନ ପୂର୍ବରୁ କ୍ଷତିଗ୍ରସ୍ତ ଜମାକାରୀ ଯଦି ସେମାନଙ୍କ ଜମା ଅର୍ଥ ନ ପାଆନ୍ତି ତେବେ ସେମାନେ ନିର୍ବାଚନ ବର୍ଜନ କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ବୈଠକରେ ଅବିଭକ୍ତ କୋରାପୁଟ ଜିଲା ମିଳିତ ମଞ୍ଚର ସଂଯୋଜକ ପ୍ରଦୀପ୍ କୁମାର ମହାରଣା, ତପତି ବିଶ୍ୱାସ, ଦିଲୀପ୍ ମଜୁମ୍‌ଦାର, ଦେଶବନ୍ଧୁ ଗାଇନ୍, ମିରା ବିଶ୍ୱାସ, ପୁନିମା ମଣ୍ଡଳଙ୍କ ସହ ଶତାଧିକ ଜମାକାରୀ ଉପସ୍ଥିତ ଥିଲେ ।


ବୈଠକରେ ଏକତ୍ରିତ ହୋଇଥିବା ଚିଟ୍‌ଫଣ୍ଡ ଜମାକାରୀ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ rgdselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର


@ ଲିପୁନ


@ ପ୍ରତାପ


@ ପ୍ରଭାତ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | rgdselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ଟ୍ରାଫିକ ନିୟମ ମାନ, ହେଲମେଟ୍ ପିନ୍ଧ

**କୋରାପୁଟ,୨୯।୯(ସ୍ୱ.ପ୍ର.)**

କୋରାପୁଟ ସଦର ଥାନା ପକ୍ଷରୁ ଆମ ପୋଲିସ ସମିତିର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ଟ୍ରାଫିକ ନିୟମ, ଗାଡ଼ି ଚଳାଇବାବେଳେ ହେଲମେଟର ବ୍ୟବହାର, ଦ୍ରୁତଗତିରେ ଗାଡି ନ ଚଳାଇବା, ଛୋଟ ପିଲାଙ୍କୁ ଗାଡି ନଦେବା ନେଇ ଗ୍ରାମବାସୀଙ୍କୁ ସଚେତନ କରାଯାଇଛି । ସଦରଥାନା ଅଧିକାରୀ ସନ୍ତୋଷୀ ଓରାମଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଏସ୍‌ଆଇ ନଟବର ନନ୍ଦ, ସତ୍ୟବ୍ରତ ଭୁଟିଆ, ଏଏସ୍‌ଆଇ ଅର୍ଜୁନ ବାଙ୍କା, ସୁଦାମ ମିଶ୍ରଙ୍କ ସମେତ ମହାଦେଇପୁଟ, ମସ୍ତିପୁଟ, ଦେଓଘାଟି, ଶୁକୁ, କେନ୍ଦାର ପଞ୍ଚାୟତର ଶତାଧିକ ଗ୍ରାମବାସୀ ବୈଠକରେ ଯୋଗ ଦେଇଥିଲେ । ଏହି ଅବସରରେ ଗ୍ରାମରେ ଛୋଟ କଥାକୁ ନେଇ ହେଉଥିବା ବିଶୃଙ୍ଖଳାକୁ ନିଜ ନିଜ ମଧ୍ୟରେ ସମାଧାନ କରିବା ଏବଂ ଆବଶ୍ୟକ ପଡ଼ିଲେ ପୋଲିସର ସହାୟତା ନେବାକୁ ସଦର ଥାନା ଅଧିକାରୀ ସନ୍ତୋଷୀ ଓରାମ ଉପସ୍ଥିତ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ ।

OFFICE OF THE
MUNICIPAL COUNCIL, NABARANGPUR
NABARANGPUR (ODISHA), PIN - 764059
Tel. / Fax. No.- 06858 - 222031
E-mail: Nabarangpurm.hud@ori.nic.in

No. 2415/NM-2018 Dated the 29th September, 2018

**CORRIGENDUM**

1) Due to some un-avoidable circumstance the date of receipt of tender papers pursuant to Tender Call Notice No. 2301 dated 20.09.2018 is extended upto 12.00 PM till 05.10.2018.
2) Date & time of opening of tender papers on 05.10.2018 at 01.00 PM.
3) All other terms and conditions of the Tender Call Notice No. 2301 dated 20.09.2018 remains unchanged.

**Sd./- Executive Officer,**
**Municipality, Nabarangpur**

## ସଂକ୍ଷେପରେ

### ବ୍ଲକସ୍ତରୀୟ କ୍ରୀଡ଼ା ମହୋତ୍ସବ



ପାପଡାହାଣ୍ଡି,୨୯।୯(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଦଳେଇଗୁଡା ମିନି ଷ୍ଟାଡିୟମ୍‌ରେ ଶନିବାର ବ୍ଲକସ୍ତରୀୟ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ ହୋଇଛି । ପ୍ରଥମ ଦିନରେ ଜୁନିୟର ବର୍ଗରେ ୧୦୦ ଛାତ୍ରୀଛାତ୍ର ଭାଗ ନେଇଥିଲେ । ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ଭଗବତୀ ଭତ୍ରା, ବ୍ଲକ ଅଧକ୍ଷା ସେବତୀ ସାନ୍ତା,ଉପାଧକ୍ଷ ତ୍ରିନାଥ ପ୍ରଧାନ, ବିଇଓ ଭାବଗ୍ରାହୀ ପଣ୍ଡା, ହାଇସ୍କୁଲ ପ୍ରଧାନଶିକ୍ଷକ ଧୀରେନ୍ଦ୍ର ନାଥ ଦାସ ପ୍ରମୁଖ ଯୋଗଦେଇଥିଲେ । ଯାଉଲ ହୁସେନ ଓ ଗୁରୁ ପ୍ରସାଦ ପ୍ରଧାନ ଖେଳ ପରିଚାଳନା କରିଥିଲେ । ଛାତ୍ରୀଛାତ୍ରଙ୍କୁ ନେଇ ଦୌଡ଼, ଲମ୍ଫଡିଆଁ, ଉଚ୍ଚଡିଆଁ, ସଟପୁଟ୍, କବାଡି, ଟେନିକଏଟ୍ ଆଦି ଖେଳ ପ୍ରତିଯୋଗିତା କରାଯାଇଥିଲା । ରବିବାର ସିନିୟରବର୍ଗର ଖେଳ ହେବ । କୃତୀ ଖେଳାଳି ଜିଲାସ୍ତରୀୟ କ୍ରୀଡ଼ାରେ ଭାଗନେବେ ।

### ଡକାୟତି ଘଟଣାରେ ୨ ଅଟକ

ଡାବୁଗାଁ,୨୯।୯(ଡି.ଏନ.ଏ.)-ଡକାୟତି ଘଟଣାରେ ନବରଙ୍ଗପୁର ଜିଲା ଡାବୁଗାଁ ପୋଲିସ ୨ ଜଣଙ୍କୁ ଅଟକ ରଖିଛି । ସେମାନେ ହେଲେ ନବରଙ୍ଗପୁର ଗଦବାଗୁଡା ଗ୍ରାମର ଲିଙ୍ଗରାଜ ମାଲିକ ଓ ଦସରାପଦା ଗ୍ରାମର ସନ୍ତୋଷ ହରିଜନ। ଡାବୁଗାଁ ଥାନା ଅଧୀନ ଘୁଷୁରାବେଡା ଗ୍ରାମର ଡେଭିଡ ସୁନ୍ଦର ମଣି ଡାବୁଗାଁ ସାପ୍ତାହିକ ହାଟ ସାରି ଗୁରୁବାର ସନ୍ଧ୍ୟାରେ ଘରକୁ ଫେରୁଥିଲେ। ଏହି ସମୟରେ ମାନିଗାଁ ଗ୍ରାମ ନିକଟ ଅର୍ଙ୍ଗ ନଦୀ ପାଖରେ ଗୋଟେ ମୋଟରସାଇକେଲରେ ୩ ଜଣ ଲୋକ ହଠାତ ଆସି ଡେଭିଡଙ୍କୁ ଅଟକାଇଥିଲେ । ଜଣେ ଡେଭିଡଙ୍କ ହାତକୁ ଭିଡି ଧରିବା ବେଳେ ଅନ୍ୟଜଣେ ଆସି ଏକ ଛୁରା ଦେଖାଇ ତାଙ୍କ ପକେଟରେ ଥିବା ୬ ହଜାର ଟଙ୍କା ନେଇ ଚାଲିଯାଇଥିଲେ । ଏହା ପରେ ଡେଭିଡ ଆସି ଡାବୁଗାଁ ଥାନାରେ ଏତଲା ଦେଇଥିଲେ । ଉକ୍ତ ଏତଲାକୁ ଭିତ୍ତିକରି ଡାବୁଗାଁ ଥାନାରେ ନଂ.୧୩୩/୧୮ ରେ ଏକ ମାମଲା ରୁଜୁ କରାଯାଇଥିଲା। ସେହିପରି ଡାବୁଗାଁ ବ୍ଲକ ବୋରିଗାଁ ଗ୍ରାମର ଅଙ୍ଗଦ କଲାର ଓ ତାଙ୍କ ପିଉସୀ ଧନମତୀ କଲାରଙ୍କ ସହ ମୁନିଗୁଡାରୁ ଗ୍ରାମକୁ ଫେରୁଥିବା ବେଳେ ଭାସ୍କେଲ ନଦୀ ନିକଟରେ ସେମାନଙ୍କୁ ୩ ଜଣ ବାଇକରେ ଆସି ଅଟକାଇ ୫୦୦ ଟଙ୍କା ଓ ସୁନା ମାଳି ଲୁଟି ନେଇଥିଲେ। ଏହାପରେ ଉକ୍ତ ୩ ଯୁବକ ପାପଡାହାଣ୍ଡି ବ୍ଲକର ନୂଆକୋଟର ନୂଆଗୁଡାଠାରେ ଡକାୟତି କରିବା ସମୟରେ ଗ୍ରାମବାସୀଙ୍କ ହାତରେ ଧରା ପଡିଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଖସି ପଳାଇଥିଲେ। ପରେ ମଇଦଲପୁର ଫାଣ୍ଡି ପୋଲିସ ପହଞ୍ଚି ୨ ଜଣଙ୍କୁ ଫାଣ୍ଡିକୁ ନେଇଥିଲେ। ଶୁକ୍ରବାର ସେମାନଙ୍କୁ ଡାବୁଗାଁ ପୋଲିସ ମଇଦଲପୁରରୁ ଡାବୁଗାଁ ଆଣି ଅଟକ ରଖିଥିଲେ। ସେମାନଙ୍କ ନିକଟରୁ ୨ହଜାର ୩୦ ଟଙ୍କା ଜବତ କରାଯାଇଛି। ଅଧିକ ତଦନ୍ତ ପାଇଁ ଉକ୍ତ ୨ ଯୁବକଙ୍କୁ ନବରଙ୍ଗପୁର ଥାନା ପୋଲିସ ଜିଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟକୁ ନେଇଥିବା ସୂଚନା ମିଳିଛି ।

# ନଭେମ୍ବର ୧୮ରେ ମଣ୍ଡେଇ

ନବରଙ୍ଗପୁର,୨୯।୯(ବି.ପ୍ର.)



ବୈଠକରେ ଜିଲାପାଳ, ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ ।

- ପାପଡାହାଣ୍ଡି ନୀଳକଣ୍ଠେଶ୍ୱର ମନ୍ଦିରରୁ ଶୁଭାରମ୍ଭ
- ଡିସେମ୍ବର ୭,୮ ଓ ୯ ରେ ଜିଲାସ୍ତରୀୟ ପାଳନ
- ୫ ଦିନ ଧରି ହେବ ପଲ୍ଲିଶ୍ରୀ ମେଳା
- ମଣ୍ଡେଇ ସମ୍ମାନ ପାଇଁ ହୋଇପାରିଲାନି ନିଷ୍ପତ୍ତି

ନବରଙ୍ଗପୁର ଜିଲାସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ୨୦୧୮ ପାଳନ ନେଇ ସ୍ଥାନୀୟ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧକ୍ଷ ଅଜିତ କୁମାର ମିଶ୍ର ଏଥିରେ ଅଧକ୍ଷତା କରିଥିଲେ । ନଭେମ୍ବର ୧୮ ତାରିଖରେ ପାପଡାହାଣ୍ଡି ସ୍ଥିତ ନୀଳକଣ୍ଠେଶ୍ୱର ଶୈବପୀଠରୁ ମଣ୍ଡେଇର ଶୁଭାରମ୍ଭ କରାଯିବ । ଡିସେମ୍ବର ୭,୮ ଓ ୯ ତାରିଖ ଜିଲାସ୍ତରରେ ପାଳନ କରାଯିବ । ୧୦ ଓ ୧୧ ତାରିଖ ପର୍ଯ୍ୟନ୍ତ ୫ଦିନ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହେବ । ଇତି ମଧ୍ୟରେ ଜିଲାର ୧୦ଟି ବ୍ଲକ ଓ ଦୁଇଟି ପୌରାଞ୍ଚଳରୁ ବଛାବଛା ୧୨ଟି ଦଳକୁ ନେଇ ମଞ୍ଚ ନାଟକ ମହୋତ୍ସବ ମଧ କରାଯିବ । ଏହା ସମେତ ପାରମ୍ପାରୀକ ଲୋକ ବାଦ୍ୟ, ଲୋକଗୀତ, ଝୋଟି, ପାରମ୍ପାରିକ ପିଠା, କୁଇଜ, ସୁନ୍ଦର ଶିଶୁ ପ୍ରତିଯୋଗୀତା, କବିତା ପାଠୋତ୍ସବ ଆଦି ଅନୁଷ୍ଠିତ ହେବ । ଗୋଟିଏ କମିଟିର ସଭ୍ୟା ସଭ୍ୟ ଅନ୍ୟ କମିଟିରେ ରହି ପାରିବେ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି । ପ୍ରତିଯୋଗୀତାରେ ଅଭିଜ୍ଞତା ଅନୁଯାୟୀ ବିଚାରକ ରହିବେ । କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ବିଚାରକ ଭାବେ ରଖା ଯାଉଥିବାରୁ ତାହାକୁ ବିରୋଧ କରାଯାଇଥିଲା । ଚଳିତ ବର୍ଷ ମଣ୍ଡେଇ ସମ୍ମାନ ଦିଆଯିବାକୁ ଆଲୋଚନା ହୋଇଥିଲେ ମଧ ସେହିଭଳି କିଛି ନିଷ୍ପତ୍ତିର ବାଟ ଫିଟି ନଥିଲା । ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି କାହାକୁ କରାଯିବ ତାହା ସବ କମିଟି ନିଷ୍ପତ୍ତି ନେବ ବୋଲି ଜିଲାପାଳ କହିଥିଲେ । ତେବେ ଜିଲାର କଳାକାରଙ୍କୁ ଅଧିକ ପ୍ରୋତ୍ସହନ କରାଯିବ । ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ୨୦ଟି ଦଳକୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ସେମାନଙ୍କୁ ମଞ୍ଚରେ ସୁଯୋଗ ଦିଆଯିବ । ଅନ୍ୟ ପକ୍ଷେ ଜିଲାରେ ୨୩୭ଜଣ କଳାକାର ଭତ୍ତା ପାଇଁ ଆବେଦନ କରିଥିଲେ। ସେମାନେ କିଭଳି ମଞ୍ଚରେ ପାରମ୍ପାରିକ କଳା ପ୍ରଦର୍ଶନ କରିବେ ସେନେଇ ଜିଲାସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲଙ୍କୁ ପରାମର୍ଶ ଦିଆଯାଇଛି । ବରିଷ୍ଠ କଳାକାର ତଥା ଚଳଚିତ୍ର ନିର୍ଦ୍ଦେଶକ ସୁରେଶ ମହାନ୍ତି କହିଥିଲେ ଯେ, ପ୍ରକୃତ କଳାକାରଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଚିହ୍ନଟ କରାଯାଇ ପାରୁ ନାହିଁ । ରାଜନୈତିକ ଉଦ୍ଦେଶ୍ୟ ରଖାଯାଇ ପ୍ରକୃତ କଳାକାରଙ୍କୁ ଅଣଦେଖା କରାଯାଉଛି ବୋଲି ଅଭିଯୋଗ କରିଥିଲେ । ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗୀତା କରାଯିବାକୁ ମୃତ୍ୟୁଞ୍ଜୟ ଦାଶ ପ୍ରସ୍ତାବ ଦେଇଥିଲେ । ଏହା କମିଟି ନିଷ୍ପତ୍ତି ନେବ ବୋଲି ଜିଲାପାଳ କହିଥିଲେ । ଏହି ମହୋତ୍ସବ ସହ କ୍ରୀଡାକୁ ମଧ ପ୍ରୋତ୍ସାହନ ଦିଆଯିବାକୁ ଜିଲାପାଳଙ୍କ ନିକଟରେ ପ୍ରସ୍ତାବ ଦିଆ ଯାଇଥିଲା । ଜିଲା କ୍ରିଡା ଅଧିକାରୀ ଅକ୍ଷୟ କୁମାର ସିଠଙ୍କୁ ଫୁଟବଲ ଓ କବାଡି ପ୍ରତିଯୋଗୀତା କରାଯିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ମଙ୍ଗଳମ ଟିମ୍ବର ରାସ୍ତାକୁ ଏକତରଫା ରାସ୍ତା ଭାବେ ବ୍ୟବହାର କରାଯିବ । ଉକ୍ତ ରାସ୍ତା ଖାଲଖମା ହୋଇଥିବାରୁ ଗାଡି ମଟର ଯିବା ଆସିବା ଅସମ୍ଭବ ରହିଥିଲା । ଏହି ରାସ୍ତା କାର୍ଯ୍ୟ ୨ କୋଟିଟଙ୍କା ବ୍ୟୟରେ ନିର୍ମାଣ କରାଯିବ ଜିଲାପାଳ ବୈଠକରେ ସୂଚନା ଦେଇଛନ୍ତି। ନବରଙ୍ଗପୁର ଜିଲାର ଛାତ୍ରୀମାନେ ୧୭ ବର୍ଷ କମ କବାଡି ପ୍ରତିଯୋଗୀତାରେ ରାଜ୍ୟ ସ୍ତରରେ ଚାମ୍ପିୟାନସିପ ହୋଇଥିବାରୁ ବୈଠକରେ ଉକ୍ତ ଦଳ ଓ ଖେଳାଳିଙ୍କୁ ପ୍ରଶଂସା କରାଯାଇଥିଲା। ବୈଠକରେ ଏସପି ବିବେକାନନ୍ଦ ଶର୍ମା, ଜିଲାପରିଷଦ ଅଧକ୍ଷା ଭଗବତୀ ଭତ୍ରା, ଉପାଧକ୍ଷା ନିବେଦିତା ମହାନ୍ତି, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଡିଏସପି ବିମଳ କାନ୍ତ ବ୍ରହ୍ମା, ସିଡିଏମଓ ସରୋଜ କୁମାର ନାୟକ, ତହସିଲଦାର ଅକ୍ଷୟକୁମାର କ୍ଷେମୁଣ୍ଡୁ, ଜିଲା ଆଇନଜୀବୀ ସଂଘର ସମ୍ପାଦକ ରାମ ପ୍ରସାଦ ପାତ୍ର, ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ବରିଷ୍ଠ କଳାକାର ରାମସିଂ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧକ୍ଷା ମଂଜୁଳା ମାଝୀ, ଜିଲା ଶିକ୍ଷା ଅଧିକାରୀ ଚନ୍ଦ୍ର ଶେଖର ପାଣିଗ୍ରାହୀ, ପ୍ରେମଚାନ୍ଦ ପଟ୍ଟନାୟକ, ଲଳିତ ମୋହନ ପଟ୍ଟନାୟକ, ସାହିତ୍ୟିକ ନରାୟଣ ପଣ୍ଡା, ନବରଙ୍ଗପୁର ଥାନା ଅଧିକାରୀ ଭିମସେନ ନାୟମ, ଅଧାପିକା ସଂଯୁକ୍ତା ପଣ୍ଡା, ମନୋଜ ପଟ୍ଟନାୟକ, ସୁଷମା ଜୈନ, ଜ୍ୟୋତି ପରିଛା, ବଣିକ ସଂଘ, ସମେତ ଜିଲା ସ୍ତରୀୟ ଅଧିକାରୀ, କଳାକାର ଓ କଳାପ୍ରେମୀ ଉପସ୍ଥିତ ଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଂଯୋଜନା କରିଥିଲେ ।

# ଭିଜିଲାନ୍ସ କୋର୍ଟ ପ୍ରତିଷ୍ଠା ଦାବିରେ ଆନ୍ଦୋଳନ

ନବରଙ୍ଗପୁର,୨୯।୯(ଡି.ଏନ.ଏ.)

ନବରଙ୍ଗପୁର ଠାରେ ଭିଜିଲାନ୍ସ କୋର୍ଟ ସ୍ଥାପନ ନେଇ ଜିଲା ଆଇନଜୀବୀ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଥିଲା । ସଂଘର କର୍ମକର୍ତ୍ତା ଓ ଆଇନଜୀବୀମାନେ ମୁଖ୍ୟ ଫାଟକ ନିକଟରେ ପହଞ୍ଚି ବ୍ୟାନର ଲଗାଇ ଆନ୍ଦୋଳନରେ ଯୋଗ ଦେଇଥିଲେ । ଜିଲା ଜଜ୍ ସମେତ ସମସ୍ତ ବିଭଗୀୟ ଜଜ୍ ଓ କର୍ମଚାରୀଙ୍କୁ କୋର୍ଟ ପରିସରକୁ ଛାଡି ନଥିଲେ । ଫାଟକ ସମ୍ମୁଖରେ କର୍ମଚାରୀ ଓ ଜଜ୍ ମାନେ କିଛି ସମୟ ଠିଆହେବା ସହ କୋର୍ଟ କାର୍ଯ୍ୟରେ ଯୋଗ ଦେବାକୁ ଆଇନଜୀବୀ ସଂଘ ମାନଙ୍କୁ କହିଥିଲେ । ତେବେ ସଂଘ ତାଙ୍କ ଦାବୀ ପୂରଣ ନହେଲେ ଆନ୍ଦୋଳନରୁ ହଟିବୁ ନାହିଁ ବୋଲି କହିବା ପରେ ଜଜ୍ ଓ କର୍ମଚାରୀମାନେ ଫେରିଯାଇଥିଲେ । ବିଭିନ୍ନ ମାମଲାରେ ଛନ୍ଦି ହୋଇଥିବା ଲୋକମାନେ ଦୂରଦୂରାନ୍ତରୁ କୋର୍ଟକୁ ଆସି ଫେରି ଯାଇଥିଲେ । ଆଇନଜୀବୀ ସଂଘ ପକ୍ଷରୁ ବିଭିନ୍ନ ସମୟରେ ଜଷ୍ଟିସଙ୍କୁ ଭେଟି ଭିଜିଲାନ୍ସ କୋର୍ଟ ସ୍ଥାପନ ପାଇଁ ଲିଖିତ ଭାବେ ଦର୍ଶା ଯାଇଛି । ଜିଲା କୋର୍ଟ ପରିସରରେ ଭିଜିଲାନ୍ସ କୋର୍ଟ ପାଇଁ ବ୍ୟବସ୍ଥା ମଧ କରାଯାଇଥିବା ସଙ୍ଘର ସମ୍ପାଦକ ପାତ୍ର ଜଣାଇଛନ୍ତି । ଆନ୍ଦୋଳନ ସ୍ଥଳରେ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା । ଏହି ଆନ୍ଦୋଳନରେ ଜିଲା ସଭାପତି ନରସିଂହ ନାଥ ତ୍ରିପାଠୀ, ସମ୍ପାଦକ ରାମପ୍ରସାଦ ପାତ୍ର, ଉପସଭାପତି ହରିନାରାୟଣ ବେହେରା, ଯୁଗ୍ମ ସମ୍ପାଦକ ଦାମୋଦର ତ୍ରିପାଠୀ, କୋଷାଧକ୍ଷ ସିମାଞ୍ଚଳ ପାତ୍ର, ସନ୍ତୋଷ ତ୍ରିପାଠୀ, ସମରେଶ ଗନ୍ତାୟତ, ମୃତ୍ୟୁଞ୍ଜୟ ମହାରଣା, ପ୍ରଫୁଲ୍ଲ ସିଂ, ସୂର୍ଯ୍ୟନାରାୟଣ ତ୍ରିପାଠୀ, ବିଧୁଶେଖର ତ୍ରିପାଠୀ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ ।



କୋର୍ଟ ଭିତରକୁ ବିଚାରପତିମାନେ ଯିବାବେଳେ ଆଇନଜୀବୀମାନେ ଅଟକାଉଛନ୍ତି ।



ସର୍ଜିକାଲ ଷ୍ଟ୍ରାଇକ ଦିବସ ଅବସରରେ ଏନସିସି କମାଣ୍ଡିଂ ଅଫିସର ଉଦ୍‌ବୋଧନ ଦେଉଛନ୍ତି ।

# ସର୍ଜିକାଲ ଷ୍ଟ୍ରାଇକ ଦିବସ

ଡାବୁଗାଁ,୨୯।୯(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ଆଦର୍ଶ ବିଦ୍ୟାଳୟରେ ଚାଲିଥିବା ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପ୍ରଶିକ୍ଷଣ ଶିବିରରେ ଶନିବାର ସର୍ଜିକାଲ ଷ୍ଟ୍ରାଇକ ଦିବସ ପାଳନ କରାଯାଇଛି । ଏଥିରେ ୧୩(ଓଡିଶା) ବାଟାଲିୟନ ଏନସିସି କମାଣ୍ଡିଂ ଅଫିସର ଲ୍ୟୁଟନାଣ୍ଟ କର୍ଣ୍ଣେଲ ଜି.ବି.ଏମ.କେ .ରାଓ ଯୋଗଦେଇ ଉପସ୍ଥିତ ଅଧିକାରୀ ଓ କ୍ୟାଡେଟମାନଙ୍କୁ ସର୍ଜିକାଲ ଦିବସ ପାଳନ ସମ୍ପର୍କରେ କହିବା ସହ ଭାରତ ଇତିହାସରେ ଏହିଦିବସ ବହୁତ ଗୌରବର ଦିନ ବୋଲି ପ୍ରକାଶ କରିଥିଲେ। ପାକିସ୍ତାନ ଭାରତର ବିକାଶ ଚାହୁଁନାହିଁ, ସେଥିପାଇଁ ଆତଙ୍କବାଦୀମାନଙ୍କୁ ପ୍ରଶିକ୍ଷଣ ଦେଇ ଭାରତକୁ ପଠାଇ ଦଙ୍ଗା କରାଇବା ସହ ବିଶୃଙ୍ଖଳା ସୃଷ୍ଟି କରୁଛି । ସର୍ଜିକାଲ ଷ୍ଟ୍ରାଇକରେ ପ୍ରଥମେ ସ୍ୱତନ୍ତ୍ର ସୈନିକ ଚିହ୍ନଟ କରାଯାଇଥାଏ । ଭାରତ ସୀମା ଆରପଟେ ପାକିସ୍ତାନରେ ଥିବା ଆତଙ୍କବାଦୀ ଶିବିରଗୁଡିକୁ ଚିହ୍ନଟ କରାଯାଇ ଅଚାନକ ରାତ୍ରି ସମୟରେ ଭାରତୀୟ ସୈନିକମାନେ ଆକ୍ରମଣ କରି ସନ୍ତ୍ରାସବାଦୀଙ୍କ ପ୍ରଶିକ୍ଷଣ ଶିବିରକୁ ଧ୍ୱଂସ କରିଥାନ୍ତି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସୁବେଦାର ମେଜର ନରେନ୍ଦ୍ର ପ୍ରତାପ ସିଂ, ସୁବେଦାର କିରନମୟ ଘୋଷ, ସୁବେଦାର ଏସ.ସି.ବିଏମ ଭାନୁ, ହାବିଲଦାର ସୁରେଶ କୁମାର ମଣ୍ଡଳ, ୬ଜଣ ଏଡ୍ଜୁଟେଣ୍ଟ ଏବଂ ଆର୍ମି ୧୯ ଜଣ କର୍ମଚାରୀ ଉପସ୍ଥିତ ଥିଲେ।

### ମୋ ସ୍କୁଲ ଅଭିଯାନ

ଡାବୁଗାଁ, ୨୯।୯ (ଡି.ଏନ.ଏ.)

ଡାବୁଗାଁ ବ୍ଲକ ଅଧୀନ ଡାବୁଗାଁ ଭୁତପୂର୍ବ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଭିଭାବକ ମନୁ ସିଂ ସଭାପତିତ୍ୱ କରିଥିଲେ। ଗାନ୍ଧୀ ଜୟନ୍ତୀରେ ବହୁଳ ସଂଖ୍ୟାରେ ପୂର୍ବତନ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଉପସ୍ଥିତ ରହିବାକୁ ଏମ. ଭଗବତ ସୁବୁଦ୍ଧି ପ୍ରସ୍ତାବ ଦେଇଥିଲେ । ୧୯୧୯ମସିହାର ବିଦ୍ୟାଳୟ ୧୦୦ ବର୍ଷ ଚାଲିଛି ତେଣୁ ଉତ୍ସବ ପାଳନ ପାଇଁ ଅକ୍ଟୋବର ମାସରେ ଏକ ଦିନ ଧାର୍ଯ୍ୟ କରିବା ପାଇଁ ସମସ୍ତ ପୁରୁଣା ଛାତ୍ରୀଛାତ୍ର ଉପସ୍ଥିତ ରହିବା ପାଇଁ ସେ ଅନୁରୋଧ କରିଥିଲେ । ପ୍ରଥମ ଦିନରେ ୩୫୦୨ ଟଙ୍କା ପାଣ୍ଠି ସଂଗ୍ରହ ହୋଇଥିଲା । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପୀତବାସ ଜାନୀ, ମନୁ ରେଲି, ସିନ୍ଧୁକା ହରିଜନ, ଜଗନ୍ନାଥ ସିଂ, ଭଗବାନ ଜାନୀ, ଆମର ଜାନୀ, ଆର. ଆନନ୍ଦ, ପୁଷ୍ଟମ କଲାର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଧନସିଂ ତନ୍ତୀ, ଶିକ୍ଷୟିତ୍ରୀ ବିଦ୍ୟୁତ ସବିତା ଦାସ, ବନଲତା ମହାନ୍ତି, ଗିରୀଶବାଳା ଜେନା, ଅନିତା ବେହେରା, ପୁଷ୍ପାଞ୍ଜଳି ମଣି, ରେଣୁକା ରାଉତ, ଚିନ୍ମୟୀ ପଟ୍ଟନାୟକ, ସସ୍ମିତା ଗୁଇନ, ତ୍ରିନାଥ ପାନବେୟାଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷକ ରଞ୍ଜିତ କୁମାର ଘଡାଇ ଧନ୍ୟବାଦ ଦେଇଥିଲେ ।

# କେନ୍ଦୁପତ୍ର ତୋଳାଳି ପ୍ରାପ୍ୟ ପାଇବାରୁ ବଞ୍ଚିତ

ନବରଙ୍ଗପୁର/ଝରିଗାଁ, ୨୯।୯ (ବି.ପ୍ର./ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅଧିନ ହାତିବାଡି, ମାଙ୍ଗମନ୍ଦଲି ଗାଁର କେନ୍ଦୁପତ୍ର



ଝରିଗାଁ କେନ୍ଦୁପତ୍ର ଗୋଦାମ ନିକଟରେ ଶ୍ରମିକମାନେ ନିଜର ପାରିଶ୍ରମିକ ପାଇଁ ଦାବି କରୁଛନ୍ତି।

ତୋଳାଳିମାନେ ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇଥିବା ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ୨୦୧୮ ମେ ମାସରେ ଉକ୍ତ ଦୁଇ ଗାଁର ୩୦ କେନ୍ଦୁପତ୍ର ତୋଳାଳି ଶ୍ରମିକମାନେ ୨ ହଜାର ଟଙ୍କାରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ କେନ୍ଦୁପତ୍ର ତୋଳି ଫଡିରେ ଦେଇଛନ୍ତି । କିନ୍ତୁ ସେମାନେ ପ୍ରାପ୍ୟ ପାଇ ନାହାନ୍ତି । ଏନେଇ ବିଭିଗୀୟ ଡିଏଫଓଙ୍କୁ ଅଭିଯୋଗ କରାଯିବା ପରେ ୭ ଦିନ ମଧ୍ୟରେ ଶ୍ରମିକମାନେ ପ୍ରାପ୍ୟ ପାଇବେ ବୋଲି କହିଥିଲେ । ଏନେଇ କେନ୍ଦୁପତ୍ର ଗୋଦାମ ତଥା ବିଭାଗ ଫରେଷ୍ଟର, ରେଞ୍ଜରଙ୍କୁ ଭେଟି ସେମାନଙ୍କ ଶ୍ରମର ପ୍ରାପ୍ୟ ଟଙ୍କା ପାସବୁକରେ ଜମା କରାଯାଇଛି କି ନାହିଁ ବୁଝିବାକୁ ଯାଉଛନ୍ତି । ତେବେ କେହି ଧରାଛୁଆଁ ଦେଉନାହାନ୍ତି । ଏନେଇ ଜିଲାପାଳଙ୍କୁ ଶ୍ରମିକ ମାନେ ଲିଖିତ ଅଭିଯୋଗ କରିଛନ୍ତି ।

# ଲାଲ ପତାକାକୁ ନେଇ ଲୋକେ ଭୟଭୀତ

ପାପଡ଼ାହାଣ୍ଡି,୨୯।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ସୀମାନ୍ତ ଆମପାଣି ଘାଟି ତୁଳସୀପଦର ନିକଟରେ ଏକ ଗଛରେ ଲାଲ ପତାକାକୁ ନେଇ ଲୋକେ ଭୟଭୀତ ହୋଇପଡିଛନ୍ତି । ଶୁକ୍ରବାର ବିଳମ୍ବିତ ରାତିରେ ଉକ୍ତ ସ୍ଥାନରେ ଗଛ ପଡିଥିବା ବେଳେ ଏକ ଗଛରେ ଏହି ପତାକା



ଗଛରେ ଲାଲ ପତାକା ଟଙ୍ଗାଯାଇଛି ।

ଲାଗିଥିଲା । ଲୋକେ ଏହା ମାଓବାଦୀଙ୍କ କାର୍ଯ୍ୟ ବୋଲି ସନ୍ଦେହ କରୁଛନ୍ତି । ଖବର ପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ଗଛ କାଟିବାରୁ ରାସ୍ତା ଅବରୋଧ ହଟିଥିଲା । ଶନିବାର ମଇଦଲପୁର ପୋଲିସ ପହଞ୍ଚି ପତକାକୁ କାଢ଼ି ଆଣିଛି । ତଦନ୍ତ ପରେ ହିଁ ଏ ସମ୍ପର୍କରେ ସୂଚନା ଦେଇହେବ ବୋଲି କହିଛନ୍ତି ।

# ତାଲିମ ନେଲେ ୫୩୫ ଏନ୍‌ସିସି କ୍ୟାଡେଟ

ଡାବୁଗାଁ,୨୯।୯(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ୧୩ (ଓଡିଶା) ବାଟାଲିୟନ ଏନସିସି ତରଫରୁ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ୧୦ଦିନିଆ ବାର୍ଷିକ ପ୍ରଶିକ୍ଷଣ ଶିବିର ଶନିବାର ଉଦଯାପିତ ହୋଇଯାଇଛି। ଏଥିରେ ୧୩(ଓଡିଶା) ବାଟାଲିୟନ ଏନସିସି କମାଣ୍ଡିଂ ଅଫିସର ଲ୍ୟୁଟନାଣ୍ଟ କର୍ଣ୍ଣେଲ ଜି.ବି.ଏମ.କେ.ରାଓ ଯୋଗଦେଇ ଶିବିରର ଉଦଯାପନ ଘୋଷଣା କରିଥିଲେ। ଏଥିରେ ପିଲାମାନଙ୍କୁ ରଣକୌଶଳ, ସୁସ୍ଥ ସମାଜ ଗଠନ, ସୁନାଗରିକ ହୋଇ ଦେଶ ସେବାରେ ନିଜକୁ ସମର୍ପଣ କରିବା, ଅନୁଶାସନ ସହ ସମାଜକୁ ଆଗକୁ ନେବା, ସ୍ୱଚ୍ଛତା, ବନ୍ଧୁକ ଚାଳନା, ମାନଚିତ୍ର ପଠନ, ସମୟାନୁବର୍ତ୍ତିତା ଓ ବିଭିନ୍ନ ସୁରକ୍ଷା କୌଶଳ ଶିକ୍ଷା ଉପରେ ତାଲିମ ଦିଆଯାଇଥିଲା। ଏନସିସି ୧୩ (ଓଡିଶା) ବାଟାଲିୟନ ଅଧୀନ ନବରଙ୍ଗପୁର, କୋରାପୁଟ, କଳାହାଣ୍ଡି, ରାୟଗଡା ଓ ନୂଆପଡା ଜିଲାର ମୋଟ ୧୦ଟି ମହାବିଦ୍ୟାଳୟ ଓ ୨୭ଟି ଉଚ୍ଚ ବିଦ୍ୟାଳୟରୁ ୫୩୫ ଜଣ ଏନସିସି କ୍ୟାଡେଟ ଅଂଶଗ୍ରହଣ କରିଥିଲେ। ସୁବେଦାର ମେଜର ନରେନ୍ଦ୍ର ପ୍ରତାପ ସିଂ, ସୁବେଦାର କିରନମୟ ଘୋଷ, ସୁବେଦାର ଏସ.ସି. ବିଏମ ଭାନୁ, ହାବିଲଦାର ସୁରେଶ କୁମାର ମଣ୍ଡଳ, ଏଡ୍ଜୁଟେଣ୍ଟ ଲ୍ୟୁଟନାଣ୍ଟ ଅଶ୍ୱିନୀ କୁମାର ପଟ୍ଟନାୟକ ଓ ଭବାନୀ ଶଙ୍କର ପଣ୍ଡା, ଏନସିସି ଅଫିସର ଶରତ ଚନ୍ଦ୍ର ପୁରୋହିତ, ଗଙ୍ଗାଧର ନନ୍ଦ, ପ୍ରଦୀପ କୁମାର ପାଣିଗ୍ରାହୀ, କଲ୍ୟାଣ ଚନ୍ଦ୍ର କୋରା ଏବଂ ଆର୍ମିର ୧୯ ଜଣ କର୍ମଚାରୀ ଉପସ୍ଥିତ ଥିଲେ।



ଏନସିସି ପ୍ରଶିକ୍ଷଣ ଶିବିରରେ କ୍ୟାଡେଟମାନେ ପରେଡ କରୁଛନ୍ତି ।

■ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

# ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିବାର ମାଧ୍ୟମ



କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସହ ଅନ୍ୟମାନେ ।



ଉପସ୍ଥିତ ଛାତ୍ରୀଛାତ୍ର ଓ ବିଜୁ ଯୁବ ବାହିନୀର କର୍ମକର୍ତ୍ତାମାନେ ।

ଚନ୍ଦାହାଣ୍ଡି, ୨୯।୯(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପାନାବେଡା କଲେଜ ପରିସରରେ ଶନିବାର ବିଜୁ ଯୁବ ବାହିନୀ ପକ୍ଷରୁ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ , ପଛୁଆବର୍ଗ ବିକାଶ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ଯୋଗ ଦେଇଥିଲେ। ବ୍ଲକ ଅଧକ୍ଷ ଚିକମ ସିଂ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ଜିଲା ପ୍ରତିନିଧି ପ୍ରମୋଦ ପାଢୀ, ବିଡିଓ ପ୍ରଫୁଲ୍ଲ ଚନ୍ଦ୍ର କହଁର, ଏମପି ପ୍ରତିନିଧି ପ୍ରଶାନ୍ତ ପାରୀ, ଜିଲା ପରିଷଦ ସଭ୍ୟ ସନିନ୍ଦ୍ର ଶୋରୀ, ଜିଲା ଯୁବ ବିଜେଡି ଉପସଭାପତି ପ୍ରକାଶ ମାଝି, ଏବିଇଓ ପୁରୁଷୋତ୍ତମ ପାରୀ, ଡାକ୍ତର ବସନ୍ତ କୁମାର ଷଡଙ୍ଗୀ, ମନ୍ତ୍ରୀ ପ୍ରତିନିଧି ରୁଷୁ ବାଘ, ସମାଜସେବୀ ଗୌରହରି ନାୟକ, ସନ୍ଧ୍ୟାରାଣୀ ନାୟକ, ମଧୁସୂଦନ ନାଗେଶ, ଝୁମୁକି ସାହୁ, ହର ପୂଜାରୀ, ପଛୁଆବର୍ଗ ଜିଲା ସଭାପତି କାର୍ତ୍ତିକ ବାଘ, ଅଧକ୍ଷ ଦ୍ୱାରିକାନାଥ ବାଘ, ଯୁବ ସଭାପତି ତ୍ରିନାଥ ଦାଶ, ବଳରାମ ପଟ୍ଟନାୟକ, ବିଜୁ ଯୁବ ବାହିନୀ ବ୍ଲକ ସଭାପତି ରତ୍ନାକର ପୂଜାରୀ ପ୍ରମୁଖ ମଞ୍ଚାସୀନ ଥିବାବେଳେ ସମାଜମଙ୍ଗଳ ଅଧିକାରୀ ତୁଷାର ରଞ୍ଜନ ସାହୁ ମଞ୍ଚ ପରିଚାଳନା କରିଥିଲେ। ଯେଉଁ ପର୍ଯ୍ୟନ୍ତ ଯୁବକମାନେ ଆଗକୁ ବଢିନାହାନ୍ତି ସେ ପର୍ଯ୍ୟନ୍ତ ଏକ ସୁସ୍ଥ ସମାଜ ଗଠନ କରିବା ସମ୍ଭବ ନୁହେଁ। ନିଜ ନିଜ ଗ୍ରାମର ବିକାଶ କରି ଆମେ ଗୋଟିଏ ଗୋଟିଏ ହିରୋ ହୋଇପାରିବା। ଅଞ୍ଚଳର ଲୁକ୍କାୟିତ ପ୍ରତିଭାକୁ ଆଗକୁ ଆଣିବା ମୁଁ ହିରୋ ମୋ ଓଡିଶା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ମୁଖ୍ୟଅତିଥି କହିଥିଲେ । ବିଜୁବାବୁ ଦେଶ ତଥା ଓଡିଶାର ହିରୋ ଥିଲେ ବୋଲି ମଞ୍ଚାସୀନ ଅତିଥିମାନେ ପ୍ରକାଶ କରିଥିଲେ । ଏହି ଅବସରରେ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



# ସୁସ୍ଥ ମନ ସୁଖୀ ଜୀବନ



ମଣିଷ ମାତ୍ରକେ ରୋଗବ୍ୟାଧି ହେବା ତ ସାଧାରଣ କଥା। ତେଣୁ କୌଣସି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବା ମାତ୍ରେ ଚିକିତ୍ସା ପାଇଁ ଆମେ ତୁରନ୍ତ ଡାକ୍ତରଙ୍କ ପାଖକୁ ଧାଉଁଛେ। ଯଦିଓ ଏହାଦ୍ୱାରା ଶାରୀରିକ ସ୍ତରରେ ଆମେ ସୁସ୍ଥ ଅନୁଭବ କରୁଛେ, ତଥାପି ଅନେକ ସମୟରେ ମାନସିକ ସ୍ତରରେ ଅସୁସ୍ଥତା ଅନୁଭବ କରୁଛେ। ତେଣୁ ଜୀବନକୁ ସୁଖମୟ କରିବାକୁ ହେଲେ ଶରୀର ଭଳି ମନର ସୁସ୍ଥତା ପ୍ରତି ମଧ୍ୟ ଆମକୁ ସମପରିମାଣରେ ଯତ୍ନଶୀଳ ହେବାକୁ ପଡିବ। କାରଣ ମନ ବି ଶରୀର ଉପରେ ଅନେକ ପ୍ରଭାବ ପକାଇଥାଏ। ଏହାର ଛୋଟ ଛୋଟ ସମସ୍ୟାକୁ ଅଣଦେଖା କରିବା ଦ୍ୱାରା ଏହା ପରବର୍ତ୍ତୀ ସମୟରେ କୌଣସି ବଡ ମାନସକ ରୋଗର କାରଣ ସାଜିପାରେ। ଯଦି ବାରମ୍ବାର ମାନସିକ ସ୍ତରରେ ଅସୁସ୍ଥ ଅନୁଭବ କରନ୍ତି ତେବେ ମନସ୍ତତ୍ତ୍ୱବିତ୍‌ଙ୍କ ପରାମର୍ଶ ନେବା ଆବଶ୍ୟକ। ତେବେ ମଣିଷ ନିଜର ମାନସିକ ସମସ୍ୟା ସହଜରେ ଚିହ୍ନି ପାରି ନ ଥାଏ। ତେଣୁ ପରିବାର ସଦସ୍ୟ କିମ୍ବା ସାଙ୍ଗସାଥୀ ଯଦି କୌଣସି ଲକ୍ଷଣ ଦେଖି ଏହାକୁ ପରିବର୍ତ୍ତନ କରିବାକୁ ପରାମର୍ଶ ଦିଅନ୍ତି, ଏଥିରେ ବିରକ୍ତି ପ୍ରକାଶ କରିବା କିମ୍ବା ଅଣଦେଖା କରିବା ବଦଳରେ ଧ୍ୟାନ ଦେବା ସହ ଏହାକୁ ଦୂର କରିବାକୁ ଚେଷ୍ଟା କରିବା ଆବଶ୍ୟକ। ଆସନ୍ତୁ ଜାଣିବା ମାନସିକ ସମସ୍ୟା ସୃଷ୍ଟି କରିବାର କେତୋଟି ସାଧାରଣ ଲକ୍ଷଣ ସମ୍ପର୍କରେ...

**ଅବିଶ୍ୱାସ କରିବା:** ଏମିତି ଅନେକେ ଅଛନ୍ତି ଯେଉଁମାନଙ୍କ ମନରେ କାହା ପ୍ରତି ବିଶ୍ୱାସ ନ ଥାଏ। ସେମାନେ ସବୁ କଥା ଏବଂ ବ୍ୟକ୍ତିଙ୍କୁ ସନ୍ଦେହ ଏବଂ ଅବିଶ୍ୱାସ ଦୃଷ୍ଟିରେ ଦେଖନ୍ତି। ସେମାନଙ୍କୁ ଲାଗେ ଅନ୍ୟମାନେ ତାଙ୍କ ବିରୋଧରେ କଥା ହେଉଛନ୍ତି ଅବା ଷଡଯନ୍ତ୍ର କରୁଛନ୍ତି। ଏହା ଏକ ପ୍ରକାର ମାନସିକ ସମସ୍ୟା, ଯାହାକୁ ଯଥା ସମୟରେ ଦୂର କରିବା ଲାଗି ଚେଷ୍ଟା କରିବା ଦରକାର। ଏପରି ଭାବନା ଆସୁଥିଲେ ସକାରାତ୍ମକ ଚିନ୍ତା କରିବା ସହ କୌଣସି ବିଶ୍ୱସ୍ତଙ୍କୁ ଏ ସମ୍ପର୍କରେ ଜଣାଇ ସମାଧାନର ବାଟ ଖୋଜିବା ଆବଶ୍ୟକ। ଦରକାର ହେଲେ ମାନସିକରୋଗ ଚିକିତ୍ସକଙ୍କ ପରାମର୍ଶ ନେବା ଜରୁରୀ। ନଚେତ୍ ଏହା ଧୀରେ ଧୀରେ ସ୍କିଜୋଫେନିଆ ଭଳି ଗମ୍ଭୀର ମାନସିକ ରୋଗର ରୂପ ନେଇପାରେ।

**ଚିନ୍ତା ବି ହାନିକାରକ:** କୌଣସି କଥା ଚିନ୍ତା କରିବା ବା ଏହାକୁ ଗୁରୁତ୍ୱ ଦେବା ନିଶ୍ଚିତ ଭାବେ ଏକ ଭଲ ଅଭ୍ୟାସ। ଏହାଦ୍ୱାରା ଦାୟିତ୍ୱ ବଢିଥାଏ। ହେଲେ ଏହି ଚିନ୍ତା ଆବଶ୍ୟକରୁ ଅଧିକ ହେଲେ ସ୍ୱାସ୍ଥ୍ୟ ପ୍ରତି କ୍ଷତକାରକ ହୋଇଥାଏ। କଥାରେ ଅଛି ଲୁଣ ଖାଏ ହାଣ୍ଡି ଏବଂ ଚିନ୍ତା ଖାଏ ଗଣ୍ଡି। ଅର୍ଥାତ୍ ଲୁଣ ଦୀର୍ଘଦିନ ରହିବା ଦ୍ୱାରା ଯେପରି ହାଣ୍ଡିଟିଏ ନଷ୍ଟ ହୋଇଯାଏ, ସେହିପରି ମନରେ ଅଧିକ ଦିନ ଚିନ୍ତା ରହିଲେ ତାହା ଶରୀରକୁ ମଧ୍ୟ ହାନି ପହଞ୍ଚାଇଥାଏ। କାରଣ ଚିନ୍ତା ମନରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଯାହାକି ରହି ରହି ଏଙ୍ଗଜାଇଟି ଡିସ୍‌ଅର୍ଡର ରୋଗର କାରଣ ସାଜିଥାଏ। ଏହା ଫଳରେ କାର୍ଯ୍ୟକ୍ଷମତା ହ୍ରାସ ପାଇଥାଏ। ଏମିତିକି ଧୀରେ ଧୀରେ ଏହା ଯୋଗୁ ବିଭିନ୍ନ ପ୍ରକାର ଫୋବିଆ ବି ଜାତ ହୋଇଥାଏ।

ବେଳେ ବେଳେ ଅନେକ କଥା ପ୍ରଭାବିତ କରେ ମନକୁ। ଯାହାଦ୍ୱାରା ସେ ଭାରାକ୍ରାନ୍ତ ହୋଇପଡେ। ଆଉ ଧୀରେ ଧୀରେ ମନ ଭିତରେ ଏହି ଭାର ବଢି ବଢି ଜଟିଳ ମାନସିକ ରୋଗର ରୂପ ନିଏ। ତେଣୁ ଜୀବନକୁ ସୁଖମୟ କରିବାକୁ ହେଲେ ଶରୀର ସହ ମନର ସୁସ୍ଥତା ପ୍ରତି ବି ଯତ୍ନଶୀଳ ହେବା ଆବଶ୍ୟକ...



## କ'ଣ କରନ୍ତି ଏମାନେ...



**ରଜତ କୁମାର ମହାପାତ୍ର(ଛାତ୍ର, ଯାଜପୁର)–** ଚିନ୍ତା, ରାଗ, ଦୁଃଖ ହେଉ କିମ୍ବା କୌଣସି ବି ଭାବନା ମନରେ ଅଧିକ ସମୟ ରଖିବା ଠିକ୍ ନୁହେଁ। କାରଣ ଏହା ଧୀରେ ଧୀରେ ଭିତରେ ରହି ରହି ଜଟିଳ ମାନସିକ ସମସ୍ୟାର ରୂପ ନେଇଥାଏ। ତେଣୁ ଯେବେ ବି କୌଣସି କଥା ମୋ ମନକୁ ପ୍ରଭାବିତ କରେ ତାହାକୁ ଭିତରେ ଚାପି ନ ରଖି ସଙ୍ଗେ ସଙ୍ଗେ ମାମା, ବାପା କିମ୍ବା ସାଙ୍ଗମାନଙ୍କ ସହ ଶେୟାର କରିଦିଏ। ତା'ଛଡା ମନକୁ ସବୁବେଳେ ଫ୍ରି ରଖିବା ଲାଗି ଭଲ ଗୀତ ଶୁଣେ, କମେଡି ଫିଲ୍ମ କିମ୍ବା ଭିଡିଓ ଦେଖେ। ଏସବୁ ବ୍ୟତୀତ କୌଣସି ଭଲ ବହି ପଢିବା ବି ମୁଡ୍ ଫ୍ରେଶ୍ ରଖିବାର ବେଷ୍ଟ ଉପାୟ।



**ଅନିକେତ ପାଇକରାୟ**(ଯୁକ୍ତ ୨ ପ୍ରଥମ ବର୍ଷ, ଆସ୍ୱାୟର୍ ସାଇନ୍ସ କଲେଜ୍, ଭୁବନେଶ୍ୱର)– ଶରୀର ଯେତେ ସୁସ୍ଥ ଥାଉ ନା କାହିଁକି ମନ ଭଲ ନ ଥିଲେ କୌଣସି କାର୍ଯ୍ୟ ପ୍ରତି ଆଗ୍ରହ ରହେନି। ତେଣୁ କୌଣସି ବି ପରିସ୍ଥିତରେ ମନକୁ ଭାରାକ୍ରାନ୍ତ ହୋଇ ଦୀର୍ଘ ସମୟ ରହିବାକୁ ଦେବା କଥାନୁହେଁ। ଯଦିଓ କେବେ ନା କେବେ ମାନସିକ ଚାପ ଆସିଥାଏ, ହେଲେ ଜୀବନକୁ ସୁଖମୟ କରିବା ପାଇଁ ଯଥା ସମ୍ଭବ ଏହାଠାରୁ ଦୂରେଇ ରହିବା ଲାଗି ନିଜକୁ ହିଁ ପ୍ରସ୍ତୁତ କରିବା ଆବଶ୍ୟକ।

**ଉଦାସୀନତାରୁ ଡିପ୍ରେଶନ୍:** ପାଠ ପଢାର ବୋଝ, ଜବ୍ ଟେନ୍‌ସନ୍, ପାରିବାରିକ ପରିସ୍ଥିତି ହେଉ କିମ୍ବା ସାଙ୍ଗସାଥୀଙ୍କ ସହ ଝଗଡା ଭଳି ଅନେକ କାରଣ ରହିଛି, ଯେଉଥିପାଇଁ ମଣିଷ ଉଦାସ ରହିବା ଏକ ସାଧାରଣ କଥା। ହେଲେ ଏହା ଦିନେ ଦୁଇଦିନ ମଧ୍ୟରେ ସୀମିତ ନ ରହି ଯଦି ମାସ ମାସ ଲାଗି ରହେ ତେବେ ତାହା ଡିପ୍ରେଶନ୍‌ର ରୂପ ନେଇଥାଏ। ତେଣୁ ଉଦାସ ଲାଗିଲେ ପ୍ରଥମେ ଏହାର କାରଣ ଜାଣିବାକୁ ଚେଷ୍ଟା କରନ୍ତୁ। ଏହାକୁ ଭିତରେ ଦୀର୍ଘଦିନ ଚାପି ନ ରଖି କୌଣସି ବିଶ୍ୱସ୍ତଙ୍କ ନିକଟରେ ପ୍ରକାଶ କରନ୍ତୁ, ମନ ହାଲୁକା ହୋଇଯିବ। ଏହା ବ୍ୟତୀତ ମୁଡ୍ ଫ୍ରି କରିବା ଲାଗି ବୁଲାବୁଲି, ଫିଲ୍ମ ଦେଖିବା, ସଙ୍ଗୀତ ଶୁଣିବା ଆଦିରେ ମନ ନିବେଶ କରନ୍ତୁ। ତଥାପି ମାନସିକ ସ୍ଥିତି ନ ସୁଧୁରିଲେ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ସେବନ କରିବା ଆବଶ୍ୟକ। କାରଣ ମଣିଷ ଥରେ ଡିପ୍ରେଶନ୍‌ର ଶିକାର ହେଲେ ତା'ର ନିଜ ମନ ଉପରେ ଆୟତ୍ତ ରହେନାହିଁ ଏବଂ ସେ ନିଜର ହିତାହିତ ଜ୍ଞାନ ହରାଇ ଆତ୍ମହତ୍ୟା ଭଳି ଭୁଲ ନିଷ୍ପତ୍ତି ନେବାକୁ ବି ପଛାଇ ନ ଥାଏ।

**ବାରମ୍ବାର ଭୁଲିବା ହୋଇପାରେ କ୍ଷତିକାରକ:** ଏମିତି କୌଣସି ପାଠ କିମ୍ବା କଥା ଭୁଲିଯିବା ଏକ ସାଧାରଣ କଥା। ହେଲେ ବାରମ୍ବାର ଭୁଲିବା ଯେମିତିକି ଚିହ୍ନା ମୁହଁ ହଠାତ୍ ନ ଜାଣି ପାରିବା, ଘର ଠିକଣା କିମ୍ବା ଅନ୍ୟାନ୍ୟ ଜିନିଷ ଭୁଲିବା, କେଉଁ ସ୍ଥାନରେ କେଉଁ ଜିନିଷ ରଖିଦେଇ ଭୁଲିଯିବା ଆଦି କ୍ଷତିକାରକ ହୋଇପାରେ। ବାର୍ଦ୍ଧକ୍ୟରେ ସାଧାରଣତଃ ଅନେକଙ୍କ ଠାରେ ଏପରି ଲକ୍ଷଣ ଦେଖାଦେଇଥାଏ, ହେଲେ ଯୁବାବସ୍ଥାରେ ଏଭଳି ଲକ୍ଷଣ ଦେଖାଦେବା ଏକ ପ୍ରକାର ମାନସିକ ରୋଗ। ଯାହାକୁ ଡିମେନ୍ସିଆ କୁହାଯାଏ। ତେଣୁ ଏଭଳି ଲକ୍ଷଣ ଦେଖା ଦେଲେ ତୁରନ୍ତ ଚିକିତ୍ସା କରାଇନେବା ଆବଶ୍ୟକ।

ୟୁଥ୍ ଆଲର୍ଟ

## ବର୍ଷାରେ ଭିଜିଗଲେ...



ବର୍ତ୍ତମାନ କିଛିଦିନ ହେବ ସମୟେ ସମୟେ ହଠାତ୍ ପ୍ରବଳ ବର୍ଷା ହେଉଥିବା ଦେଖିବାକୁ ମିଳୁଛି। ଏମିତିରେ କେହି କେହି ସାଙ୍ଗରେ ଛତା କିମ୍ବା ରେନିକୋଟ୍ ନ ନେଇଥିବା ଯୋଗୁ ହେଉ କିମ୍ବା କାହାକୁ ମଜା ଲାଗୁଥିବାରୁ ବର୍ଷାରେ ଭିଜୁଛନ୍ତି। ତେବେ ଭିଜିବାର କାରଣ ଯାହା ହେଉ ନା କାହିଁକି ଏହା ଯୋଗୁ ପରବର୍ତ୍ତୀ ସମୟରେ ଫ୍ଲୁ ସମସ୍ୟା ଦେଖାଦେଉଛି ଏବଂ ଏଥିପାଇଁ ଔଷଧ ଖାଇବାକୁ ପଡୁଛି। ହେଲେ ଆପଣ ଚାହିଁଲେ ଔଷଧ ପରିବର୍ତ୍ତେ କେତୋଟି ଖାଦ୍ୟ ଖାଇବା ଦ୍ୱାରା ଏହି ସମସ୍ୟା ଦୂରେଇ ପାରିବେ...



**ରସୁଣ:** ଏହା କେବଳ ଏକ ମସଲା ଭାବେ ଖାଦ୍ୟର ସ୍ୱାଦ ବଢାଇ ନ ଥାଏ ବରଂ ଏଥିରେ ଭରି ରହିଛି ବିଭିନ୍ନ ଔଷଧୀୟ ଗୁଣ। ଏଥିରେ ଥିବା ଆଣ୍ଟିଭାଇରାଲ, ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟିଫଙ୍ଗାଲ୍ ତତ୍ତ୍ୱ ଫ୍ଲୁ ସମସ୍ୟା ଦୂର କରିବାରେ ସାହାଯ୍ୟ କରେ। ତେଣୁ ପ୍ରତିଦିନ ୨ କୋଲା ରସୁଣ କଞ୍ଚା ଖାଆନ୍ତୁ ଉପକୃତ ହେବେ।

**ଅଦା:** ଏଥିରେ ବି ପ୍ରଚୁର ଔଷଧୀୟ ଗୁଣ ରହିଛି ଯାହା ଥଣ୍ଡା, କାଶ, କଫ ଭଳି ସମସ୍ୟା ଦୂର କରିବାରେ ବେଶ୍ ସାହାଯ୍ୟ କରିଥାଏ। ହଠାତ୍ ଓଦା ହୋଇଗଲେ ଥଣ୍ଡା ନ ଧରିବା ଲାଗି ଆପଣ ଏକ କପ୍ ଅଦା ପକା ଚା ପିଅନ୍ତୁ। ଅଦା ରସରେ ମହୁ ମିଶାଇ ଖାଇବା ଦ୍ୱାରା ବି ଫ୍ଲୁ ସମସ୍ୟାରୁ ଆପଣଙ୍କୁ ଉପଶମ ମିଳିବ।

**ଭିଟାମିନ୍ ସି'ଯୁକ୍ତ ଖାଦ୍ୟ:** ଲେମ୍ବୁ, କମଳା, ଆତାପି, ଟମାଟୋ ଆଦିରେ ପ୍ରଚୁର ପରିମାଣରେ ଭିଟାମିନ୍ ସି ଭରିରହିଛି। ଏହାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ। ଯାହାକି ହଠାତ୍ ଫ୍ଲୁ ସମସ୍ୟା ହେବାକୁ ଦେଇ ନ ଥାଏ।

**ସବୁଜ ପନିପରିବା:** ତଟକା ପନିପରିବା ଏବଂ ଶାଗରେ ପ୍ରଚୁର ପରିମାଣରେ ଭିଟାମିନ୍ ଇ, ସି, ଆଇରନ୍, କ୍ୟାଲ୍ସିୟମ୍, ଫାଇବର୍ ଏବଂ ଅନ୍ୟାନ୍ୟ ପୋଷକତତ୍ତ୍ୱ ଭରିରହିଛି ଯାହାକି ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ତେଣୁ ଏହାକୁ ଖାଦ୍ୟ ତାଲିକାରେ ସାମିଲ କଲେ ଫ୍ଲୁ ସମସ୍ୟା ଦୂରେଇ ରହିଥାଏ।

**ପାଣି:** ପାଣି ପିଇବା କମିଲେ ବି ସହଜରେ ଫ୍ଲୁ ହୋଇଥାଏ। ତେଣୁ ପ୍ରଚୁର ପାଣି ପିଅନ୍ତୁ।

## ପାଠକଙ୍କ ମତ

❖ଗତ ସପ୍ତାହରେ ଜାଣନ୍ତୁ ଦୁନିଆ ସ୍ତମ୍ଭରେ ପ୍ରକାଶିତ ପାଠଟି ସମ୍ପୂର୍ଣ୍ଣ ନୂତନ ଧରଣର ଥିଲା। ସାଧାରଣ ଜୀବନରେ ଆମେ ବ୍ୟବହାର କରୁଥିବା ହାତର ବିଭିନ୍ନ ସିମ୍ବଲ୍‌ରୁ ପ୍ରଚଳନ ଯେ ଏତେ ପୁରୁଣା ଜାଣି ଖୁବ୍ ଆଶ୍ଚର୍ଯ୍ୟ ଲାଗିଲା।

*– ଯୋଗୀନାଥ ଆଚାର୍ଯ୍ୟ, ପୁରୀ*

❖ଯୁବାବସ୍ଥାରେ ହୃଦ୍‌ରୋଗର ବିଭିନ୍ନ କାରଣ ଏବଂ ଏହାର ପ୍ରତିକାରକୁ ନେଇ ପ୍ରକାଶିତ ପ୍ରସଙ୍ଗଟି ଶିକ୍ଷଣୀୟ ହୋଇପାରିଛି।

*– ଶର୍ମିଷ୍ଠା ସେନାପତି, ଜଗତ୍‌ସିଂହପୁର*

❖ସ୍ମାର୍ଟଫୋନ୍‌କୁ କିପରି ପାସ୍‌ୱାର୍ଡ ପ୍ରୋଟେକ୍ଟେଡ୍ ରଖାଯାଇ ପାରିବ ଏବଂ କିପରି ପର୍ସନାଲ୍ ଡାଟା ସୁରକ୍ଷିତ ରଖିହେବ ଏ ସମ୍ବନ୍ଧିତ ଟିପ୍ସଗୁଡିକ ବେଶ୍ ଉପାଦେୟ।

*– ବିବେକ ମହାନ୍ତି, କେନ୍ଦୁଝର*

**ବିଦ୍ର:** ଉତ୍ତର ଲେଖି ଫଟୋ ସହ ନିମ୍ନ ଠିକଣାରେ ପଠାନ୍ତୁ। ଉତ୍ତର ସମ୍ପୂର୍ଣ୍ଣ ଠିକ୍ ହେଲେ ନାମ ସହ ଫଟୋ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଏ ସପ୍ତାହର ପ୍ରଶ୍ନ

୧– ୨୦୧୮ ଓମେନ୍ ବକ୍ସିଂ ୱାର୍ଲ୍ଡ ଚାମ୍ପିୟନ୍‌ଶିପ୍ ...... ଦେଶରେ ଆୟୋଜନ କରାଯିବ ?

୨– ଦକ୍ଷିଣ ଭାରତ ହିନ୍ଦୀ ପ୍ରଚାର ସେବାର ପ୍ରତିଷ୍ଠାତା....... ?

୩– ୱାର୍ଲ୍ଡ ମ୍ୟୁଜିକ୍ ଡେ'........ ତାରିଖରେ ପାଳନ କରାଯାଇଥାଏ ?

୪– ପାରାଗୁଏର ପ୍ରଥମ ଅନ୍ତରିମ ମହିଳା ରାଷ୍ଟ୍ରପତି......... ?

୫– ବ୍ରିଟିଶ୍ କମ୍ପାନୀ ଭାରତର...... ଠାରେ ସର୍ବପ୍ରଥମେ ନିଜର କାରଖାନା ପ୍ରତିଷ୍ଠା କରିଥିଲା ?

## ଗତ ସପ୍ତାହର ଉତ୍ତର

୧ ହାଇଦ୍ରାବାଦ

୨ ୱାର୍କିଂ ଟୁଗେଦର୍ ଟୁ ପ୍ରିଭେଣ୍ଟ ସୁସାଇଡ୍

୩ ମ୍ୟାରୀ କମ୍

୪ ପ୍ରୀତି ସିନ୍‌ଏ

୫ ଉତ୍ତରାଖଣ୍ଡର ଚଉବାଟିଆ

## ଉତ୍ତର ଦାତା



ରାଜେଶ କୁମାର ଦାସ
ବାଲେଶ୍ୱର



ପୁଣ୍ୟଶ୍ଳୋକ ମିଶ୍ର
କେନ୍ଦୁଝର



ଗାୟତ୍ରୀ ଦେହୁରୀ
ସୁବର୍ଣ୍ଣପୁର

କଲେଜ ଅନୁଭୂତି

## ସେ କଥା ମନେ ପଡିଲେ ଟାଙ୍କୁରି ଉଠେ ଲୋମ



ପ୍ରଫୁଲ୍ଲ ଚନ୍ଦ୍ର ନାୟକ
(ବିଶିଷ୍ଟ ଲେଖକ)

କଲେଜ କଥା ପଡିଲେ ହଠାତ୍ ଫେରିଯାଏ ସେଇ ପୁରୁଣା ଦିନକୁ। ୧୯୬୪ ମସିହାର କଥା। ଯୁବ ବୟସ। କଲେଜରେ ପାଠ ପଢିବାକୁ ମନରେ ପ୍ରବଳ ଆଗ୍ରହ। ଆମ ଯାଜପୁର କଲେଜରେ ସେତେବେଳେ ବିଜ୍ଞାନ ନ ଥିବାରୁ ବାପା ମୋର ଆଡ୍‌ମିଶନ୍ କରାଇଲେ ଭଦ୍ରକ କଲେଜରେ। ତେଣୁ ମୋତେ ହଷ୍ଟେଲ୍‌ରେ ରହିବାକୁ ପଡିଲା। କଲେଜ୍‌ରେ ପାଠ ପଢା ଆଉ ହଷ୍ଟେଲ୍‌ରେ ସାଙ୍ଗମାନଙ୍କ ସହ ବେଶ୍ ମଜାମସ୍ତିରେ ସମୟ ବିତୁଥିଲା। ଦିନକର ଘଟଣା। ରାତିରେ ହଷ୍ଟେଲ୍‌ରେ ଖାଇ ପିଇ ଶୋଇବାକୁ ଯାଉଥିଲି। ଆଉ କେତେଜଣ ପରୀକ୍ଷା ନିମନ୍ତେ ପଢୁଥିଲେ। ଏ ସମୟରେ ହଠାତ୍ ଏକ ପ୍ରଚଣ୍ଡ ଶବ୍ଦ ହେଲା। ସମସ୍ତେ ଆଶ୍ଚର୍ଯ୍ୟ ହୋଇ ପରସ୍ପରକୁ ଚାହିଁଲୁ। କ'ଣ ହୋଇଥାଇପାରେ ବୋଲି ମୁଣ୍ଡରେ କିଛି ପଶୁ ନ ଥିଲା। ସମସ୍ତେ ଏକାଠି ଦୌଡ଼ାଦୌଡ଼ି ହୋଇ ଘଟଣା ସ୍ଥଳକୁ ଯାଇ ଦେଖୁ ତ ବାଉଦପୁର ରେଳଷ୍ଟେଶନ ନିକଟରେ କଲିକତାରୁ ପୁରୀ ଆସୁଥିବା ଏକ୍ସପ୍ରେସ୍ ସହ ଏକ ମାଲବାହୀ ଟ୍ରେନ୍‌ର ଧକ୍କା ହୋଇଯାଇଥିଲା। ଚାରିଆଡେ କେବଳ ଶୁଭୁଥିଲା ବିକଳ ଚିତ୍କାର। ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଲୋକ ଖଣ୍ଡିଆ ଖାବରା ହୋଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିଲେ। ବର୍ତ୍ତମାନ ଭଳି ସେ ସମୟରେ ଗମନାଗମନ ଏବଂ ଯୋଗାଯୋଗର ଏତେ ଭଲ ସୁବିଧା ବି ନ ଥିଲା। ତେଣୁ ଉଦ୍ଧାର କାର୍ଯ୍ୟ ଧୀରେ ଧୀରେ ଚାଲିଥିଲା। ଏଭଳି ଦୁଃଖ ସମୟରେ ଆମେ କେତେଜଣଙ୍କ ଠାରେ ଅମଣିଷ ପଣିଆ ଦେଖି ଆଶ୍ଚର୍ଯ୍ୟ ହୋଇଗଲୁ। ସେମାନେ ଆହତ ଯାତ୍ରୀଙ୍କୁ ସାହାଯ୍ୟ କରିବା ପରିବର୍ତ୍ତେ ଅସମୟର ସୁଯୋଗ ନେଇ ସେମାନଙ୍କଠାରୁ ସୁନାଗହଣା ଏବଂ ଟଙ୍କା ଲୁଟ୍ କରୁଥିଲେ। ଆମେ ହଷ୍ଟେଲ୍‌ର ପ୍ରାୟ ୬୦ ଜଣ ଛାତ୍ର ଏକାଠି ଥିବାରୁ ସେମାନଙ୍କୁ ମାରିବାକୁ ଗୋଡାଇ ସେଠାରୁ ତଡିଦେଲୁ। ଧୀରେ ଧୀରେ ଗାଡ଼ି ଠିକ୍ କରି ଆହତମାନଙ୍କୁ ଭଦ୍ରକ ଡାକ୍ତରଖାନା ପଠାଇବାରେ ସାହାଯ୍ୟ କଲୁ। ପରଦିନ ସକାଳୁ ହଷ୍ଟେଲ୍‌ର ସବୁ ପିଲା ମିଶି କିଛି କିଛି ଟଙ୍କା ଆଦାୟ କରି ସେମାନଙ୍କ ନିମନ୍ତେ କିଛି ଖାଦ୍ୟ ପଦାର୍ଥ ପଠାଇଥିଲୁ। ସେଦିନର ସେ ଅନୁଭୂତି ମନେ ପଡିଲେ ଏବେବି ମୋ ଲୋମ ଟାଙ୍କୁରି ଉଠେ।

## ଟପ୍ 10

### ଫେସବୁକ୍‌ର ସର୍ବାଧିକ ଲାଇକ୍ ପେଜ୍

୧. ଟେକ୍ସାସ୍ ହୋଲ୍ଡ ଏମ୍ ପୋକର୍.............. ୨୫ ,୮୮୬, ୭୦୩ ଫ୍ୟାନ୍
୨. ଫେସ୍‌ବୁକ୍ ................................ ୨୪,୨୨୬,୧୫୧ ଫ୍ୟାନ୍
୩. ମାଇକେଲ୍ ଜ୍ୟାକ୍‌ସନ୍...................... ୨୨, ୬୯୦, ୪୯୬ ଫ୍ୟାନ୍
୪. ଲେଡି ଗାଗା................................ ୨୧, ୬୪୬, ୪୩୯ ଫ୍ୟାନ୍
୫. ଫ୍ୟାମିଲି ଗାଏ.............................. ୨୦,୧୭୪, ୨୭୧ ଫ୍ୟାନ୍
୬. ୟୁ ଟୁବ୍.................................... ୧୮, ୬୧୮, ୫୦୯ ଫ୍ୟାନ୍
୭. ଏମିନେମ୍.................................. ୧୮, ୪୭୩,୪୧୪ ଫ୍ୟାନ୍
୮. ଭିନ୍ ଡିଜେଲ୍................................ ୧୭,୬୪୯,୯୬୪ ଫ୍ୟାନ୍
୯. ଦି ଟ୍ୱିଲାଇଟ୍ ସାଗା........................ ୧୬, ୫୬୨, ୮୧୯ ଫ୍ୟାନ୍
୧୦. ଷ୍ଟାର୍‌ବକ୍‌ସ୍................................. ୧୬, ୩୬୬, ୪୩୮ ଫ୍ୟାନ୍






## BRIDE WANTED

Wanted bride divorcee Karan boy age 48+ job at Birla Sunlife & doing business. Contact: 7008201045. D-8547

Wanted service holder bride for Khandayat groom 29+ B.Tech Software Engg. at Bangalore. Early marriage. Contact No.: 7008690797, 9861117487. D-8597

Wanted Brahmin bride, 29, 5'7", SBI Clerk, early marriage. 6371071123. D-63851

Teli boy 1985, 5'5" BA serving Bhubaneswar. Monthly 50,000/- 'Sunasansar'. 9937512659. D-8644

Bride wanted for marriage, living together with 45 yrs groom having business and also staying with Father and Mother. 7656937540. D-64187

## GROOM WANTED

Khandayat girl 5'6, DOB-1985, working in MNC, Noida. 9337019409. D-8562

Agriculture Department ରେ ଚାକିରି 43 ବର୍ଷ ଝିଅ ପାଇଁ ଯେ କୌଣସି ଜାତିର ଚାକିରିଆ କିମ୍ବା ବ୍ୟବସାୟିକ ବରପାତ୍ର ଆବଶ୍ୟକ। 8658204685. D-8567

ସୁନ୍ଦର ଅବିବାହିତା ବ୍ରାହ୍ମଣ ୩୮ବର୍ଷ ପାତ୍ରୀଙ୍କ ପାଇଁ ଯେକୌଣସି ଜାତିର ପାତ୍ର ଦରକାର। ଯୋଗାଯୋଗ: 7381460017. D-60817

Wanted only Karan groom for B.Tech girl 36/5'2" (Rasi 11/5) working in MNC at Hyderabad as Business Analyst. Contact No.: 8093545435 for early marriage. D-63848

**Groom required for 29 years M.Sc. Microbiology, Pre PHD in Utkal University, continuing JRF, Teli Girl, Jagamara, Bhubaneswar. Mob: 9439621642.** D-8650

Divorcee bride Lecturer 34, Teacher 40 (caste-no-bar). Contact: 7873374269. D-65007

Now Matrimonial ads. only on Wednesday & Sunday Book 1 Get 1 FREE




## SALE

Ford Ikon, owner driven, showroom condition, sparingly used, Bhubaneswar. 8763802787. D-63849

## LEASE

2015 Model LPT 407 for lease on monthly basis in and around Twincity. Contact: 9040551000. D-60922




## SALE

Mornigsun Residency simplex near Hanspal-28,00,000/- (Handover within 1months) 8908015464, 9853347909. D-64331

Book duplex (ready to move) Tankapani road, near BJEM-2 school, Ranga bazar. Cost-55 lakhs with bank finance. 8917360040, 7077074156. D-64176

Lingaraj Stationରୁ 5km. ଦୂରତାରେ right side gharabari plot ମିଳୁଛି। 9090963952. D-64320

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64325

ଜଟଣୀଗେଟ୍ NH-5 ୪୦୦ ମିଟର ଦୂରତାରେ ସ୍ଥିତିବାନ ପ୍ଲଟ ପୋଜେସନ ସହ ୪୬୯/- ଏବଂ ରେତଙ୍ଗ ଷ୍ଟେସନ ପାଖରେ ୩୩୯/- 7008202635, 9938066403. D-64321

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

5BHK ready to move flat, price 105 lakhs, Ghatikia GA plot, Bhubaneswar. Contact: 9178518254. D-8527

ଜଟଣୀଗେଟ୍ ପାଖରେ NHକୁ ଲାଗି ଘରବାରି ପାଚେରି ପ୍ଲଟ୍ ମିଳୁଅଛି। 9439864322. D-64329

1600 sqft. land private property with a 3 storied building with 3750 sqft. builtup is for sale near Dhauli OTDC Tourist Centre, Bhubaneswar. Suitable for guesthouse. Contact: 8249185093. D-63376

**Homestead land for sale at Baripada plot near Brahma Mandir genuine buyer. No broker. 8249309299, 9437086837.** D-64601

ଭୁବନେଶ୍ୱର KEC, ଗୁଡିଆ-ପୋଖରୀ ଠାରେ 30ft road ଥାଇକି ଅଗ୍ରିମ boundary wall electry , gharabari patta, Temple, ନାମଫଳକ ସହ sqft. Rs. 600ରେ ଦିଆଯାଉଅଛି। 7008045582, 9078967488. D-8550

2650 sqft. gharabari plot at Pokhariput, Bhubaneswar. Price- 45 lakhs. 7504392698. D-64180

Core house completed 2BHK/ 3BHK flat at Kalinga Vihar, Bhubaneswar. Price: 37/ 47 lakh onwards. Contact: 7381267905. D-64182

2400 sqft. gharabari yellow zone plot Jagannath Nagar Road-8, Rasulgarh, Bhubaneswar. 9 4 3 7 4 2 1 0 9 6 , 9337288910. D-63378

7040 sqft. land with 2775 sqft. constructed building at Shankarpur, Barik sahi water works road, Cuttack one hundred metres from Link Road. Contact: 7008355170. D-64184

Readymade 3BHK new flat, 3rd floor at BJB Nagar, no tax. 9439716901 (Broker Excuse). D-64185

3 acres compact patch gharabari plot for immediate sale. Location- 6.5 km. from Rabitalkies, 4km. from Siridi Sai Temple. For details Please Contact: 9937232509, 9937844991. D-8596

Bhubaneswar near Sundarpada low cost plot 5000 sqft. Dasaharaa Offer registration free. 7377596980. D-64332

Booking simplex 2BHK 1200 sqft. Tankapani road Sai Temple 26,19,000/-. 7735738102. D-8592

Gharabari yellow zone demarcated plot adjacent to Utkal heights 300 mtrs. from NH-5, Pahal. 9040059669. D-65005

Ready plots for house construction at Sisupalgarh @ Rs. 999/- per sqft. Contact: 9776080988, 9238361409. D-63915

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 900 ମିଟର 1200କୁ 1,60,000/- ପ୍ରତାପ ନଗରୀ, ଧାଙ୍କୁଲେଇପିଠ NH-5ରୁ ଅଳ୍ପ ଦୂରତାରେ 1200କୁ 2,10,000/- outrightରେ plot ମିଳୁଅଛି। 9938177361, 9776934361. D-64323

Bhubaneswar AIIMS Hospital Doon School 30' road gharabari possession plot. 9438191293. D-62793

2000 sqft. yellowzone gharabari bounded plot for sale at Trisulia. Contact: 9583172766. D-8499

20,000 sqft. (approx) land for sale/ lease near NH. before Reliance Petrol-pump, Nayagarh. Contact: 9040551000. D-60924

ଭୁବନେଶ୍ୱର ବାଳକାଟି ବଜାରରୁ 3km. ଦୂରତାରେ 30' road, eletricity ସୁବିଧାଥାଇ ଘରବାରି ପାଚେରି ପ୍ଲଟ୍ ପିଚୁରୋଡକୁ ଲାଗି sqft. 480/-ରେ ବିକ୍ରିହେବ। 9438855652, 9090053827. D-64330

8400 sft Gharabari residential plot sale Pahal on NH-5, Bhubaneswar. Contact Deepak: 9937329999 (Conditions apply). D-64510

BDA 3300 sft, boundary with electrification, near NH Dhauli for immediate construction: 7008908054. D-64508

ଭୁବନେଶ୍ୱର ସୁଦ୍ଧାନନ୍ଦ କଲେଜ ସାମ୍ନାରେ ଘରବାରି ପ୍ଲଟ 80 ଫୁଟ ପିଚୁରୋଡ୍‌କୁ ଲାଗି ବିକ୍ରିହେବ। 8093465134. D-65006

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs. 32 lakhs Contact: 9937059891, 9 3 4 8 2 5 3 4 6 3 , 8908292617.** D-8600

Ready 2BR flat near Sai Temple Tankapaniroad for sale Rs. 15 lakh onwards. 9776080988, 9238361409. D-63916

1200 sqft. gharabari residential yellowzone plot at Patia, Bhubaneswar. Price Rs. 29,40,000/-. Contact: 9078151122. D-64186

3 storied building having 3BHK 1400 sqft. in each floor, floorwise sale and registration facility near Bigbazaar, Patia. 7894139010. D-8634

2BHK apartment flat near garage Chhak, Bhubaneswar. Buyer contact: 8328890345. D-63852

## PURCHASE

2000' land requires in Bhubaneswar from Pokhariput to Chandrasekharpur & Rasulgarh to Baramunda with 30' road. 9583944403. D-62799

## GENERAL

## SALE

Furnished AC restaurent, Lewis Road, Ravi Talkies Square, Bhubaneswar. 9437283845. D-63374




3BHK, 1BHK for residence or office at Forest Park, Bhubaneswar. 8 2 1 8 7 5 3 7 6 7 , 9437594470. D-63846

Three bedroom, Portico boundarywall near Lingaraj Mandir. 9438692977. D-60816

3009 sqft. four BHK, two garages apartment at Royal Heritage, Patrapada, Bhubaneswar 150 metres from NH-16 AIIMS road, suitable for residence/ Guest house/ Company Executive. Contact: 7008355170. D-64183

2BHK flat rent for family Chandrasekharpur, Lumbini Vihar. Contact: 0 9 4 9 3 5 4 6 9 0 9 , 09493547021. D-8581

For car company showroom 20,000 sqft. land available for construction as per company format. On at NH Bhanpur, Telengapentha. Contact: 9437160289, 9437033691. D-63850

2500 sqft. first floor for rent at Patrapada NH. side for godown. Contact: 9040551000. D-60923

Single room near Sanjivani Hospital, Samantrapur, Puri road. 9937210090, 9437001226. D-63377

Ladies hostel seats available, 1050/- monthly, Matrubhawan, Jaydev-vihar, Bhubaneswar (behind SBI). 8895588537. D-47988

2BHK at Kedar Gouri apartment for family Garage Chhak. 9437157439. D-8585

Nayapalli single room attached bath, kitchen Rs. 5000/- for single employee. Contact: 8455886887. D-8594

2000 sqft. furnished commercial 1st floor hall at 72, Bapujinagar, Bhubaneswar. 9861021008. D-8598

Duplex house 1st floor, Sailashreevihar infront of DAV School, Bhubaneswar. Three bedrooms, large dining, kitchen and living room, two bathrooms, small lobby, back terrace. Rent, Rs. 22,000/- (negotiable). Contact: 06742548621. Mobile: 9971200489 (Bank, Insurance, Govt. employee prefrred). D-8563

**Prime commercial RCC building space of 700 sqft. on the main road near Bharat Petroleum Petrol Pump at Rasulgarh, Bhubaneswar for corporate office, godown etc. Contact: 9437042688, 9861092096.** D-8584

Two rooms dining, toilet, balcony opposite hotel Presidency, Nayapalli, Bhubaneswar. Contact: 9668774876. D-47989

Furnished single room, AC, car parking, Old-Town, Bhubaneswar. 5,000/-. 9437388990. D-63379

Single room attached bath, kitchen Udayagiri Vihar, Patrapada, Bhubaneswar. 9861061549. D-58698




Shivam logistic packers movers. Household/ car relocation countrywide. 9777044177, 9338461133. D-8576




Fully refreshed/ relaxed body massage by expert therapist, Shastrinagar. 7377994773. D-64116

Rejuvenate and Ayurvedic full body massage by smart therapist. 9114402304. D-64118

Pamper yourself this Mansoon with profesional massage. Contact Purple Orchid. 9776598888. D-64117

Singar massage club fully relaxed by expert lady also home service available. Contact: 9937637219. D-8471

Saishree ayurvedic full body massage ladies & gents. 9078429117, 7438896074. D-63100

G.S Spa herbal full body massage ladies/ gents. 9938526614, 8658292358. D-63099

Newly open herbal full body massage with refreshment well trained therapist. 7381239385. D-8556

Newly opening ayurvedic body massage in joint pains, smart therapist. 9776383819. D-64177

Newly opening ayurvedic body massage smart therapist, Shree Herbal. 7750020754. D-64178

All type of massage and good therapy full body massage Sai herbal spa. 7609005923. D-64205

Experience full body massage with us by experts. Enquiry: 7377048581. D-64179

Opening newly ayurvedic full body massage ladies, gents. 7438851534, 7609923705. D-38534

Physiotherapy and herbal massage by trained ladies/ gents therapist. 7008773793. D-65009

## LOST

ମୁଁ ଲକ୍ଷ୍ମୀ ଶ୍ରୀରାମ, ପିତା- ଗୋପୀନାଥ ଶ୍ରୀରାମ ଗୁଡ଼ାରୀ ଲେଖି ଜଣାଉଛି, ମୋର ସ୍କୁଲ ସାର୍ଟିଫିକେଟ ଉଇ ଖାଇ ନଷ୍ଟ ହୋଇଗଲା।ଧ-୮୬୫୪

## AFFIDAVIT

I, Bijoy Laxmi, W/o- Baikuntha Nath Singh Samanta, R/o- Danda Sahi, Khandapada Garh, Nayagarh, Odisha have changed my name to Bijayalaxmi Singh Samanta for all purpose. D-8642

## କୃତିତ୍ୱ



ଚଳିତ ୨୦୧୮-୧୯ ଶିକ୍ଷାବର୍ଷରେ ତୃତୀୟ ଶ୍ରେଣୀ ସରକାରୀ ବୃତ୍ତି ପରୀକ୍ଷାରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଢୁଙ୍ଗୁରାର ଉଦୀୟମାନ ଛାତ୍ର **ଶ୍ରୀମାନ୍ ସାଇ ସିଦ୍ଧାନ୍ତ ଦାସ,** ଖଇରା ବ୍ଲକରେ ସମସ୍ତ ଛାତ୍ରଛାତ୍ରୀଙ୍କଠାରୁ ସର୍ବାଧିକ ନମ୍ବର ରଖି ପ୍ରଥମ ସ୍ଥାନ ଗ୍ରହଣ କରିଛନ୍ତି ଏବଂ ସରକାରୀ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଧ-୮୬୫୬

**ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା**



ଆଦ୍ୟାଶା (ପିହୁ)

ପୋରଗଦେଇ ତିର୍ତ୍ତୋଲ, ଜଗତ୍‌ସିଂହପୁର

ମା' ଶାରଳାଙ୍କ ଆଶୀର୍ବାଦରୁ ତୋର ସାରା ଜୀବନ ସୁଖରେ ଭରିଯାଉ। ଶୁଭେଚ୍ଛା ସହ: ଜେଜେ- ପ୍ରତାପ, ଜେଜେମା- ପ୍ରଭାତୀ, ସାନଜେଜେ- ପ୍ରକାଶ, ରବୀନ୍ଦ୍ର, ପ୍ରେମଚାନ୍ଦ, ବାବା- ସଂଗ୍ରାମ, ମାମା- ଅନୀତା, ଦାଦା- ଲୁବୁ, ସାନମାମା- ରୀନା, ସାନଦାଦା- ଜୁବୁ, ମଦନ, ପାପୁ, ପ୍ରିତ୍, ସିପୁ, ପିଉସା- ଅଶୋକ, ପିଉସୀ- ବେବୀ, କାର୍ତ୍ତିକ, ଗଣେଶ, ବନ୍ଧୁ ଓ ପରିବାରବର୍ଗ। ଧ-୮୬୫୩

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଶ୍ରୀମତୀ ପ୍ରତିଭା ପାଣିଗ୍ରାହୀ**

ସପ୍ତମ ମାସିକ ଶ୍ରାଦ୍ଧଦିବସ ଉପଲକ୍ଷେ ସ୍ୱାମୀ- ପ୍ରଭାତ ସୁନ୍ଦର ପାଣିଗ୍ରାହୀ, ଜ୍ୟେଷ୍ଠପୁତ୍ର- ଜିତେନ୍ ପାଣିଗ୍ରାହୀ, କନିଷ୍ଠପୁତ୍ର- ରୋଷନ ପାଣିଗ୍ରାହୀ, କନ୍ୟା- ସ୍ମୃତି ପାଣିଗ୍ରାହୀ, ପୁତ୍ରବଧୂ- ଶୁଭଯାନି, ରଶ୍ମିପ୍ରଭା, ଜ୍ୱାଇଁ- ସୀମାଞ୍ଚଳ ପଣ୍ଡା, ପୌତ୍ରାଦି- ସୌମ୍ୟାଶ୍ରୀ, ଶୁଭାଶିଷ, ଅନନ୍ୟା, ଆର୍ଯ୍ୟନ୍, ରିଶିତା, ବନ୍ଧୁ- କିରଣକାନ୍ତ ପାଣିଗ୍ରାହୀ, ରଜନୀରାଣୀ ପଣ୍ଡା, ଆଶିଷ ପାଣିଗ୍ରାହୀ, ଅସୀମା ପାଣିଗ୍ରାହୀ, ଅରୁଣକାନ୍ତ ପାଣିଗ୍ରାହୀ, ପ୍ରମଦା ପାଣିଗ୍ରାହୀ, ମୌସୁମୀ ପାଣିଗ୍ରାହୀ, ବର୍ଷା ପାଣିଗ୍ରାହୀ, ଆଦିତ୍ୟ ପାଣିଗ୍ରାହୀ, ଭାଇ- ଦୁର୍ଗାପ୍ରସନ୍ନ ସାହୁ, ଭାଉଜ- ଆରତି ସାହୁ ଏବଂ ପରିବାରବର୍ଗ ତରଫରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ଧ-୬୩୭୨୯

**ବିଂଶତମ ଶ୍ରାଦ୍ଧବାର୍ଷିକ**



**ସ୍ୱର୍ଗତ ମାୟାଧର ପଣ୍ଡା**

**ତିରୋଧାନ: ୧୧।୦୯।୧୯୯୮**

**(ଆଶ୍ୱିନ ମାସ କୃଷ୍ଣପକ୍ଷ ଷଷ୍ଠୀ)**

ଆପଣ ଚାଲିଯିବାର ଚାହୁଁ ଚାହୁଁ କୋଡିଏ ବର୍ଷ ବିତିଗଲା, ଆପଣଙ୍କ ଆଦର୍ଶ ଆମମାନଙ୍କ ଆଶା, ଭରସା ଓ ପ୍ରେରଣାର ଉତ୍ସ ହୋଇ ଯୁଗଯୁଗ ଧରି ରହିବ। ଆଜି ଆପଣଙ୍କର ବିଂଶତମ ବାର୍ଷିକ ପବିତ୍ର ଶ୍ରାଦ୍ଧ ଦିବସରେ ଆପଣଙ୍କ ଅମର ଆତ୍ମାର ଚିରଶାନ୍ତି ପାଇଁ ଆମେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା ସହ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛୁ। ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୬୫୦୦୮

## CLASSIFIED BOOKING STATIONS

**CUTTACK**

**DHARITRI OFFICE**
Link Road, P. K. Ratha, Mob: 9437196416

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**WELCOME**
Buxi Bazar, Cuttack, Pratap Kumar Sahoo, Mob : 986134039

**OMM SARALA SERVICES**
At- Othaka, Po/PS- Nischintakoili, Dist- Cuttack, Contact : Ashok Ku. Mohapatra Ph : 9438283428

**APIC COMPUTERS**
Balagandi Chhak, Puri, Madhusudan Mishra, Mob: 9861235622

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

**BERHAMPUR**

**DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**PADMINI LADIES CORNER**
Bhagban Sasmal, Sanjibani Market, Angul, Mob : 9668600631, 7788997720

**JAGADAMBA GIFT MALL**
Manoj Ku. Sahoo, Convent Road, Rayagada, Mob : 9439530999

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**BS COMMUNICATION**
Malipada Fatak, Sambalpur, Contact : Nabin Kumar Dash, Mob : 9776813356

**MOHAPATRA JOB CENTRE**
C/o. Judhistir Mohapatra Saranda, Dist : Bargarh, Ph : 7894062647, 9338154701, E-mail : aeiodissabgh@gmail.com

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**PANI COMMUNICATION**
Suphan Ku. Pani, Dharmasal, Jarka, Jajpur. Mobile: 8280196228

**SABARI COMMUNICATION**
Bhejaput, Damanjodi, Koraput, Contact: Mr. Ashoka Khara, Mob: 9437182158, 9668847771.

**SIVASHAKTI XEROX & BOOK STORE**
SBI Chhak, Mahatab Road, BBSR, Benudhar Mohapatra. Mob:9861446268, 8763174237.

**MAHADEV REALESTATE CONSULTANCY**
A/M-16, Phase-I, Bhimtangi, Old Town, BBSR, Prabas Ku. Sundaray, Ph:0674- 2590575, 9937064680

**GYANA BHANDAR**
Tamando, Bhubaneswar, Rohit Behera, Ph: 9438621987

**TAMANNA COMMUNICATION**
Plot-2132/4177(B),Vivekananda Marg, BBSR-2, Babina/ Dudu Mohanty, Mob-9438092141, 9937073667

**ANNAPURNA COMMUNICATION**
Qtr.-LC 133/24, C.S Pur, BBSR. Prabina Kumar Mohanty, Ph- 2551286,9337336614

**JM GRAPHICS**
SA-12, VSS Nagar, IDCO Market Complex, mancheswar I.E., Bhubaneswar-10, Jitendriya Mansingh, Ph:0674-2582095

**MEDIA SOLUTION**
VSS Nagar, Santosh Ku. Tripathy, Mob : 7735510493

**M/S. SREE JAYADEV JAGANNATH PHOTOSHOP**
Balianta Bazar, Balianta, Khurda Nilamadhab Sahoo, Mob: 9439897622, 9777927622

**BEEZY'S & ADD**
Balakati, Khurda, Giridhari Lal Saranga, Mob : 9438302811

**SUMIT COMMUNICATION**
Hruda Nanda Behera, Plot No.-983, Mancheswar, BBSR, Mob : 9938965727

**AMAN ADDCARE**
Niranjan Sahoo, Plot No.-114/7, Airport Square, Bhimpur, BBSR, Mob : 9937426436

**MARUTI STD**
Infront of Big Bazar, Satya Nagar, V.L. Raju, Narayan Raja, Ph: 9861245489, 9861712131

**S S ENTERPRISES**
2943, Palasuni near ISA Daignosics, Rasulgarh BBSR, Pabana Garnayak, Mob: 9348737060, 7381305892

**SAGAR COMMUNICATION**
Damana Square, Chandrasekharpur, BBSR-16, Infront of Metro Homes & IDBI Bank. Mr. Sagar Sahoo, Ph: 9861237341, 0674-2744077.

**PANCHAMUKHI ADVERTISERS**
Baramunda, Jagannath Vihar, Lane no-4, Road No-2, BBSR. Mr. Prasanta Kumar Nayak, Mob: 9438689186.

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph- 2394630, 3254186, 9090835267

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Pabitra Ku. Behera Mob: 9658693280

**ASWINI KUMAR PANDA**
Plot-969/3035, Prakruti Vihar, Dleta Square, Aswini Kumar Panda Routray, Ph : 9040020034

| | |
|---|---|
| Dollar 11 ↓ | 72.48 |
| Sensex 97.03 ↓ | 36,227.14 |
| Nifty 47.10 ↓ | 10,930.45 |
| Gold ₹ 250 ↑ | 31,550.00 |
| Silver ₹1100 ↑ | 39,100.00 |



"ଡିଜିଟାଲ ନେଣଦେଣ ଚିନ୍ତାମୁକ୍ତ କାରବାର ଦିଗରେ ବିଶେଷ ଭାବେ ସହାୟକ ହେଉଛି। ଏଥି ପ୍ରତି ଲୋକଙ୍କ ବିଶ୍ୱାସ ବର୍ତ୍ତମାନ ବୃଦ୍ଧି ଘଟିଛି।

– ଟି.ଆର୍. ରାମଚନ୍ଦ୍ରନ, ଭାରତ, ଦକ୍ଷିଣ ଏସିଆ ଗ୍ରୁପ କଣ୍ଟ୍ରି ମ୍ୟାନେଜର ଭିଜା



"ପରିମାଣ ଭିତ୍ତିଭୂମି ନିର୍ମାଣ ଏବଂ ସଚେତନତା ସୃଷ୍ଟି କରିବା କ୍ଷେତ୍ରରେ ଘରୋଇ ସେକ୍ଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ଏହାଦ୍ୱାରା ସେମାନେ ଲୋକଙ୍କ ବ୍ୟବହାରରେ ବିରାଟ ପରିବର୍ତ୍ତନ ଆଣିପାରିବେ।

– ଦୀପକ ପାରେଖ, ଅଧ୍ୟକ୍ଷ, ଏଚ୍‌ଡିଏଫ୍‌ସି

## ଖବର ଏଇ ସପ୍ତାହ

### ୫ କୋଟି ଫେସ୍‌ବୁକ୍ ୟୁଜରଙ୍କ ତଥ୍ୟ ଚୋରି

ସୋସିଆଲ ମିଡିଆ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ବେଳେ ତଥ୍ୟ ଚୋରି ହେବା ଏବେ ସାଧାରଣ ଘଟଣାରେ ପରିଣତ ହୋଇଛି। ଫେସବୁକ୍ ହ୍ୟାକ୍ କରି ହ୍ୟାକରମାନେ ୫ କୋଟି ୟୁଜରଙ୍କ ତଥ୍ୟ ଚୋରେଇ ନେଇଛନ୍ତି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଫେସବୁକ୍ ପକ୍ଷରୁ ଲେଖାଯାଇଥିବା ବ୍ଲଗ୍‌ରେ ଦର୍ଶାଯାଇଛି ଯେ, ହ୍ୟାକରମାନେ ଏହାର ସୁରକ୍ଷା ବଳୟ ଭେଦ କରି ୫ କୋଟି ୟୁଜରଙ୍କ ତଥ୍ୟ ଚୋରେଇ ନେଇଛନ୍ତି। ସେମାନେ 'ଭିୟୁ ଆଜ୍' ଫିଚରର ଫାଇଦା ଉଠାଇ ତଥ୍ୟ ଚୋରି କରିବାରେ ସଫଳ ହୋଇଛନ୍ତି। ସୁରକ୍ଷା ବ୍ୟବସ୍ଥାକୁ ଆହୁରି ଶକ୍ତିଶାଳୀ କରିବା ଲାଗି କମ୍ପାନୀ ପକ୍ଷରୁ ପଦକ୍ଷେପ ନିଆଯାଉଛି ଏବଂ ଏ ସମ୍ପର୍କରେ ପୋଲିସକୁ ସୂଚନା ଦିଆଯାଇଛି ବୋଲି କୁହାଯାଇଛି। ବର୍ତ୍ତମାନ ପାଇଁ ଫେସବୁକ୍ ୯ କୋଟି ୟୁଜରଙ୍କ ଲଗ୍ ଇନକୁ ରିସେଟ୍ କରିଛି। କେଉଁ ହ୍ୟାକର ଏହା ପଛରେ ରହିଛନ୍ତି, ତାହା ଅଦ୍ୟାବଧି ଜଣାପଡି ନାହିଁ ବୋଲି ଫେସବୁକ କହିଛି। କମ୍ପାନୀ ଗୋପନୀୟତା ରକ୍ଷା କରିବାରେ ବିଫଳ ହେବାକୁ ନେଇ ଏହାର ପ୍ରତିଷ୍ଠାତା ମାର୍କ ଜୁକରବର୍ଗ ଆମେରିକା ସଂସଦର ସମ୍ମୁଖୀନ ହୋଇଥିଲେ।

# ୫୦% ସୁଧୁରିଯିବ ଏନ୍‌ପିଏ ସମସ୍ୟା

**ନୂଆଦିଲ୍ଲୀ,୨୯-୯**



- ୧,୧୫୭ କମ୍ପାନୀ ମାମଲା ପାଇଁ ଆବେଦନ କରିଛନ୍ତି
- ୨୦୨ର ଶୁଣାଣି ଆରମ୍ଭ ହୋଇଛି
- ୪୬ର ସମାଧାନ ଯୋଜନା ଲାଗୁ ହୋଇଛି

ଦେଶରେ ଏବେ ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍ (ଆଇବିସି) ଲାଗୁ ହୋଇଛି। ଆଗାମୀ ଦିନରେ ଏହାରି ମାଧ୍ୟମରେ ଦେଶରେ ସୃଷ୍ଟି ହୋଇଥିବା ଅନାଦାୟ ଋଣ (ଏନ୍‌ପିଏ) ଅର୍ଦ୍ଧେକ ଅର୍ଥାତ୍ ୫୦% ସମସ୍ୟାର ସମାଧାନ ହୋଇଯିବ ବୋଲି ଇନସଲଭେନ୍ସି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଋଣଗ୍ରସ୍ତ କମ୍ପାନୀମାନଙ୍କୁ କିଣିବା ପାଇଁ ଏବେ ଏକାଧିକ କମ୍ପାନୀ ଆଗେଇ ଆସୁଥିବାରୁ ସେଗୁଡିକର ଅଧିକ ମୂଲ୍ୟ ମିଳିବ ବୋଲି ଆଶାକରାଯାଉଥିବା ସେମାନେ କହିଛନ୍ତି। ସୁମେଧା ମ୍ୟାନେଜମେଣ୍ଟ ସଲ୍ୟୁସନ୍ସ ଏବଂ ଏଲ୍‌ଏସ୍‌ଆଇ ଫାଇନାନ୍ସିଆଲ୍ସ ସର୍ଭିସେସ୍ ପକ୍ଷରୁ ସଂଗୃହୀତ ତଥ୍ୟ ଅନୁଯାୟୀ ୨୦୧୬ରେ ଆଇବିସି ଲାଗୁ ହେବା ପରେ ଅଦ୍ୟାବଧି ୧,୧୫୭ କମ୍ପାନୀ କର୍ପୋରେଟ ଇନସଲଭେନ୍ସି ରିଜଲ୍ୟୁଶନ ପ୍ରୋସେସ୍ ଅଧୀନରେ ସାମିଲ ହୋଇଛନ୍ତି। ତନ୍ମଧ୍ୟରୁ ୨୦୨ ମାମଲାର ଶୁଣାଣି ଆରମ୍ଭ ହୋଇଥିବା ବେଳେ ୪୬ଟିର ସମାଧାନ ଯୋଜନା ଲାଗୁ ହୋଇଯାଇଛି। ସୁମେଧା ମ୍ୟାନେଜମେଣ୍ଟର ବିଜୟ ମୁର୍ମୁରିଆ କହିଛନ୍ତି ଯେ, ଏବେ ଋଣପ୍ରଦାନକାରୀ ବ୍ୟାଙ୍କମାନେ ହାରାହାରି ୪୫ରୁ ୫୦% ଋଣ ଫେରସ୍ତ ପାଉଛନ୍ତି। ମୂଲ୍ୟାଙ୍କନ ବୃଦ୍ଧି ସହ ଏହା ସମୟକ୍ରମେ ବଢ଼ିବ। ପୂର୍ବରୁ ଏହି ହାର ୨୫ରୁ ୨୮ ପ୍ରତିଶତ ଥିଲା ବୋଲି ଏଲ୍‌ଏସ୍‌ଆଇ ରିଜଲ୍ୟୁଶନ ପ୍ରାଇଭେଟ ଲିମିଟେଡର ସମୀ ଭଟ୍ଟାଚାର୍ଯ୍ୟ ମତବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ, ଏବେ ଦେବାଳିଆ ମାମଲାଗୁଡିକ ଏନ୍‌ସିଏଲ୍‌ଟିର ବିଭିନ୍ନ ଅଦାଲତରେ ଶୁଣାଣି ପାଇଁ ତାଲିକାଭୁକ୍ତ ହେବାରେ ବହୁ ବିଳମ୍ବ ହେଉଛି। ଆବେଦନର ୧୪ ଦିନ ଭିତରେ ମାମଲା ଗ୍ରହଣ ଯୋଗ୍ୟ ହେବ କି ନା ସ୍ଥିର ହୋଇଯିବା ଆବଶ୍ୟକ। ବାସ୍ତବରେ ଦେଖିଲେ ତାଲିକାଭୁକ୍ତ ହେବା ପାଇଁ ୬ ମାସ ଲାଗିଯାଉଛି। ଏ ଦିଗରେ ଦୃଷ୍ଟି ଦିଆଗଲେ ଦେବାଳିଆ ମାମଲାର ତ୍ୱରିତ୍ ସମାଧାନ ସମ୍ଭବ ହୋଇପାରିବ ଏବଂ ବ୍ୟାଙ୍କମାନେ ସେମାନଙ୍କ ବକେୟା ଋଣ ଫେରିପାଇବେ। ଋଣଗ୍ରସ୍ତ କମ୍ପାନୀର ସମ୍ପତ୍ତିର ପ୍ରକୃତ ମୂଲ୍ୟାୟନ ହିଁ ଦେବାଳିଆ ମାମଲା ସମାଧାନକୁ ତ୍ୱରାନ୍ୱିତ କରିବ ବୋଲି ସେ କହିଛନ୍ତି।

■ ଇରାନରୁ ମିଳିବନି ତେଲ

# ଭାରତ ପାଇଁ ବିକଳ୍ପ ବାଟ ଖୋଜୁଛି ଆମେରିକା

**ନ୍ୟୁୟର୍କ,୨୯-୯**




ନଭେମ୍ବର ୪ରୁ ଇରାନ ବିରୋଧରେ ଆମେରିକାର କଟକଣା ସମ୍ପୂର୍ଣ୍ଣ ଭାବେ ଲାଗୁ ହୋଇଯିବ। ଇରାନରୁ ତେଲ ମିଳିବା ବନ୍ଦ ହୋଇଯିବା ପରେ ଭାରତ ନିଜର ଚାହିଦା ପୂରଣ ପାଇଁ ଅନ୍ୟ ଦେଶରୁ ତେଲ କିଣିବା ପାଇଁ ଉପାୟ ଖୋଜୁଛି। ଅନ୍ୟପକ୍ଷରେ ଆମେରିକା ମଧ୍ୟ ଏବେ ଭାରତକୁ ସହାୟତା ପାଇଁ ଆଗେଇ ଆସିଛି। ଆମେରିକାର ଜଣେ ବରିଷ୍ଠ ଅଧିକାରୀ ବ୍ୟୁରୋ ଅଫ୍ ସାଉଥ ଆଣ୍ଡ ସେଣ୍ଟ୍ରାଲ ଏସିଆ ରିଜିଅନର ପ୍ରିନ୍ସିପାଲ ଡେପୁଟୀ ଆସିଷ୍ଟାଣ୍ଟ ସେକ୍ରେଟାରୀ ଆଲିସ୍ ୱେଲ୍ସ କହିଛନ୍ତି ଯେ, ମିତ୍ର ରାଷ୍ଟ୍ର ଭାରତକୁ ଯେପରି ଅଶୋଧିତ ତେଲ ଯୋଗାଣ ଜାରି ରହିବ ସେନେଇ ତାଙ୍କ ଦେଶ ବିକଳ୍ପ ବାଟ ଖୋଜୁଛି। ସେ କହିଛନ୍ତି ଯେ, ଭାରତର ତେଲ ଚାହିଦାକୁ ଆମେରିକା ବୁଝୁଛି। ତେଲ ଯୋଗୁ ଭାରତର ଅର୍ଥନୀତି ଯେପରି କ୍ଷତିଗ୍ରସ୍ତ ନ ହୁଏ ସେଥିପାଇଁ ଆମେରିକା ପଦକ୍ଷେପ ନେଉଛି। ସେହି ଉଦ୍ଦେଶ୍ୟରେ ଏହା ଅନ୍ୟ ମିତ୍ର ରାଷ୍ଟ୍ରଗୁଡିକ ସହ ଆଲୋଚନା ଜାରି ରଖିଛି ବୋଲି ସେ କହିଛନ୍ତି। ସୂଚନାଥାଉ କି, ଆମେରିକା ଓ ଇରାନ ମଧ୍ୟରେ ପରମାଣୁ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ତେବେ ଆମେରିକା ଏକତରଫା ଭାବେ ଏହି ଚୁକ୍ତିରୁ ଓହରି ଆସିବା ପରେ ଇରାନ ବିରୋଧରେ କଟକଣା ଲାଗୁ କରିଥିଲା। ଏହାର ପ୍ରଥମ ପର୍ଯ୍ୟାୟ ଲାଗୁ ହୋଇସାରିଥିବା ବେଳେ ନଭେମ୍ବର ୪ରୁ ସମ୍ପୂର୍ଣ୍ଣ କଟକଣା ଲାଗୁ ହୋଇଯିବ।

# ଆର୍‌ବିଆଇରୁ ଡଲାର କିଣିବେ ତୈଳ ମାର୍କେଟିଂ କମ୍ପାନୀ

**ନୂଆଦିଲ୍ଲୀ,୨୯-୯**




ଟଙ୍କାର ମୂଲ୍ୟ ହ୍ରାସକୁ ନିୟନ୍ତ୍ରଣ କରିବା ଲକ୍ଷ୍ୟରେ ତୈଳ ମାର୍କେଟିଂ କମ୍ପାନୀଗୁଡିକ ଭାରତୀୟ ରିଜର୍ଭବ୍ୟାଙ୍କ (ଆର୍‌ବିଆଇ)ଠାରୁ ସିଧାସଳଖ ଡଲାର କିଣିବେ। ଏ ସମ୍ପର୍କରେ ସରକାରଙ୍କୁ ମିଳିଥିବା ପ୍ରସ୍ତାବ ବିଚାରାଧୀନ ରହିଛି। ପୂର୍ବରୁ ମଧ୍ୟ ଏଭଳି ବ୍ୟବସ୍ଥା ରହିଥିଲା, କିନ୍ତୁ ପରେ ଏହାକୁ ପ୍ରତ୍ୟାହାର କରାଯାଇଥିଲା। ଏ ସମ୍ପର୍କରେ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ସର୍ବବୃହତ ତୈଳ ମାର୍କେଟିଂ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ(ଆଇଓସିଏଲ)କୁ ତୈଳ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ଇରାନ ବିରୋଧରେ ଆମେରିକାର କଟକଣା ଲାଗୁ ହେବା ପରିପ୍ରେକ୍ଷୀରେ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତେଲ ଦର ହୁ ହୁ ହୋଇ ବଢ଼ିଚାଲିଛି। ଏହି କାରଣରୁ ଦେଶର ତେଲ ଆମଦାନୀ ଖର୍ଚ୍ଚ ବଢ଼ିବାରେ ଲାଗିଛି। ଅନ୍ୟପକ୍ଷରେ ଘରୋଇ କ୍ଷେତ୍ରରେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ଅଦ୍ୟାବଧି ପ୍ରାୟ ୧୧% ହ୍ରାସ ପାଇସାରିଛି। ୨୦୧୩ରେ ଅଶୋଧିତ ତେଲ ଦର ୧୦୦ ଡଲାର ଛୁଇଁବା ପରେ କେନ୍ଦ୍ର ସରକାର ତୈଳ କମ୍ପାନୀଙ୍କୁ ଆର୍‌ବିଆଇରୁ ସିଧାସଳଖ ଡଲାର କିଣିବାକୁ ଅନୁମତି ଦେଇଥିଲେ। ସେତେବେଳେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୬୮ ଥିଲା। ଏବେ ସେହି ଏକା ସମାନ ପରିସ୍ଥିତି ଥିବାରୁ ପୂର୍ବରୁ ପରୀକ୍ଷିତ ଏହି ଉପାୟକୁ ଆପଣାଇବା ଲାଗି ସରକାର ଆଗ୍ରହ ଦେଖାଇଛନ୍ତି। ଆର୍‌ବିଆଇରୁ ସିଧାସଳଖ ଡଲାର କିଣାଗଲେ ମୁଦ୍ରା ବଜାରରେ ଟଙ୍କାର ଅସ୍ଥିରତାକୁ ଅନେକାଂଶରେ ରୋକାଯାଇପାରିବ।

## ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ର ଋଣବୋଝ ହ୍ରାସ ହେବ

**ନୂଆଦିଲ୍ଲୀ,୨୯-୯**

ଭିତ୍ତିଭୂମି ନିର୍ମାଣ ପାଇଁ ଋଣ ଦେଉଥିବା ଇନଫ୍ରାଷ୍ଟ୍ରକ୍ଚର ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ୍(ଆଇଏଲ୍‌ଆଣ୍ଡଏଫ୍‌ଏସ୍) ଉପରେ ୯୧ ହଜାର କୋଟି ଟଙ୍କାର ଋଣଭାର ରହିଛି। ଋଣବୋଝ କମାଇବା ଉଦ୍ଦେଶ୍ୟରେ କମ୍ପାନୀ ରାଇଟ୍ସ ଇସ୍ୟୁ ବିକ୍ରି କରିବ ବୋଲି ଶନିବାର ଅନୁଷ୍ଠିତ ବାର୍ଷିକ ସାଧାରଣ ବୈଠକରେ ନିଷ୍ପତ୍ତି ନେଇଛି। ତଦନୁଯାୟୀ ୪୫୦୦ କୋଟିର ରାଇଟ୍ସ ଇସ୍ୟୁ କ୍ରୟ ଲାଗି ଏହାର ବୃହତ୍ ନିବେଶକ ଏଲଆଇସି, ଏସ୍‌ବିଆଇ ଏବଂ ଜାପାନ କମ୍ପାନୀ ଓରିକ୍ସ କର୍ପ ଘୋଷଣା କରିଛି।

## ୟୁଏସ୍ ସଂସଦୀୟ କମିଟିରେ ହାଜର ହେବେ ପିଚାଇ

**ୱାଶିଂଟନ,୨୯-୯**

ଗୁଗୁଲ ସିଇଓ ସୁନ୍ଦର ପିଚାଇ ଆସନ୍ତା ନଭେମ୍ବରରେ ଆମେରିକା ସଂସଦର ଜୁଡିସିଆରି କମିଟି ସମ୍ମୁଖରେ ହାଜର ହେବେ। ଗୋପନୀୟତା ପ୍ରସଙ୍ଗ ସହିତ ଚାଇନା ବଜାରରେ ଗୁଗୁଲର ପ୍ରବେଶ ନେଇ କମ୍ପାନୀର ଚିନ୍ତାଧାରା ସମ୍ପର୍କରେ ପିଚାଇ କମିଟିକୁ ଜଣାଇବେ। ମିଡିଆ ରିପୋର୍ଟ ଅନୁଯାୟୀ ଗୁଗୁଲ ସିଇଓ ଶୁକ୍ରବାର ରିପବ୍ଲିକାନ ସାଂସଦମାନଙ୍କୁ ଭେଟି ସଂସଦର ଜୁଡିସିଆରି କମିଟି ସମ୍ମୁଖରେ ହାଜର ହେବା ପାଇଁ ସହମତି ପ୍ରକାଶ କରିଥିଲେ। ଇଣ୍ଟରନେଟ ସମ୍ପର୍କିତ ବ୍ୟବସାୟକୁ ନେଇ କମ୍ପାନୀର କାର୍ଯ୍ୟଶୈଳୀ ଉପରେ ଆମେରିକା ସରକାର ଚିନ୍ତାବ୍ୟକ୍ତ କରିଛନ୍ତି। ଏହାକୁ ଦୂର କରିବା ପାଇଁ ପିଚାଇ ସଂସଦୀୟ କମିଟି ସମ୍ମୁଖରେ ହାଜର ହେବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ମିଡିଆ ରିପୋର୍ଟରେ କୁହାଯାଇଛି। ଏଥିସହିତ ଶୁକ୍ରବାର ପିଚାଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅର୍ଥନୈତିକ ଉପଦେଷ୍ଟା ଲ୍ୟାରି କୁଡଲୋଙ୍କୁ ଭେଟିଥିଲେ।

# ବଲାଙ୍ଗୀରରେ ବାଜାର କୋଲକାତା ଶୋ'ରୁମ

**ଭୁବନେଶ୍ୱର,୨୯-୯**



ପ୍ରମୁଖ ରିଟେଲ ଚେନ୍ ବାଜାର କୋଲକାତା ପକ୍ଷରୁ ବଲାଙ୍ଗୀରରେ ଏହାର ନୂଆ ଶୋ'ରୁମ ଶନିବାର ଶୁଭାରମ୍ଭ ହୋଇଛି। ୭ ହଜାର ବର୍ଗଫୁଟ ପରିମିତ ସ୍ଥାନରେ ଉକ୍ତ ଶୋ'ରୁମ ଅବସ୍ଥାପିତ। ଏଠାରେ ଗ୍ରାହକମାନେ ବିସ୍ତୃତ ରେଞ୍ଜର ପୋଷାକପତ୍ର, ଘରୋଇ ଉତ୍ପାଦ, ଆସବାବପତ୍ର ଆକର୍ଷଣୀୟ ମୂଲ୍ୟରେ ଲାଭ କରିବାକୁ ସକ୍ଷମ ହେବେ। ମହିଳାଙ୍କ ପୋଷାକ ମାତ୍ର ୯୯ ଟଙ୍କାରୁ ଉପଲବ୍ଧ ହେଉଥିବା ବେଳେ ପୁରୁଷ ବର୍ଗରେ ୫୦ ଟଙ୍କାରୁ, ପିଲାଙ୍କ ପୋଷାକ ୭୦ ଟଙ୍କାରୁ ଏବଂ ଆସବାବପତ୍ର ମାତ୍ର ୨୦ ଟଙ୍କାରୁ ଆରମ୍ଭ ହେଉଛି। ନୂଆ ଶୋ'ରୁମ ଦ୍ୱାରା ଗ୍ରାହକଙ୍କ ମନ ଜିଣିବାରେ ସହାୟକ ହେବୁ ବୋଲି ବାଜାର କୋଲକାତାର ମାର୍କେଟିଂ ମୁଖ୍ୟ ଉମେଶ ଶର୍ମା ସୂଚନା ଦେଇଛନ୍ତି। ନୂତନ ଷ୍ଟୋରରେ ମହିଳାଙ୍କ ବିଭିନ୍ନ ବର୍ଗର ପୋଷାକ ଯଥା- ଶାଢି, ସାଲୱାର, ଡ୍ରେସ ଫ୍ୟାବ୍ରିକ, ନାଇଟି, ଲେଗିନ୍ସ, ଟି-ସାର୍ଟ, କୁର୍ତ୍ତି ଭଳି ପୋଷାକ ସାମିଲ ରହିଛି। ସେହିଭଳି ପୁରୁଷ ପୋଷାକ ବର୍ଗରେ ଟି-ସାର୍ଟ, କାଜୁଆଲ ଟି-ସାର୍ଟ, କୋର୍ଟ, ମୋଦି କୋର୍ଟ, ଜିନ୍ସ ଭଳି ପୋଷାକ ରହିଛି। ନୂଆ ଶୋ'ରୁମ ଶୁଭାରମ୍ଭ ଅବସରରେ ଗ୍ରାହକଙ୍କୁ ଅଫର ପ୍ରଦାନ କରାଯାଉଛି। ପୁରୁଷ ଏବଂ ମହିଳାଙ୍କ ପୋଷାକ ଉପରେ ବାଏ ୱାନ ଗେଟ୍ ୱାନ ଅଫର ରହିଛି। ସେହିଭଳି ସାମଗ୍ରୀ କ୍ରୟରେ ଆକର୍ଷଣୀୟ ଉପହାର ପ୍ରଦାନ ବ୍ୟବସ୍ଥା ରହିଛି। ଏହି ନୂଆ ଷ୍ଟୋର ଦ୍ୱାରା ବାଜାର କୋଲକାତାର ଷ୍ଟୋର ସଂଖ୍ୟା ୬୪ ଛୁଇଁଛି।

## ସିଣ୍ଡିକେଟ ବ୍ୟାଙ୍କର ହିନ୍ଦୀ ଦିବସ




**ଭୁବନେଶ୍ୱର,୨୯-୯**

ସିଣ୍ଡିକେଟ ବ୍ୟାଙ୍କ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କ୍ଷେତ୍ରୀୟ ପ୍ରବନ୍ଧକ କେ.ସି.ଗୁଡୁ ଅଧ୍ୟକ୍ଷତା କରିଥିଲେ। ନରାକାସ ସଦସ୍ୟ ସଚିବ ତଥା ଭାରତୀୟ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ଆଲୋକ କୁମାର, ସିଣ୍ଡିକେଟ ବ୍ୟାଙ୍କ ରାଷ୍ଟ୍ରୀୟ ପ୍ରସଂସ୍କରଣ କେନ୍ଦ୍ରର ସହାୟକ ମହାପ୍ରବନ୍ଧକ ରବି ପ୍ରସାଦ ଭଞ୍ଜ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଏଠାରେ ହିନ୍ଦୀ ଭାଷାର ଗୁରୁତ୍ୱ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ପ୍ରତିଯୋଗିତା ଆୟୋଜନ କରାଯିବା ସହ କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ରାଜଭାଷା ଅଧିକାରୀ ପୂଜା କୁମାରୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଉପକ୍ଷେତ୍ରୀୟ ପ୍ରବନ୍ଧକ ଏସ୍. ମାନସିଂହ ଧନ୍ୟବାଦ ଦେଇଥିଲେ।

# ଆମ୍ବୁଲାନ୍ସ ପ୍ରଦାନ କଲା ଶ୍ୟାମ୍ ଷ୍ଟିଲ୍

**ଭୁବନେଶ୍ୱର,୨୯-୯**




ଶ୍ୟାମ୍ ଷ୍ଟିଲ୍ ଇଣ୍ଡଷ୍ଟ୍ରି ପକ୍ଷରୁ ଢେଙ୍କାନାଳ ଜିଲା ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଡାକ୍ତରଖାନା ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଏନ୍‌ଏସି ଅଧ୍ୟକ୍ଷା ସ୍ୱର୍ଣ୍ଣ ମଞ୍ଜରୀ ସାହୁ, ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ନନ୍ଦ କିଶୋର ସାହୁ, ଶ୍ୟାମ ଷ୍ଟିଲ ଇଣ୍ଡଷ୍ଟ୍ରିର ଏମ୍‌ଡି କୁଶଳ ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଆମ୍ବୁଲାନ୍ସକୁ ଲୋକାର୍ପଣ କରିଥିଲେ। ହସ୍ପିଟାଲରେ ଥିବା ଆମ୍ବୁଲାନ୍ସ ଦୀର୍ଘଦିନ ଧରି ଖରାପ ପଡିଥିବାରୁ ଏହା ଦ୍ୱାରା ରୋଗୀମାନେ ଅନେକ ସମସ୍ୟା ସାମ୍ନା କରୁଥିଲେ। ଏହାକୁ ଧ୍ୟାନରେ ରଖି କମ୍ପାନି ପକ୍ଷରୁ ଆମ୍ବୁଲାନ୍ସ ଯୋଗାଣ ହୋଇଛି। ମୃତଦେହ ସ୍ୱର୍ଗଦ୍ୱାରକୁ ନିଆଯିବାକୁ ଶୀଘ୍ର ଏକ ଗାଡି ଯୋଗାଇ ଦିଆଯିବ ବୋଲି ଏମ୍‌ଡି ଭଟ୍ଟାଚାର୍ଯ୍ୟ ସୂଚନା ଦେଇଛନ୍ତି।

# କାନାରା ବ୍ୟାଙ୍କ ପକ୍ଷରୁ ହିନ୍ଦୀ ଦିବସ

**ଭୁବନେଶ୍ୱର,୨୯-୯**



କାନାରା ବ୍ୟାଙ୍କ ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଉପମହାପ୍ରବନ୍ଧକ ଶ୍ରୀକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରସିଦ୍ଧ କବି ଉଦୟନ ସୁପକାର, ଏସ୍‌ବିଆଇ ପ୍ରଧାନ କାର୍ଯ୍ୟାଳୟର ରାଜଭାଷା ମୁଖ୍ୟ ପ୍ରବନ୍ଧକ ଆଲୋକ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସହାୟକ ମହାପ୍ରବନ୍ଧକ ସତ୍ୟେନ୍ଦ୍ର କୁମାର ପାଣ୍ଡେୟ ସ୍ୱାଗତ ଭାଷଣ ଦେଇଥିଲେ। ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କ ବାର୍ତ୍ତାକୁ ଏହି ଅବସରରେ ଉପସ୍ଥାପନ କରାଯାଇଥିଲା। ପ୍ରବନ୍ଧକ ସୁବ୍ରତ ଦାସ, ବିକାଶ କୁମାର ଏବଂ ଅଞ୍ଜୁବାଇ ଚୌଧୁରୀ ଏହାକୁ ପାଠ କରିଥିଲେ। ହିନ୍ଦୀ ଭାଷାକୁ ପ୍ରାଥମିକତା ପ୍ରଦାନ ଉପରେ ଏଠାରେ ଆଲୋଚନା ହୋଇଥିଲା। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ମଣ୍ଡଳ ପ୍ରବନ୍ଧକ ମାଧବ ଚନ୍ଦ୍ର ପଣ୍ଡା, ରାଜଭାଷା ଅଧିକାରୀ ସୁଶ୍ରୀ ଗୀତା ରାଣା, ମଦନ ମୋହନ ନାୟକ ପ୍ରମୁଖଙ୍କ ସହ ଭୁବନେଶ୍ୱର ଅଞ୍ଚଳ ଏବଂ କ୍ଷେତ୍ରୀୟ କାର୍ଯ୍ୟାଳୟର ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ଥିଲେ।

# ହ୍ୟୁଣ୍ଡାଇର ନ୍ୟାଶନାଲ ଟେକ୍ନିସିଆନ୍ ସ୍କିଲ୍ ଅଲିମ୍ପିକ୍ସ

**ନୂଆଦିଲ୍ଲୀ,୨୯-୯**



ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ (ଏଚ୍‌ଏମ୍‌ଆଇଏଲ୍)ପକ୍ଷରୁ ଦଶମ ନ୍ୟାଶନାଲ ଟେକ୍ନିସିଆନ୍ ସ୍କିଲ୍ ଅଲିମ୍ପିକ୍ସ ଚେନ୍ନାଇଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଆୱାର୍ଡ ପ୍ରଦାନ କାର୍ଯ୍ୟକ୍ରମରେ କମ୍ପାନୀର ଏମ୍‌ଡି ତଥା ସିଇଓ ୱାଇ.କେ. କୋ ଅଧ୍ୟକ୍ଷତା କରିଥିବା ବେଳେ ଡିଲର ପାର୍ଟନର, ସିନିୟର ମ୍ୟାନେଜମେଣ୍ଟ ଏଥିରେ ଯୋଗ ଦେଇଥିଲେ। ଏଥିରେ ପ୍ରଦୀପ କୁମାର ଶାହା ଚାମ୍ପିୟନ ହୋଇଥିବା ବେଳେ ତାରକ ଦାସ ଦ୍ୱିତୀୟ ରନର୍ସଅପ୍ ହୋଇଛନ୍ତି। ଏହି ଦୁଇ ଟେକ୍ନିସିଆନ୍ ପୂର୍ବାଞ୍ଚଳ ଲାଗି ପ୍ରଥମ ଟ୍ରଫି ଆଣିବାରେ ସକ୍ଷମ ହୋଇଛନ୍ତି। ୨୦୧୯ରେ ଅନୁଷ୍ଠିତ ହେବାକୁ ଥିବା ୱାର୍ଲ୍ଡ ସ୍କିଲ ଅଲିମ୍ପିକ୍ସରେ ଏହି ଦୁଇ ଟେକ୍ନିସିଆନ୍ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏମାନେ ସେଠାରେ ମଧ୍ୟ ଉତ୍କର୍ଷ ଦେଖାଇବେ ବୋଲି କମ୍ପାନୀ ପ୍ରକାଶ କରିଛି।

# ଦିବ୍ୟାଙ୍ଗଙ୍କ ଥଇଥାନ ଲାଗି ନାଲ୍‌କୋର ପଦକ୍ଷେପ

**ଭୁବନେଶ୍ୱର,୨୯-୯**

ନାଲ୍‌କୋ ପକ୍ଷରୁ ଦିବ୍ୟାଙ୍ଗଙ୍କ ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଦିବ୍ୟାଙ୍ଗଙ୍କୁ ଦକ୍ଷ ତଥା ଆତ୍ମ ନିର୍ଭରଶୀଳ କରାଇବା ଲକ୍ଷ୍ୟରେ କମ୍ପାନୀ ଏଭଳି ଏକ ପଦକ୍ଷେପ ନେଇଛି। ଏହି ପଦକ୍ଷେପ ଅନ୍ତର୍ଗତ ଓଲଟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ୍ ରିହାବିଲିଟେଶନ ଟ୍ରେନିଂ ଆଣ୍ଡ ରିସର୍ଚ୍ଚ ଠାରେ କ୍ୟାଡ, କ୍ୟାମ ଲାବୋରେଟୋରି ଉଦ୍‌ଘାଟନ ଏବଂ ଧନ୍ଦାମୂଳକ ପ୍ରଶିକ୍ଷଣ କେନ୍ଦ୍ରକୁ ନାଲ୍‌କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ ଶିଳାନ୍ୟାସ କରିଛନ୍ତି। ଏଠାରେ ସ୍ଥାପନ ହୋଇଥିବା ଆକ୍ସିସ ରୋବଟିକ୍ସ ମେସିନ ଦେଶରେ ପ୍ରଥମ ହୋଇଥିବା ବେଳେ ନାଲ୍‌କୋ ଫାଉଣ୍ଡେଶନ ପକ୍ଷରୁ ଏହାକୁ ପ୍ରଦାନ କରାଯାଇଛି। ୨.୭୩ କୋଟି ଟଙ୍କାର ଉକ୍ତ ପ୍ରକଳ୍ପଟି ଅଧିକ ଦକ୍ଷତାର ସହ କମ୍ ସମୟରେ ବ୍ୟବହାରକାରୀଙ୍କ ଲାଗି ସୁବିଧାଜନକ ଅର୍ଥୋସେସ ଏବଂ ପ୍ରୋସ୍ଥେସିସ ସକେଟ ପ୍ରସ୍ତୁତ କରାଯାଇପାରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।




## ଏ.ବି. ସିଂଙ୍କୁ ନିଶା ଫାଉଣ୍ଡେଶନ ଆୱାର୍ଡ




**ଭୁବନେଶ୍ୱର,୨୯-୯**

ଆକାଶ ଇନଷ୍ଟିଚ୍ୟୁଟ୍ ଭୁବନେଶ୍ୱରର ଡାଇରେକ୍ଟର ଏ.ବି. ସିଂଙ୍କୁ ନିଶା ଫାଉଣ୍ଡେଶନ ପକ୍ଷରୁ ହିରୋ ଅଫ୍ ଦି ନେଶନ ସମ୍ମାନରେ ସମ୍ମାନିତ କରାଯାଇଛି। ଶିକ୍ଷା କ୍ଷେତ୍ରକୁ ବିଶେଷ ଅବଦାନ ଲାଗି ତାଙ୍କୁ ଏହି ଆୱାର୍ଡ ମିଳିଛି। ଲୋକସଭା ଆନେକ୍ସ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସେ ଉକ୍ତ ଆୱାର୍ଡ ଲାଭ କରିଥିଲେ। ଭାରତ ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ଓ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୱାର୍ଡକୁ ସେ ଓଡିଶାକୁ ସମର୍ପିତ କରିଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ପୀୟୂଷ ଗୋୟଲ, ରାମଦାସ ଅଠାୱାଲ, ଜୈନ ମୁନି ଲୋକେଶ ମହାରାଜ, ଚିଦାନନ୍ଦ ସରସ୍ୱତୀଜୀ, ଡ. ଅହମ୍ମଦ ଇଲିଆସ୍, ଡି.ଏସ୍ ଉଲାର ପ୍ରମୁଖ ଉପସ୍ଥିତ ଥିଲେ।

**ODISHA UNIVERSITY OF AGRICULTURE & TECHNOLOGY**
**Bhubaneswar - 751003, Odisha**
Website: www.ouat.nic.in, Phone: 0674 - 2397818 / 919, Fax: 0674 - 2397424
E-III-I-03/2017 - 23158/UAT. Dated 29.09.2018

**ADVERTISEMENT**

Applications are invited from the eligible candidates for recruitment to the following vacant post on contractual basis in the constituent college under OUAT.

| Sl. No. | Name of the post | Vacancy with category | Scale of pay (as per pre-revised scale) | Minimum Qualification |
|---|---|---|---|---|
| 1 | 2 | 3 | 4 | 5 |
| 1 | Laboratory Assistant Deptt. of Agril. Biotechnology College of Agriculture, BBSR | 01 (one) ST-1 | Rs. 9,300-34,800 with Grade Pay Rs. 4200 | B.Sc (Ag.) / B. Sc with Botany or Zoology or Biotechnology or Chemistry (Hons.) |

Abbreviation: ST = Schedule Tribe
Age Limit : Candidate must not be less than 21 years and more than 32 years of age as on 01.01.2018 (the upper age limit relaxable by 5 years in case of candidate belonging to ST category).
The appointment will be initially on contractual basis as per the new recruitment rules notified vide GA Department notification No. 1147 dtd.17.01.2014 read with notification No.4587 dtd.15.02.2014.
The prescribed application form, fees for the post, general information, selection procedure and instruction to the candidate can be downloaded from University website **ouat.nic.in**.
Last date of receipt of application is **29.10.2018 by 05.00 PM**.

**By Order of the Vice-Chancellor,**
**Sd./- Registrar**



❝ ଭାରତ ଏକ କ୍ରୀଡ଼ାପ୍ରିୟ ରାଷ୍ଟ୍ର। ଭବିଷ୍ୟତରେ ଏହି ଦେଶ ଫୁଟ୍‌ବଲରେ ଯଥେଷ୍ଟ ଅଗ୍ରଗତି କରିବ ବୋଲି ମୋର ଦୃଢ଼ ବିଶ୍ୱାସ।

–ଜାଭିୟର ସାଭିଓଲା
ପୂର୍ବତନ ଆର୍ଜେଣ୍ଟିନା ଓ ବାର୍ସିଲୋନା ଷ୍ଟ୍ରାଇକର



❝ ଶୁକ୍ରବାର ଏସିଆ କପ୍ ଟାଇଟଲ ମୁକାବିଲାରେ ମ୍ୟାଚ ଆମ ନିୟନ୍ତ୍ରଣରେ ରହିଥିବାବେଳେ ଆମେ ସୁଯୋଗ ହାତଛଡ଼ା କରିଦେଲୁ।

–ମାଶ୍ରାଫି ମୋର୍ତାଜା, ବାଂଲାଦେଶ କ୍ରିକେଟ ଅଧିନାୟକ

## ସଂକ୍ଷେପରେ

### ବୋଟାସଙ୍କୁ ପୋଲ୍ ପୋଜିଶନ



**ସୋଚି (ରୁଷିଆ), ୨୯।୯:** ରବିବାର ହେବାକୁଥିବା ରଷିଆନ ଫର୍ମୁଲାୱାନ ଗ୍ରାଁ ପ୍ରି ପାଇଁ ଶନିବାର ଏଠାରେ କ୍ୱାଲିଫାଇଙ୍ଗ ରେସ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମର୍ସିଡିଜ ଟିମ୍‌ମେଟ ଲୁଇସ୍ ହାମିଲଟନଙ୍କୁ ପରାସ୍ତ କରି ଭାଲଟେରି ବୋଟାସ ପୋଲ ପୋଜିଶନ ହାସଲ କରିଛନ୍ତି। ବିଶ୍ୱ ଚାମ୍ପିୟନଙ୍କ ମିଡଲ ସେକ୍ଟରରେ ତ୍ରୁଟି ଯୋଗୁ ବୋଟାସ ତାଙ୍କୁ ୦.୧୪୫ ସେକେଣ୍ଡରେ ପଛରେ ପକାଇ ଦେଇଥିଲେ। ହାମିଲଟନଙ୍କ ଟାଇଟଲ ପ୍ରତିଦ୍ୱନ୍ଦ୍ୱୀ ସେବାଷ୍ଟିଆନ ଭେଟେଲ ରବିବାର ଗ୍ରୀଡ଼ର ତୃତୀୟ ସ୍ଥାନରୁ ରେସ୍ ଆରମ୍ଭ କରିବେ। ଫେରାରିର ଏହି ଡ୍ରାଇଭର ୦.୫୫୬ ସେକେଣ୍ଡ ପଛରେ ରହିଯାଇଥିଲେ। ଫାଇନାଲ କର୍ନରରେ ଏକ ତ୍ରୁଟି ପାଇଁ କିମି ରାଇକୋନେନ ଭେଟଲଙ୍କୁ ପରାସ୍ତ କରିପାରି ନ ଥିଲେ। ରେସ୍‌ରେ ପ୍ରଥମ ୧୦ ମଧ୍ୟରେ ଯଥାକ୍ରମେ ରହିଥିବା ଅନ୍ୟ ଡ୍ରାଇଭରମାନେ ହେଲେ କେଭିନ ମାଗ୍ନସେନ (ହାସ୍), ଏଷ୍ଟିବାନ୍ ଓକନ (ଫୋର୍ସ ଇଣ୍ଡିଆ), ଚାର୍ଲସ ଲେକ୍‌ଲେର୍କ (ସୌବେର), ସର୍ଗିଓ ପେରେଜ (ଫୋର୍ସ ଇଣ୍ଡିଆ), ରୋମେନ ଗ୍ରୋସ୍‌ଜେଁ (ହାସ୍) ଓ ମାର୍କସ ଏରିକ୍‌ସନ (ସୌବେର)। ଚଳିତ ସିଜନରେ ବୋଟାସଙ୍କ ଏହା ହେଉଛି ଦ୍ୱିତୀୟ ଏବଂ କ୍ୟାରିୟରର ୬ଷ୍ଠ ପୋଲ ପୋଜିଶନ। ଏହି ସିଜନରେ ପୂର୍ବରୁ ସେ ଅଷ୍ଟ୍ରିଆରେ ପୋଲ ପୋଜିଶନ ହାସଲ କରିଥିଲେ।

### ଆଜିଠୁ ଲାଗୁ ହେବ ଡିଏଲ୍‌ଏସ୍ ବ୍ୟବସ୍ଥା

**ଦୁବାଇ, ୨୯।୯:** ବର୍ଷା କିମ୍ବା କୌଣସି କାରଣରୁ କ୍ରିକେଟ ମ୍ୟାଚ୍ ବାତିଲ ହେଲେ ଫଳାଫଳ ପାଇଁ ବ୍ୟବହାର କରାଯାଉଥିବା ଡକ୍‌ୱର୍ଥ ଲୁଇସ୍ ଷ୍ଟର୍ନ (ଡିଏଲ୍‌ଏସ୍) ପଦ୍ଧତିର ଉନ୍ନତ ବ୍ୟବସ୍ଥା ରବିବାରଠାରୁ ଲାଗୁ ହେବ। ଏ ନେଇ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ଶନିବାର ଘୋଷଣା କରାଯାଇଛି। ବର୍ତ୍ତମାନ କାର୍ଯ୍ୟକାରୀ ହେଉଥିବା ଡିଏଲ୍‌ଏସ୍ ପଦ୍ଧତି ୨୦୧୪ରେ ଲାଗୁ ହୋଇଥିଲା। ଏହା ୭୦୦ ଦିନିକିଆ ଓ ୪୨୮ ଟି୨୦ ମ୍ୟାଚ୍‌ରେ ବ୍ୟବହାର କରାଯାଇଛି। ଗତ ୪ ବର୍ଷ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍, ପ୍ରତି ବଲ, ପାୱାରପ୍ଲେକୁ ଭିତ୍ତିକରି ନୂତନ ପ୍ରକ୍ରିୟା ପ୍ରସ୍ତୁତ କରାଯାଇଛି। ଫଳରେ ଦଳର ସାମର୍ଥ୍ୟ ଅନୁଯାୟୀ ପାର ସ୍କୋର ଦିଆଯାଇପାରିବ। ଦିନିକିଆରେ ଅନ୍ତିମ ୨୦ ଓଭର ଓ ଟି୨୦ ଫର୍ମାଟରେ ବ୍ୟାଟ୍ସମ୍ୟାନମାନେ ଅଧିକରୁ ଅଧିକ ସ୍କୋର କରନ୍ତି। "ଗୋଟିଏ ପ୍ରକାର ଡିଏଲ୍‌ଏସ୍ ପଦ୍ଧତି ସୀମିତ କ୍ରିକେଟର ଉଭୟ ଫର୍ମାଟ ପାଇଁ ପ୍ରଯୁଜ୍ୟ" ବୋଲି ଆଇସିସି ପକ୍ଷରୁ କୁହାଯାଇଛି।

## ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜ

# ଧାୱନ ବାଦ୍: ମୟଙ୍କ, ସିରାଜ ନୂଆ ମୁହଁ

ନୂଆଦିଲ୍ଲୀ, ୨୯।୯(ପି.ଟି.)

ଆଗାମୀ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ବିରାଟ କୋହଲିଙ୍କ ନେତୃତ୍ୱରେ ଏକ ୧୫ ଜଣିଆ ଭାରତୀୟ ଦଳ ଘୋଷଣା ହୋଇଛି। ଇଂଲଣ୍ଡ ଗସ୍ତରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିବା ଅଭିଜ୍ଞ ଓପନର ଶିଖର ଧାୱନଙ୍କୁ ଖରାପ୍ ଫର୍ମ କାରଣରୁ ଦଳରୁ ବାଦ ଦିଆଯାଇଛି। ତେବେ ଘରୋଇ କ୍ରିକେଟରେ ଦମ୍‌ଦାର ପ୍ରଦର୍ଶନ କରିଥିବା ମୟଙ୍କ ଅଗ୍ରୱାଲ ଓ ମହମ୍ମଦ ସିରାଜ ନୂଆମୁହଁ ଭାବେ ଦଳରେ ସ୍ଥାନ ପାଇଛନ୍ତି। ଗତ ଏସିଆ କପ୍‌ରେ କୋହଲିଙ୍କୁ ବିଶ୍ରାମ ଦିଆଯାଇଥିଲା।

ତେବେ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ପାଇଁ ଚୟନକର୍ତ୍ତାମାନେ ଦୁଇ ତାରକା ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଓ ଯଶପ୍ରୀତ ବୁମରାଙ୍କୁ ବିଶ୍ରାମ ଦେଇଛନ୍ତି। ଏକ ମାତ୍ର ଅଭିଜ୍ଞ ଦ୍ରୁତ ବୋଲରଭାବେ ମହମ୍ମଦ ସାମି ଦଳରେ ସ୍ଥାନ ପାଇଛନ୍ତି।



ମୟଙ୍କ ଅଗ୍ରୱାଲ



ମହମ୍ମଦ ସିରାଜ

ମୁମ୍ବାଇ ଯୁବ ଦ୍ରୁତ ବୋଲର ପୃଥ୍ୱୀ ଶ ଦଳରେ ସ୍ଥାନ ବଜାୟ ରଖିଛନ୍ତି। ଇଂଲଣ୍ଡ ବିପକ୍ଷ ଅନ୍ତିମ ଦୁଇଟି ଟେଷ୍ଟରେ ସେ ଦଳରେ ସ୍ଥାନ ପାଇଥିଲେ ମଧ୍ୟ ଖେଳିବାର ସୁଯୋଗ ପାଇ ନ ଥିଲେ। ଧାୱନଙ୍କ ବଦଳରେ ସେ ଲୋକେଶ ରାହୁଲଙ୍କ ସହ ଇନିଂସ ଓପନ କରିବେ। ଇଂଲଣ୍ଡ ବିପକ୍ଷ ଅନ୍ତିମ ଟେଷ୍ଟରେ ରାହୁଲ ଚମତ୍କାର ଶତକ ହାସଲ କରି ସ୍ଥାନ ସୁରକ୍ଷିତ ରଖିଛନ୍ତି। ଆଘାତ ସମସ୍ୟା କାରଣରୁ ଦୁଇ ଦ୍ରୁତ ବୋଲର ହାର୍ଦ୍ଦିକ ପାଣ୍ଡ୍ୟା ଓ ଇଶାନ୍ତ ଶର୍ମାଙ୍କୁ ଚୟନକର୍ତ୍ତାମାନେ ଅଣଦେଖା କରିଛନ୍ତି। ଏହି ଦୁଇ ଖେଳାଳି ଏପର୍ଯ୍ୟନ୍ତ ଫିଟ୍ ହୋଇପାରି ନାହାନ୍ତି ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଅମିତାଭ ଚୌଧୁରୀ କହିଛନ୍ତି। ତେବେ ଉମେଶ ଯାଦବ ଓ ଶାର୍ଦ୍ଦୁଳ ଠାକୁର ଦଳରେ ସ୍ଥାନ ବଜାୟ ରଖିଛନ୍ତି।

ରାଜକୋଟର ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ଅକ୍ଟୋବର ୪ରୁ ୯ ତାରିଖ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯିବ। ସେହିପରି ହାଇଦ୍ରାବାଦର ରାଜୀବ ଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମରେ ଅକ୍ଟୋବର ୧୨ରୁ ୧୬ ତାରିଖ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ ଆୟୋଜନ ହେବ।

**ଘୋଷିତ ଭାରତୀୟ ଦଳ**

ବିରାଟ କୋହଲି (ଅଧିନାୟକ), ଲୋକେଶ ରାହୁଲ, ପୃଥ୍ୱୀ ଶ, ମୟଙ୍କ ଅଗ୍ରୱାଲ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ (ଉପ- ଅଧିନାୟକ), ହନୁମା ବିହାରୀ, ରିଷଭ ପନ୍ତ (ଉଇକେଟ କିପର), ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ମହମ୍ମଦ ସାମି, ଉମେଶ ଯାଦବ, ମହମ୍ମଦ ସିରାଜ ଓ ଶାର୍ଦ୍ଦୁଳ ଠାକୁର।

# ଭାରତକୁ ସପ୍ତମ ଟାଇଟଲ



ଟ୍ରଫି ସହ ଭାରତୀୟ ଦଳ।

ଦୁବାଇ, ୨୯।୯(ପି.ଟି.)

ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତ ରେକର୍ଡ ସପ୍ତମଥର ପାଇଁ ଏସିଆ କପ୍ ଟାଇଟଲ ହାସଲ କରିଛି। ସ୍ଥାନୀୟ ଦୁବାଇ ଆନ୍ତର୍ଜାତିକ କ୍ରିକେଟ ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ଟୁର୍ନାମେଣ୍ଟର ରୋମାଞ୍ଚକ ଟାଇଟଲ ମୁକାବିଲାରେ ଭାରତ ଶେଷ ବଲରେ ୩ ଉଇକେଟରେ ବିଜୟ ହାସଲ କରିଛି। ଶିଖର ଧାୱନ ପ୍ଲେୟାର ଅଫ୍ ଦି ସିରିଜ ଓ ଶତକ ହାସଲ କରିଥିବା ବାଂଲାଦେଶ ଓପନର ଲିଟନ ଦାସ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ବାଂଲାଦେଶ ପକ୍ଷରୁ ଧାର୍ଯ୍ୟ ୨୨୩ ରନ ଟାର୍ଗେଟର ପିଛା କରି ଭାରତ ଦେଖିଚାହିଁ ଆରମ୍ଭ କରିଥିଲା। ତେବେ ଓପନର ଶିଖର ଧାୱନ (୧୫ ରନ) ଓ ଅମ୍ବାଟି ରାୟୁଡୁ (୨) ଶସ୍ତାରେ ଆଉଟ୍ ହେବାରୁ ଭାରତକୁ ପ୍ରାରମ୍ଭିକ ଝଟ୍‌କା ଲାଗିଥିଲା। ଏହାପରେ ୪୮ ରନ କରି କ୍ରିଜ୍‌ରେ ଜମିଆସୁଥିବା ବେଳେ ଅଧିନାୟକ ରୋହିତ ଶର୍ମା ରୁବେଲ ହୋସେନଙ୍କ ବଲରେ ନଜମୁଲଙ୍କୁ କ୍ୟାଚ୍ ଦେଇଥିଲେ। ଦୀନେଶ କାର୍ତ୍ତିକ ୩୭ ରନର ଗୁରୁତ୍ୱପୂର୍ଣ୍ଣ ପାଳି ଖେଳିଥିଲେ ମଧ୍ୟ ମହମୁଦୁଲ୍ଲାଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହା ପରେ ମହେନ୍ଦ୍ର ସିଂ ଧୋନୀ ବ୍ୟାଟିଂ କରିବାକୁ ଆସିଥିଲେ ଓ ଚତୁର୍ଥ ଉଇକେଟ ଯୋଡ଼ିରେ କାର୍ତ୍ତିକଙ୍କ ସହ ମିଶି ୫୪ ରନ ସଂଗ୍ରହ କରିଥିଲେ। ଧୋନୀ ୩୬ ରନ କରି ମୁସ୍ତାଫିଜୁର ରହମାନଙ୍କ ବଲରେ ମୁଶଫିକରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିବା ପରେ ଭାରତୀୟ ଶିବିରରେ ନିରାଶ ଖେଳିଯାଇଥିଲା। କେଦାର ଯାଦବ ୧୯ ରନ କରି ରିଟାୟାର୍ଡ ହର୍ଟ ହେବା ପରେ ଭାରତର ସମସ୍ୟା ଦ୍ୱିଗୁଣିତ ହୋଇଥିଲା। ଏହାପରେ ଭୁବନେଶ୍ୱର କୁମାର ଓ ରବୀନ୍ଦ୍ର ଜାଡେଜା ସପ୍ତମ ଉଇକେଟ ଯୋଡ଼ିରେ ୪୫ ରନ କରିଥିଲେ। ତେବେ ଜାଡେଜା ୨୩ ରନ କରି ରୁବେଲଙ୍କ ବଲରେ ମୁଶଫିକରଙ୍କୁ କ୍ୟାଚ୍ ଦେଇ ଆଉଟ ହେବା ପରେ କେଦାର ପୁଣି ଥରେ ବ୍ୟାଟିଂ କରିବାକୁ ଆସିଥିଲେ। ଭୁବନେଶ୍ୱର ୨୧ ରନ କରି ମୁସ୍ତାଫିଜୁରଙ୍କ ବଲରେ ପ୍ୟାଭିଲିୟନ ଫେରିଥିଲେ। ଶେଷରେ କେଦାର ୨୩ ଓ କୁଲଦୀପ ୫ ରନ କରି ଅପରାଜିତ ରହିବା ସହ ଭାରତକୁ ଜିତାଇଥିଲେ। ଶେଷ ବଲରେ ହିଁ ଭାରତ ବିଜୟ ହାସଲ କରି ଚାମ୍ପିୟନ ହୋଇଥିଲା। ବୋଲିଂରେ ବାଂଲାଦେଶ ତରଫରୁ ମୁସ୍ତାଫିଜୁର ଓ ରୁବେଲ ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶର ଲିଟନ ଦାସଙ୍କ ୧୨୧ ରନ୍ ବଳରେ ୪୮.୩ ଓଭରରେ ୨୨୨ ରନରେ ସୀମିତ ରହିଥିଲା।

## ସାଇନାଙ୍କ ବାୟୋପିକ୍‌ର ଫାଷ୍ଟ ଲୁକ୍‌ଆଉଟ୍

**ମୁମ୍ବାଇ, ୨୯।୯:** ବ୍ୟାଡ୍‌ମିଣ୍ଟନ ଷ୍ଟାର ମହିଳା ଖେଳାଳି ସାଇନା ନେହ୍ୱାଲଙ୍କ ଉପରେ ନିର୍ମିତ ହେଉଥିବା ବଲିଉଡ୍ ଫିଲ୍ମର ଫାଷ୍ଟ ଲୁକ୍ ଆଉଟ୍ ହୋଇଛି। ଏହି ଫିଲ୍ମରେ ସାଇନାଙ୍କ ଭୂମିକାରେ ଶ୍ରଦ୍ଧା କପୁର ରହିଛନ୍ତି। ଫିଲ୍ମର ପ୍ରଥମ ଫଟୋରେ ଶ୍ରଦ୍ଧା ପ୍ରାୟତଃ ସାଇନାଙ୍କ ଭଳି ଦେଖାଯାଉଛନ୍ତି।

# ନେପାଳ ବିପକ୍ଷରେ ଭାରତର ସହଜ ବିଜୟ

ସାଭର (ବାଂଲାଦେଶ), ୨୯।୯ (ପି.ଟି.)

**୧୯ ବର୍ଷରୁ କମ୍ ଏସିଆ କପ୍**

ଭାରତ ବିଜୟ ସହ ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିଛି। ଦଳ ଶନିବାର ଅନୁଷ୍ଠିତ ଗ୍ରୁପ୍ ଏ'ର ଏକ ମ୍ୟାଚରେ ନେପାଳକୁ ୧୭୧ ରନରେ ପରାସ୍ତ କରିଛି। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଓପନର ଯଶସ୍ୱୀ ଜୟସ୍ୱାଲଙ୍କ ୧୦୪ ଏବଂ ଉଇକେଟକିପର ପ୍ରଭ ସିମରନ ସିଂଙ୍କ ୮୪ ରନ ସହାୟତାରେ ୯ ଉଇକେଟ ବିନିମୟରେ ୩୦୪ କରିଥିଲା। ଯଶସ୍ୱୀ ତାଙ୍କ ବିସ୍ଫୋରକ ଇନିଂସରେ ୮ ଚୌକା ଓ ୫ ଛକା ଲଗାଇଥିଲେ। ଭାରତ ୧୭ତମ ଓଭରରେ ଏହାର ପ୍ରଥମ ଉଇକେଟ ହରାଇଥିଲା। ସେତେବେଳେ ଭୀମ ଶାର୍କିଙ୍କ ବଲ୍‌ରେ ଦେବଦତ୍ତ ପାଡିକାଲ ଏଲବିଡବ୍ଲ୍ୟୁ ହୋଇଯାଇଥିଲେ। ଦ୍ୱିତୀୟ ଖେଳାଳି ଭାବେ ଅଧିନାୟକ ପୱାନ ଶାହ(୧୩) ଶୀଘ୍ର ଆଉଟ୍ ହୋଇ ପ୍ୟାଭିଲିୟନ ଫେରିଥିଲେ। ପ୍ରଭସିମରନ ଓ ଯଶସ୍ୱୀ ପାର୍ଟନରଶିପ୍‌ରେ ୭୬ ରନ ଯୋଗ କରି ଭାରତର ସ୍କୋରକୁ ୨୦୦ ପାଖାପାଖି ନେଇଯାଇଥିଲେ। ଆୟୁଷ ବାଦୋନୀ (୩୩) ଓ ମୋହିତ ଜାଙ୍ଗ୍ରା (୧୯) ଦ୍ରୁତ ବ୍ୟାଟିଂ କରି ଭାରତର ସ୍କୋରକୁ ୩୦୦ ଅତିକ୍ରମ କରାଇଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଯଶସ୍ୱୀ ଜୟସ୍ୱାଲ।

ବିପକ୍ଷ ଦଳର ସଫଳ ବୋଲର ଭୀମ ଶାର୍କି ୪୨ ରନ ବିନିମୟରେ ୪ଟି ଉଇକେଟ ନେଇଥିଲେ। ରଶିଦ ଖାଁ ୪୫ ରନ ଦେଇ ୨ଟି ଉଇକେଟ ଅକ୍ତିଆର କରିଥିଲେ।

୩୦୫ ରନର ବିଜୟ ଲକ୍ଷ୍ୟର ପିଛା କରିବାକୁ ଯାଇ ନେପାଳ ଭଲ ଆରମ୍ଭ କରିଥିଲା। ରବିନ୍ଦ୍ର ଶାହି ଓ ରବି କୁମାର ୮ଓଭରରେ ପାର୍ଟନରଶିପ୍‌ରେ ୩୧ ରନ ଯୋଗ କରିଥିଲେ। କିନ୍ତୁ ଏହି ଦୁଇ ଓପନର ୨ ଓଭର ମଧ୍ୟରେ ପଛକୁ ପଛ ଆଉଟ ହୋଇଯାଇଥିଲେ। ଭାରତର ବୋଲିଂ ଆକ୍ରମଣକୁ ନେପାଳ ବ୍ୟାଟ୍ସମ୍ୟାନମାନେ ଉଚିତ୍ ମୁକାବିଲା କରିପାରି ନ ଥିଲେ। ଦଳ ନିୟମିତ ବ୍ୟବଧାନରେ ଉଇକେଟମାନ ହରାଇଥିଲା। ଅଧିନାୟକ ଆସିଫ୍ ଶେଖ୍ ୨୫, ସନ୍ଦୀପ ଜୋରା ୨୦ ଏବଂ ରୋହିତ ପଡେଲ ୨୪ ରନ କରିପାରିଥିଲେ। ନେପାଳ ୩୬.୪ ଓଭରରେ ୧୩୩ ରନ କରି ଅଲଆଉଟ ହୋଇଯାଇଥିଲା। ଭାରତ ପକ୍ଷରୁ ସିଦ୍ଧାର୍ଥ ଦେଶାଇ (୩/୧୯) ଓ ହର୍ଷ ତ୍ୟାଗୀ (୩/୨୧) ତିନୋଟି ଲେଖାଏଁ ଉଇକେଟ ନେଇଥିଲେ। ଯଶସ୍ୱୀ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଗ୍ରୁପ୍ ଏ'ରେ ଭାରତ ଓ ନେପାଳ ବ୍ୟତୀତ ଆଫଗାନିସ୍ତାନ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ସ୍ଥାନ ପାଇଛନ୍ତି। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ରବିବାର ୟୁଏଇ ବିପକ୍ଷରେ ଖେଳିବ।

# ୩୬୦/୬ରେ ବୋର୍ଡ ସଭାପତି ପାଳି ଘୋଷଣା

**ଭଦୋଦରା, ୨୯।୯ (ପି.ଟି.):** ସ୍ଥାନୀୟ ରିଲାଏନ୍ସ ଷ୍ଟାଡିୟମରେ ଭାରତୀୟ ବୋର୍ଡ ସଭାପତି ଏକାଦଶ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ଦଳ ମଧ୍ୟରେ ଦୁଇଦିନିଆ ଅଭ୍ୟାସ ମ୍ୟାଚ ଆରମ୍ଭ ହୋଇଛି। ଟସ୍ ଜିତି ବ୍ୟାଟିଂ କରିଥିବା ସଭାପତି ଏକାଦଶ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୯୦ ଓଭରରେ ୬ ଉଇକେଟ ହରାଇ ୩୬୦ ରନ କରି ପାଳି ଘୋଷଣା କରିଛି। ଦଳ ତରଫରୁ ଅଙ୍କିତ ବାୱନେ ସର୍ବାଧିକ ୧୧୬ ରନର ଶତକୀୟ ପାଳି ଖେଳି ଓ ଜଲାଜ ଏସ୍ ସାକସେନା ୧୮ ରନ କରି ଅପରାଜିତ ରହିଥିଲେ। ମୟଙ୍କ ଅଗ୍ରୱାଲ ୯୦ ଓ ଶ୍ରେୟାସ ଆୟାର ୬୧ ରନର ଅର୍ଦ୍ଧଶତକୀୟ ପାଳି ଖେଳି ୱେଷ୍ଟଇଣ୍ଡିଜ୍ ବୋଲରଙ୍କୁ ନିରାଶ କରିଥିଲେ।

ବାୱନେ ୧୯୧ ବଲର ସମ୍ମୁଖୀନ ହୋଇ ୧୪ଟି ଚୌକା ମାରିଥିଲେ। ତେବେ ସେ ୧୫୩ଟି ବଲ ଖେଳି ଶତକ ହାସଲ କରିନେଇଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ୍ ତରଫରୁ ବିଶୁ ସର୍ବାଧିକ ୩, ଗାବ୍ରିଏଲ ୨, ଲୁଇସ୍ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ବୋର୍ଡ ସଭାପତି ଏକାଦଶ ପ୍ରଥମ ଇନିଂସ-୯୦ ଓଭରରେ ୩୬୦/୬ରେ ପାଳି ଘୋଷଣା

(ବାୱନେ- ୧୧୬*, ସାକସେନା- ୧୮*, ଅଗ୍ରୱାଲ- ୯୦, ଆୟାର- ୬୧, ବିଶୁ- ୩/୧୦୪, ଗାବ୍ରିଏଲ- ୨/୪୧)।

# ବାଂଲାଦେଶ ପ୍ରଶଂସାର ପାତ୍ର

ମାହେଲା ଜୟବର୍ଦ୍ଧନେ

ଏସିଆ କପ୍‌ରେ ଭାରତ ଫେଭରାଇଟ ବିବେଚିତ ହେଉଥିଲା ଓ ଦଳ ଆଶାନୁରୂପ ପ୍ରଦର୍ଶନ କରି ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ତେବେ ଫାଇନାଲ ମ୍ୟାଚରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ସାରା ମ୍ୟାଚ୍ ବେଶ୍ ରୋମାଞ୍ଚକ ହୋଇଥିଲା। ଆଘାତ ସମସ୍ୟା ଜର୍ଜରିତ ବାଂଲାଦେଶ ତା'ର ଦୁଇଜଣ ପ୍ରମୁଖ ଖେଳାଳିଙ୍କୁ ହରାଇଥିଲା। ଓପନର ତାମିମ ଇକବାଲ ଓ ସାକିବ ଅଲ ହାସନଙ୍କ ଅନୁପସ୍ଥିତ ବାଂଲାଦେଶ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ତେବେ ଏହା ସତ୍ତ୍ୱେ ବାଂଲାଦେଶ ମ୍ୟାଚର ଶେଷ ବଲ ପର୍ଯ୍ୟନ୍ତ ସଂଘର୍ଷ କରିଥିଲା। ଟାଇଟଲ ହାସଲରୁ ବଞ୍ଚିତ ହୋଇଥିଲେ ମଧ୍ୟ ବାଂଲାଦେଶ ମୁଣ୍ଡ ଉଚ୍ଚ କରି ସମ୍ମାନର ସହିତ ଘରକୁ ପ୍ରତ୍ୟାବର୍ତ୍ତନ କରିଛି। ତେବେ ଜବରଦସ୍ତ ଆରମ୍ଭ ତଥା ପ୍ରାରମ୍ଭିକ ବ୍ୟାଟିଂ ସଫଳତା ସତ୍ତ୍ୱେ ଏହାର ଫାଇଦା ଉଠାଇପାରି ନ ଥିବାରୁ ବାଂଲାଦେଶ ଖେଳାଳି ଓ ପ୍ରଶଂସକମାନେ ନିରାଶ ହୋଇଥିବେ।

ମ୍ୟାଚ ଆରମ୍ଭରୁ ବାଂଲାଦେଶ ଅଫ୍ ସ୍ପିନର ମେହିଦି ହାସନ ମିରାଜଙ୍କୁ ଓପନିଂ କରିବାକୁ ପଠାଇ ସମସ୍ତଙ୍କୁ ଚକିତ କରିଥିଲା ଓ ଅନ୍ଧାରରେ ତୀର ମାରିବାକୁ ଚେଷ୍ଟା କରିଥିଲା। ଅବଶ୍ୟ ବାଂଲାଦେଶର ଏହି ପ୍ରୟାସ ବେଶ୍ ସଫଳ ହୋଇଥିଲା। ପ୍ରଥମଥର ପାଇଁ କ୍ୟାରିୟରରେ ମିରାଜ ଏଭଳି ହାଇଭୋଲ୍ଟେଜ ମ୍ୟାଚ୍‌ରେ ଓପନିଂ କରିବାର ସୁଯୋଗ ହାସଲ କରିଥିଲେ। ବାଂଲାଦେଶ ଓପନରଙ୍କ ଦମ୍‌ଦାର ବ୍ୟାଟିଂ ଫଳରେ ଭାରତ ବ୍ୟାକ୍ ଫୁଟକୁ ଚାଲିଯାଇଥିଲା।

ତେବେ ଭାରତୀୟ ଦଳରେ ଅଭିଜ୍ଞତା ଓ ଯଥେଷ୍ଟ ଗଭୀରତା ରହିଛି। ବିଶ୍ୱର ଅନ୍ୟତମ ସନ୍ତୁଳିତ ଦଳ ଭାବେ ଭାରତର ଖ୍ୟାତି ମଧ୍ୟ ରହିଛି। ପୁଣି ନିୟମିତ ଅଧିନାୟକ ବିରାଟ କୋହଲିଙ୍କ ଅନୁପସ୍ଥିତି ମଧ୍ୟ ଭାରତ ପାଇଁ କୌଣସି ଫରକ ଆଣି ନ ଥିଲା। ପ୍ରତିଭା ସମ୍ପନ୍ନ ଖେଳାଳିମାନଙ୍କୁ ନେଇ ଦଳ ବେଶ୍ ଶକ୍ତିଶାଳୀ। କେଦାର ଯାଦବ ତାଙ୍କ ଯାଦୁ ଦେଖାଇ ଭାରତକୁ ପ୍ରଥମ ବ୍ରେକ୍ ଥ୍ରୁ ଦେଇଥିଲେ। ଏହା ପରେ ଭାରତୀୟ ସ୍ପିନରମାନେ କୌଣସି ସୁଯୋଗ ହାତଛଡ଼ା କରି ନ ଥିଲେ ଓ ଗୋଟିଏ ପରେ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଏହା ପରେ ଦ୍ରୁତ ବୋଲରମାନେ ମଧ୍ୟ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଥିଲେ ଓ ମ୍ୟାଚ୍‌କୁ ଭାରତର ନିୟନ୍ତ୍ରଣକୁ ଆଣିଥିଲେ।

ବାଂଲାଦେଶ ଅତିକମ୍‌ରେ ୨୬୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିବାର ଥିଲା। ତେବେ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ହାଲକା ଶଟ୍ ଖେଳିଥିଲେ ଓ ଭାରତୀୟ ବୋଲରଙ୍କୁ ସୁଯୋଗ ଦେଇଥିଲେ। ଏହା ସତ୍ତ୍ୱେ ନିୟମିତ ବ୍ୟବଧାନରେ ଉଇକେଟ ଅକ୍ତିଆର କରି ବାଂଲାଦେଶ ଶେଷ ପର୍ଯ୍ୟନ୍ତ ଲଢେଇ ଜାରି ରଖିଥିଲା। ନୂଆ କୋଚ୍ ଷ୍ଟିଭ୍ ରୋଡ୍ସଙ୍କ ତତ୍ତ୍ୱାବଧାନରେ ବାଂଲାଦେଶ ନିଜର ଦକ୍ଷତା ପ୍ରତିପାଦନ କରିଥିଲା।

ଇଂଲଣ୍ଡ ଗସ୍ତର ବିଫଳତା ପରେ ଏସିଆ କପ୍ ଜିତିଥିବାରୁ ଭାରତ ପାଇଁ ଏହା ବିଶେଷ ମହତ୍ତ୍ୱ ରଖୁଛି। ଏହି ଟୁର୍ନାମେଣ୍ଟରେ ଭାରତ ନୂଆ ଖେଳାଳି ଓ ନୂଆ କମ୍ବିନେଶନ ନେଇ ପରୀକ୍ଷା ନିରୀକ୍ଷା କରିଥିଲା। ଭାରତ ପାଖରେ ଏକାଧିକ ବିକଳ୍ପ ରହିଛି ଓ ବେଞ୍ଚ୍ ଷ୍ଟ୍ରେଙ୍ଗ୍‌ଥରେ ମଧ୍ୟ ସୁଧାର ଆସିଛି। ଭାରତ ଓ ବାଂଲଦେଶର ଉଚ୍ଚକୋଟୀର ପ୍ରଦର୍ଶନକୁ ବାଦ୍ ଦେଲେ ଆଫଗାନିସ୍ତାନ ମଧ୍ୟ ପ୍ରଶଂସାର ପାତ୍ର। ଆଫଗାନିସ୍ତାନ ବ୍ୟାଟିଂରେ ସ୍ଥିର ପ୍ରଦର୍ଶନ କରିଥିବା ବେଳେ ବୋଲିଂରେ ମଧ୍ୟ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲା। ବିଶେଷ କରି ସ୍ପିନରମାନେ କମାଲ କରିଥିଲେ। ବିଶ୍ୱ କ୍ରିକେଟରେ ବାଂଲାଦେଶ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ତେବେ ଶ୍ରୀଲଙ୍କାର ପ୍ରଦର୍ଶନ ମତେ ନିରାଶ କରିଛି। ଶ୍ରୀଲଙ୍କାକୁ ବହୁତ କିଛି କାର୍ଯ୍ୟ କରିବାକୁ ହେବ। ଯୋଜନାବଦ୍ଧ ଭାବେ କାର୍ଯ୍ୟକରି ଦଳଗତ ଭାବେ ଖେଳିବା ଉପରେ ଶ୍ରୀଲଙ୍କା ଗୁରୁତ୍ୱ ଦେବା ଉଚିତ। ଏହା ହୋଇପାରିଲେ ଶ୍ରୀଲଙ୍କା ପୁଣିଥରେ ବିଶ୍ୱ କ୍ରିକେଟରେ ନିଜର ପୂର୍ବ ଗୌରବ ଫେରିପାଇବ।

–ଗେମ୍ ପ୍ଲାନ୍

#WhatDrivesYou
EXIDE

# ଭୁବନେଶ୍ୱର ଚାମ୍ପିୟନ

**ରାଜ୍ୟ ସ୍କୁଲ ଖୋ ଖୋ ଚାମ୍ପିୟନଶିପ୍**

ଟିଟିଲାଗଡ଼, ୨୯।୯ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ଼ଠାରେ ଚାରିଦିନ ଧରି ଚାଲିଥିବା ରାଜ୍ୟ ସ୍କୁଲ ଖୋ ଖୋ ଚାମ୍ପିୟନଶିପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଜିଲା ୧୭ ବର୍ଷରୁ କମ୍ ବାଳିକା ଏବଂ ବାଳକ ଓ ୧୪ବର୍ଷ ବାଳକ ବିଭାଗରେ ସୁନ୍ଦରଗଡକୁ ହରାଇ ଥିବା ବେଳେ ୧୪ ବର୍ଷରୁ କମ ବାଳିକା ବିଭାଗରେ କେନ୍ଦୁଝରକୁ ହରାଇ ଚାମ୍ପିୟନ ହୋଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ୨୬ ଟି ଜିଲାରୁ ଉଭୟ ବାଳିକା ଏବଂ ବାଳକ ବର୍ଗରେ ୧୧୭୬ଜଣ ଖେଳାଳି ଭାଗ ନେଇଥିଲେ। ୧୧୯ ଅଫିସିଆଲ ତଥା କ୍ରୀଡା ଶିକ୍ଷକ ଟିଟିଲାଗଡରେ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଷ୍ଟେଟ ସ୍କୁଲ ସ୍ପୋର୍ଟ୍ସ ଆସୋସିଏଶନ, ଡିଷ୍ଟ୍ରିକ୍ଟ ସ୍କୁଲ ସ୍ପୋର୍ଟ୍ସ ଆସୋସିଏଶନ ବଲାଙ୍ଗୀର ତଥା ଶ୍ରୀ ଦାଦିଜୀ ମନ୍ଦିର ଟ୍ରଷ୍ଟ ପ୍ରଭାବତୀ ସ୍କୁଲ ଟିଟିଲାଗଡଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ଉଦ୍‌ଯାପନୀ ଉତ୍ସବରେ ଟିଟିଲାଗଡ ବିଧାୟିକା ଟୁକୁନି ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ତଥା ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ ଖୋ ଖୋ ଖେଳାଳି ମନ୍ଦାକିନୀ ମାଝିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ଅନୁପସ୍ଥିତିରେ କୋଚ ତଥା ଭୁବନେଶ୍ୱର କିସ୍‌ର କାଳିନ୍ଦୀ ଚରଣ ରାଉତ ପୁରସ୍କାର ଗ୍ରହଣ କରିଥିଲେ। ରାଜ୍ୟ ଶାରୀରିକ ଶିକ୍ଷା ଉପନିର୍ଦ୍ଦେଶକ ଲକ୍ଷ୍ମୀପ୍ରିୟା ଦେଇ ଟିଟିଲାଗଡରେ ମନୋନୀତ ହୋଇଥିବା ୪୮ଜଣ ଖେଳାଳି ରାଜସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତର ଚାମ୍ପିୟନଶିପରେ ଭାଗ ନେବେ ବୋଲି ସୂଚନା ଦେଇଥିଲେ। ଟିଟିଲାଗଡ ପୌରାଧ୍ୟକ୍ଷ ଗୋବର୍ଦ୍ଧନ ନାଗ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରମାକାନ୍ତି ପୁଟେଲ, ଆୟୋଜକ ପ୍ରଭାବତୀ ସ୍କୁଲର ଅଧ୍ୟକ୍ଷା ଡ. ସୁନନ୍ଦା ଜତି, ପରିଚାଳନା କମିଟି ଉପସଭାପତି ରାଧାକାନ୍ତ ପାଢୀ, ସଭ୍ୟ ଜୟପ୍ରକାଶ ଛାପଡିଆ, ବରିଷ୍ଠ ଶିକ୍ଷାବିତ ସନାତନ ଠାକୁର, ଅବସରପ୍ରାପ୍ତ ଜିଲା ସାଇନ୍ସ ସୁପରଭାଇଜର ନୀଳମଣି ପୁଟେଲ, ଓମଭେଲି ସ୍କୁଲ ଅଧ୍ୟକ୍ଷ ବଦ୍ରିନାଥ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଶାରୀରିକ କୌଶଳ ପ୍ରଦର୍ଶନ କରାଯାଇଥିଲା। ଜିଲା କ୍ରୀଡ଼ା ନିରୀକ୍ଷକ ଜ୍ୟୋତି ପ୍ରକାଶ ପରିଡା, ବଲାଙ୍ଗୀର ଟାଉନ ହାଇସ୍କୁଲର ଶିକ୍ଷୟିତ୍ରୀ କସ୍ତୁରୀ ରଥଙ୍କ ସମେତ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହରର ସମସ୍ତ ଶିକ୍ଷାନୁଷ୍ଠାନ ପ୍ରତିନିଧି ତଥା ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଶିକ୍ଷାବିତ ଉମେଶ ଚନ୍ଦ୍ର ଦାସ, ବ୍ଲକ ଶିକ୍ଷା ଅଧିକାରୀ ମକୁନ୍ଦ ମୁହୁରା, ପ୍ରମୋଦ ପାଳ, ଚିତ୍ତରଞ୍ଜନ ଚାନ୍ଦ, ଧବଳେଶ୍ୱର ଦଳବେହେରା, ସନ୍ତୋଷ ମେହେର, ଅମୀୟ ହୋତାଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।




ଅତିଥିଙ୍କ ଗହଣରେ ଚାମ୍ପିୟନ୍ ଭୁବନେଶ୍ୱର ବାଳିକା ଦଳ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com  ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ରବିବାର, ସେପ୍ଟେମ୍ବର ୩୦/୨୦୧୮ Rayagada, Sunday, September 30/ 2018

## ସଂକ୍ଷେପରେ

### ସହରକୁ ସ୍ୱଚ୍ଛ, ନିର୍ମଳ ରଖିବାକୁ ଶପଥ ନେଲେ କର୍ମକର୍ତ୍ତା



ଚିତ୍ରକୋଣ୍ଡା/ପଡିଆ,୨୯।୯- ଚିତ୍ରକୋଣ୍ଡା ୧୦୮ ବାଟାଲିୟନ ବିଏସଏଫ କ୍ୟାମ୍ପ ପକ୍ଷରୁ ଚିତ୍ରକୋଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୟୁଥ କ୍ଲବ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓ ବିଜୁ ଯୁବବାହିନୀର ମିଳିତ ଆନୁକୂଲ୍ୟରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହରର ମିନି ଷ୍ଟାଡିୟମ ପରିସର, ଚିତ୍ରକୋଣ୍ଡା ହାଟ, ବସଷ୍ଟାଣ୍ଡ, ବ୍ଲକ ପରିସର, ମେଡିକାଲ ପରିସରକୁ ସଫେଇ କରାଯାଇଥିଲା। ଅଳିଆ ଆବର୍ଜନାକୁ ଏକତ୍ର କରି ସ୍ୱେଚ୍ଛାସେବୀମାନେ ପୋଡି ଦେଇଥିଲେ। ଆଗାମୀ ଦିନରେ ଚିତ୍ରକୋଣ୍ଡା ସହରକୁ ସ୍ୱଚ୍ଛ ଓ ନିର୍ମଳ କରିବାକୁ ସମସ୍ତ ଅନୁଷ୍ଠାନର କର୍ମକର୍ତ୍ତା ଶପଥ ନେଇଥିଲେ । ସେହିପରି ବିଏସଏଫ କ୍ୟାମ୍ପ ପକ୍ଷରୁ ଗୁରୁପ୍ରିୟା ସେତୁକୁ ମଧ ସଫେଇ କରାଯାଇଛି। ବଡପଡା ବିଏସଏଫ କ୍ୟାମ୍ପ, ବଡପଦର ଆରଏସସି-୧୨ କ୍ୟାମ୍ପ ପକ୍ଷରୁ ଏହି ସ୍ୱଚ୍ଛ ଭାରତ ଅଭିଯାନ ଚାଲିଛି । ଅମିତ ଅଗ୍ରୱାଲ, ଶ୍ରୁତିରଞ୍ଜନ ନାୟକ, ଦୀପ୍ତିରଞ୍ଜନ ରଥ, ରବି ପାଢୀ, ଅଶୋକ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।ପଡିଆ ବ୍ଲକ ବିଭିନ୍ନ ପଞ୍ଚାୟତରେ ଜିଲା ଜଳ ଓ ପରିମଳ ମିଶନ ତରଫରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଡିଆ ସଦର ପଞ୍ଚାୟତ କମାରଗୁଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶନିବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଦେବା ମାଡକାମି ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ସିଆରସିସି ସାରଥୀ ମଣ୍ଡଳ ଅଧକ୍ଷତା କରିଥିଲେ।ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ସମସ୍ତ ଗ୍ରାମ ମୁଖିଆ, ବୁଦ୍ଧିଜୀବୀ, ଆଶାକର୍ମୀ, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ ସାମିଲ ହୋଇ ଗ୍ରାମ ସଫେଇ କରିବା ସହ ସ୍ୱଚ୍ଛତା ହିଁ ସେବା, ଜଳ ଓ ପରିମଳ ସମ୍ବନ୍ଧୀୟ ୧୦ ବିଧି ନିୟମାବଳୀ ନେଇ ଲୋକଙ୍କୁ ସଚେତନ କରିଥିଲେ।

# ମାଥିଲି-କାଳିଆଗୁଡା ରାସ୍ତା ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ

ମାଥିଲି,୨୯।୯(ଡି.ଏନ.ଏ)

ବର୍ଷ ବର୍ଷ ପରେ ଏବେ ନୂଆ ରାସ୍ତାରେ ଯାତାୟାତ କରିବେ ପଞ୍ଚାୟତବାସୀ। ଦୀର୍ଘ ବର୍ଷ ଧରି ଶୋଚନୀୟ କାଦୁଅ ରାସ୍ତାରେ ଦୁର୍ଦ୍ଦଶା ଭୋଗୁଥିବା ୩ ପଞ୍ଚାୟତବାସୀଙ୍କ ମୁଖ୍ୟ ସମସ୍ୟାର ସମାଧାନ ହୋଇପାରିଛି। ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଅର୍ଥ ମଞ୍ଜୁର ପରେ ରାସ୍ତା ଉନ୍ନତୀକରଣ ପାଇଁ ଶନିବାର ମାଥିଲିଠାରୁ କାଳିଆଗୁଡା ପର୍ଯ୍ୟନ୍ତ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି। ତୁରନ୍ତ ରାସ୍ତା କାମ ଶେଷ କରିବାକୁ ସଂପୃକ୍ତ ଠିକାଦାରଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି। ମାଥିଲିଠାରୁ କାଳିଆଗୁଡା ପର୍ଯ୍ୟନ୍ତ ୧୫ କିମି ରାସ୍ତା ରହିଛି। ଦୀର୍ଘଦିନରୁ ଏହି ରାସ୍ତା କାମ କରିବାକୁ ଗ୍ରାମବାସୀ ଦାବି କରି ଆସୁଥିଲେ ମଧ କେହି ଶୁଣୁ ନ ଥିଲେ। ବର୍ଷା ସମୟରେ ଏହି ରାସ୍ତାରେ ଯାତାୟାତ କରିବା କଷ୍ଟକର ହୋଇପଡୁଥିଲା। ମାଥିଲି -କାଳିଆଗୁଡା ରାସ୍ତା ଉପରେ ବ୍ଲକର ଦଳପତିଗୁଡା, ଚେଡେଙ୍ଗା ଓ ମେକା ପଞ୍ଚାୟତର ହଜାର ହଜାର ଗ୍ରାମବାସୀ ନିର୍ଭର କରିଥାନ୍ତି । ବର୍ଷା ସମୟରେ ରାସ୍ତା ଶୋଚନୀୟ ଅବସ୍ଥା ଯୋଗୁ ଆମ୍ବୁଲାନ୍ସ ଗାଡି କାଦୁଅରେ ଫଶିଯାଉଥିଲା। ଗର୍ଭବତୀ ଠିକ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ପାରୁ ନ ଥିଲେ। ଜିଲା ପ୍ରଶାସନ ରାସ୍ତା ନିର୍ମାଣ କରିବାକୁ ପଦକ୍ଷେପ ନେଉଥିବାରୁ ଏହାର ପ୍ରତିବାଦରେ ମେକା ପଞ୍ଚାୟତର ଦାମାପଡା ଯୁବକ ସଂଘ ଏବଂ ମାଥିଲି ଉତ୍କଳମଣି ଗୋପବନ୍ଧୁ ଡିଗ୍ରୀ କଲେଜର ଛାତ୍ରୀଛାତ୍ରମାନେ ଉକ୍ତ କାଦୁଅ ରାସ୍ତାକୁ କିଛି ପରିମାଣରେ ସଜାଡିଥିଲେ । ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ମାଥିଲି – କାଳିଆଗୁଡା ରାସ୍ତା ନିର୍ମାଣ ପାଇଁ ୧୫ କୋଟି ୬୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ତୁରନ୍ତ ରାସ୍ତା କାମ ଶେଷ କରାଯିବ ବୋଲି ଦାୟିତ୍ୱରେ ଥିବା ଠିକାଦାର କହିଛନ୍ତି । ଅନ୍ୟମାନଙ୍କ ମଧରେ ବିଜେଡି ଅବଜରଭର ମହମ୍ମଦ ଫାଇଜ ଖାନ, ଦଳପତିଗୁଡା ସରପଞ୍ଚ ଡମ୍ବୁ ନାୟକ, ଜୀବନ ସାହୁ, ରାମକୃଷ୍ଣ ଅନୁଗୁଳିଆ, ଡି. ବାଙ୍ଗାରିଆ, ଏସ. ମୁରଲି, ଅରୁଣ ବାବୁ, ଏସ. ବାଲାଜୀ ରାଓ, ପୋଲିସରାମ ମାଣ୍ଡି, ରଶ୍ମିରଞ୍ଜନ ପଟ୍ଟନାୟକ, ଅମ୍ବି ବେହେରା, ବିଧାୟକ ପ୍ରତିନିଧି ଭୀମସେନ ନାୟକଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।




ସ୍ୱାଗତ ଉତ୍ସବରେ ମଞ୍ଚାସୀନ ଅତିଥି ।

### ନବାଗତ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ଉତ୍ସବ

## 'ଭଲ ପାଠ ପଢି ସମାଜରେ ପ୍ରତିଷ୍ଠିତ ହୁଅ'

ମାଥିଲି , ୨୯।୯ (ଡି.ଏନ.ଏ)

ମାଲକାନଗିରି ଜିଲା ମାଥିଲି ଉତ୍କଳମଣି ଗୋପବନ୍ଧୁ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଶନିବାର ନୂତନ ଭାବେ ଆଡମିଶନ ହୋଇଥିବା ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷା ନୀଳିମା ମହାନ୍ତିଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଉତ୍ସବରେ ଚିତ୍ରକୋଣ୍ଡା ବିଧାୟକ ତଥା କଲେଜ ପରିଚାଳନା କମିଟି ସଭାପତି ଡମ୍ବରୁ ଶିଶା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ସମାଜସେବୀ ମହମ୍ମଦ ଫାଇଜ ଖାନ, ମାଥିଲି ଜୁନିୟର କଲେଜର ସମ୍ପାଦକ ଜୀବନ ସାହୁ, ଦଳପତିଗୁଡା ସମିତିସଭ୍ୟ ହାତୀରାମ ନାୟକ, ଅଧାପକ ରତ୍ନାକର ସାହୁ, ମନମୋହନ ସେଠୀ, ବସନ୍ତ ସଗରିଆ ପ୍ରମୁଖ ଉପସ୍ଥିତ ଥିଲେ । ସିନିୟର ଛାତ୍ରୀଛାତ୍ରମାନେ ନବାଗତଙ୍କୁ ଫୁଲ ଓ ମଥାରେ ଚନ୍ଦନ ଟିକା ଦେଇ ସ୍ୱାଗତ ଜଣାଇଥିଲେ । ଦୃଢ ମନୋବଳକୁ ନେଇ ଗୋଟିଏ ଲକ୍ଷ୍ୟ ରଖି ଆଗକୁ ବଢିଲେ ନିଶ୍ଚିନ୍ତ ସଫଳତାର ଶୀର୍ଷରେ ପହଞ୍ଚିପାରିବ । ସମାଜ ପାଇଁ ଏକ ଉଦାହରଣ ପାଲଟିବା , ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା, ଭଲ ପାଠ ପଢି ସମାଜରେ ପ୍ରତିଷ୍ଠିତ ହେବାକୁ ମୁଖ୍ୟଅତିଥି ବିଧାୟକ ଶିଶା ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧରେ ଅଧାପକ ସ୍ନେହାଶିଷ ସାହୁ, ରଞ୍ଜନ ରାଉତ, ଚଣ୍ଡୀପ୍ରସାଦ ପଣ୍ଡା, ଜ୍ଞାନରଞ୍ଜନ ପଧାନ, କମଳାକାନ୍ତ ନାୟକ, ଦ୍ୱିତୀକୃଷ୍ଣ ନାୟକ, ଉମାଶଙ୍କର ରାଓଙ୍କ ସମେତ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ମାନସିକ ସ୍ୱଚ୍ଛତା ହିଁ ସବୁକ୍ଷେତ୍ରରେ ସ୍ୱଚ୍ଛତା ଆଣିପାରିବ

ମାଲକାନଗିରି, ୨୯।୯(ଡି.ଏନ.ଏ.)

ସବୁ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସାଧାରଣ ବ୍ୟକ୍ତିଙ୍କ ମାନସିକ ସ୍ତରରେ ସ୍ୱଚ୍ଛତା ରହିଲେ ରାଜ୍ୟର ସବୁ କ୍ଷେତ୍ରରେ ସ୍ୱଚ୍ଛତା ଆସିପାରିବ। ଏହା ଆଗାମୀ ପିଢି ପାଇଁ ସ୍ୱଚ୍ଛ ଭାରତ ଏବଂ ସୁସ୍ଥ ରାଜ୍ୟ ଗଠନରେ ସହାୟକ ହେବ। ଓଡ଼ିଶା ସୀମାନ୍ତ ଛତିଶଗଡକୁ ଲାଗିଥିବା ଆଭ୍ୟନ୍ତରୀଣ ଅଞ୍ଚଳ ନିଳିଗୁଡା ପଞ୍ଚାୟତବାସୀ ଏହି ଆହ୍ୱାନ ଦେଇଛନ୍ତି। ସଦର ମହକୁମା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଭାରେ ସରପଞ୍ଚ ବୁଦ୍ରା କାର୍ତ୍ତାମୀ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ପଡିଆ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ବୀରେନ୍ଦ୍ର ପ୍ରଧାନ , ଡାକ୍ତର ହରିହର ସିଂ, କନିଷ୍ଠଯନ୍ତ୍ରୀ କୃତ୍ତିବାସ ନାୟକ, ସମାଜସେବୀ ଦୁର୍ଗା ତ୍ରିପାଠୀ ପ୍ରମୁଖ ଯୋଗଦେଇ ଉପସ୍ଥିତ ପଞ୍ଚାୟତବାସୀଙ୍କୁ ସ୍ୱଚ୍ଛ ଭାରତ ଓ ସ୍ୱଚ୍ଛ ରାଜ୍ୟ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ । କେବଳ ବାଡି ବଗିଚା, ଘର ଚତୁଃପାର୍ଶ୍ୱ ଏବଂ ପୋଷାକ ପରିଧାନ ସଫା ରଖିଲେ ଦେଶ ଏବଂ ରାଜ୍ୟର ସ୍ୱଚ୍ଛତା ବୃଦ୍ଧିପାଏ ନାହିଁ। ପ୍ରତ୍ୟେକ ନାଗରିକ, ରାଜନେତା, କର୍ମଚାରୀ, ଅଧିକାରୀମାନେ ପ୍ରଥମେ ନିଜର ମାନସିକତାରେ ସ୍ୱଚ୍ଛତା ଆଣିଲେ ଆପେ ସବୁ ସୁଧୁରିଯିବ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପରିମଳ ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଫଳରେ କି ଏବେ ବି ଆଭ୍ୟନ୍ତରୀଣ ଗ୍ରାମାଞ୍ଚଳଗୁଡିକରେ ୯୦ ପ୍ରତିଶତ ଲୋକ ପାଇଖାନା ବ୍ୟବହାର ନ କରି ବାହାରେ ମଳ ତ୍ୟାଗ କରୁଛନ୍ତି । ମାନସିକ ସ୍ୱଚ୍ଛତାର ଅଭାବ ଏବଂ ଦୁର୍ନୀତି ଯୋଗୁ ଆଜି ବିଭିନ୍ନ ଲୋକାଭିମୁଖୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚିପାରୁ ନାହିଁ । ସମସ୍ତେ ନିଜର ସ୍ୱଚ୍ଛତା ବଜାଇ ରଖିଲେ ସ୍ୱଚ୍ଛ ଭାରତ ଅଭିଯାନ କେବଳ ସଫେଇ କାର୍ଯ୍ୟରେ ସୀମିତ ନ ରହି ସବୁ କ୍ଷେତ୍ରରେ ଆଗେଇ ଯିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ପରେ ପଞ୍ଚାୟତର ୧୨ଟି ୱାର୍ଡରୁ ଆସିଥିବା ଗ୍ରାମ ମୁଖିଆ, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ, ଆଶା , ଅଙ୍ଗନୱାଡି କର୍ମୀ, ପ୍ରତ୍ୟେକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ, ବୁଦ୍ଧିଜୀବୀ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ସେମାନେ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ଡାକ୍ତରଖାନା ପରିସର, ବିଦ୍ୟାଳୟ ପରିସର, ମୁଖ୍ୟ ରାସ୍ତାଗୁଡିକରେ ସଫେଇ କାର୍ଯ୍ୟ କରିବା ସହ ଶୋଭା ଯାତ୍ରାରେ ବିଭିନ୍ନ ପଡା ବୁଲି ଲୋକଙ୍କୁ ସଚେତନ କରିଥିଲେ।



ସ୍ୱଚ୍ଛତା ନେଇ ବାହାରିଥିବା ସଚେତନତା ଶୋଭାଯାତ୍ରା ।

## ପରିମଳ ବ୍ୟବସ୍ଥା ନେଇ ଆଲୋଚନା

ପାଣ୍ଡ୍ରିପାଣି,୨୯।୯

ମାଲକାନଗିରି ବ୍ଲକ ଅନ୍ତର୍ଗତ ବୀରଲକ୍ଷ୍ମଣପୁର ପଞ୍ଚାୟତସ୍ଥିତ ଆଶ୍ରମ ବିଦ୍ୟାଳୟ ପରିସରରେ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମ ପରିମଳ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ମୁଖ୍ୟଅତିଥି ରୂପେ ସମାଜସେବୀ ସନ୍ତୋଷ କୁମାର ପାତ୍ର, ସମ୍ମାନିତ ଅତିଥି ରୂପେ ବୀରଲକ୍ଷ୍ମଣପୁର ସମିତିସଭ୍ୟ, ଗ୍ରାମ ମୁଖିଆ ମୁକୁନ୍ଦ ଝୋଲା ପ୍ରମୁଖ ଯୋଗଦେଇ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରି ପାଇଖାନା ନିର୍ମାଣ ହୋଇପାରିଲେ ଗ୍ରାମର ସ୍ୱଚ୍ଛତା ବୃଦ୍ଧି ପାଇବ। ଏନେଇ ପ୍ରତ୍ୟେକ ପରିବାର ନିଜ ଘରେ ପାଇଖାନା ନିର୍ମାଣ କରିବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ସରପଞ୍ଚ ସଂଯୁକ୍ତା ଖିଲ ଅଧକ୍ଷତା କରି ଏ ଦିଗରେ ମହିଳାମାନେ ସଚେତନ ହେବାକୁ ମତ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ, ମନୋରଞ୍ଜନ ରାଉତ, ଆଞ୍ଚଳିକ ସାଧାନକେନ୍ଦ୍ର ସଂଯୋଜକ ବିଜୟ କୁମାର ମିସ୍ତ୍ରି ପ୍ରମୁଖ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସଞ୍ଜୟ କୁମାର ମହାନ୍ତ ଧନ୍ୟବାଦ ଦେଇଥିଲେ।

### ପଞ୍ଚାୟତସ୍ତରୀୟ ଗ୍ରାମସଭା

## ପାଇଖାନା ବ୍ୟବହାର ନେଇ ଗୁରୁତ୍ୱ

ଗୋବିନ୍ଦପାଲି, ୨୯।୯ (ଡି.ଏନ୍.ଏ.)

ଜିଲା ପ୍ରଶାସନ ନିର୍ଦ୍ଦେଶରେ ଗ୍ରାମ ପରିମଳ ନିମନ୍ତେ ପଞ୍ଚାୟତସ୍ତରୀୟ ଗ୍ରାମସଭା କାର୍ଯ୍ୟକ୍ରମ ଖଇରପୁଟ ବ୍ଲକର ମାଡ଼କାପଦର ପଞ୍ଚାୟତର ବାହାଦୁରଗୁଡା ଗ୍ରାମରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଜିଲା ଜଳ ଓ ପରିମଳ ମିଶନ ପକ୍ଷରୁ କରାଯାଇଥିବା ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ସିଆରସିସି ପରିଚାଳନା କରିଥିଲେ। ସରପଞ୍ଚ ଧବୁଲୁ ଶିଶା ଅଧକ୍ଷତା କରିଥିଲେ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟ ନିରଞ୍ଜନ ଅନ୍ତିୟା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମହେଶ୍ୱର ପାତ୍ର, ଅଙ୍ଗନୱାଡି କର୍ମୀ, ଏଏନ୍ଏମ୍ ପୁରୁଷ ସ୍ୱାସ୍ଥ୍ୟକର୍ମୀ ବିଭିନ୍ନ ଜାତିର ମୁଖିଆ, ଗ୍ରାମ ନାୟକ, ଦିଶାରୀମାନେ ଯୋଗ ଦେଇଥିଲେ। ବୈଠକରେ ସମସ୍ତେ ଶୌଚାଳୟ ବ୍ୟବହାର କରିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ଅତିଥିମାନେ ଏହାର ଉପକାରିତା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ବିଶୁଦ୍ଧ ଜଳ ବ୍ୟବହାର, ମଶାରିର ବ୍ୟବହାର କରିବା ନେଇ ସରପଞ୍ଚ ଉପସ୍ଥିତ ଜାତି ମହାସଭାର ନାୟକମାନଙ୍କୁ ବୁଝାଇଥିଲେ। ଆସନ୍ତା ରବିବାର ଓ ସୋମବାର ଗ୍ରାମ ସ୍ତରରେ ସଭା କରି ଲୋକଙ୍କୁ ସ୍ୱଚ୍ଛତା ଓ ପାଇଖାନାର ବ୍ୟବହାର ପାଇଁ ସଚେତନ କରିବା ଲାଗି ଶପଥ ନେଇଥିଲେ। କଦମଗୁଡା ପଞ୍ଚାୟତରେ ମଧ ଏନେଇ ଏକ ସଭା ହୋଇଥିଲା।




## ବଜ୍ରପାତରେ ୨ ଗୁରୁତର

ମାଥିଲି, ୨୯।୯ (ଡି.ଏନ.ଏ.)



ମାଲକାନଗିରି ଜିଲା ମାଥିଲି ବ୍ଲକରେ ଶନିବାର ବଜ୍ରପାତ ଘଟି ୨ଜଣ ଗୁରୁତର ଆହତ ହୋଇଛନ୍ତି । ସେମାନେ ହେଲେ ଆମ୍ବାପଡା ଗ୍ରାମର କୌଶଲ୍ୟା ମୁଦୁଲି (୧୮) ଏବଂ ଅଟାଳଗୁଡା ଗ୍ରାମର ଲକ୍ଷ୍ମଣ ହନ୍ତାଳ (୧୭) । ଉଭୟଙ୍କୁ ପ୍ରଥମେ ମାଥିଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । କୌଶଲ୍ୟାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଶନିବାର ସନ୍ଧ୍ୟାରେ ମାଥିଲି ଅଞ୍ଚଳରେ ଘଡଘଡି ସହ ପ୍ରବଳ ବର୍ଷା ହୋଇଥିଲା । ଏହି ସମୟରେ କୌଶଲ୍ୟା ଖଇରପୁଟରୁ ଘରକୁ ଫେରୁଥିବାବେଳେ ବାଟରେ ବଜ୍ରପାତ ହୋଇଥିଲା। ସେ ରାସ୍ତାରେ ଗୁରୁତର ହୋଇ ଅଚେତ ଅବସ୍ଥାରେ ପଡିଯାଇଥିଲେ। । ମୁଖ୍ୟରାସ୍ତା ଦେଇ ଯାଉଥିବା କିଛି ଲୋକ ତାଙ୍କୁ ଉଦ୍ଧାର କରି ଆଣି ମାଥିଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେହିପରି ଗାଈ ଜଗିବାକୁ ଯାଇଥିବା ଅଟାଳଗୁଡା ଗ୍ରାମର ଲକ୍ଷ୍ମଣ ଘରକୁ ଫେରୁଥିବା ବେଳେ ବଜ୍ରପାତ ହୋଇଥିଲା । ଏଥିରେ ସେ ଗୁରୁତର ହୋଇଥିଲେ । ତାଙ୍କୁ ପରିବାର ଲୋକେ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଣି ଭର୍ତ୍ତି କରିଥିଲେ । ଚିକିତ୍ସା ପରେ ତାଙ୍କ ଅବସ୍ଥା ସ୍ୱାଭାବିକ ଥିବା ଡାକ୍ତର ନିପୋନ ଦେବତା କହିଛନ୍ତି ।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ



ଦାୟିତ୍ୱ ସମ୍ପାଦନ କଲେ ଶାନ୍ତି ଏବଂ ଅନ୍ୟର ସେବା କଲେ ସୁଖ ଆପେ ଆପେ ମିଳିଥାଏ।
-ଉତ୍କଳଗୌରବ ମଧୁସୂଦନ



## ସଂକ୍ଷେପରେ



## ନିଆଁମଡା ଯାତ୍ରା ପାଇଁ ରାମଗିରି ଉତ୍ସବମୁଖର

**ପାରଳାଖେମୁଣ୍ଡି/ରାମଗିରି,୨୯।୯(ସ୍ୱ.ପ୍ର./ଡି.ଏନ୍.ଏ.):** ଗଜପତି ଜିଲା ରାମଗିରିରେ ଅକ୍ଟୋବର ୧ତାରିଖଠାରୁ ମା' କୁରେଇଶୁଣୀ ଠାକୁରାଣୀଙ୍କ ନିଆଁମଡା ଯାତ୍ରା ଆରମ୍ଭ ହେବାକୁଯାଉଛି। ଏଥିପାଇଁ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ଏହି ଯାତ୍ରା ୧୨ଦିନ ଧରି ଚାଲିବ। ଏଠାରେ ଗଜପତି, ଗଞ୍ଜାମ, କନ୍ଧମାଳ, ରାୟଗଡା ଜିଲା ଓ ପଡୋଶୀ ଆନ୍ଧ୍ରପ୍ରଦେଶର ଶ୍ରଦ୍ଧାଳୁଙ୍କ ଭିଡ ହେବ। ରବିବାର ମନ୍ଦିର ପରିସରରେ ନୂଆଖାଇ ପର୍ବ ପାଳନ ହେବା ପରେ ଶ୍ରଦ୍ଧାଳୁମାନେ କମଳା, ବଡେଇ, ନାରଙ୍ଗ, କନ୍ଦମୂଳ ଓ ବନଜାତ ଜିନିଷଗୁଡିକ ବ୍ୟବହାର କରିପାରିବେ ବୋଲି ଏଠାରେ ପୌରାଣିକ ମତ ରହିଛି। ସୋମବାର ପରମ୍ପରା ଅନୁଯାୟୀ, ଦୁଇଟି ନୂଆ ତାଟରେ ବେଜୁ (ଯାହାଙ୍କ ଦେହରେ ମା' ବିଜେ ହୁଅନ୍ତି) ନଦୀରୁ ବାଲି ଆଣିବା ପରେ ଯାତ୍ରା ଆରମ୍ଭ ହୋଇଥାଏ। ପର୍ବର ପଞ୍ଚମୀ ଦିନ ବିଭିନ୍ନ ପ୍ରକାର ଶସ୍ୟକୁ କଞ୍ଚା ମାଟିହାଣ୍ଡିରେ ପକାଇ ବେଜୁ ନିଜ ହାତରେ ଭାଜିଥାନ୍ତି। ସମ୍ପୂର୍ଣ୍ଣ ରୂପେ ଭଜା ହେବା ପରେ ପ୍ରଥମ ଦିନରେ ଅଣାଯାଇଥିବା ବାଲି ତାଟରେ ତାକୁ ପକାଯାଇଥାଏ ଓ ପରବର୍ତ୍ତୀ ସମୟରେ ତାହା ଗଜା ହୋଇଥାଏ। ସନ୍ତାନ ସନ୍ତତି ଲାଭ ଆଶାରେ ବହୁ ମହିଳା ଏହି ଯାତ୍ରାରେ ବ୍ରତ ଉପବାସ ରଖିଥାନ୍ତି। ଯାତ୍ରାର ଶେଷଦିନରେ ଲୁହାକଣ୍ଟାରେ ନିର୍ମିତ ଦୋଳିରେ ବେଜୁମାନେ ବସି ଦୋଳି ଖେଳିଥାନ୍ତି। ଚଳିତବର୍ଷ ପ୍ରଥମଥର ମୀନାବଜାର ଆସିଥିବାରୁ ଲୋକଙ୍କ ମନରେ ଖୁସି ପରିଲକ୍ଷିତ ହୋଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଥାନା ଅଧିକାରୀ ମୁକେଶ କୁମାର ବେହେରାଙ୍କ ସହ ଗାଁ ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ ଆଲୋଚନା କରିଥିବା ସୂଚନା ମିଳିଛି।

## ଜଳାତଙ୍କ ସଂକ୍ରାନ୍ତ ସଚେତନତା

**ପାରଳାଖେମୁଣ୍ଡି, ୨୯।୯(ସ୍ୱ.ପ୍ର.):** ଗଜପତି ଜିଲା ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ପାରଳାଖେମୁଣ୍ଡିସ୍ଥିତ ପ୍ରାଣୀ ଚିକିତ୍ସାଳୟ ପରିସରରେ ଶନିବାର ବିଶ୍ୱ ଜଳାତଙ୍କ ସଚେତନତା ଦିବସ ପାଳିତ ହୋଇଯାଇଛି। ଏଥିରେ ଜଳାତଙ୍କ ରୋଗର ଲକ୍ଷଣ ଓ ନିରାକରଣ ନେଇ ଆଲୋଚନା କରାଯାଇଥିଲା। ଏହି ରୋଗ ପ୍ରାଣୀମାନଙ୍କଠାରେ ଦେଖାଯାଇଥିବାବେଳେ ଏହାଦ୍ୱାରା ସେମାନଙ୍କ ଶରୀର କିପରି ପ୍ରଭାବିତ ହୋଇଥାଏ ସେ ବିଷୟରେ କୁହାଯାଇଥିଲା। ଜଳାତଙ୍କ ରୋଗ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୫୦ରୁ ଅଧିକ ପୋଷା କୁକୁରଙ୍କୁ ପ୍ରତିଶେଧକ ଟିକା ଏବଂ ଔଷଧ ଦିଆଯାଇଥିଲା। ପ୍ରାଣୀଧନ ନିରୀକ୍ଷକ ଶଙ୍କର ରାଓ, ବିଭୂତି ଭୂଷଣ ଗନ୍ତାୟତ, ଶରତ ଚନ୍ଦ୍ର ପରିଚ୍ଛା, ଜଗନ୍ନାଥ ରଥ, ନରେନ୍ଦ୍ର ଚୌଧୁରୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଦୁଇ ସାହି ମଧ୍ୟରେ ଗଣ୍ଡଗୋଳ

- ୨ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ
- ବସିଲା ଶାନ୍ତି କମିଟି ବୈଠକ

**କାଶୀନଗର, ୨୯।୯(ଡି.ଏନ.ଏ)**

ଗଜପତି ଜିଲା କାଶୀନଗରସ୍ଥ ବଡମାଜଲା ସାହି ଓ ସାନମାଜଲା ସାହି ବାସିନ୍ଦାଙ୍କ ମଧ୍ୟରେ ପୂର୍ବ ବିବାଦକୁ ନେଇ ଶନିବାର ଗଣ୍ଡଗୋଳ ଘଟିଛି। ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଗଣେଶ ମୂର୍ତ୍ତି ବିସର୍ଜନକୁ ନେଇ ଏହି ଦୁଇ ସାହି ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ସାନମାଜଲା ସାହିର କେତେକ ବ୍ୟକ୍ତି ଏହି ରାସ୍ତାରେ ପ୍ରଶେସନ ନେବାକୁ ମନା କରିବାରୁ ଉଭୟ ପକ୍ଷ ମଧ୍ୟରେ ବଚସା ଲାଗି ଗଣ୍ଡଗୋଳ ଘଟିଥିଲା। ତେବେ ସେଠାରେ ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀମାନେ ସେମାନଙ୍କୁ ବୁଝାଇଶୁଝାଇ ଅନ୍ୟ ରାସ୍ତାରେ ନେଇଯାଇଥିଲେ। ଶନିବାର ସକାଳେ ସାନମାଜଲା ସାହିର କେତେଜଣ ମହିଳା ବଡମାଜଲା ସାହିରେ ଥିବା ମନ୍ଦିରକୁ ପୂଜା କରିବାକୁ ଯାଇଥିବା ବେଳେ ବଡମାଜଲା ସାହିର କେତେକ ବ୍ୟକ୍ତି ସେମାନଙ୍କୁ ବିରୋଧ କରିଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଉତ୍ତେଜନା ପ୍ରକାଶ ପାଇବା ଖବର ପାଇ ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବା ସହ ୨ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରିଥିଲା। ପରେ ସନ୍ଧ୍ୟା ୭ଟାରେ ପୋଲିସ ଉଭୟ ପକ୍ଷକୁ ଡାକି ଏକ ଶାନ୍ତି କମିଟି ବୈଠକ କରିଥିଲା। ସମସ୍ତଙ୍କୁ ବୁଝାଶୁଝା କରାଯିବା ସହ ଯଦି କିଛି ଗଣ୍ଡଗୋଳ କି ସମସ୍ୟା ହେଲା ତାହାଲେ ପୋଲିସକୁ ଜଣାଇବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହାକୁ ନ ମାନିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା। ସମସ୍ତେ ମିଳିମିଶି ଚଳିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ବୈଠକରେ ଏସ୍‌ଡିପିଓ ଠାକୁର ପ୍ରସାଦ ପାତ୍ର, ଥାନାଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ଏବଂ ଅତିରିକ୍ତ ତହସିଲଦାର ଉମାଶଙ୍କର ଦାସ ଉପସ୍ଥିତ ଥିଲେ।



ଉଭୟ ପକ୍ଷ ସହ ଆଲୋଚନା କରାଯାଉଛି।

## ଉଦ୍ୟୋଗ ବିକାଶ ସଚେତନତା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଗୁମ୍ମା, ୨୯।୯(ଡି.ଏନ.ଏ)**

ଗଜପତି ଜିଲା ଗୁମ୍ମା ବ୍ଲକ ସଦରସ୍ଥ ଶିଳ୍ପ ତାଲିମ ଅନୁଷ୍ଠାନ ସଭାଗୃହରେ ଶନିବାର ଶିଳ୍ପ ନିର୍ଦ୍ଦେଶାଳୟ ଓ ଜିଲା ଶିଳ୍ପ କେନ୍ଦ୍ରର ମିଳିତ ଆନୁକୁଲ୍ୟରେ ଉଦ୍ୟୋଗ ବିକାଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡିଆଇସିର ସଧାରଣ ପରିଚାଳକ ବାବୁଲାଲ ଗନ୍ତୟାତ, ସମ୍ମାନିତ ଅତିଥି ଭାବେ ବିଡିଓ ନଟବର ଗରଡା,ଏମଏସଏମଇର ସହକାରୀ ନିର୍ଦ୍ଦେଶକ ସନ୍ତୋଷ ସାହୁ, ଏଲଡିଏମ ଦାମୋଦର ଉଗ୍ରସଣ୍ଡି, ଗୁମ୍ମା ଆଟିଆଇ ଅଧକ୍ଷ ଶ୍ୟାମ ଓରାମ, ଉଦ୍ୟୋଗ ସୁପରଭାଇଜର ମନୋଜ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ କୁଟିର, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସମ୍ପର୍କରେ ଆଲୋକପାତ କରିଥିଲେ। ବେକାର ଯୁବତୀ ଯୁବକଙ୍କୁ ଋଣ ନେଇ କୌଣସି ବ୍ୟବସାୟ ଆରମ୍ଭ କରି ଆତ୍ମନିର୍ଭରଶୀଳ ହେବା ପାଇଁ କହିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଗୁମ୍ମା ଆଇପିଓ ଉମାପତି ବେହେରା ପରିଚାଳନା କରିଥିବା ବେଳେ ଆଇଟିଆଇ ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ଠିକ୍ ଭାବେ ହୋଇନି ହିତାଧିକାରୀ ଚୟନ



ବୈଠକରେ ଏନ୍ଏସି ଅଧକ୍ଷା ଏମ୍.ସୁଧାରାଣୀ ଏବଂ ଅନ୍ୟମାନେ।

### ଏନ୍ଏସି ବୈଠକରେ ଅଭିଯୋଗ

- ରାଶନକାର୍ଡ ପାଇବାରୁ ବଞ୍ଚିତ ବହୁ ଗରିବ
- ଜାଣିଶୁଣି ଅନୁପସ୍ଥିତ ରହୁଛନ୍ତି ନିର୍ବାହୀ ଅଧିକାରୀ

**କାଶୀନଗର, ୨୯।୯(ଡି.ଏନ.ଏ)**

ଗଜପତି ଜିଲା କାଶୀନଗର ଏନ୍ଏସି କାର୍ଯ୍ୟାଳୟରେ ଶନିବାର କାଉନସିଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନ୍ଏସି ଅଧକ୍ଷା ଏମ୍.ସୁଧାରାଣୀ ଅଧକ୍ଷତା କରିଥିଲେ। ଗତ ୨୨ତାରିଖରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ ଅନୁପସ୍ଥିତ ରହିବାରୁ ଏହାକୁ ୨୯ତାରିଖକୁ ଘୁଞ୍ଚାଇ ଦିଆଯାଇଥିଲା। ତେବେ ଆଜିର ବୈଠକରେ ମଧ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ କୁମାର ମାସନ୍ତ ଅନୁପସ୍ଥିତ ଥିଲେ। ସେ ବୈଠକକୁ ଜାଣିଶୁଣି ଆସିନାହାନ୍ତି ବୋଲି କାଉନସିଲରମାନେ ଅଭିଯୋଗ ଆଣି ଅସନ୍ତୋଷ ବ୍ୟକ୍ତ କରିଥିଲେ। ମୁଖ୍ୟ କିରାଣି ଏମ୍.ସୁଧାକର ଉନ୍ନୟମୂଳକ କାର୍ଯ୍ୟର ବିବରଣୀ ଉପସ୍ଥାପନ କରିବା ପରେ କାଉନସିଲରମାନେ ଖାଦ୍ୟ ସୁରକ୍ଷା ଯୋଜନାରେ ପ୍ରକୃତ ହିତାଧିକାରୀ ଚୟନ କରାଯାଇନଥିବା ଅଭିଯୋଗ ଆଣିଥିଲେ। ଫଳରେ ବହୁ ଗରିବ ହିତାଧିକାରୀ ରାଶନକାର୍ଡ ପାଇବାରୁ ବଞ୍ଚିତ ହୋଇଥିବା ସେମାନେ କହିଥିଲେ। ଅଧକ୍ଷା କହିଥିଲେ ତାଙ୍କ ଅଜାଣତ ଓ ବିନାନୁମତିରେ ସାନିଟେଶନର ଠିକା ନେଇଥିବା ଠିକାଦାରଙ୍କୁ କାର୍ଯ୍ୟ ବନ୍ଦ କରିଦିଆଯାଇଛି। ଏ ସଂକ୍ରାନ୍ତରେ ଗୃହ ନିର୍ମାଣ ବିଭାଗ ଓ ଜିଲାପାଳଙ୍କୁ ଅବଗତ କରାଯିବ ବୋଲି ସେ କହିଥିଲେ। ଉପାଧକ୍ଷ ଏସ୍.ବୈକୁଣ୍ଠ ରାଓ ଏନଏସିର ବିକାଶ ପାଇଁ କାଉନସିଲମାନଙ୍କୁ ମିଳିମିଶି କାମ କରିବାକୁ ଅନୁରୋଧ କରିଥିଲେ।

## ଆଶା ସ୍ୱାସ୍ଥ୍ୟ ସହାୟତା ବିତରଣ କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି, ୨୯।୯(ସ୍ୱ.ପ୍ର.)**

ଗଜପତି ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ପାରଳାଖେମୁଣ୍ଡିସ୍ଥିତ ଆନ୍ଧ୍ରବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ କେନ୍ଦ୍ର ସମ୍ମିଳନୀ କକ୍ଷରେ ଆଶା ସ୍ୱାସ୍ଥ୍ୟ ସହାୟତା ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଶାକର୍ମୀମାନଙ୍କୁ ସେମାନଙ୍କ ବିଭିନ୍ନ କାର୍ଯ୍ୟ ପାଇଁ ସମ୍ମାନିତ କରାଯିବା ସହ ଉତ୍ସାହିତ କରାଯାଇଥିଲା । ବିପରୀତ ପରିସ୍ଥିତିରେ ଯେତେ ବାଧାବିଘ୍ନ ହେଲେ ମଧ ଗ୍ରାମାଞ୍ଚଳ ତଥା ଦୁର୍ଗମ ଅଞ୍ଚଳରେ ଆଶା କର୍ମୀମାନେ କିପରି ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି ସେ ବିଷୟରେ ବିଭିନ୍ନ ମଞ୍ଚାସୀନ ଅତିଥିମାନେ କହିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିପିନ ବିହାରୀ ପାଣିଗ୍ରାହୀ ଯୋଗଦେଇ ଆଶାକର୍ମୀମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା ଅନିତାରାଣୀ ବେହେରା, ଜିଲା ସ୍ୱତନ୍ତ୍ର ବିକାଶ ପରିଷଦର ଅଧକ୍ଷ ଅନ୍ତର୍ଯ୍ୟାମୀ ଗମାଙ୍ଗ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ପରିବାର କଲ୍ୟାଣ) ପି.କେ.ପାଢୀ, ଜିଲା ସ୍ୱାସ୍ଥ୍ୟ ପ୍ରକଳ୍ପ ପରିଚାଳକ ସୌମ୍ୟରାଣୀ ଗୌଡ ପ୍ରମୁଖ ଉପସ୍ଥିତ ଥିଲେ ।

## ସାମ୍ପ୍ରଦାୟିକତା ବିରୋଧୀ ଦିବସ ପାଳିତ

**ପାରଳାଖେମୁଣ୍ଡି, ୨୯।୯(ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡିଠାରେ ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେଶନ ପକ୍ଷରୁ ଶହୀଦ ଭଗତ ସିଂଙ୍କ ୧୧୧ତମ ଜନ୍ମ ଦିବସକୁ ସାମ୍ପ୍ରଦାୟିକତା ବିରୋଧୀ ଦିବସ ଭାବେ ପାଳନ କରାଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶହୀଦ ଭଗତସିଂଙ୍କ ସ୍ମୃତି ଚାରଣ କରାଯିବା ସହ ଦେଶ ପାଇଁ ତାଙ୍କର ଉତ୍ସର୍ଗ ତଥା ସେ କିପରି ଇଂରେଜଙ୍କୁ ଉଚିତ ଜବାବ ଦେଇଥିଲେ ସେ ବିଷୟରେ ଆଲୋକପାତ କରାଯାଇଥିଲା। ଅନ୍ୟପକ୍ଷେ ଦେଶରେ ସାମ୍ପ୍ରଦାୟିକ ଶକ୍ତିଗୁଡିକ ଯେପରି ଭାବେ ବୃଦ୍ଧିପାଉଛି ତାହାକୁ କିପରି ଦମନ କରାଯିବ ସେନେଇ ଆଲୋଚନା ହୋଇଥିଲା । ଭାରତ ଭଳି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଗଣତନ୍ତ୍ରର ସୁରକ୍ଷା ଓ ସମାନତାର ଅଧିକାର ପାଇଁ ସମସ୍ତେ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗଣତାନ୍ତ୍ରିକ ଯୁବ ଫେଡେରେଶନ ଗଜପତି ଶାଖାର ପି.ମୁରଲୀ କ୍ରିଷ୍ଣା, ଶ୍ରୀନୁ ବେହେରା, ସନ୍ତୋଷ କୁମାର ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ସଙ୍ଗଠନର ସଦସ୍ୟମାନେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ

**ଗୋଷାଣି, ୨୯।୯(ଡି.ଏନ.ଏ)**

ଗୋଷାଣି ବ୍ଲକ କେରାଣ୍ଡି ପଞ୍ଚାୟତର ଡାମୁଣି ଗ୍ରାମ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କେରାଣ୍ଡି ସରପଞ୍ଚ ରେଗିଡି ରାଣୀ ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆସିବପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଡାମୁଣି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମହାରଣା, ନୂଆ କେରାଣ୍ଡି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ୱାଇ. ଡିଲେଶ୍ୱର ରାଓ ଉପସ୍ଥିତ ଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଜୟୀ ପ୍ରତିଯୋଗୀମାନେ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। କାର୍ଯ୍ୟକ୍ରମକୁ ଜ୍ୟୋତି କୁମାରୀ ବେହେରା, ଡି.ଲକ୍ଷ୍ମୀ ଶ୍ରୀପତି, କେ, କନ୍ୟା କୁମାରୀ ପ୍ରମୁଖ ପରିଚାଳନା କରିଥିଲେ।

## ମିନିଟ୍ରକ ଓଲଟି ୮ ଗୁରୁତର

**ଶେରଗଡ,୨୯।୯(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଶେରଗଡ ବ୍ଲକ ପଦ୍ମପୁର–ବାଦଗଡ ରାସ୍ତାରେ ଶନିବାର ମିନିଟ୍ରକ ଓଲଟି ୮ ଜଣ ଗୁରୁତର ହୋଇଛନ୍ତି। ଉକ୍ତ ୮ଜଣ ଶ୍ରମିକ ବାଦଗଡ ଠାରୁ ରାସ୍ତା କାମ ସାରି ପଦ୍ମପୁର ଫେରୁଥିବା ସମୟରେ ଏକ ପୋଲ ନିକଟରେ ଭାରସାମ୍ୟ ହରାଇ ଗାଡିଟି ଓଲଟି ପଡିଥିଲା।

## ବିଇଓଙ୍କୁ ଦାବିପତ୍ର ଦେଲେ କେଜିବିଭି ଅଭିଭାବକ

**କାଶୀନଗର, ୨୯।୯(ଡି.ଏନ.ଏ)**

କାଶୀନଗରସ୍ଥ ବ୍ଲକ କଲୋନୀ ଉପ୍ରା ବିଦ୍ୟାଳୟକୁ ବାରାଣସୀ ହାଇସ୍କୁଲ ସହ ସମ୍ପୂର୍ଣ୍ଣ ମିଶ୍ରଣ କରାଯିବାକୁ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (କେଜିବିଭି)ର ଅଭିଭାବକମାନେ ବିରୋଧ କରିବା ସହ ଏ ନେଇ ଶନିବାର ବିଇଓଙ୍କୁ ଦାବିପତ୍ର ଦେଇଛନ୍ତି। ସେମାନେ କହିଛନ୍ତି ଯେ, ଯଦି ୧୦୦ ମିଟର ଦୂରରେ ଥିବା ଓ ଆଦିବାସୀ ଛାତ୍ରୀ ରହୁଥିବା କେଜିବିଭି ହଷ୍ଟେଲକୁ ବାରାଣସୀ ସରକାରୀ ଉଚ୍ଚ ବିଦ୍ୟାଳୟ ସହ ସଂପୂର୍ଣ୍ଣ ମିଶ୍ରଣ କରାଯାଏ ତେବେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ସହ ଛାତ୍ରୀଛାତ୍ର ଓ ସେମାନେ ଧାରଣା ଦେବେ। ପ୍ରଶାସନିକ ମିଶ୍ରଣ ନିମିତ୍ତ ବ୍ଲକ କଲୋନୀ ଉପ୍ରା ବିଦ୍ୟାଳୟର ଏସଏମସି ଏବଂ ପିଟିଏ ରାଜିଥିବା ସତ୍ତ୍ୱେ ବିଇଓ ଏହା ଶୁଣିବାକୁ ନାରାଜ ବୋଲି ଅଭିଭାବକମାନେ ଅଭିଯୋଗ ଆଣି କ୍ଷୋଭ ପ୍ରକାଶ କରିଛନ୍ତି।

- ରାୟଗଡ଼ ବ୍ଲକରେ ୨୫ ବିଦ୍ୟାଳୟ ସ୍ଥାନାନ୍ତର ପ୍ରସଙ୍ଗ

# ତେଜୁଛି ଅସନ୍ତୋଷ: ଆନ୍ଦୋଳନ ଚେତାବନୀ

**ରାୟଗଡ଼ (ଗଜପତି), ୨୯।୯ (ଡି.ଏନ୍.ଏ.)**

ଗଜପତି ଜିଲା ରାୟଗଡ଼ ବ୍ଲକର ୨୫ଟି ବିଦ୍ୟାଳୟ ସ୍ଥାନାନ୍ତରକୁ ନେଇ ବିଭିନ୍ନ ଗ୍ରାମରେ ବିରୋଧାଭାସ ଓ ଅସନ୍ତୋଷ ପ୍ରକାଶ ପାଇଛି। ଏଥିଯୋଗୁ ଆନ୍ଦୋଳନ ଦାନା ବାନ୍ଧିବାରେ ଲାଗିଛି। ସ୍ଥାନାନ୍ତର ପ୍ରକ୍ରିୟା ବାତିଲ ପାଇଁ ସମ୍ପୃକ୍ତ ଗ୍ରାମର ଲୋକେ ଜିଲାପାଳ, ବିଡିଓ ଏବଂ ବିଇଓଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଦୌଡୁଥିବା ଦେଖିବାକୁ ମିଳିଛି। ତ୍ୱରିତ ପଦକ୍ଷେପ ନିଆନଗଲେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ସେମାନେ ଚେତାବନୀ ଦେଇଛନ୍ତି।

ରାୟଗଡ଼ ବ୍ଲକ ସଦର ବସଷ୍ଟାଣ୍ଡସ୍ଥିତ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୬, ୭, ୮ ଓ ୯ ନମ୍ବର ୱାର୍ଡର ପ୍ରଥମଠାରୁ ଅଷ୍ଟମଶ୍ରେଣୀ ଛାତ୍ରୀଛାତ୍ରଙ୍କ ସମେତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ମୋଟ ୨୭୦ ପିଲା ଅଧୟନ କରୁଥିବାବେଳେ ୭ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହିଛନ୍ତି। ୧୮୨୫ ମସିହାରେ ଏହି ବିଦ୍ୟାଳୟ ସ୍ଥାପିତ ହୋଇଥିଲା। ୧୯୩ ବର୍ଷର ଉକ୍ତ ବହୁ ପୁରାତନ ବିଦ୍ୟାଳୟ ରାୟଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟରେ ମିଶିବାକୁ ଯାଉଥିବା ବେଳେ ଏହାକୁ ବିରୋଧ କରିଛନ୍ତି ୬, ୭, ୮ ଓ ୯ ୱାର୍ଡର ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ। ୭ଦଫା ଦାବି ନେଇ ସେମାନେ ବିଡିଓ ଏବଂ ବିଇଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ପଦକ୍ଷେପ ନିଆନଗଲେ ଆନ୍ଦୋଳନକୁ ଗ୍ରାମବାସୀ ଓହ୍ଲାଇବେ ବୋଲି ସରପଞ୍ଚ ଦୀପ୍ତିପ୍ରଭା ଲାଲ୍ ଶବର, ୱାର୍ଡ ସଭ୍ୟ ଲକ୍ଷ୍ମୀକାନ୍ତ ବେହେରା, ବି. ଦାଶରଥି ଆଚାରୀ, ପରିଚାଳନା କମିଟି ସଭାପତି ଗୀତା ରଇତ, ଉପସଭାପତି ନିର ପାଇକ, ପ୍ରଶାନ୍ତ ପାଇକ, ରାମ ପାଇକଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ସେହିପରି ଅମେଡା ପଞ୍ଚାୟତର ଗୟଳଯୁବ ଗ୍ରାମରେ ୧୯୪୧ ମସିହାରେ ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ହୋଇଛି। ଏଠାରେ ୩୨ ପିଲା ଅଧୟନ କରୁଥିବାବେଳେ ଦୁଇଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହିଛନ୍ତି। ଉକ୍ତ ବିଦ୍ୟାଳୟ ଅମେଡା ହାଇସ୍କୁଲରେ ମିଶୁଥିବାରୁ ଗୟଳଯୁବ ଗ୍ରାମର ବାସିନ୍ଦା ଓ ବିଦ୍ୟାଳୟ ପରିଚାଳନା କମିଟି ଏହାକୁ ବିରୋଧ କରିଛନ୍ତି। ଏ ନେଇ ଗ୍ରାମବାସୀ ବ୍ଲକ ଓ ଜିଲା ପ୍ରଶାସନକୁ ଲିଖିତ ଭାବେ ଅବଗତ କରାଇଛନ୍ତି। ୭୭ବର୍ଷର ପୁରାତନ ବିଦ୍ୟାଳୟକୁ ସ୍ଥାନାନ୍ତରିତ କଲେ ତୀବ୍ର ଆନ୍ଦୋଳନ ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ପରିଚାଳନା କମିଟି ସଭାପତି ହୀନ କାର୍ଜୀ, ନାଏବ ସରପଞ୍ଚ ମନୋଜ କୁମାର ରଇତ, ପର୍ଶୁରାମ ରଇତ, ରୁଷିଆ ଦଳେଇ, ଉଦୟ ଚନ୍ଦ୍ର ଦଳେଇଙ୍କ ସମେତ ଗ୍ରାମବାସୀ କହିଛନ୍ତି ଯେ, ବିଦ୍ୟାଳୟ ସ୍ଥାନାନ୍ତରିତ ହେଲେ ଆମ ପିଲାମାନଙ୍କୁ ଅପାଠୁଆ କରି ରଖିବୁ ପଛେ ସେଠାକୁ ପଢିବା ପାଇଁ ଛାଡ଼ିବୁ ନାହିଁ। ସ୍କୁଲ ଏଠାରେ ରଖାଯିବାକୁ ଆମେ ଦାବିକରି ଆସୁଛୁ। ଯଦି ପ୍ରଶାସନ ଦାବି ନ ମାନେ ତେବେ ରାସ୍ତାକୁ ଓହ୍ଲାଇବାକୁ ବାଧ ହେବୁ। ଏ ସଂକ୍ରାନ୍ତରେ ବିଡିଓ ନୃସିଂହ ଚରଣ ସେଠୀ ଏବଂ ବିଇଓ ମନୋରଞ୍ଜନ ସେଠୀଙ୍କୁ ପଚାରିବାରେ କହିଛନ୍ତି ଯେ, ଉକ୍ତ ସ୍କୁଲଗୁଡ଼ିକର ସମସ୍ୟା ନେଇ ଜିଲାପାଳଙ୍କୁ ଅବଗତ କରାଯାଇଛି। ସେସବୁର ସମାଧାନ ପାଇଁ ଚେଷ୍ଟା କରାଯିବ। ଅନ୍ୟପକ୍ଷେ କିଛି ବିଦ୍ୟାଳୟର ସ୍ଥାନାନ୍ତରଣ ପ୍ରକ୍ରିୟାକୁ ସ୍ୱାଗତ କରାଯାଇଥିବା ବେଳେ ଭୌଗଳିକ ସ୍ଥିତିକୁ ନେଇ କେତେକ ସ୍କୁଲର ପିଲାମାନେ ହଇରାଣ ହେବା ଆଶଙ୍କାରେ ସମ୍ପୃକ୍ତ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି।



ଗୟଳଯୁବ ବିଦ୍ୟାଳୟ ସମ୍ମୁଖରେ ଗୟଳଯୁବ ଗ୍ରାମବାସୀ।

# ଭାଜପା ପାଳିଲା ସର୍ଜିକାଲ୍ ଷ୍ଟ୍ରାଇକ ଦିବସ

**ପାରଳାଖେମୁଣ୍ଡି,୨୯।୯(ସ୍ୱ.ପ୍ର.)**

ଗଜପତି ଜିଲା ଭାଜପା ପକ୍ଷରୁ ଶନିବାର ପାରଳାଖେମୁଣ୍ଡି ସହରସ୍ଥ ରାଧାଗୋବିନ୍ଦ ମଠ ପରିସରରେ ସର୍ଜିକାଲ୍ ଷ୍ଟ୍ରାଇକ ଦିବସ ପାଳିତ ହୋଇଯାଇଛି । ଜିଲା ଭାଜପା ସଭାପତି ଜି.ଭେଙ୍କଟ ରାବଣାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ୨ବର୍ଷ ତଳେ ଆଜିର ଦିନରେ ଭାରତୀୟ ସେନାବାହିନୀ କିପରି ସାହସିକତା ପ୍ରଦର୍ଶନ କରିଥିଲା ସେନେଇ ଆଲୋକପାତ କରାଯାଇଥିଲା। ୨୦୧୬ ସେପ୍ଟେମ୍ବର ୨୯ରେ ଭାରତୀୟ ସେନାବାହିନୀ ପାକ୍ ଅଧିକୃତ କାଶ୍ମୀର ସୀମାରେ ଅତର୍କିତ ଭାବେ ପ୍ରବେଶ କରି ସର୍ଜିକାଲ୍ ଷ୍ଟ୍ରାଇକ ଦ୍ୱାରା ଆତଙ୍କବାଦୀ ଓ ପାକ୍ ସେନା ଛାଉଣୀ ଉପରେ ଆକ୍ରମଣ କରିବା ସହ ସେଠାରେ ଥିବା ୨୫ଜଣ ଆତଙ୍କବାଦୀ ଓ ୯ଜଣ ପାକିସ୍ତାନୀ ସେନ୍ୟଙ୍କୁ ନିପାତ କରିଥିଲେ। ଉକ୍ତ ଦିନକୁ ମନେ ରଖିବା ତଥା ଭାରତୀୟ ସେନାବାହିନୀର ମନୋବଳକୁ ଦୃଢ କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି ବୋଲି କୁହାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ଭାଜପା ସାଧାରଣ ସମ୍ପାଦକ ଜଗନ୍ନାଥ ମହାପାତ୍ର, ଉପସଭାପତି ଅରୁଣ ପଟ୍ଟନାୟକ, ଯୁବ ମୋର୍ଚ୍ଚା ସଭାପତି ବାବୁନା ବେହେରା, କୃଷକ ସେଲ୍‌ର ବାରିକ ଜେନା, ବରିଷ୍ଠ ନେତା ସିଦ୍ଧେଶ୍ୱର ମିଶ୍ର, ଶ୍ୟାମ ପାଣିଗ୍ରାହୀଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ ।



ବୈଠକରେ ଉପସ୍ଥିତ ଭାଜପା ନେତା ଓ କର୍ମୀମାନେ।



ଅନ୍ୟମାନଙ୍କ ଭଲକାମ ଦେଖି ପ୍ରଶଂସା କଲେ, ଆମ ନିଜ ମନର ଉନ୍ନତି ହୁଏ।
- ଭଲ୍‌ଟାୟାର

## ସଂକ୍ଷେପରେ



### ବଂଶଧରାରେ ବୁଡ଼ି ଯୁବକ ନିଖୋଜ

**ମୁନିଗୁଡ଼ା,୨୯।୯(ଡି.ଏନ୍.ଏ):** ରାୟଗଡ଼ା ଜିଲା ମୁନିଗୁଡ଼ା ଥାନା ଅନ୍ତର୍ଗତ ମାତ୍ରାଗୁଡ଼ି ବଂଶଧରା ନଦୀରେ ବୁଡ଼ି ଜଣେ ଯୁବକ ନିଖୋଜ ହୋଇଥିବା ଜଣାପଡ଼ିଛି। ଶନିବାର ମଧାହ୍ନରେ ମୁନିଗୁଡ଼ା ଗୌଡ଼ ସାହିର ସୂର୍ଯ୍ୟକାନ୍ତ ବେହେରାଙ୍କ ବଡ଼ ପୁଅ ସ୍ୱାଗତ ବେହେରା(୨୭) ୪ ଜଣ ସାଙ୍ଗଙ୍କ ସହ ମିଶି ମାତ୍ରାଗୁଡ଼ା ବଂଶଧରା ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ହଠାତ୍ ପାଣିରେ ବୁଡ଼ିଯାଇ ନିଖୋଜ ହୋଇଯାଇଥିଲେ। ଘଟଣାସ୍ଥଳରେ ମୁନିଗୁଡ଼ା ଅଗ୍ନିଶମ ବିଭାଗର ବ୍ରହ୍ମାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ସ୍ୱାଗତଙ୍କର କୌଣସି ପତ୍ତା ମିଳିନାହିଁ। ମୁନିଗୁଡ଼ା ଏସ୍‌ଡିପିଓ ଚନ୍ଦ୍ରଶେଖର ହୋତା, ଥାନା ଏସ୍‌ଆଇ ରିଗାନ୍ କିଣ୍ଡୋ ଘଟଣାର ତଦନ୍ତ ଜାରି ରଖିଛନ୍ତି।

### ଏନ୍‌ସିସି ଛାତ୍ରୀଙ୍କ ସଫେଇ କାର୍ଯ୍ୟକ୍ରମ



**ରାୟଗଡା ଅଫିସ୍, ୨୯।୯:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମରେ ରାୟଗଡାର ମହିଳା ମହାବିଦ୍ୟାଳୟର ତରଫରୁ ସଫେଇ କରାଯାଇଛି। ଏଥିରେ ୫୦ଜଣ ଏନ୍‌ସିସି କ୍ୟାଡେଟମାନେ ଏନ୍‌ସିସି ଅଫିସ୍‌ର ଲେଫ୍‌ଟନାଣ୍ଟ ରୀତାରାଣୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଶନିବାର ଅଣ୍ଟାରୀଗୁଡା ଗ୍ରାମରେ ସଫେଇ କରିଥିଲେ। ଏଥିସହ ଗ୍ରାମବାସୀଙ୍କୁ ସଚେତନତା ବାର୍ତ୍ତା ଦେବା ପାଇଁ ଏକ ନାଟକ ପରିବେଶଣ କରିଥିଲେ। ପୌର ପରିଷଦ ପକ୍ଷରୁ ଦିଆଯାଇଥିବା ବ୍ଲିଚିଂକୁ ଗ୍ରାମରେ ସିଞ୍ଚନ କରିଥିଲେ। ସେପ୍ଟେମ୍ବର ୧୬ରେ ଏକ ରାଲି ମାଧମରେ ସହରର ବିଭିନ୍ନ ସ୍ଥାନରେ ଲୋକଙ୍କୁ ସଚେତନ କରାଯାଇଥିଲା।

### ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ଖୁସି ତାଲିମ କାର୍ଯ୍ୟକ୍ରମ



**କୋଲନରା,୨୯।୯(ଡି.ଏନ୍.ଏ.):** ରାୟଗଡା ଜିଲା କୋଲନରା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରସ୍ଥ ସଭାଗୃହରେ ଶନିବାର ୨ଟି ପର୍ଯ୍ୟାୟରେ 'ଖୁସି' ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ପ୍ରତି ପର୍ଯ୍ୟାୟରେ ୪୦ ଜଣ ଲେଖାଏଁ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ତାଲିମ ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ କୋଲନରା ଗୋଷ୍ଠୀ ଶିକ୍ଷାଧିକାରୀ ଏମ୍. ଖଗେଶ୍ୱର ରାଓ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁବୋଧ କୁମାର ବେହେରା କାର୍ଯ୍ୟକ୍ରମର ଲକ୍ଷ ଉପରେ ଆଲୋକପାତ କରିଥିଲେ। ଥେରୁବାଲି ଆଶ୍ରମ ବିଦ୍ୟାଳୟର ଶିକ୍ଷୟିତ୍ରୀ ଏସ୍. ହୋତା ତାଲିମ ପ୍ରଦାନ କରିଥିଲେ। ଶେଷରେ କୋଲନରା ସି.ଆର.ସି.ସି. ଟି. ସିଙ୍ଘାନା ଧନ୍ୟବାଦ ଦେଇଥିଲେ।

### ଗୁଣପୁର ପୌର ପରିଷଦ କାର୍ଯ୍ୟକାଳ ସରିଲା

**ଗୁଣପର,୨୯।୯(ଡି.ଏନ.ଏ):** ରାଜ୍ୟର ୬୫ଟି ଏନଏସି ଏବଂ ପୌର ପରିଷଦର କାର୍ଯ୍ୟକାଳ ଶନିବାର ଶେଷ ହୋଇଛି। ଏସବୁ ସ୍ଥାନରେ ନିର୍ବାଚନ ହୋଇ ନ ଥିବାରୁ ପ୍ରଶାସନିକ ଅଚଳାବସ୍ଥା ଦୂରକରିବା ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ଏହାର ଦାୟିତ୍ୱ ତୁଲାଇବା ପାଇଁ କୁହାଯାଇଛି। ଏହିକ୍ରମରେ ରାୟଗଡ଼ା ଜିଲା ଗୁଣପୁର ପୌର ପରିଷଦ ଏବଂ ଗୁଡାରି ଏନ୍‌ଏସିର ପ୍ରଶାସନିକ ଅଧିକାରୀଭାବେ ଗୁଣପୁର ଉପଜିଲାପାଳ କାର୍ଯ୍ୟ ତୁଲାଇବେ ବୋଲି ରାଜ୍ୟ ନଗରଉନ୍ନୟନ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ଜଣାପଡ଼ିଛି। ୩୦ରୁ ଗୁଣପୁର ଉପଜିଲାପାଳ ଅମ୍ରିତ ଋତୁରାଜ ଦୁଇଟି ସ୍ଥାନର ଦାୟିତ୍ୱ ଗ୍ରହଣ କରିବା ସହ ଆଗାମି ପରିଷଦର ପ୍ରଥମ ବୈଠକ ପର୍ଯ୍ୟନ୍ତ କାର୍ଯ୍ୟ ତୁଲାଇବେ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ସେହିପରି ରାୟଗଡ଼ା ପୌର ପରିଷଦର ଜିଲାପାଳ ପ୍ରଶାସନିକ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବେ ବୋଲି ନିର୍ଦ୍ଦେଶ ରହିଛି।

■ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, ଓପନ ଜିମ୍ ଲୋକାର୍ପିତ

# କାର୍ଯ୍ୟକ୍ରମ ପାଇଁ ଭଡ଼ା ୩ ହଜାର

**ରାୟଗଡା ଅଫିସ୍, ୨୯।୯**

ରାୟଗଡ଼ା ପୌର ପରିଷଦ ପକ୍ଷରୁ ନବ ନିର୍ମିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଏବଂ ଓପନ ଜିମ୍ ଶନିବାର ଲୋକାର୍ପିତ ହୋଇଛି। ସହରର ରାଣୀଗୁଡ଼ାଫାର୍ମ ଦୀପ୍ତି କନ୍‌ଭେଣ୍ଟ ନିକଟବର୍ତ୍ତୀ ଅଞ୍ଚଳରେ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଏବଂ ରାୟଗଡ଼ା ଗାନ୍ଧୀ ଉଦ୍ୟାନ ପରିସରରେ ଓପନ ଜିମ୍ ନିର୍ମିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ରାଜ୍ୟସଭା ଏମ୍‌ପି ଏନ୍.ଭାସ୍କର ରାଓ, ରାୟଗଡ଼ା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଲାଲ୍‌ବିହାରୀ ହିମିରିକା, ଜିଲାପାଳ ଗୁହା ପୁନମ ତାପସ କୁମାର, ପୌର ପରିଷଦ ଅଧ୍ୟକ୍ଷା ଭି.ଗୌରୀ ଜୟନ୍ତୀ, ଉପାଧ୍ୟକ୍ଷ ନିରଞ୍ଜନ ବକ୍ସିପାତ୍ର, ପୌର ପରିଷଦ ନିର୍ବାହୀ ଅଧିକାରୀ ମଙ୍ଗେଲାଲ ଜୈନ ପ୍ରମୁଖ କଲ୍ୟାଣମଣ୍ଡପ ଓ ଜିମ୍ ଉଦ୍‌ଘାଟନ କରିଛନ୍ତି। ଏହି କଲ୍ୟାଣ ମଣ୍ଡପରେ ବହୁ ଅଞ୍ଚଳବାସୀ ଉପକୃତ ହେବେ।



ରାୟଗଡ଼ା ବିଧାୟକଙ୍କ ଦ୍ୱାରା ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଲୋକାର୍ପିତ।

ଗୋଟିଏ କାର୍ଯ୍ୟକ୍ରମ ନିମନ୍ତେ ସାଧାରଣ ଲୋକଙ୍କ ପାଇଁ ୩ ହଜାର ଟଙ୍କା ଭଡ଼ା ମୂଲ୍ୟ ଧାର୍ଯ୍ୟ କରାଯାଇଛି। ବିବାହ, ବ୍ରତ ଏପରି ସମସ୍ତ କାର୍ଯ୍ୟକ୍ରମ ଅଞ୍ଚଳବାସୀ ଏହି କଲ୍ୟାଣ ମଣ୍ଡପରେ କରିପାରିବେ ବୋଲି ନିର୍ବାହୀ ଅଧିକାରୀ ଜୈନ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ପୌର ପରିଷଦର ସମସ୍ତ ସଭ୍ୟାସଭ୍ୟ, କର୍ମଚାରୀ, ସହରର ବହୁ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକମାନେ ଯୋଗଦେଇ ଥିଲେ। ସୂଚନାଯୋଗ୍ୟ ଯେ, ୭୨ଲକ୍ଷ ଟଙ୍କାରେ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ନିର୍ମିତ ହୋଇଥିବାବେଳେ ୧୪ ଲକ୍ଷ ଟଙ୍କା ଅନୁଦାନରେ ନିର୍ମିତ ହୋଇଛି ଓପନ ଜିମ୍।

# ରାସ୍ତାଉପରୁ କ୍ଷତବିକ୍ଷତ ମୃତଦେହ ଉଦ୍ଧାର

**ରାୟଗଡା ଅଫିସ୍, ୨୯।୯**

ରାୟଗଡା ବ୍ଲକ୍ ଗୁମ୍ମା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡୁମାପାଇ ଗ୍ରାମର ମୁକୁନା ମାଣ୍ଡାଙ୍ଗୀଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। କିଆପାଡୁ ଗ୍ରାମ ନିକଟସ୍ଥ ଶିବ ମନ୍ଦିର ସମ୍ମୁଖରେ ଥିବା ଆର୍‌ଡି ରାସ୍ତାରୁ ୨୦୦ମିଟର ଦୂର ରାଇକଣା ଗ୍ରାମକୁ ଯିବା ରାସ୍ତା ଉପରେ ମୁକୁନାଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଶନିବାର ସକାଳୁ ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ଗୁମ୍ମା ପଞ୍ଚାୟତର ସରପଞ୍ଚ ଦାସରଥି ମିଣିଆକା ପୋଲିସକୁ ସୂଚନା ଦେଇଥିଲେ। ସୂଚନାପାଇ ରାୟଗଡା ଥାନାଧିକାରୀ କୃଷ୍ଣଚନ୍ଦ୍ର ଭତ୍ରାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ଶଙ୍କର ପଣ୍ଡା ଏବଂ ଗୁମ୍ମା ଫାଣ୍ଡି ଅଞ୍ଚଳରୁ କନଷ୍ଟେବଲ ସମୀର ରଞ୍ଜନ ମଲ୍ଲିକ ଓ ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି କ୍ଷତବିକ୍ଷତ ଅବସ୍ଥାରେ ପଡ଼ିଥିବା ମୁକୁନାଙ୍କ ମୃତଦେହ ଜବତକରି ରାୟଗଡା ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ନିମନ୍ତେ ଆଣିଛନ୍ତି। ଏ ସମ୍ପର୍କରେ ମୃତ ମୁକୁନାଙ୍କ ସାନପୁଅ ଦାସୁ ମାଣ୍ଡାଙ୍ଗୀ ରାୟଗଡା ଥାନାରେ ଏକ ଲିଖିତ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତିକରି ରାୟଗଡା ପୋଲିସ ପକ୍ଷରୁ ନଂ ୩୩/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହିତ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ଗୁମ୍ମା ଗ୍ରାମ ପଞ୍ଚାୟତ ଅଧୀନ ଡୁମାପାଇ ଗ୍ରାମରେ ଡୁମୁରୀ

**ମୃତ୍ୟୁର କାରଣ ଅସ୍ପଷ୍ଟ**

ମାଣ୍ଡାଙ୍ଗୀଙ୍କ ପୁଅ ମୁକୁନା ମାଣ୍ଡାଙ୍ଗୀ ରହୁଥିଲେ। ତାଙ୍କର ବଡପୁଅ ଅର୍ଜୁନ ମାଣ୍ଡାଙ୍ଗୀ, ସାନପୁଅ ଦାସୁ ମାଣ୍ଡାଙ୍ଗୀ, ମା' ମତେଲି ମାଣ୍ଡାଙ୍ଗୀ ଅଛନ୍ତି। ବଡପୁଅ ଅର୍ଜୁନ ମାଣ୍ଡାଙ୍ଗୀ କିଛିଦିନ ହେଲା କାମ କରିବାକୁ ତାମିଲନାଡୁ ଯାଇଛନ୍ତି। ମୁକୁନା ପରିବାର ପୋଷଣ କରୁଥିଲେ। ଶୁକ୍ରବାର ରାଇକଣା ଗ୍ରାମରେ ରହୁଥିବା ସନା ମିଣିଆକାଙ୍କ ଘରେ ଶୁଦ୍ଧିକ୍ରିୟା ଭୋଜି ଥିଲା। ଉକ୍ତ ଭୋଜିରେ ମୁକୁନା ମାଣ୍ଡାଙ୍ଗୀ ଉପସ୍ଥିତରହି ଅପରାହ୍ନ ୪ଟା ପର୍ଯ୍ୟନ୍ତ ସହଯୋଗ କରିଥିଲେ। ଅପରାହ୍ନ ୪ଟା ପରେ ସେ ରାଇକଣା ଗ୍ରାମକୁ ଯାଇଥିଲେ। ତା'ପରେ ସେଠାରୁ ସେ ଘରକୁ ଫେରି ନ ଥିଲେ। ସକାଳେ ତାଙ୍କ ମୃତଦେହ ରାସ୍ତାଉପରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ମୁକୁନାଙ୍କ ବାମହାତ ଭାଙ୍ଗିଥିବା ସହିତ ଶରୀରର ବିଭିନ୍ନ ଅଙ୍ଗରେ କ୍ଷତ ଥିବା ଦେଖିବାକୁ ମିଳିଛି। ତେବେ ମୁକୁନାଙ୍କ କେଉଁ କାରଣରୁ ଓ କିପରି ମୃତ୍ୟୁ ହୋଇଛି ତାହା ସ୍ପଷ୍ଟ ହୋଇନାହିଁ। ଏ ସମ୍ପର୍କରେ ଥାନାଧିକାରୀ କୃଷ୍ଣଚନ୍ଦ୍ର ଭତ୍ରାଙ୍କୁ ପଚାରିବାରୁ ସେ କହିଥିଲେ, ଏତଲାକୁ ଭିତ୍ତିକରି ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ବୈଧ ଅଭିଭାବକ ପ୍ରମାଣପତ୍ର ବିତରଣ କାର୍ଯ୍ୟକ୍ରମ



ଶିବିରରେ ଯୋଗଦେଇଥିବା ଅତିଥି।

**ରାୟଗଡା ଅଫିସ୍, ୨୯।୯**

■୩୮ ଅଭିଭାବକଙ୍କୁ ପ୍ରମାଣପତ୍ର

■୬ ଦିବ୍ୟାଙ୍ଗଙ୍କୁ ହ୍ୱିଲଚେୟାର ଓ ଶ୍ରବଣଯନ୍ତ୍ର ପ୍ରଦାନ

ରାୟଗଡା ଜିଲା ସଦର ପଞ୍ଚାୟତ ସମିତି କାର୍ଯ୍ୟାୟଳ ପରିସରରେ ଶନିବାର ବୈଧ ଅଭିଭାବକ ପ୍ରମାଣପତ୍ର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ଗୁହା ପୁନମ ତାପସ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଅଭିଭାବକଙ୍କୁ ଅବଗତ କରାଇଥିଲେ। ସେହିପରି ରାଜ୍ୟରେ ପ୍ରଥମ ଭାବେ ରାୟଗଡ଼ା ଜିଲାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ ଜିଲାର ମାନସିକ ଅନଗ୍ରସର, ରୋଗୀଙ୍କର ଯତ୍ନ ତଥା ସେମାନଙ୍କର ଭରଣପୋଷଣ ନେବାରେ ଅସୁବିଧା ଭୋଗୁଥିବା ଅଭିଭାବକମାନେ ସମ୍ପୃକ୍ତ ବିଭାଗ ପାଖରେ ଆବେଦନ କରିଥିଲେ। । ଏହି ପରିପ୍ରେକ୍ଷୀରେ ଜିଲାରୁ ୧୦୧ଜଣ ଅଭିଭାବକ ଆବେଦନ କରିଥିବାସ୍ଥଳେ ୩୮ଜଣ ଅଭିଭାବକଙ୍କୁ ମୁଖ୍ୟ ଅତିଥି ପ୍ରମାଣପତ୍ର ବିତରଣ କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ପ୍ରମାଣପତ୍ର ପାଇବା ଦ୍ୱାରା ଅଭିଭାବକମାନେ ପୀଡିତଙ୍କ ପାଇଁ ଡିଆର୍‌ଆଇ ଲୋନ, ଭତ୍ତା, ସ୍ଥାବର ଓ ଅସ୍ଥାବର ସମ୍ପତିର ଦେଖାଶୁଣା କରିବା ଅଧିକାର ସାବ୍ୟସ୍ତ କରିପାରିବେ। ୬ଜଣ ଦିବ୍ୟାଙ୍ଗଙ୍କୁ ହ୍ୱିଲଚେୟାର ଓ ଶ୍ରବଣଯନ୍ତ୍ର ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ଅଧ୍ୟକ୍ଷ ପେଦେଣ୍ଟି ରାମୁଲୁ, ଉପାଧ୍ୟକ୍ଷ ବୀନତି ବାଚେଲି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିମଳାପ୍ରଭା ସାହୁ, ଡିପିଏମ୍ ରାଜେଶ ପଟ୍ଟନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ ପ୍ରଧାନ, ଜିଲା ପରିଷଦ ସଭ୍ୟ ପି.ଗୌରୀ ଶଙ୍କର, ସଭ୍ୟା ଅମ୍ବିକା ବିଡ଼ିକା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍ ଏବିଡିଓ ନୃସିଂହଚରଣ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀ ଆଦିପତି କହଁର ଏହି ଯୋଜନା ସମ୍ବନ୍ଧରେ ଉପସ୍ଥିତ ଅଭିଭାବକଙ୍କୁ ବୁଝାଇଥିଲେ।



ବାଲିଯାତ୍ରାରେ ଆଶୀର୍ବାଦ ପାଇପାଇବା ପାଇଁ ମାନସିକଧାରୀ ଅଧିଆ ପଡ଼ିଛନ୍ତି।

## ସର୍ଜିକାଲ ଷ୍ଟ୍ରାଇକ ଦିବସ ପାଳିତ

**ଗୁଣପୁର,୨୯।୯(ଡି.ଏନ.ଏ)**

ରାୟଗଡ଼ା ଜିଲା ଗୁଣପୁର କଲେଜରେ ଶନିବାର ସର୍ଜିକାଲ ଷ୍ଟ୍ରାଇକ ଦିବସ ପାଳିତ ହୋଇଛି। ଏହି ଅବସରରେ ଭାମିନି ଆଇଆରବିଏନସ୍ଥିତ ଡେପୁଟି କମାଣ୍ଡାଣ୍ଟ ବିଷ୍ଣୁ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସର୍ଜିକାଲ ଷ୍ଟ୍ରାଇକ ଦିବସର ମହତ୍ତ୍ୱ ଏବଂ ଆଜିର ଦିନରେ ଏନ୍‌ସିସି ପ୍ରମାଣପତ୍ରର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କଲେଜ ଅଧ୍ୟକ୍ଷ ବାମଦେବ ମିଶ୍ର କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏନ୍‌ଏସ୍‌ଏସ୍‌ର କାର୍ଯ୍ୟକ୍ରମ ଅଧିକାରୀ ଅମୀୟ ରଞ୍ଜନ ମହାନ୍ତି, ଜୟଶ୍ରୀ ଜେଟି, ଏନସିସିର ସିଟିଓ ସତ୍ୟବାନ ଗରଡ଼, ସୁନିତା ଗମାଙ୍ଗ, ୱାଇଆରସିର ଅଧିକାରୀ ତାମିଲା ପାରାସେଟ, ଅଫିସ ସୁପରିଣ୍ଟେଣ୍ଡ ଶିବ ପ୍ରସାଦ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଶେଷରେ ଅମୀୟ ରଞ୍ଜନ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। ସତ୍ୟବାନ ଗରାଡ ଦେଶାତ୍ମକବୋଧ ସଙ୍ଗୀତ ଗାନ କରିଥିଲେ।

## ସୌରା ଭାଷା, ଲିପିର ପ୍ରଚାର ପ୍ରସାର ନେଇ ବୈଠକ

**ଗୁଣପୁର,୨୯।୯(ଡି.ଏନ.ଏ)**

ସୌରାଭାଷା ଓ ଲିପିର ପ୍ରଚାରପ୍ରସାର ନେଇ ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଏଙ୍ଗରବା ଏସ୍‌ପିମାଙ୍ଗେଇ ଗମାଙ୍ଗ ଆଶ୍ରମଠାରେ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ଆଖପାଖର ୧୫ ଖଣ୍ଡ ଗ୍ରାମର ଲୋକମାନେ ଯୋଗଦେଇ ସୌରା ଭାଷାର କିପରି ବିକାଶ ହୋଇପାରିବ ସେଦିଗରେ ସେମାନଙ୍କ ଦାୟିତ୍ୱ ଏବଂ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ଗିରିଧର ଶବର, ବିଦ୍ୟାଧର ଶବର ଏବଂ ଗାୟ ଶବର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜିଆଇଇଟିରେ ଦିନିକିଆ କର୍ମଶାଳା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଗୁଣପୁର,୨୯।୯(ଡି.ଏନ.ଏ)**

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ସ୍ୱୟଂଶାସିତ କଲେଜଠାରେ ଶନିବାର ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଛି। ଇଲୋକ୍ଟ୍ରୋନିକ୍ସ ଏବଂ କମ୍ୟୁନିକେଶନ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୁର୍ଲାସ୍ଥିତ ଭିଏସ୍‌ଏସ୍‌ୟୁଟି ହରିଶ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅତ୍ୟାଧୁନିକ ଦୂରଦର୍ଶନ ଉପଯୋଗିତା ତଥା ସଙ୍କେତ, ଯୋଗାଯୋଗ, ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ପଦ୍ଧତି ଉପରେ ମାର୍ଗ ଦର୍ଶନ କରିଥିଲେ। କଲେଜ ଅଧ୍ୟକ୍ଷ କେ. ସେନ୍ଥିଲ କୁମାର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ଶୁଭ୍ରଜିତ ପ୍ରଧାନ ଏପରି କର୍ମଶାଳା ଛାତ୍ରୀଛାତ୍ରଙ୍କ ବିକାଶରେ ସହାୟକ ହୋଇପାରିବ ବୋଲି କହିଥିଲେ। ସୁବୋଧ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

## କେଜିବିଭିକୁ ସାମଗ୍ରୀ ଯୋଗାଣ ପାଇଁ ବୈଠକରେ ମାନ ଧାର୍ଯ୍ୟ

**କୋଲନରା,୨୯।୯(ଡି.ଏନ୍.ଏ.)**

ରାୟଗଡା ଜିଲା କୋଲନରା ବ୍ଲକ ସଦରସ୍ଥ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ(କେଜିବିଭି)କୁ ଖାଦ୍ୟ ସାମଗ୍ରୀ, ପନିପରିବା, ଷ୍ଟେସନାରୀ, ଡ୍ରେସ୍ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ଅଧିକାରୀମାନଙ୍କୁ ନେଇ ଅନୁଷ୍ଠିତ ବୈଠକରେ ସାମଗ୍ରୀଗୁଡ଼ିକର ମାନ କିପରି ରହିବ ତାହା ଧାର୍ଯ୍ୟ କରାଯିବା ପରେ ଟେଣ୍ଡରକୁ ଚୂଡାନ୍ତ ରୂପ ଦିଆଯାଇଛି। ଏହି ବୈଠକରେ କୋଲନରା ବିଡିଓ ତାପସ ଭୋଇ, ବ୍ଲକ ମୁଖ୍ୟ କିରାଣୀ ସୁବାସ ଚନ୍ଦ୍ର ଦାସ, ଏମ୍‌ଆଇ ସତ୍ୟନାରାୟଣ ଭୋଇ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଏମ୍. ଖଗେଶ୍ୱର ରାଓ, ଏସ୍‌ଏମସି ସଭାପତି ଅଶୋକ ମହାପାତ୍ର, ପ୍ରଧାନଶିକ୍ଷୟିତ୍ରୀ ବିପୁଳା ପାତ୍ର ଯୋଗଦେଇଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟାସଭ୍ୟ, ୧୧ ଜଣ ଟେଣ୍ଡରଧାରୀ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ଦେବେନ୍ଦ୍ର ଦୋରା ଓ ଡାଟା ଅପରେଟର ଆପାରାଓ ପେଦେଣ୍ଟି କାଗଜପତ୍ର ତନଖି କରିବା ସହିତ ଫାଇଲ ପ୍ରସ୍ତୁତ କରି କମିଟି ଆଗରେ ଉପସ୍ଥାପନ କରିଥିଲେ।

# ଟିକିରି ବାଲିଯାତ୍ରା ଉଦ୍‌ଯାପିତ

**ଟିକିରି,୨୯।୯(ଡି.ଏନ୍.ଏ.)**

କାଶିପୁର ବ୍ଲକ ଟିକିରି ପଞ୍ଚାୟତ ମା' ଭୈରବୀ ବାଲି ଯାତ୍ରା ଶନିବାର ଉଦ୍‌ଯାପିତ ହୋଇଛି। ପ୍ରଥମ ଦିନ ମା' ଅଗ୍ନି ଭୈରବୀ ମନ୍ଦିରରୁ ପୂଜକ ବାହାରି ଥିଲେ। ନିକଟସ୍ଥ ଗୋକୁଳ ମୁଣ୍ଡା ନାଳକୁ ଯାଇ ସେଠାରେ ପୂଜାପାଠ କରାଯାଇଥିଲା। ନାଳରୁ ବାଲି ଅଣାଯାଇ ମନ୍ଦିର ଭିତରେ ରଖି ବିଭିନ୍ନ ପ୍ରକାର ବିହନ ପକାଯାଇଥିଲା। ସେହିବାଲି ଚାଙ୍ଗୁଡ଼ିରେ ପ୍ରତିଦିନ ପୂଜା କରାଯାଇ ପାଣି ପକାଯାଇଥାଏ। ପ୍ରତିଦିନ ମା'ଙ୍କର ଧଣ୍ଡା ଓ ଚାଙ୍ଗୁଡି ଧରି ପୂଜକମାନେ ବାଜା ବଜାଣି ସହିତ ସନ୍ଧ୍ୟାରେ ଗ୍ରାମର ପ୍ରତ୍ୟେକ ସାହିରେ ବୁଲିଥାନ୍ତି। ପ୍ରତ୍ୟେକ ଘରୁ ପୂଜା ପାଇଥାନ୍ତି। ବାଲିଯାତ୍ରାରେ ମିନାବଜାର ସହିତ ବିଭିନ୍ନ ଦୋକାନ ବଜାରମାନ ଖୋଲିଥିଲା। ଶୁକ୍ରବାର ମୁଖ୍ୟ ପୂଜକ କଣ୍ଟାଦୋଳିରେ ଝୁଲିଥିବା ବେଳେ ଆଜି ଶେଷ ଦିନରେ ମୁଖ୍ୟ ପୂଜକ ରାଜେଶ ପୂଜାରୀ(ମିଟ୍ଟୁ) ନିଆଁରେ ଚାଲିଥିବା ଦେଖିବାକୁ ମିଳିଥିଲା। ଜାମୁଗୁଡା, ତୋଟାଗୁଡା, ବୁଢୁକାବାହାଲ, ଗୋରଖପୁର, ହରିଦାପୁର, ରମଗୁଡା, ମଇଲିଗୁଡା, କାଳିଆପଡା, ଗୋକୁଳମୁଣ୍ଡା ଓ ଓଷାପଡା ଭଳି ଅନେକ ଗ୍ରାମରୁ ହଜାର ହଜାର ଭକ୍ତମାନେ ପୂଜା କରିଥିଲେ। ମନ୍ଦିର ପରିଚାଳନା କମିଟିର ନାଜୀ ଦୋରୀ, ପଞ୍ଚାନନ ସାହୁ, ହରିହର ମିଶ୍ର, ବିଶ୍ୱନାଥ ପୂଜାରୀ, ଅମିତ ନାୟକ, ବିଦ୍ୟାଧର ନାୟକ, ରମେଶ ପୂଜାରୀଙ୍କ ସହିତ ଗ୍ରାମର ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୩ ଏକର ଜମିରେ କପାଚାଷ ନଷ୍ଟ

**ରାମନାଗୁଡା,୨୯।୯ (ଡି.ଏନ୍.ଏ.)**

ରାମନାଗୁଡା କୁଜେନ୍ଦ୍ରୀ ଗ୍ରାମପଞ୍ଚାୟତ ଅଧୀନ ନାରାୟଣଗୁଡ଼ା ଗ୍ରାମର ସୁଜନ ଶବରଙ୍କ ପ୍ରାୟ ୩ ଏକର ଜମିରେ କପାଚାଷ କରିଥିଲେ। କିନ୍ତୁ କେହି ଦୁର୍ବୃତ୍ତ ଏହାକୁ ନଷ୍ଟ କରିଦେଇଛନ୍ତି। ଏଥିପାଇଁ ସେ ଚିନ୍ତାରେ ପଡ଼ିଯାଇଛନ୍ତି। ପ୍ରତି କପା ଗଛରେ ପ୍ରାୟ ୨୦ରୁ ୨୫ଟି ଫଳ ଧରିଥିଲା। ଏକ ମାସ ମଧ୍ୟରେ ଏହା ଅମଳ ହୋଇଥାଆନ୍ତା। ପୁନର୍ବାର ଫଳ କଷି ଧରିଥାନ୍ତା। ଭଲ ଅମଳ ହେଲେ ଏକରରୁ ୭୦ରୁ ୮୦ ହଜାର ଟଙ୍କା ଆଦାୟ ହୋଇଥାଏ। ମାତ୍ର ଏସବୁ ସୁଜନ ଶବରଙ୍କ ପାଇଁ ସାତସପନ। ଗତକାଲି ରାତିରେ କେହି ଦୁର୍ବୃତ୍ତ ତାଙ୍କ ଜମିର ଚାରାଗୁଡିକ ଓପାଡ଼ିଦେବା ସହ ବଡ଼ ଗଛଗୁଡ଼ିକୁ କାଟିଦେଇଛନ୍ତି। ସକାଳେ ସେ କପାଚାଷ ଜମିକୁ ଯାଇ ଦେଖିବା ବେଳକୁ ଆବାକ୍ ହୋଇଯାଇଛନ୍ତି। କେହି ଶତ୍ରୁତା ରଖି ଏପରି କାମ କରିଥାଇପାରନ୍ତି ବୋଲି ଗ୍ରାମବାସୀ ମତ ଦେଇଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ସୁଜନଙ୍କ ଜମିକୁ ଲାଗି ପ୍ରାୟ ଅନେକ ଜମିର ମାଲିକାନା ପାଇଁ ଗଣ୍ଡଗୋଳ ଜାରି ରହିଛି। ଏଥିପାଇଁ କେହି ତାଙ୍କ କପାଚାଷକୁ ନଷ୍ଟ କରିଥାଇ ପାରନ୍ତି। କିନ୍ତୁ ସେହି ଜମି ସୁଜନ ଶବର ନାଁରେ ଅଛି ବୋଲି ଗ୍ରାମବାସୀ ପ୍ରକାଶ କହିଛନ୍ତି। ସୁଜନ ଏତାଲା ଦେବାକୁ ଗୁଣପୁର ଯାଇଥିବାରୁ କୌଣସି ମତାମତ ନିଆଯାଇପାରି ନାହିଁ। ଦୋଷୀଙ୍କୁ ତୁରନ୍ତ ଦଣ୍ଡ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। କପାଚାଷରେ ଏକରକୁ ପ୍ରାୟ ୨୦ରୁ ୨୫ ହଜାର ଟଙ୍କା ଖର୍ଚ୍ଚ ହୋଇଥାଏ। ତିନି ଏକର କପାଚାଷ ନଷ୍ଟ ହୋଇଥିବାରୁ ସୁଜନ ଚିନ୍ତାରେ ପଡ଼ିଛନ୍ତି।

**ଚିନ୍ତାରେ ଚାଷୀ, ପୂର୍ବ ଶତ୍ରୁତା ସନ୍ଦେହ**



ନଷ୍ଟ ହୋଇଥିବା କପାଚାଷ।